# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର,ଏପ୍ରିଲ ୨୦/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 20/2019 | ★★★★

୪୫ଶ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ଆମ ଭାଷା, ଜୀବନଜୀବିକା ଏବଂ ଐତିହ୍ୟ ପାଇଁ କେନ୍ଦ୍ର ବିଜେପିର କୁମ୍ଭୀର କାନ୍ଦଣା।

### ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ କୋଶଲୀ/ସମ୍ବଲପୁରୀ ଭାଷା

୫ବର୍ଷ ପରେ ମଧ୍ୟ କେନ୍ଦ୍ରର ବିଜେପି ସରକାର ଦ୍ୱାରା ପ୍ରାପ୍ତିସ୍ୱୀକାରରେ ସୀମିତ।
ପ୍ରାୟ ୨କୋଟି ଲୋକଙ୍କ ଦ୍ୱାରା ବ୍ୟବହୃତ ଭାଷା ବିରୁଦ୍ଧରେ
ଏହା ଏକ ଯୋଜନାବଦ୍ଧ ଷଡଯନ୍ତ୍ର।



### ଲକ୍ଷ ଲକ୍ଷ ଓଡ଼ିଆଙ୍କର ଜୀବନଧାରା : ମହାନଦୀ

ମହାନଦୀକୁ ଶୁଖାଇ ଦେବା ପାଇଁ ତତ୍‌କାଳୀନ ଛତିଶଗଡ ସରକାରଙ୍କ
ଷଡଯନ୍ତ୍ର ଏବଂ ସେଥିରେ କେନ୍ଦ୍ର ବିଜେପି ସରକାରର ପ୍ରରୋଚନା।
ଆଇନର ଆଶ୍ରୟ ହିଁ ଆମକୁ ଶେଷରେ ଦେଲା ସୁରକ୍ଷା।



### ମରାଳମାଳିନୀ ଚିଲିକା : ଲକ୍ଷାଧିକ ମତ୍ସ୍ୟଜୀବୀଙ୍କ ମା'

ଚିଲିକାର ପର୍ଯ୍ୟାବରଣ ସହିତ ଲକ୍ଷ୍ୟାଧିକ ମତ୍ସ୍ୟଜୀବୀଙ୍କ
ଜୀବନଜୀବିକା ସଂପୂର୍ଣ୍ଣ ଭାବରେ ଧ୍ୱଂସ ହୋଇଯାଇଥାନ୍ତା, ଯଦି ଆମେ
ଠିକଣା ସମୟରେ ହସ୍ତକ୍ଷେପ ନ କରି କେନ୍ଦ୍ର ବିଜେପି ସରକାର ଦ୍ୱାରା
ପ୍ରସ୍ତାବିତ ଓ୍ୱାଟର ଏରୋଡମ୍‌କୁ ବନ୍ଦ କରାଇ ନଥାନ୍ତୁ।



### କୋଣାର୍କର ସୂର୍ଯ୍ୟ ମନ୍ଦିର : ଆମ ବିଶ୍ୱପ୍ରସିଦ୍ଧ ଐତିହ୍ୟ

କୋଣାର୍କର ସୂର୍ଯ୍ୟ ମନ୍ଦିରର ମରାମତି ଏବଂ ରକ୍ଷଣାବେକ୍ଷଣରେ
କେନ୍ଦ୍ର ପ୍ରତ୍ନତତ୍ୱ ବିଭାଗର ଐତିହାସିକ ଅବହେଳା।



ଯାହା ଜଣାପଡୁଛି, ଆମ ଗର୍ବ ଓ ଗୌରବର ପ୍ରତୀକ ଆମ ଐତିହ୍ୟ, ଆମ ପ୍ରାକୃତିକ ସଂପଦ
ଏବଂ ଆମ ପର୍ଯ୍ୟାବରଣକୁ ଧ୍ୱଂସ କରିଦେବା ପାଇଁ କେନ୍ଦ୍ରର ବିଜେପି ସରକାରର ଏକ ଅଘୋଷିତ ଷଡଯନ୍ତ୍ର ଚାଲିଛି।

**ଏବେ ଏହାକୁ ପ୍ରତିହତ କରିବାର ସମୟ।**

ବିଜୁ ଜନତା ଦଳ

ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ଓ ବିକାଶ ପାଇଁ ଲଢ଼େଇ

ବିଜେଡିକୁ ଜିତାଇବା।
କେନ୍ଦ୍ର ବିରୁଦ୍ଧରେ ଆମ ସଂଗ୍ରାମକୁ
ଜୋରଦାର୍ କରିବା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗକୁ ଲଡୁ ଦେବାରେ ବିଫଳ ହୋଇଛନ୍ତି। ଏବେ ଆମ ରାଜ୍ୟରୁ ଭାଜପାକୁ ଏକ ବଡ଼ ରସଗୋଲା ମିଳିବ।

-ମମତା ବାନାର୍ଜୀ,
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



# ଭାଜପାକୁ ଭୁଲରେ ଭୋଟ ଦେଇ ନିଜ ଅଙ୍ଗୁଳି କାଟିଲେ

ବୁଲନ୍ଦସହର,୧୯।୪

ଉତ୍ତରପ୍ରଦେଶର ବୁଲନ୍ଦସହରରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପବନ କୁମାର(୨୫) ନାମକ ଜଣେ ଦଳିତ ମତଦାତା ବିଏସ୍‌ପି ପ୍ରାର୍ଥୀ ଯୋଗେଶ ବର୍ମାଙ୍କୁ ଭୋଟ ଦେବାକୁ ଚାହୁଁଥିଲେ। କିନ୍ତୁ ଭୁଲବଶତଃ ସେ ଭାଜପା ପ୍ରାର୍ଥୀ ଭୋଲା ସିଂଙ୍କୁ ଭୋଟ ଦେଇଥିଲେ। ପଦ୍ମଫୁଲ ଚିହ୍ନରେ ଭୁଲ ବଟନ୍ ଦବାଇ ଦେଇଥିବାରୁ ଗୁରୁବାର ସେ ନିଜ ତର୍ଜନୀ ଅଙ୍ଗୁଳିକୁ କାଟିଦେଇଥିବା କହିଛନ୍ତି । ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



# ରଜନୀକାନ୍ତଙ୍କ ଡାହାଣ ତର୍ଜନୀରେ କାଳିଚିହ୍ନ

## ରିପୋର୍ଟ ମାଗିଲେ ଇସି

ଚେନ୍ନାଇ,୧୯।୪

ଅଭିନେତାରୁ ରାଜନେତା ସାଜିଥିବା ରଜନୀକାନ୍ତ ଗୁରୁବାର ଚେନ୍ନାଇର ଷ୍ଟେଲା ମାରିସ୍ କଲେଜକୁ ଭୋଟ ଦେବାକୁ ଯାଇଥିଲେ। ନିୟମ ଅନୁସାରେ ଭୋଟ ଦେବା ପୂର୍ବରୁ ତାଙ୍କର ବାମହାତ ତର୍ଜନୀରେ କାଳିଚିହ୍ନ ଲଗାଇବା କଥା। କିନ୍ତୁ ସେଠାରେ ନିୟୋଜିତ ନିର୍ବାଚନ ଅଧିକାରୀ ଜଣକ ରଜନୀକାନ୍ତଙ୍କ ଡାହାଣ ହାତ ତର୍ଜନୀରେ କାଳିଚିହ୍ନ ଲଗାଇଦେଇଥିଲେ। ଏହା ଜଣାପଡ଼ିବା ପରେ ନିର୍ବାଚନ କମିଶନ ତାମିଲନାଡୁ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସତ୍ୟବ୍ରତ ସାହୁଙ୍କୁ ରିପୋର୍ଟ ମାଗିଛନ୍ତି। ଅନ୍ୟପକ୍ଷରେ ୨୦୨୧ରେ ତାମିଲନାଡୁରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ସମସ୍ତ ୨୩୪ ଆସନରେ ଲଢ଼ିବାକୁ ପ୍ରସ୍ତୁତ ଥିବା ତାମିଲ ସୁପରଷ୍ଟାର ରଜନୀକାନ୍ତ କହିଛନ୍ତି।



# ଭାଜପା କର୍ମୀଙ୍କୁ ଅଙ୍ଗୁଳି ଦେଖାଇଲେ...

**ଗାଜିଆବାଦ,୧୯।୪ :** ଭାଜପା କର୍ମୀଙ୍କୁ ଅଙ୍ଗୁଳି ଦେଖାଇଲେ ୪ ଘଣ୍ଟା ମଧ୍ୟରେ ପ୍ରତିଶୋଧ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନା ଧମକ ଦେଇଛନ୍ତି। ଉତ୍ତରପ୍ରଦେଶର ଗାଜିପୁର ଏମ୍‌ପି ମନୋଜ ଏଥର ଏହି ଲୋକ ସଭା ଆସନରୁ ପୁଣିଥରେ ଭାଜପା ପ୍ରାର୍ଥୀ ହୋଇଛନ୍ତି। ସୈଦପୁର ଅଞ୍ଚଳରେ 'କିଷାନ ପଞ୍ଚାୟତ ସମ୍ମିଳନୀ'କୁ ଗୁରୁବାର ସମ୍ବୋଧିତ କରି ସେ କହିଛନ୍ତି, ଭାଜପା କର୍ମୀମାନେ ଦୁର୍ନୀତି ଏବଂ ଆପରାଧିକ କାର୍ଯ୍ୟକଳାପ ଜରିଆରେ ଠୁଳ କରାଯାଇଥିବା ଧନ ହଟାଇବାକୁ ପ୍ରସ୍ତୁତ ଅଛନ୍ତି। ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଛି ଯେ, ଭାଜପା କର୍ମୀମାନଙ୍କୁ ଯିଏ ଅଙ୍ଗୁଳି ଦେଖାଇବେ ସିଏ ୪ ଘଣ୍ଟା ମଧ୍ୟରେ ସୁରକ୍ଷିତ ନ ଥିବେ। ପୂର୍ବାଞ୍ଚଳର କୌଣସି ଅପରାଧୀ ଗାଜିପୁର ସୀମାକୁ ପ୍ରବେଶ କରିବା ଅବସ୍ଥାରେ ନାହାନ୍ତି। କେହି ଭାଜପା କର୍ମୀଙ୍କ ଉପରେ ନଜର ପକାଇଲେ ତାଙ୍କ ଆଖି ତାଡ଼ି ଦିଆଯିବ। ପ୍ରକାଶ ଯେ, ଏହି ଆସନରେ ମନୋଜଙ୍କ ବିରୋଧରେ ମାଫିଆରୁ ରାଜନେତା ପାଲଟିଥିବା ମୁଖ୍‌ତାର ଅନ୍‌ସାରିଙ୍କ ଭାଇ ଅଫ୍‌ଜଲ ଅନ୍‌ସାରିଙ୍କୁ ବିଏସ୍‌ପି ପ୍ରାର୍ଥୀ କରିଛି।



## ୨୪ ବର୍ଷ ପରେ ଗୋଟିଏ ମଞ୍ଚରେ ମୁଲାୟମ, ମାୟାବତୀ

# ପରସ୍ପରକୁ ପ୍ରଶଂସା, କେନ୍ଦ୍ରକୁ ଟାର୍ଗେଟ

ମୈନ୍‌ପୁରୀ,୧୯।୪(ପି.ଟି.)



ମୈନ୍‌ପୁରୀ ସଭାରେ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହ ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ ଓ ତାଙ୍କ ପୁଅ ତଥା ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବ।

- ଭାଜପାକୁ ବଞ୍ଚାଇ ପାରିବନି ଚୌକିଦାରଙ୍କ ଡ୍ରାମା: ମାୟାବତୀ
- ମୁଲାୟମ କହିଲେ ମାୟାବତୀଙ୍କ ଋଣ ଭୁଲି ପାରିବିନାହିଁ
- ନୂଆ ପ୍ରଧାନମନ୍ତ୍ରୀ ଆସିଲେ ଦେଶ ବଦଳିଯିବ: ଅଖିଳେଶ

ଦୀର୍ଘ ୨୪ ବର୍ଷର ଶତ୍ରୁତାକୁ ଭୁଲି ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି ଉତ୍ତରପ୍ରଦେଶର ଦୁଇ ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ ଓ ମୁଲାୟମ୍ ସିଂ ଯାଦବ। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ଓ ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ ଶୁକ୍ରବାର ମୈନ୍‌ପୁରୀର ଏକ ନିର୍ବାଚନୀ ସଭାରେ ଗୋଟିଏ ମଞ୍ଚରେ ଏକତ୍ରିତ ହେବା ଜାତୀୟ ରାଜନୀତିର ସବୁଠୁ ଚର୍ଚ୍ଚିତ ଘଟଣା ପାଲଟିଛି। ମାୟାବତୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ନକଲି ନେତା' ବୋଲି ସମାଲୋଚନା କରିବା ସହ ମୁଲାୟମ୍‌ଙ୍କୁ ପଛୁଆ ବର୍ଗର ଜଣେ 'ପ୍ରକୃତ ନେତା' ଭାବେ ଅଭିହିତ କରିଛନ୍ତି। ଏହାସହ ସେ ମୁଲାୟମ୍‌ଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଅନ୍ୟପକ୍ଷରେ ମାୟାବତୀଙ୍କ ଋଣ କେବେ ଭୁଲି ପାରିବେନାହିଁ ବୋଲି କହି ପ୍ରଶଂସାରେ ତାଙ୍କୁ ପୋତି ଦେଇଛନ୍ତି ୭୯ ବର୍ଷୀୟ ମୁଲାୟମ୍।

୧୯୯୩ରେ ଏସ୍‌ପି-ବିଏସ୍‌ପି ମଧ୍ୟରେ ମେଣ୍ଟ ହୋଇଥିଲା। ଦୁଇ ଦଳ ମିଶି ଦୁଇବର୍ଷ ସରକାର ଚଳାଇଥିଲେ। ୧୯୯୫ ମେ ମାସରେ ଲକ୍ଷ୍ନୌସ୍ଥିତ ଭିଭିଆଇପି ଗେଷ୍ଟ ହାଉସ୍‌ରେ ଏସ୍‌ପି କର୍ମୀମାନେ ମାୟାବତୀଙ୍କୁ ଦୁର୍ବ୍ୟବହାର ଦେଖାଇବା ପରେ ମେଣ୍ଟ ଭାଙ୍ଗିଯାଇଥିଲା। ସେବେଠୁ ଦୁଇନେତା ପରସ୍ପରକୁ କେବେ ଚାହିଁ ନ ଥିଲେ। ଏହାର ୨୪ ବର୍ଷ ପରେ ରାଜନୀତିର ବାଧ୍ୟବାଧକତା ଉଭୟଙ୍କୁ ପୁଣି ଏକାଠି କରିଛି ଗୋଟିଏ ମଞ୍ଚରେ। ଖ୍ରୀଷ୍ଟିୟାନ୍ କଲେଜ ଗ୍ରାଉଣ୍ଡରେ ଆୟୋଜିତ ସଭାରେ ତାଙ୍କ ସହ ସାମିଲ ହୋଇଥିଲେ ମହାମେଣ୍ଟର ସୂତ୍ରଧର ତଥା ଏସ୍‌ପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ। ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମହାମେଣ୍ଟ ପକ୍ଷରୁ ମୈନ୍‌ପୁରୀ ଲୋକ ସଭା ଆସନର ପ୍ରାର୍ଥୀ ହୋଇଥିବା ମୁଲାୟମ୍ ମଞ୍ଚ ଉପରକୁ ଆସିବାବେଳେ ମାୟାବତୀ ତାଙ୍କୁ ଛିଡ଼ାହୋଇ ସ୍ୱାଗତ କରିଥିଲେ। ଏସ୍‌ପିର ଦୁର୍ଗ ଭାବେ ପରିଚିତ ମୈନ୍‌ପୁରୀରେ 'ମାୟାବତୀ ଜୀ'ଙ୍କୁ ସବୁବେଳେ ସମ୍ମାନ ଦେବାକୁ ଦଳୀୟ ସମର୍ଥକଙ୍କୁ ମୁଲାୟମ୍ ପରାମର୍ଶ ଦେଇଥିଲେ। ମୁଲାୟମ୍ କହିଥିଲେ, ଅନେକ ଦିନ ପରେ ମାୟାବତୀଙ୍କ ସହ ଗୋଟିଏ ମଞ୍ଚରେ ଛିଡ଼ା ହୋଇଛି। ଶେଷଥର ପାଇଁ ନିର୍ବାଚନ ଲଢୁଥିବାରୁ ବିପୁଳ ଭୋଟରେ ବିଜୟୀ କରିବାକୁ ସେ ମତଦାତାଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଦେଶରେ ବଢ଼ିଚାଲିଥିବା ନାରୀ ନିର୍ଯାତନାକୁ ନେଇ କେନ୍ଦ୍ର ଉପରେ ସେ ବର୍ଷିଥିଲେ। ତେବେ ୧୯୯୫ ଘଟଣାକୁ ମାୟାବତୀ ଭୁଲିପାରି ନ ଥିବା ତାଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି। ମାୟାବତୀ କହିଥିଲେ, ଗେଷ୍ଟ ହାଉସ୍ ଘଟଣା ସତ୍ତ୍ୱେ ସେ ମୁଲାୟମ୍‌ଙ୍କ ପାଇଁ କାହିଁକି ପ୍ରଚାର କରିଆସିଛନ୍ତି ସେନେଇ ଲୋକଙ୍କ ମନରେ ପ୍ରଶ୍ନ ଥାଇପାରେ। ହେଲେ ଏସ୍‌ପି ସହିତ ମେଣ୍ଟ କରିବାର କଠିନ ନିଷ୍ପତ୍ତି ଦେଶ, ଜନସାଧାରଣ ଓ ଦଳୀୟ ଅଭିଯାନର ସ୍ୱାର୍ଥ ପାଇଁ ନିଆଯାଇଛି। ମୁଲାୟମ୍ ସବୁ ବର୍ଗର ଲୋକଙ୍କୁ ନେଇ ଏସ୍‌ପି ଟିକେଟ ଦେଇଛନ୍ତି। ଦଳ ତାଙ୍କୁ ମୋଦିଙ୍କ ଭଳି ନକଲି ନୁହେଁ, ବରଂ ପଛୁଆ ବର୍ଗର ଅସଲ ନେତା ବୋଲି ମନେକରୁଛି। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳୁ ସରକାରୀ କଳର ଅପବ୍ୟବହାର କରିଆସିଛନ୍ତି। ଏବେ ତାଙ୍କର ନକଲି ଚୌକିଦାରି ଡ୍ରାମା ଭାଜପାକୁ ଆଉ ବଞ୍ଚାଇ ପାରିବନାହିଁ। ମାୟବତୀ 'ଜୟ ଭୀମ' ସ୍ଲୋଗାନ ସହ 'ଜୟ ଲୋହିଆ' ଯୋଡ଼ି ନିଜ ବକ୍ତବ୍ୟ ଶେଷ କରିଥିଲେ। ସେହିପରି ଅଖିଳେଶ କହିଥିଲେ, ଭାଜପା ବାଲା 'ନୂଆ ଭାରତ' ଗଢ଼ିବା କଥା କହୁଛନ୍ତି। ଆମେ କହୁଛି ନୂଆ ପ୍ରଧାନମନ୍ତ୍ରୀ ଦରକାର। ନୂଆ ପ୍ରଧାନମନ୍ତ୍ରୀ ଆସିଲେ ଦେଶ ଆପେ ବଦଳିଯିବ।

## ୨୬/୧୧ ଶହୀଦଙ୍କ ପ୍ରତି ପ୍ରଜ୍ଞା ଠାକୁରଙ୍କ ବିବାଦୀୟ ମନ୍ତବ୍ୟ

# 'ଅଭିଶାପରୁ ହୋଇଥିଲା କରକରେଙ୍କ ମୃତ୍ୟୁ'



ଭୋପାଳ,୧୯।୪(ପି.ଟି.)

୨୬/୧୧ ଆକ୍ରମଣବେଳେ ଶହୀଦ ହୋଇଥିବା ମୁମ୍ବାଇ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍)ର ପୂର୍ବତନ ମୁଖ୍ୟ ହେମନ୍ତ କର୍‌କରେଙ୍କ ପ୍ରତି ଭୋପାଳର ଭାଜପା ପ୍ରାର୍ଥୀ ତଥା ମାଲେଗାଓଁ ବିସ୍ଫୋରଣ ମାମଲାର ଅଭିଯୁକ୍ତ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ତାଙ୍କ ଅଭିଶାପରୁ କର୍‌କରେଙ୍କ ମୃତ୍ୟୁ ହୋଇଥିଲା ବୋଲି ସେ କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ଆଇପିଏସ୍ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମାମାଗନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଅନ୍ୟ ପକ୍ଷରେ ଏହା ପ୍ରଜ୍ଞାଙ୍କ ବ୍ୟକ୍ତିଗତ ମତ ବୋଲି ଭାଜପା କହିଛି।

ଭୋପାଳରେ ଭାଜପା କର୍ମୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପ୍ରଜ୍ଞା କହିଥିଲେ, ମାଲେଗାଓଁ ବିସ୍ଫୋରଣ ମାମଲାରେ ସେ ଜେଲ୍‌ରେ ଥିବାବେଳେ ତାଙ୍କୁ କର୍‌କରେ ନିର୍ଯାତନା ଦେଇଥିଲେ। ତାଙ୍କ ବିରୋଧରେ ଯଦି ପ୍ରମାଣ ନ ମିଳେ ତେବେ ବେଆଇନ ଭାବେ ଜେଲରେ ରଖାଯାଇପାରିବ ନାହିଁ ବୋଲି ତଦନ୍ତ କମିଶନ କର୍‌କରେଙ୍କୁ କହିଥିଲେ। କିନ୍ତୁ ତାଙ୍କୁ ଜେଲ୍‌ରୁ ଛଡାଯିବାକୁ କର୍‌କରେ ଚାହୁଁ ନ ଥିଲେ। ପ୍ରମାଣ ଯୋଗାଡ଼ ଲାଗି ସେ ଯାହା କିଛି ବି କରିପାରିବେ, ଏପରିକି ପ୍ରମାଣ ପ୍ରସ୍ତୁତ କରିପାରିବେ ବୋଲି କର୍‌କରେ କହିଥିଲେ। ବାରମ୍ବାର ଜେରା ଓ ନିର୍ଯାତନାରେ ଅତିଷ୍ଠ ହୋଇ ପ୍ରଜ୍ଞା ତାଙ୍କୁ ଅଭିଶାପ ଦେଇଥିଲେ। ଏହାର ମାସକ ପରେ ୨୬/୧୧ ମୁମ୍ବାଇ ଆକ୍ରମଣ ବେଳେ ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟରରେ କର୍‌କରେଙ୍କ ମୃତ୍ୟୁ ହୋଇଥିଲା ବୋଲି ପ୍ରଜ୍ଞା କହିଛନ୍ତି। ଆତଙ୍କବାଦ ନିରୋଧୀ ଲଢ଼େଇରେ ବଳିଦାନ ଦେଇ ଅଶୋକ ଚକ୍ର ସମ୍ମାନ ପାଇଥିବା କର୍‌କରେଙ୍କ ପ୍ରତି ଭାଜପା ନେତାଙ୍କ ଅପମାନଜନକ ମନ୍ତବ୍ୟ ନିନ୍ଦନୀୟ ବୋଲି ଆଇପିଏସ୍ ସଂଘ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆତଙ୍କବାଦ ନିରୋଧୀ ଲଢ଼େଇରେ ଦେଶ ପାଇଁ ଜୀବନ ଦେଉଥିବା ସମସ୍ତ ଯବାନଙ୍କ ପ୍ରତି ଏହା ଅପମାନ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି।

## [ଇତିହାସର ଆଇନାରେ] ଏପ୍ରିଲ ୨୦ର ପ୍ରମୁଖ ଘଟଣା

୧୯୪୬ ଏପ୍ରିଲ ୨୦ରେ ଜାତିସଂଘକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଲିଗ୍ ଅଫ୍ ନେଶନ୍ସକୁ ଭାଙ୍ଗି ଦିଆଯାଇଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ୧୯୧୯ରେ ଏହା ଗଠନ ହୋଇଥିଲା।

୨୦୧୩ ଏପ୍ରିଲ ୨୦ରେ ଚାଇନାର ସିଚୁଆନ ପ୍ରଦେଶରେ ହୋଇଥିବା ଭୂକମ୍ପରେ ୧୫୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୫୭୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

# ମାଲି ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

**ବାମାକୋ,୧୯।୪(ଏଏଫ୍‌ପି):** ମାଲିରେ ହିଂସା ଦମନ କରିବାରେ ବିଫଳତା ପାଇଁ ପ୍ରଧାନମନ୍ତ୍ରୀ ସୁମିଲୁ ବୁବେୟି ମାଇଗା ନିଜ ମନ୍ତ୍ରିମଣ୍ଡଳ ସହ ଇସ୍ତଫା ଦେଇଛନ୍ତି। ଗତମାସରେ ଘଟିଥିବା ଗଣହତ୍ୟାରେ ୧୬୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏଥିପାଇଁ ସରକାରଙ୍କୁ ସମାଲୋଚନା କରାଯାଇଥିଲା।



# ଶିବସେନାରେ ପ୍ରିୟଙ୍କା ଚତୁର୍ବେଦୀ

ମୁମ୍ବାଇ,୧୯।୪(ପି.ଟି.)

ପୂର୍ବତନ କଂଗ୍ରେସ ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ ଶୁକ୍ରବାର ଶିବସେନାରେ ଯୋଗଦେଇଛନ୍ତି। ତାଙ୍କୁ ଦୁର୍ବ୍ୟବହାର କରିଥିବା ଦଳୀୟ କର୍ମୀଙ୍କୁ କଂଗ୍ରେସ ପୁନର୍ବାର ଦଳରେ ସାମିଲ କରିଥିବା ସେ ଅଭିଯୋଗ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ପ୍ରିୟଙ୍କାଙ୍କୁ ସ୍ୱାଗତ କରି ଦଳ ଜଣେ ଭଲ ଭଉଣୀ ପାଇଲା ବୋଲି କହିଥିଲେ। ମହିଳାଙ୍କ ହକ୍ ନିମନ୍ତେ ଲଢ଼ିବା ପାଇଁ ଶିବସେନା ଭଲ ପ୍ଲାଟଫର୍ମ ଅନୁଭବ କରି ସେ ଉକ୍ତ ଦଳରେ ସାମିଲ ହୋଇଥିବା ପ୍ରିୟଙ୍କା କହିଛନ୍ତି।

କିଛିଦିନ ପୂର୍ବରୁ ମଥୁରାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉତ୍ତରପ୍ରଦେଶର କିଛି କଂଗ୍ରେସ କର୍ମୀ ପ୍ରିୟଙ୍କାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କୁ ଧମକ ଦେଇଥିଲେ। ସେମାନଙ୍କୁ ପୁନର୍ବାର ଦଳରେ ସାମିଲ କରାଯିବା ତାଙ୍କୁ ଖୁବ୍ ଆଘାତ ଦେଇଥିଲା ବୋଲି ପ୍ରିୟଙ୍କା କହିଛନ୍ତି। ଯେଉଁଠି ନିଜର ଆତ୍ମସମ୍ମାନ ପାଇଁ ଲଢ଼ିପାରିଲି ନାହିଁ ସେଠାରେ ମହିଳାଙ୍କ ପାଇଁ କିପରି ଲଢ଼ିବି ଅନୁଭବ କରି କଂଗ୍ରେସ ଛାଡିଲି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।



# ହାର୍ଦ୍ଦିକଙ୍କୁ ଚାପୁଡ଼ା

ଅହମଦାବାଦ,୧୯।୪(ପି.ଟି.)

କଂଗ୍ରେସ ନେତା ହାର୍ଦ୍ଦିକ ପଟେଲଙ୍କୁ ଶୁକ୍ରବାର ଜଣେ ବ୍ୟକ୍ତି ଚାପୁଡ଼ା ମାରିଛନ୍ତି। ଗୁଜରାଟର ସୁରେନ୍ଦ୍ରନଗର ଜିଲା ବଲଦାନା ଗ୍ରାମର ଏକ ସଭାକୁ ହାର୍ଦ୍ଦିକ ସମ୍ବୋଧିତ କରୁଥିବାବେଳେ ତରୁଣ ଗଜ୍ଜାର ନାମକ ବ୍ୟକ୍ତି ତାଙ୍କ ଗାଲରେ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଏହା ପଛରେ ଭାଜପାର ହାତ ରହିଛି ଏବଂ ତରୁଣ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ ବୋଲି କ୍ଷୁବ୍ଧ ହାର୍ଦ୍ଦିକ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଶାସକ ଦଳର କିଛି ଭୂମିକା ନାହିଁ। ଲୋକ ସଭା ନିର୍ବାଚନରେ ଭୋଟ ପାଇବା ପାଇଁ ଏହା କଂଗ୍ରେସର ଏକ ଡ୍ରାମା ବୋଲି ଭାଜପା ପକ୍ଷରୁ କୁହାଯାଇଛି। ମେହସାନା ଜିଲା କାଡ଼ି ସହର ନିବାସୀ ତରୁଣଙ୍କୁ ମଧ୍ୟ କଂଗ୍ରେସ କର୍ମୀ ଓ ହାର୍ଦ୍ଦିକଙ୍କ ସମର୍ଥକମାନେ ମାଡ ମାରିଛନ୍ତି। ଆହତ ତରୁଣ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେ କହିଛନ୍ତି, ସେ କୌଣସି ଦଳ ସହ ଜଡ଼ିତ ନୁହନ୍ତି। ୨୦୧୫ ଅଗଷ୍ଟରେ ପଟିଦାର ସଂରକ୍ଷଣ ପାଇଁ ହାର୍ଦ୍ଦିକଙ୍କ ଆନ୍ଦୋଳନ ଯୋଗୁ ତାଙ୍କ ସ୍ତ୍ରୀ ଓ ପିଲା ହଇରାଣ ହୋଇଥିଲେ। ଏଥିଲାଗି ହାର୍ଦ୍ଦିକଙ୍କୁ ଆକ୍ରମଣ କରିବା ପାଇଁ ସେ ସେବେଠୁ ଯୋଜନା ଚଳାଇଥିଲେ। କିନ୍ତୁ ପୂର୍ବ ଉଦ୍ୟମ ବିଫଳ ହୋଇଥିଲା।






ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୦/୨୦୧୯ | Bhubaneswar, Saturday, April 20/2019 | ପୃଷ୍ଠା-୧



**'କଲଙ୍କ'ରେ ସୋନାକ୍ଷୀ ସିହ୍ନା**

ଅଭିଷେକ୍ ବର୍ମନଙ୍କ ଚଳଚ୍ଚିତ୍ର 'କଲଙ୍କ'ରେ ନିଜର ଭୂମିକାକୁ ନେଇ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସନ୍ତୋଷ ବ୍ୟକ୍ତ କରିଛନ୍ତି।

୦୭

୧୭

**କିଡ୍‌ଙ୍କ ସହ ଲଢ଼ିବେ ବିକାଶ**

ଭାରତୀୟ ବକ୍ସର ବିକାଶ କ୍ରିଷନ ତାଙ୍କ ଦ୍ୱିତୀୟ ପ୍ରଫେଶନାଲ ବାଉଟ୍‌ରେ ଆମେରିକାର ନୋଆ କିଡ୍‌ଙ୍କୁ ଭେଟିବେ।








**ଆଜିର ସମ୍ପାଦକୀୟ**

ଇଡିରେ ବି ଗୋଷ୍ଠୀ

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ପ୍ରଚାର କରୁଛନ୍ତି ସତେ ଯେପରି ସେ ନିଜେ ବାଲାକୋଟ ଯାଇ ଏୟାର ଷ୍ଟ୍ରାଇକ୍ କରିଛନ୍ତି।
-ଏଚ୍.ଡି. କୁମାରସ୍ୱାମୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ






# ଦଳି ମାରିଦେଲା ଦନ୍ତା

## ୫ ମୃତ, ତାଳଚେର ସ୍ତବ୍ଧ

- ଷଣ୍ଢଗାଁରେ ଘର ଭାଙ୍ଗି ୪ଜଣଙ୍କ ଜୀବନ ନେଲା
- ସନ୍ଥପଡ଼ାରେ ଶୌଚ ପାଇଁ ଯାଉଥିବା ବୃଦ୍ଧଙ୍କୁ ମାରିଲା
- ୨ ବର୍ଷରେ ନେଲାଣି ୧୯ ଜଣଙ୍କ ପ୍ରାଣ

**ତାଳଚେର,୧୯।୪ (ନି.ପ୍ର.)**

ଏକାବେଳେ ୫ ଜୀବନ ନେଇଛି ହାତୀ। ଘର ଭାଙ୍ଗି ଦଳି ମାରିଛି ୪ଜଣଙ୍କୁ। ଖଣ୍ଡ ବିଖଣ୍ଡ କରି ଫୋପାଡ଼ି ଦେଇଛି ଜଣେ ବୃଦ୍ଧଙ୍କୁ। ଗୁରୁବାର ବିଳମ୍ବିତ ରାତିରେ ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳର ଷଣ୍ଢ ଗାଁ ଓ ନିକଟସ୍ଥ ସନ୍ଥପଡ଼ାରେ ଘଟିଥିବା ଏପରି ଏକ ଅଭାବନୀୟ ଘଟଣା ସ୍ତବ୍ଧ କରିଦେଇଛି ସମସ୍ତଙ୍କୁ। ଖବରପାଇ ସକାଳୁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ସମସ୍ତ ମୃତଦେହ ଉଦ୍ଧାର କରିଛନ୍ତି। ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜରୁ ବ୍ରାହ୍ମଣୀ ନଦୀ ପାର ହୋଇ ଚାଲିଆସିଥିବା ଏକ ଦନ୍ତାହାତୀର ଏପରି ଉନ୍ମତ୍ତକାଣ୍ଡ



ଷଣ୍ଢ ଗାଁର ଘଟଣାସ୍ଥଳରେ ବନ ବିଭାଗର ଜଣେ କର୍ମଚାରୀ।

କ୍ଷୁବ୍ଧ କରିଛି ଅଞ୍ଚଳବାସୀଙ୍କୁ। ଗତ ୨ ବର୍ଷ ମଧ୍ୟରେ ମହାବିରୋଡ ଓ ତାଳଚେର ରେଞ୍ଜରେ ମୋଟ୍ ୧୯ଜଣଙ୍କ ଜୀବନ ନେଇଛି ଏହି ଦନ୍ତା। ପୂର୍ବରୁ ରାଜ୍ୟର କେଉଁଠାରେ ବି ହାତୀ ଏକକାଳୀନ ୫ଜଣଙ୍କ ଜୀବନ ନେଇ ☞ ପୃଷ୍ଠା-୨

# ଓଡ଼ିଶାରେ ଭୋଟ ହାର ୭୨%

**ଦ୍ୱିତୀୟ ପର୍ଯ୍ୟାୟ ମତଦାନ**

- କମିଲା ମତଦାନ ହାର
- ୬ ବୁଥ୍‌ରେ ହେବ ସାନି ମତଦାନ

**ଭୁବନେଶ୍ୱର,୧୯।୪(ବ୍ୟୁରୋ)**

ଗୁରୁବାର ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ଭୋଟ ହାର ରହିଛି ୭୨ ପ୍ରତିଶତ । ପ୍ରଥମ ପର୍ଯ୍ୟାୟ (୭୩.୭୬ %) ତୁଳନାରେ ମତଦାନ ହାର ଦ୍ୱିତୀୟ ପର୍ଯ୍ୟାୟରେ ପାଖାପାଖି ୨ ପ୍ରତିଶତ ହ୍ରାସ ପାଇଛି। ବରଗଡ ଲୋକ ସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୭୭.୫୭ ପ୍ରତିଶତ ମତଦାନ ହୋଇଥିବା ବେଳେ ବଲାଙ୍ଗୀର ୭୨.୪୨, କନ୍ଧମାଳ ୭୨.୮୮, ସୁନ୍ଦରଗଡ ☞ ପୃଷ୍ଠା-୨

## ନିର୍ବାଚନ ପରିଚାଳନାରେ ତ୍ରୁଟି: ୬ କର୍ମଚାରୀ ନିଲମ୍ବିତ

**ବରଗଡ଼ ଅଫିସ,୧୯।୪**

ବରଗଡ଼ ଜିଲାର ଅତାବିରା, ବରଗଡ଼, ଭଟଲି, ବିଜେପୁର ଏବଂ ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ୧୩୭୮ ଭୋଟ ଗ୍ରହଣ କେନ୍ଦ୍ରରେ ଗୁରୁବାର ସାଧାରଣ ନିର୍ବାଚନ ପାଇଁ ମତଦାନ ହୋଇଥିଲା। ନିର୍ବାଚନ ପରିଚାଳନାରେ ତ୍ରୁଟି ଯୋଗୁ ବରଗଡ଼ ନିର୍ବାଚନମଣ୍ଡଳୀର ଭୋଟ ଗ୍ରହଣ କେନ୍ଦ୍ର ଶକ୍ତିନଗର ପ୍ରାଥମିକ ସ୍କୁଲ (ବୁଥ୍ ନଂ-୬୮), ଅତାବିରା ନିର୍ବାଚନମଣ୍ଡଳୀର ଭୋଟ ଗ୍ରହଣ କେନ୍ଦ୍ର ଅରେଇଗୁଡ଼ି ଉନ୍ନୀତ ପ୍ରାଥମିକ ସ୍କୁଲ ☞ ପୃଷ୍ଠା-୨




STORES ONLY AT: BHUBANESWAR: 621, Saheed Nagar, Janpath | BHUBANESWAR: Biju Patnaik International Airport | BHUBANESWAR: 309, District Centre, Chandrasekharpur
BERHAMPUR: Venkatraju Arcade, Sano Bazar | CUTTACK: 558/834, Cantonment Road | ROURKELA: Kesar Bhawan, Main Road | Toll Free: 1800 3131 777 | Open on Sundays

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ବାବୁ
ପରିବାରବର୍ଗ


ସୋନୁ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଓଡ଼ିଶାରେ ଭୋଟ ...

୭୧.୪୪ ଏବଂ ଆସ୍କାରେ ୬୬.୩୦ ପ୍ରତିଶତ ମତଦାନ ହୋଇଛି। ଏ ନେଇ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ମନୁଷ୍ୟକୃତ ତ୍ରୁଟି ଅର୍ଥାତ ଇଭିଏମ୍ ଏବଂ ଭିଭିପିଏଟିର କ୍ରସ ମ୍ୟାଚିଂ ଯୋଗୁ ୬ଟି ବୁଥ୍‌ରେ ମତଦାନ ହୋଇ ପାରି ନ ଥିଲା। ସେହି ମତଦାନ କେନ୍ଦ୍ରଗୁଡିକ ହେଲା ସୁନ୍ଦରଗଡର ୨୧୩ ନମ୍ବର ବୁଥ୍, ବଣାଇର ୧୨୯, ଦଶପଲ୍ଲାର ୨୧୦ ଓ ୨୨୨, ଅତାବିରାର ୨୩୫ ଏବଂ ବରଗଡର ୬୮ ନମ୍ବର ବୁଥ । ସେହି ବୁଥ୍‌ଗୁଡିକରେ ପୁନିର୍ବାଚନ କରିବାକୁ ନିର୍ବାଚନ କମିଶନଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି। ନିର୍ବାଚନ କମିଶନଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳିବା ପରେ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ମତଦାନରେ ଉକ୍ତ ବୁଥ୍‌ଗୁଡିକରେ ପୁନଃ ମତଦାନ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ୭୬ ଲକ୍ଷ ୯୩ ହଜାର ୧୨୩ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି।

## ନିର୍ବାଚନ ପରିଚାଳନାରେ ତ୍ରୁଟି, ...

(ବୁଥ୍ ନଂ-୨୩୫) ଏବଂ ପଦ୍ମପୁର ନିର୍ବାଚନମଣ୍ଡଳୀର ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ-୧୬)ରେ ମତଦାନକୁ ବାତିଲ କରାଯାଇଛି। ଏହାସହ ସମ୍ପୃକ୍ତ ଭୋଟ ଗ୍ରହଣ କେନ୍ଦ୍ରର ସେକ୍ଟର ଅଫିସର ଓ ପ୍ରିଜାଇଡ଼ିଂ ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ନିଲମ୍ବିତ କର୍ମଚାରୀମାନେ ହେଲେ ବରଗଡ଼ ନିର୍ବାଚନମଣ୍ଡଳୀର ବୁଥ୍ ନଂ-୬୮ର ପ୍ରିଜାଇଡ଼ିଂ ଅଫିସର ତଥା ବିଜେପୁର କଲେଜର ଉମାଶଙ୍କର ପାଣିଗ୍ରାହୀ, ସେକ୍ଟର ଅଫିସର ତଥା ବରଗଡ଼ ମ୍ୟୁନିସିପାଲିଟିର ମନୋରଞ୍ଜନ ପାଣିଗ୍ରାହୀ, ଅତାବିରା ନିର୍ବାଚନମଣ୍ଡଳୀର ବୁଥ୍ ନଂ-୨୩୫ର ପ୍ରିଜାଇଡ଼ିଂ ଅଫିସର ତଥା ମେଲଛାମୁଣ୍ଡା ହାଇସ୍କୁଲର ସହକାରୀ ଶିକ୍ଷକ ପ୍ରିୟବ୍ରତ ସାହୁ, ସେକ୍ଟର ଅଫିସର ତଥା ଭେଡ଼େନ ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ସେଠୀ ଏବଂ ପଦ୍ମପୁର ନିର୍ବାଚନମଣ୍ଡଳୀ ବୁଥ୍ ନଂ-୧୬ର ପ୍ରିଜାଇଡ଼ିଂ ଅଫିସର ତଥା ରୋହିଣିଆ ଉନ୍ନୀତ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ରସମ ସେଟ୍ଠୀ ପଟରାୟ ଓ ସେକ୍ଟର ଅଫିସର ତଥା ଝାରବନ୍ଧ ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ। ତେବେ ଏହିସବୁ ବୁଥ୍‌ରେ କେବେ ପୁନଃ ମତଦାନ ହେବ, ତାହା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।

**ପ୍ରଥମ ପୃଷ୍ଠାରୁ...**

## ଦଳି ମାରିଦେଲା...

ନ ଥିବା ବେଳେ ତାଳଚେରର ଏହି ଘଟଣା ରାଜ୍ୟରେ ଚହଳ ପକାଇ ଦେଇଛି। ତାଳଚେର ପୌରାଞ୍ଚଳର ଷଣ୍ଢ ଗାଁରେ ଗତ ୨୦ ବର୍ଷ ହେଲା ରହୁଛନ୍ତି ପାଲଲହଡା ଗୋବିନ୍ଦପୁର ଅଞ୍ଚଳର ବରୁଣ ସିଂ। ଅତି ଗରିବ ବରୁଣ ଟ୍ରକ୍ ଚଳାଉଥିବା ବେଳେ ପୁଅ କାଳିଆ ସିଂ (୨୫), ବୋହୂ ମମତା ସିଂ (୨୦), ଦେଢ଼ବର୍ଷର ନାତୁଣୀ ଅନିଷା ଓ ଝିଅ ସାରଥୀ ସିଂ (୧୬) ତାଳବରଡ଼ା ଘେରା ଘରେ ରହୁଥିଲେ। ଗୁରୁବାର ରାତିରେ ସମସ୍ତେ ଶୋଇଥିବା ବେଳେ ନଦୀପାର ହୋଇ ଚାଲିଆସିଥିବା ଉକ୍ତ ଦନ୍ତା ହାତୀ ସେମାନଙ୍କ ଘର ଭାଙ୍ଗି ଦେଇଥିଲା। ଭୟରେ ସମସ୍ତେ ଏଣେତେଣେ ଧାଉଁଥିବା ବେଳେ ପ୍ରଥମେ ଦେଢ଼ବର୍ଷର ଅନିଷାଙ୍କୁ ହାତୀ ମାରିଦେଇଥିଲା। ପରେ କାଳିଆ ଓ ସାରଥୀଙ୍କୁ ଦଳି ଦେଇଥିଲା। କିନ୍ତୁ ମମତା ଦୌଡ଼ି ପଳାଇବାରୁ ବର୍ତ୍ତିଯାଇଥିଲେ। ପାଖରେ ରହୁଥିବା ସମ୍ବଲପୁର କ୍ଷେତରାଜପୁର ଅଞ୍ଚଳର ଶ୍ରମିକ ମନବୁଲ ସେଠ (୪୦)ଙ୍କ ଘରକୁ ମଧ୍ୟ ହାତୀ ଭାଙ୍ଗି ଦେଇଥିଲା। ହାତୀକୁ ଦେଖି ମନବୁଲ ଓ ତାଙ୍କ ସ୍ତ୍ରୀ ସୁନିତା (୩୫) ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ହେଲେ ହାତୀ ସୁନିତାଙ୍କୁ ଦଳିଦେଇଥିଲା। ମନବୁଲ ସେହି ସ୍ଥାନ ଛାଡି ଦୂରକୁ ପଳାଇ ଯାଇଥିବାରୁ ମରଣ ମୁହଁରୁ ରକ୍ଷା ପାଇଯାଇଥିଲେ। ଏହାପରେ ଶାନ୍ତ ପଡ଼ି ନ ଥିବା ଦନ୍ତା ସେଠାରୁ ୨ କିମି ଦୂର ସନ୍ଥପଡା ଗ୍ରାମର ଭ୍ରମରବର ସାମଲ (୭୦)ଙ୍କୁ ଆକ୍ରମଣ କରିଥିଲା। ଭ୍ରମରବର ଶୌଚପାଇଁ ରାତିରେ ଯାଉଥିବା ବେଳେ ହାତୀଟି ତାଙ୍କୁ ୪ଖଣ୍ଡ କରି ଦେଇଥିଲା। ସକାଳୁ ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳକୁ ଜିଲାପାଳ, ବନ ବିଭାଗ ବରିଷ୍ଠ ପଦାଧିକାରୀ ଆସିବାକୁ ସନ୍ଥପଡ଼ା ଗ୍ରାମବାସୀ ଅଡି ବସିଥିଲେ। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ, ଚାକିରି ଏବଂ ଉକ୍ତ ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ କରି ତୁରନ୍ତ ସ୍ଥାନାନ୍ତର କରିବା ଦାବିରେ ସେମାନେ ମୃତଦେହ ଅଟକ ରଖିଥିଲେ। ଖବରପାଇ ଢେଙ୍କାନାଳ କଂଗ୍ରେସ ଏମ୍‌ପି ପ୍ରାର୍ଥୀ କାମାକ୍ଷା ପ୍ରସାଦ ସିଂହଦେଓ, ତାଳଚେର ବିଧାୟକ ତଥା ବିଜେଡି ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ, କଂଗ୍ରେସ ପ୍ରାର୍ଥୀ ସୁରେଶ ବେହେରା, ଭାଜପା ପ୍ରାର୍ଥୀ କାଳନ୍ଦୀ ସାମଲ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ବନବିଭାଗ ଅଧିକାରୀ ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ପ୍ରତି ମୃତକଙ୍କ ପାଇଁ ପ୍ରାଥମିକ ଭାବେ ୪୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବା ପରେ ଲୋକେ ମୃତଦେହ ଛାଡ଼ିଥିଲେ। ପୋଲିସ ସମସ୍ତ ମୃତଦେହ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ୫ଟି (ନଂ. ୭, ୮, ୯, ୧୦, ୧୧/୧୯) ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ୫ଜଣଙ୍କ ଜୀବନ ନେଇଥିବା ଉକ୍ତ ଦନ୍ତା ଟିଟିପିଏସ୍ ଆଶ୍‌ପଣ୍ଡରେ ଥିବା ବେଳେ ସେଠାରେ ବନ ବିଭାଗ କର୍ମଚାରୀ ଜଗି ରହିଛନ୍ତି। ରାତିରେ ହାତୀକୁ ସେଠାରୁ ଘଉଡ଼ାଇବାର ଯୋଜନା ଥିବା ତାଳଚେର ରେଞ୍ଜ ଅଫିସର ତ୍ରିଲୋଚନ ବେହେରା କହିଛନ୍ତି। ସେ କହିଛନ୍ତି, ହାତୀ ଆସିବା ସମ୍ପର୍କରେ କର୍ମଚାରୀମାନେ ଜାଣି ପାରି ନ ଥିଲେ। ଶୁଦ୍ଧିକାର୍ଯ୍ୟ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ସହାୟତା ରାଶି ପ୍ରଦାନ କରାଯାଇଛି। କାଗଜପତ୍ର ଦାଖଲ କରିବା ପରେ ସରକାରଙ୍କ ନିୟମ ଅନୁସାରେ ଅବଶିଷ୍ଟ ଟଙ୍କା ପରିବାରକୁ ପ୍ରଦାନ କରାଯିବ।

## ମଣିଷ ମରା ହାତୀର ଦାନ୍ତ କଟାଗଲା

ତାଳଚେର,୧୯।୪(ନି.ପ୍ର.)- ତାଳଚେରରେ ୫ ମଣିଷଙ୍କୁ ମାରିଥିବା ଦନ୍ତା ହାତୀକୁ ଶୁକ୍ରବାର ସନ୍ଧ୍ୟାରେ ଟ୍ରାଙ୍କୁଲାଇଜ କରାଯାଇ ଦାନ୍ତ କାଟି ଦିଆଯାଇଛି। ଓୟୁଏଟିର ପ୍ରଫେସର ଇନ୍ଦ୍ରମଣି ଦାସ ଓ ନନ୍ଦନକାନନର ୪ ଜଣିଆ ଟିମ୍ ଅପରାହ୍ନରେ ତାଳଚେରରେ ପହଞ୍ଚିଥିଲେ। ପରେ ଏହି ଟିମ୍ ହାତୀ ରହିଥିବା ଟିଟିପିଏସ୍ ଆଶ୍‌ପଣ୍ଡକୁ ଯାଇ ଟ୍ରାଙ୍କୁଲାଇଜ କରିବାରେ ସଫଳ ହୋଇଥିଲା। ପ୍ରାୟ ୩୦ ପ୍ରତିଶତ ଦାନ୍ତ କାଟି ଦିଆଯାଇଥିବାବେଳେ ଚେତା ଧୀରେ ଧୀରେ ଫେରୁଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଅନୁଗୋଳର ୨ ଜଣ ଡିଏଫ୍‌ଓ, ୨ ଜଣ ଏସିଏଫ୍, ତାଳଚେର ରେଞ୍ଜ ଅଫିସର ଓ ବିଭିନ୍ନ ଅଞ୍ଚଳର ରେଞ୍ଜ ଅଫିସରମାନେ ସହଯୋଗ କରିଥିଲେ। ହାତୀଟି ସୁସ୍ଥ ହେବା ପରେ ତାକୁ ଅନ୍ୟତ୍ର ଘଉଡ଼ାଇ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

**କିଛି ତଥ୍ୟ**
୨୦୧୮-୧୯ ଆର୍ଥିକ ବର୍ଷରେ ସୁନା ଆମଦାନୀ ୩% ହ୍ରାସ ଘଟି ୩୨.୮ ବିଲିୟନ ଡଲାର ରହିଛି। ଏହା ୨୦୧୭-୧୮ରେ ୩୩.୭ ବିଲିୟନ ଡଲାର ରହିଥିଲା। – **ବାଣିଜ୍ୟ ମନ୍ତ୍ରଣାଳୟ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ରବିଙ୍କ ଆଲୋକରେ ଆଲୋକିତ ଚନ୍ଦ୍ର ଆପଣଙ୍କ ପରିବାର ସକାଶେ ସୁଖ,ସୌଭାଗ୍ୟକାରକ ହେବ। ଫଳରେ ଶାନ୍ତି ଓ ସହାବସ୍ଥାନ ଜୀବନଯାତ୍ରା ପାଇଁ ପ୍ରୀତିପ୍ରଦାୟକ ରହିବ। ନୂତନ ଯାନବାହନ, ନୂତନ କର୍ମାରମ୍ଭ ଓ ଆଲୋଚନା ପାଇଁ ସୁସ୍ଥ ପରିବେଶ ସୃଷ୍ଟିହେବ। ଆଜିର ଯାତ୍ରା, ବ୍ୟବସାୟ, ନିର୍ମାଣ ତଥା ପରିବହନ ପାଇଁ ଦିନଟି ବହୁତ ଭଲ।

**ବୃଷ**
ଚନ୍ଦ୍ରଙ୍କ ସହ ବୁଧ ଓ ଶୁକ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ଯୋଗୁ ମନ ଚାହୁଁଥିବା ପ୍ରକାରେ କାର୍ଯ୍ୟ ହାସଲ କରିବା କଷ୍ଟସାଧ ହୋଇପାରେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବା ସକାଶେ ବାଧ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ, ଋଣପରିଶୋଧ,ସମସ୍ୟା ସମାଧାନ, ସୁସମ୍ପର୍କ ରକ୍ଷା କରିବା ପ୍ରଭୃତି କ୍ଷେତ୍ରରେ ଅପୂର୍ଣ୍ଣତା ରହିବ।

**ମିଥୁନ**
ଆଜିର ଦିନଟି ଏମିତି ଯେ ହାତରୁ ଖାଇ ଘୋଡ଼ା ପଛରେ ଧାଇଁଲାଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟକୁ ଯେତେ ସାହାଯ୍ୟକଲେ ମଧ୍ୟ ସାମାନ୍ୟ ଟିକିଏ ପ୍ରଶଂସା ବଦଳରେ ଅଧିକ କାମର ବରାଦ ପାଇବେ। କେବଳ ଶୁକ୍ରଯୁକ୍ତ ବୁଧ ଯୋଗୁ ପରିବାର, ପରିବହନ, ରାଜନୀତି ଓ ଆନୁଷ୍ଠାନିକ କାମ କେତେକାଂଶରେ ଭଲ ରହିବ।

**କର୍କଟ**
ଚନ୍ଦ୍ର ଓ ରବିଙ୍କ ସ୍ଥିତି ଆପଣଙ୍କ ସାମଗ୍ରିକ କାର୍ଯ୍ୟକଳାପ ଓ ଚିନ୍ତାଧାରା ସକାଶେ ଅନୁକୂଳ ରହିବାରୁ କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ ଓ ସାମାଜିକ ସ୍ତରରେ ଉଚ୍ଚ ସମ୍ମାନ ଓ ପ୍ରଶଂସା ପାଇବେ। ଅର୍ଥ ସମ୍ପର୍କିତ, ରାଜନୈତିକ, ଆନୁଷ୍ଠାନିକ, ବନ୍ଧୁସମ୍ପର୍କ ଓ ପାରିବାରିକ ଦିଗ ବହୁତ ଭଲ ରହିବ।

**ସିଂହ**
ଆଜି ଧାର୍ମିକ କାର୍ଯ୍ୟରେ ବନ୍ଧୁମିଳନ, ବସ୍ତ୍ରଭୂଷଣ ଲାଭ,ସଭାସମିତିରେ ସମ୍ମାନ ଓ ପାରିବାରିକ ସୌଖ୍ୟ ଲାଭ କରିବେ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଶନିଙ୍କ କୁପ୍ରଭାବରେ ସାମାଜିକ ସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି।

**କନ୍ୟା**
ମନ ଭିତରେ ଯାହା ଥାଉନା କାହିଁକି ସହଜାତ ସୁଲଭ ଗୁଣରେ ହସି କଥା କହି ବନ୍ଧୁମାନଙ୍କ ପ୍ରୀତିଭାଜନ ହେବେ। ଅର୍ଥର ଅଭାବ ରହିବନାହିଁ। ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ବ୍ୟବସାୟିକ ସ୍ଥିତି ମଧ ମନ୍ଦ ହେବନି। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ପ୍ରଭାବରୁ ଦୀର୍ଘଦିନର ଅପୂରଣୀୟ ଆଶା ମନରେ ବାରମ୍ବାର ଆଲୋଡ଼ନ କରିବା କାରଣରୁ ସାମୟିକ ଅଶାନ୍ତ ରହିପାରେ।

**ତୁଳା**
ଆଜି ଆପଣ ନିଜ କାର୍ଯ୍ୟ ପଛକୁ ପକାଇ କର୍ମକ୍ଷେତ୍ରକୁ ପ୍ରାଧାନ୍ୟ ଦେବେ। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇଲେ ମଧ ଆବଶ୍ୟକ ଅର୍ଥ ବିଭିନ୍ନ ସୂତ୍ରରୁ ପାଇବାରେ ଅସୁବିଧା ହେବ ନାହିଁ। ସରକାରୀ ଆଦେଶପ୍ରାପ୍ତ ଯାତ୍ରା,ପ୍ରତିଦ୍ୱନ୍ଦ୍ୱିତା, କଳା, ସାହିତ୍ୟରେ ସମସ୍ୟା ସମାଧାନ ସକାଶେ ବିଳମ୍ବ ଘଟିପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ ସୁଫଳ ପାଇବେ।

**ବିଛା**
ଚନ୍ଦ୍ରଙ୍କ ତୃତୀୟସ୍ଥ ଶନି ଓ କେତୁ ତଥା ବୃହସ୍ପତି ପାଖପଡ଼ୋଶୀ, ଜଣାଶୁଣା ବ୍ୟକ୍ତିମାନେ ପରୋକ୍ଷଭାବରେ ବିରୁଦ୍ଧାଚରଣ କରିପାରନ୍ତି। ପରିବହନ, ବିବାଦ, ଆଇନ ସହାୟତା ତଥା କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ। ନିର୍ମାଣାଧୀନ କାମ, ସ୍ଥଗିତ କାର୍ଯ୍ୟ,ବନ୍ଧୁଙ୍କ ମୃଦୁ ଭର୍ତ୍ସନା ମନରେ ଭାବାବେଗ ସୃଷ୍ଟିକରିବ।

**ଧନୁ**
ଏକାଧିକ ବଳଶାଳୀ ଗ୍ରହଙ୍କ ପ୍ରଭାବ ଆପଣଙ୍କୁ ସୁଫଳ ବ୍ୟତୀତ ବିବାଦୀୟ ସ୍ଥିତି ଉତ୍ପନ୍ନ କରିବେ। ଫଳରେ ସୁଯୋଗ ହାତକୁ ଆସି ଫେରିଯାଇପାରେ। ସହକର୍ମୀଙ୍କ ଠାରୁ କୌଣସି ଉଦ୍‌ବେଗ ସୃଷ୍ଟିକାରୀ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ମୂଳା ନକ୍ଷତ୍ର ବିଭିନ୍ନ ପ୍ରକାର ପ୍ରତିବନ୍ଧକ ମଧ୍ୟରେ ଗତି କରିବାକୁ ବାଧ ହେବେ।

**ମକର**
ଗ୍ରହମାନଙ୍କ ଶୁଭତ୍ୱ କୌଣସି ଅସୁବିଧା ସୃଷ୍ଟି ନ କଲେ ମଧ୍ୟ ଦ୍ୱାଦଶସ୍ଥ ଶନି ପ୍ରଭାବରେ ନିଜର କାର୍ଯ୍ୟ, ଚିନ୍ତାଧାରାରେ ନୈରାଶ୍ୟ ଓ ସୁନିଦ୍ରାରେ ବାଧା ସୃଷ୍ଟି କରିବ। ତଥାପି ଆଜିର ପ୍ରତ୍ୟୁଷରେ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ପାଇବେ। ରପ୍ତାନୀ କାରବାର, ପ୍ରଶାସନିକ କ୍ଷେତ୍ର, ଯାନବାହନ କ୍ରୟ ,ନିର୍ମାଣ, ପରିବହନ ପ୍ରଭୃତି ମଧ୍ୟମ ପ୍ରକାର ରହିବ।

**କୁମ୍ଭ**
କର୍ମକ୍ଷେତ୍ର ସରଗରମ ରହିବାରୁ ମାନସିକ ଉଦ୍‌ବେଗ ବୃଦ୍ଧି ସୁଖ, ସନ୍ତୋଷ ଛଡ଼ାଇ ନେଇପାରେ। ନୂତନ କର୍ମାରମ୍ଭ, ମାଲିମକଦ୍ଦମା, ଜମିଜମା ବିବାଦ, ଅର୍ଥନୈତିକ କାର୍ଯ୍ୟ, ଯୋଗାଯୋଗ, ଭ୍ରମଣ ପ୍ରଭୃତି କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ କରିବାର ସମ୍ଭାବନା ରହିଛି।

**ମୀନ**
ଆଜି ଆପଣ ପରିସ୍ଥିତି ପ୍ରତି ସଜାଗ ରହି କାମ କରିବା ଫଳରେ ନିଶ୍ଚିତ ସମସ୍ୟାମୂଳକ ପରିସ୍ଥିତିରୁ ରକ୍ଷା ପାଇବେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। ସାମାଜିକ ସ୍ତରରେ ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ ପାଇ ବିସ୍ମୟାଭୂତ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ବନ୍ଧୁ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

ଆଜି ବୈଶାଖ କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ଶନିବାର, ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ, ଏପ୍ରିଲ ୨୦ ତାରିଖ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ। ସକାଳ ଘ୧୧।୪୪ମି. ଗତେ, ଘ୧।୧୯ମି. ମଧ୍ୟେ ଅମୃତବେଳା। ଦିବା ଘ୭।୦୦ମି. ଗତେ, ଘ୮।୩୪ମି. ମଧ୍ୟେ, ଘ୧।୧୯ମି. ଗତେ, ଘ୨।୫୪ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୮।୩୭ମି. ଗତେ, ଘ୧୦।୧୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## SALE

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Gharabari boundary wall plot for sale near Rangabazar- Tankapani Bhubaneswar. Contact: 9040432066, 9437068666. D-12237

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Gharabari plot near to Bhubaneswar. Adjacent with Hospital college school just Rs. 599 only. 7978965052. D-65885

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12238

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66345

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12239

Yellowzone Gharabari plots BDA area Badagada canal road sqft. 2300/-. 7735738102. D-12167

2BHK simplex 1200 sqft. land 12,80,000/- 5km. from BJEM-II monthly Installment 10,000/-. 7735738102. D-12168

Bhubaneswar Patia KIIT, Tamando, Argul ରେ ଘର ଓ business ଉପଯୋଗୀ କମ ଦାମରେ land. 7991006699. D-65883

ଭୁବନେଶ୍ୱର Tamando Kendriya Vihar କଲୋନୀଠାରେ yellowzone 30' road plot କିଣନ୍ତୁ। 9348767829. D-66347

Bhubaneswar ପାତ୍ରପଡ଼ା ମାର୍କେଟ HDFC Bank ରୁ 500 mtr. କଲୋନୀ ଭିତରେ BDA Yellowzone ସ୍ଥିତିବାନ plot କିଣି ତୁରନ୍ତ ଘର କରନ୍ତୁ। 6370292040. D-66348

Yellowzone plot with boundary near Sai Temple, Tankapani Road, Uttara square. 8144344542. D-66349

KIIT University ନିକଟରେ 30ft. revenue road କୁ ଲାଗି yellowzone ସ୍ଥିତିବାନ 4ଟି ପ୍ଲଟ ବିକ୍ରିହେବ। Sqft. 800/- 9776866520. D- 66350

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇ ପିଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66318

2400 sft. GA plot sale at SUM Hospital, (Bharatpur), Bhubaneswar. Contact Deepak- 9937329999 (Brokers excuse). D-66217

ଭୁବନେଶ୍ୱର AIIMS Medical, DOON School, NMIET College ନିକଟରେ Yellowzone Gharabari 30' road, electricity ଥାଇ boundary plot 1,500/- 9777553622. D- 66125

ଭୁବନେଶ୍ୱର କଣ୍ଟାବାଡ଼/ ଅନ୍ଧାରୁଆରେ (ପିତାପଲ୍ଲୀ କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-66126

**କଟକ-ଭୁବନେଶ୍ୱର Twin city** ମଧ୍ୟରେ ନିର୍ମିତ ବୃହତ୍ତମ **commercial Hub (Grand bazar)** ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Chandrasekar: 9337060334.** D-66353

Bhubaneswar ପାଖାପାଖି ହଂସପାଳ, ବାଲିଅନ୍ତା area କମ ମୂଲ୍ୟରେ ଘରବାରି plot କିଣନ୍ତୁ: 9439487505. D-12231

4BHK triplex at Balakati, Panchayat road. Land 1130 sqft. Construction 1520 sqft. Just 37.99 lakh. 8763244211. D-65884

**BDAର Southcity IIT Argulଠାରେ Railway Stationରୁ** ଅଳ୍ପ ଦୁରତାରେ ପିଚୁ ରାସ୍ତାର ସୁବିଧା ଥାଇ ଘରବାରି **plot** କିଣନ୍ତୁ। **Pravakar: 8847825690.** D-66351

1260 gharabari boundary plot 30ft. road Ranga Bazar- 8,82,000/-. 8144998588. D-66356

ଭୁବନେଶ୍ୱର ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ ଘରବାରି ପ୍ଲଟ ମିଳୁଅଛି। 9556124345, 9437287595. D-12186

## LEASE

Land requires on basis of outright, sharing, marketing. 9583295832, 9437261587. D-12164

## PURCHASE

ଶ୍ୟାମପୁର, ନୂଆଗାଁ, ଗୋଠପାଟଣା locationରେ ବାସୋପଯୋଗୀ ସ୍ଥିତିବାନ ଘରବାରି ପ୍ଲଟ ଆବଶ୍ୟକ। 6371090682. D-12226




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12240




**4000 sqft. godown for rent at BJB Nagar, Kalpana, Bhubaneswar. 9040071079** D-65882

High value Rentals BBSR Commercial/ Office space/ Plug n play office/ Service Apartment. For rent out/ Rent in. Call: 9437570020/ 9777170926. D-66436

At Raghunathpur, Patia 3BHK to 6BHK fully furnished flats with 6 toilets. For Corporate Guest-house/ Residence. Rent 25,000/- to 60,000/-. Call: 9437570020. D-66437

At BJB Nagar 1BR to 4BR fully furnished AC Rooms with attached toilets. For small Office or Residence corporate Guest-house/ Residence. Rent 15000/- to 60,000/-. Call: 9437570020. D-66438

Cold store size 15x12x10 near Rasulgarh Chaka, Bhubaneswar. 7377773777, 7377774777. D-12169

1500 sqft. A/C hall suitable for tutorials or restaurant near DLF Patia. Contact: 9437068052. D-12229

A/C saloon 4 seater, near DLF Patia. Contact: 9437068052. D-12230




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Sampark ayurvedic massage club fully relaxed by smart lady, home service available. 8280102993. D-65873

Physiotherapy, full body massage by trained Ladies/ Gents Therapist: 7008773793. D-66432

Herbal full body massage with refreshment by well trained therapist. 7381239385, 0674-2540855. D-66090

Experience full body massage with us by experts. Enquiry- 0674-2597822, 7377048581. D-66091

Herbal full body massage by smart/expert therapist. Contact: 8338067247. D-66092

Newly opening ayurvedic body massage smart therapist Shree herbal. 7750020754. D-66093

Summer special mesmerizing offer expert therapeutic refreshing massage appointment. 9668374480. D-66094

Ayurvedic full body massage ladies/ gents smart experts therapist. 9114697517. D-65876

Sai solution ayurvedic full body massage ladies/ gents. Contact: 8117033493. D-65886


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com











# ଖସିଲା ପାରଦ, ତାତିରୁ ତ୍ରାହି

**ଭୁବନେଶ୍ୱର,୧୯।୪(ବ୍ୟୁରୋ):** ଶେଷରେ ତାତିରୁ ତ୍ରାହି ମିଳିଛି। କିଛିଦିନ ହେବ ୪୦ ଡିଗ୍ରୀ ଉପରେ ରହୁଥିବା ରାଜ୍ୟର ଅନେକ ସହରର ତାପମାତ୍ରା ଶୁକ୍ରବାର ହ୍ରାସ ପାଇଛି। ସବୁ ସହରରେ ୪୦ ଡିଗ୍ରୀରୁ କମ୍ ତାପମାତ୍ରା ରହିଛି। ପାରଦ ୩ରୁ ୪ ଡିଗ୍ରୀ ଖସିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଯେଭଳି ତାତି ଅନୁଭୂତ ହେଉଥିଲା, ସେଥିରୁ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ତେବେ ୨୦ତାରିଖଠାରୁ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବ। ପଶ୍ଚିମା ଗରମ ପବନ ସିଧାସଳଖ ରାଜ୍ୟକୁ ପ୍ରବାହିତ ହେବାକୁ ଥିବାରୁ ପ୍ରବଳ ଗରମ ଅନୁଭୂତ ହେବ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବଢ଼ିବ। ୨୫ତାରିଖଠାରୁ ତାପମାତ୍ରା ପୁଣିଥରେ ରେକର୍ଡ ଭାଙ୍ଗିବ। ଅଧିକାଂଶ ସହରରେ ୪୨ ଡିଗ୍ରୀ ଟପିଯିବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶନିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡିର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ। ହାଲ୍‌କା ବର୍ଷା ସହ କାଳବୈଶାଖୀ ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବର୍ଷା ସହ ବଜ୍ରପାତ ସମ୍ଭାବନା ଥିବାରୁ ଲୋକଙ୍କ ଉପରେ ପ୍ରଭାବ ପଡ଼ିପାରେ। ତେଣୁ ସତର୍କତା ଅବଲମ୍ବନ କରିବାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶୁକ୍ରବାର ସୁନ୍ଦରଗଡ଼ରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରହିଥିବା ବେଳେ ମାଲକାନଗିରି ୩୮.୮, ଟିଟିଲାଗଡ଼ ୩୮.୫, ଭବାନୀପାଟଣା ୩୮ ଓ ଭୁବନେଶ୍ୱରରେ ୩୭.୬ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟ ସମସ୍ତ ସହରରେ ପାରଦ ୩୫ ଡିଗ୍ରୀ ତଳକୁ ଖସିଆସିଛି।

ଏମ୍‌ପି ପ୍ରାର୍ଥୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ମାମଲା

# ଗିରଫ ହେଲେ ଖବରଦାତା

**କେନ୍ଦୁଝର, ୧୯।୪(ଡି.ଏନ.ଏ.):** ସ୍ଥାନୀୟ ଲୋକ ସଭା ଆସନ ପାଇଁ ଲଢୁଥିବା ପ୍ରାର୍ଥୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ମାମଲାରେ ଶୁକ୍ରବାର କେନ୍ଦୁଝର ଟାଉନ୍ ପୋଲିସ ଜଣେ ଖବରଦାତାଙ୍କୁ ଗିରଫ କରିଛି। ସେ ହେଲେ ସୀମାଞ୍ଚଳ ପାତ୍ର। ସୀମାଞ୍ଚଳ ଏକ ପ୍ରମୁଖ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମରେ କାମ କରୁଥିଲେ। ଏହି ଘଟଣାରେ ମୋଟ ୫ ଜଣଙ୍କୁ ପୋଲିସ ଗିରଫ କରିଛି। ପୂର୍ବରୁ ଗିରଫ ହୋଇଥିବା ଚାରି ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନ ଜିଲା ଜଜ୍ କୋର୍ଟରେ ଖାରଜ ହୋଇଯିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଭୁବନେଶ୍ୱରରୁ ସୀମାଞ୍ଚଳଙ୍କୁ ପୋଲିସ ଗିରଫ କରିଥିବା ସଦର ଏସ୍‌ଡିପିଓ ପ୍ରକାଶ ଜେମ୍‌ସ୍ ଟପ୍ପୋ କହିଛନ୍ତି।

# ବଜ୍ରପାତରେ ଚାଷୀ ମୃତ

**ଡୁଙ୍ଗୁରିପାଲି, ୧୯।୪(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଇଚ୍ଛାପୁର ଗ୍ରାମର ଜଣେ ଚାଷୀଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ ଉଦୟ କୁମାର ସାହୁ (୫୫)। ଅପରାହ୍ନରେ ସେ କ୍ଷେତକୁ ପାଣି ମଡାଇବାକୁ ଯାଇଥିବାବେଳେ ଝଡବର୍ଷା ସହ ବଜ୍ରପାତ ହୋଇଥିଲା। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକ କ୍ଷେତକୁ ଯାଇ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୮/୧୯)ରୁଜୁ ହୋଇଥିବା ଏଏସ୍‌ଆଇ ସୁରୁରି ସେଠୀ କହିଛନ୍ତି।

# ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ବଲିଉଡ ଷ୍ଟାର



ମାନେଶ୍ୱରରେ ବଲିଉଡ ଷ୍ଟାରମାନେ ବିଜେଡି ପାଇଁ ପ୍ରଚାର କରୁଛନ୍ତି ।

**ସମ୍ବଲପୁର,୧୯।୪(ବ୍ୟୁରୋ):** ସମ୍ବଲପୁର ଲୋକସଭା ଓ ବିଧାନସଭା ଆସନ ପାଇଁ ଏପ୍ରିଲ ୨୩ରେ ଭୋଟ ଗ୍ରହଣ ହେବ । ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଚାର ମଧ୍ୟ ଜୋରଦାର ଚାଲିଛି । ଏହି ଅବସରରେ ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନୀ ମଣ୍ଡଳୀରେ ହିନ୍ଦୀ ସିନେମା ଜଗତ (ବଲିଉଡ)ର ତାରକା ଅମିଶା ପଟେଲ ଓ ଅବତାବ ଶିବିଦଶାନୀ ଶୁକ୍ରବାର ପ୍ରଚାର କରିଛନ୍ତି । ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ରୀନା ତନ୍ତୀ ଓ ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କୁ ଭୋଟ ଦେବା ପାଇଁ ଦୁଇ ଷ୍ଟାର ଭୋଟରଙ୍କୁ ଅନୁରୋଧ କରିଛନ୍ତି । ତେବେ ଏମାନଙ୍କୁ ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା । ଲୋକସଭା ପ୍ରାର୍ଥୀ ନଳିନୀ ପ୍ରଧାନ, ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ରୀନା ତନ୍ତୀ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ସେହିଭଳି ରେଙ୍ଗାଲି ରାମଚନ୍ଦ୍ର ନଗରଠାରୁ ମହାବୀର ଛକ ପର୍ଯ୍ୟନ୍ତ ରୋଡ ଶୋ କରାଯାଇଥିଲା। ପରେ ରେଙ୍ଗାଲି ମହାବୀର ଛକଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା।


NECC NATIONAL EGG CO-ORDINATION COMMITTEE 19.04.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 90 | 145 | 155 |
| CTC | 91 | 146 | 156 |
| DKL | 90 | 145 | 155 |
| BDK | 93 | 149 | 159 |
| BLS | 94 | 150 | 160 |
| ANG | 91 | 146 | 156 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers






କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦ୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ



# ଇଡିରେ ବି ଗୋଷ୍ଠୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବି କ'ଣ ସିବିଆଇ ବାଟରେ ଯାଉଛି? ନିକଟରେ ଜଣେ ବରିଷ୍ଠ ତଦନ୍ତ ଅଧିକାରୀଙ୍କୁ ନେଇ ଦେଖାଦେଇଥିବା ବିବାଦରୁ ଜଣାପଡୁଛି ଯେ, ସଂସ୍ଥାରେ ଗୋଷ୍ଠୀ ବିବାଦ ଆରମ୍ଭ ହୋଇଯାଇଛି। ଯୁଗ୍ମ ନିର୍ଦ୍ଦେଶକ ସତ୍ୟବ୍ରତ କୁମାର ମୁମ୍ବାଇ ଜୋନାଲ ୟୁନିଟ୍ ଏବଂ କୋଇଲା ବ୍ଲକ୍ ଆବଣ୍ଟନ ମାମଲାର ପର୍ଯ୍ୟବେକ୍ଷଣ ଦାୟିତ୍ୱରେ ଥିଲେ। ତାଙ୍କୁ କୋଇଲା ବ୍ଲକ୍ ଆବଣ୍ଟନ ମାମଲା ବ୍ୟତୀତ ମୁମ୍ବାଇ ଜୋନାଲ ୟୁନିଟ୍‌ର ସମସ୍ତ ଦାୟିତ୍ୱରୁ ମୁକ୍ତ କରିଦିଆଯିବା ସହ ଅତିରିକ୍ତ ନିର୍ଦ୍ଦେଶକ (ଡବ୍ଲ୍ୟୁଆର୍) ଭାବେ ସବୁ ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ଆଦେଶନାମା ବାହାରିବାର ମାତ୍ର କେଇ ଘଣ୍ଟା ଭିତରେ ତାହା ପୂରା ଓଲଟିଗଲା ଏବଂ ଜଣାପଡ଼ିଲା ଯେ ଇଡିର ପଶ୍ଚିମାଞ୍ଚଳ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ନିର୍ଦ୍ଦେଶକ ବିନୀତ ଅଗ୍ରୱାଲ ଇଡି ମୁଖ୍ୟାଳୟ ସହ ପରାମର୍ଶ ନ କରି ଏହି ଆଦେଶନାମା ଜାରି କରିଥିଲେ। ବରିଷ୍ଠ ଅଧିକାରୀମାନଙ୍କୁ ଏହା ଭଲ ଲାଗିଲା ନାହିଁ, ତେଣୁ ଆଦେଶନାମାଟି କେଇ ଘଣ୍ଟା ଭିତରେ ରଦ୍ଦ ହୋଇଗଲା। ଅଗ୍ରୱାଲ ନିଶ୍ଚୟ ଇଡି ମୁଖ୍ୟଙ୍କ ବିନା ଅନୁମୋଦନରେ ଏହି ଆଦେଶନାମା ରୁଜୁ କରି ତାଙ୍କ କ୍ଷମତା ବହିର୍ଭୂତ କାର୍ଯ୍ୟ କରିଛନ୍ତି। କେତେକେ ଭାବୁଛନ୍ତି, ଏହି ଘଟଣାର ସିବିଆଇରେ ଘଟିଥିବା ଘଟଣା ସହ ସାଦୃଶ୍ୟ ରହିଛି, ଯାହା ଉକ୍ତ ଗୋଇନ୍ଦା ସଂସ୍ଥାର ମର୍ଯ୍ୟାଦାହାନି ଘଟାଇଥିଲା। ଏହି ଘଟଣାରୁ ଇଡି ଆଉ ସିବିଆଇ ପରି ଗୋଷ୍ଠୀ ବିବାଦ ଆଡ଼କୁ ମୁହାଁଉ ନାହିଁ ତ?

### କେରଳ ବାବୁ ରୋଷର ଶିକାର

କେରଳର ମୁଖ୍ୟ ଶାସନ ସଚିବ ଟମ୍ ଜୋସ୍ ଆଉ ରାଜ୍ୟ ସରକାରଙ୍କ ସୁନଜରରେ ନାହାନ୍ତି। ପ୍ରାପ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ଜୋସ୍ ଗତବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ନିଆଯାଇଥିବା ସମସ୍ତ କୃଷିଋଣ ଆଦାୟ ସ୍ଥଗିତ କରିବା ସହ ସରକାରଙ୍କ କୃଷି ପ୍ୟାକେଜ କାର୍ଯ୍ୟକାରୀ କରିବାକୁ ଆଦେଶନାମା ଜାରି କରି ନ ଥିବାରୁ ରାଜ୍ୟ କ୍ୟାବିନେଟ୍‌ର ରୋଷର ଶିକାର ହୋଇଛନ୍ତି। ରାଜସ୍ୱମନ୍ତ୍ରୀ ଇ. ଚନ୍ଦ୍ରଶେଖରନ୍ ଅନୁମୋଦନ ଦେବା ପରେ ମଧ୍ୟ ନିର୍ବାଚନ ଆଚରଣବିଧି ଲାଗୁ ହେବା ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଆଦେଶନାମା ଜାରି କରି ନ ଥିବାରୁ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ମଧ୍ୟ ଜୋସ୍‌ଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ବାବଦରେ ଜୋସ୍ ଯେଉଁ କୈଫିୟତ୍ ପ୍ରଦାନ କରିଛନ୍ତି, ତାହାକୁ କ୍ୟାବିନେଟ୍ ଅଗ୍ରାହ୍ୟ କରିବା ସହିତ ଋଣ ଆଦାୟ ସ୍ଥଗିତୀକରଣ ସହ କୃଷି ପ୍ୟାକେଜ୍ କାର୍ଯ୍ୟକାରୀ କରିବାକୁ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛି। ମୁଖ୍ୟ ଶାସନ ସଚିବ ଜୋସ୍ ଏବଂ ପ୍ରମୁଖ ରାଜସ୍ୱ ସଚିବ ଡ. ବେଣୁ ଭି. କ୍ୟାବିନେଟ୍‌କୁ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, କୃଷି ବିଭାଗର ନିର୍ଦ୍ଦେଶ ଏବଂ ଋଣ ଆଦାୟ ସ୍ଥଗିତୀକରଣ ପାଇଁ ଆଦେଶନାମା ଜାରି କରିଥିଲେ ତାହାଦ୍ୱାରା ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ ହୋଇଥାନ୍ତା। ଜୋସ୍ ମଧ୍ୟ ସୂଚାଇଛନ୍ତି ଯେ, ଋଣ ଆଦାୟ ସ୍ଥଗିତୀକରଣ ଆସନ୍ତା ଅକ୍ଟୋବର ସୁଦ୍ଧା ଲଗୁ କରାଯାଇପାରିବ ଏବଂ ଏଥିରେ କୃଷକମାନେ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। କିନ୍ତୁ ତାଙ୍କର ଏହି ସ୍ପଷ୍ଟୀକରଣ କ୍ରୁଦ୍ଧ ନେତାମାନଙ୍କୁ ଶାନ୍ତ କରିପାରି ନାହିଁ।

### ସିଭିସି: ଏକ ଗ୍ରୀଷ୍ମ ମଧ୍ୟାନ୍ତର

ଅଷ୍ଟ୍ରିଆର ଲାକ୍‌ଜେନ୍‌ବର୍ଗ ହେଉଛି ଭିଏନାର ଦକ୍ଷିଣକୁ ଅବସ୍ଥିତ ଏକ ଶାନ୍ତ ସହର ଏବଂ ଏହା ତା'ର ଅପରୂପ ସୌନ୍ଦର୍ଯ୍ୟ ପାଇଁ ବିଖ୍ୟାତ। ଏହା ମଧ୍ୟ ଇଣ୍ଟର୍‌ନ୍ୟାଶ୍‌ନାଲ ଆଣ୍ଟିକରପ୍ସନ ଏକାଡେମୀ (ଆଇଏସିଏ)ର ମୁଖ୍ୟାଳୟ, ଯାହା କିପରି ଦୁର୍ନୀତି ବିରୋଧରେ ପଦକ୍ଷେପ ନେବାକୁ ହେବ ସେ ବିଷୟରେ ସରକାରୀ ବାବୁମାନଙ୍କୁ ତାଲିମ ଦିଏ। ଆସନ୍ତା ଜୁନ୍ ପ୍ରାରମ୍ଭରେ ଭାରତରୁ ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ)ମାନଙ୍କର ଏକ ଦଳ ସେଠାକୁ ଭିଜିଲାନ୍ସ-ସମ୍ପର୍କିତ ତାଲିମ ନେବାକୁ ଯାଉଛନ୍ତି। କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି) ପକ୍ଷରୁ ଏହି ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ଏବଂ ଏହି ଦଳରେ ସାମିଲ ହେବା ପାଇଁ ଅନେକ ଯୋଗ୍ୟ ମୁଖ୍ୟ ଭିଜିଲାନ୍ସ ଅଫିସର ଅଛନ୍ତି। କିଛିଦିନ ପାଇଁ ହେଉ ପଛେ ଦିଲ୍ଲୀର ଗରମ ପାଣିପାଗଠାରୁ ଦୂରରେ ରହିବା ଲାଗି ବାବୁମାନଙ୍କର କାହିଁରେ କ'ଣ ଉତ୍ସାହ ଦେଖିବାକୁ ମିଳୁଛି। ଆୟୋଗର କହିବା ଅନୁସାରେ ଯେଉଁ ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ)ମାନେ ଚଳିତ ଏପ୍ରିଲ ପହିଲା ସୁଦ୍ଧା ଗତ ଦୁଇବର୍ଷ ଭିତରେ ବିଦେଶରେ କୌଣସି ତାଲିମ ନେଇ ନ ଥିବେ ସେମାନେ ଏହି ତାଲିମ କାର୍ଯ୍ୟକ୍ରମ ପାଇଁ ଯୋଗ୍ୟ ବିବେଚିତ ହେବେ। ଯାହା ଜଣାଯାଏ, ବାବୁମାନଙ୍କର ଦେଶରେ ଓ ଦେଶ ବାହାରେ ତାଲିମ ପାଇଁ କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ ୨୪୦ କୋଟି ଟଙ୍କା ମଞ୍ଜୁର କରିଛି। କାର୍ମିକ ମନ୍ତ୍ରଣାଳୟ ସିଭିସି ପାଇଁ ଏକ ନୋଡାଲ ବିଭାଗ ପରି କାମ କରୁଛି।

Email: dilipcherian@gmail.com

# ଭବ ଭୟ ଓ ଜୀବନ



ଡ. ରମେଶ ଚନ୍ଦ୍ର ପରିଡ଼ା

ଜନ୍ମର ଠିକ୍ ପରକ୍ଷଣଠାରୁ ଆମ ଜୀବନସ୍ରୋତ ନିଃଶବ୍ଦରେ ବହି ଚାଲିଥାଏ ମୃତ୍ୟୁର କରାଳ ଲହରିକୁ ଭେଟିବା ପାଇଁ। ଏହି ଅବସରରେ ଆମ ବୟସ ବଢ଼ିଚାଲେ ଏବଂ ଶୈଶବ, ଯୁବାବସ୍ଥା ଓ ପୌଢ଼ତ୍ୱ ଦେଇ ଆମେ ବାର୍ଦ୍ଧକ୍ୟରେ ଉପନୀତ ହେଉ। ସେଥିପାଇଁ କୁହାଯାଏ ଜୀବନ ପରିସ୍ଥିତିମାନଙ୍କର ଏକ ସୁଦୀର୍ଘ ମାଳା, ନିରନ୍ତର ଭାବେ ପରିବର୍ତ୍ତନଶୀଳ। ଏହି ପରିବର୍ତ୍ତନ ଛୋଟବଡ଼ ସମସ୍ୟାମାନ ସୃଷ୍ଟିକରେ। ସେଗୁଡ଼ିକର ସମାଧାନକରି ଚାଲିବା ହେଲା ଜୀବନ। ତେବେ ସେଥି ସହିତ ଆମେ ସବୁବେଳେ ଖାପଖୁଆଇ ପାରୁନା। ବିଶେଷକରି, ବୟସାଧିକ୍ୟ ପରେ ଆମର ମାନସିକ ଓ ଦୈହିକ ସାମର୍ଥ୍ୟ ହ୍ରାସ ପାଇବାକୁ ଲାଗେ। କାରଣ, ସେତେବେଳେ ଆମ ସ୍ନାୟୁ ବ୍ୟବସ୍ଥା ଦୁର୍ବଳ ହୋଇପଡ଼େ ଏବଂ ଚୟାପଚୟନ ମନ୍ଥର ହୋଇଯାଏ। ଏଣୁ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଦକ୍ଷତାରେ ଅଧୋଗତି ଘଟେ। ପରିଣାମ ସ୍ୱରୂପ, ନିମ୍ନଗାମୀ ହୁଏ ଆମର ଆତ୍ମବିଶ୍ୱାସ; ଯାହାକି ଆମ ସମସ୍ୟା ସମାଧାନ କ୍ଷମତାକୁ ପ୍ରଭାବିତ କରେ ଏବଂ ଛୋଟ ସମସ୍ୟାଟି ମଧ୍ୟ ଆମକୁ ବଡ଼ ବୋଲି ମନେହୁଏ। ଅତଏବ ସୃଷ୍ଟି ହୁଏ ମାନସିକ ଅବସାଦଠାରୁ ଆରମ୍ଭ କରି ମାନସିକ ତଥା ଶାରୀରିକ ରୋଗବ୍ୟାଧି ଓ ଅକ୍ଷମତା।

ଏହାକୁ ପ୍ରତିହତ କରିବାକୁ ହେଲେ ଆମକୁ ଜୀବନସ୍ରୋତର ପ୍ରବାହ ସହିତ ଆସୁଥିବା ପରିବର୍ତ୍ତିତ ପରିସ୍ଥିତିକୁ ମାନସିକ ସ୍ତରରେ ଗ୍ରହଣ କରିନେବାକୁ ହେବ। ତା'ହେଲେ ଏହା ଆମକୁ ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ମନେହେବ ଏବଂ ଆମେ ତାହାକୁ ନେଇ ଅନାବଶ୍ୟକ ଭାବେ ମାନସିକ ଚାପର ସମ୍ମୁଖୀନ ହେବାନାହିଁ। ମହୀମଣ୍ଡଳରେ ଦେହ ବହିବାକୁ ହେଲେ ସବୁ ମଣିଷକୁ ଦିନେ ଏସବୁର ମୁକାବିଲା କରିବାକୁ ପଡ଼ିବ ବୋଲି ଆମର ହୃଦୟଙ୍ଗମ ହେବ। ଯେଉଁମାନେ ଏହା କରିପାରନ୍ତି ସେମାନେ ସହଜରେ ଆତ୍ମବିଶ୍ୱାସ ହରାନ୍ତି ନାହିଁ ଏବଂ ଦୃଢ଼ତାର ସହ ସମସ୍ୟାଗୁଡ଼ିକର ଯଥାସମ୍ଭବ ସମାଧାନ କରିବାକୁ ଆଗେଇ ଆସନ୍ତି। ଫଳରେ ସେମାନେ ଦୀର୍ଘ ଓ ସୁସ୍ଥ ଜୀବନର ଅଧିକାରୀ ହୁଅନ୍ତି। ତେବେ, ଏହା ଏତେଟା ସହଜ କଥା ନୁହେଁ। ସେଥିପାଇଁ ଆମେ ଆମ ମନକୁ ହାଲୁକା ଓ ଦୃଢ଼ କରିବା ଦରକାର ଏବଂ ତା' ମଧ୍ୟରେ ଭରିଦେବା ଦରକାର ସକାରାତ୍ମକ ଚିନ୍ତାଧାରା। ଆଧ୍ୟାତ୍ମିକ ଚିନ୍ତନଠାରୁ ଆରମ୍ଭକରି ଉତ୍ସର୍ଗୀକୃତ ସମାଜସେବାରେ ନିଜକୁ ନିୟୋଜିତ କରିବା କିମ୍ବା ରୁଚି ଅନୁସାରେ କାର୍ଯ୍ୟବ୍ୟସ୍ତ ରହିବା ଦ୍ୱାରା ଏହା କିଛିମାତ୍ରାରେ ସାଧନ କରାଯାଇପାରେ।

ଏଥିସହିତ ତହିଁରୁ ଆମକୁ ଦୂରକରିବାକୁ ହେବ ଜୀବନର ଅଳୀକତାକୁ ନେଇ ଭୟ। ଅତଏବ, ଆମେ ଅନୁଭବ କରିପାରିବା ଯେ ମାତୃଗର୍ଭରେ ଭ୍ରୁଣଟିଏ ହୋଇ ସୃଷ୍ଟି ହେଲା ପରଠାରୁ ମୃତ୍ୟୁ ସତତ ଆମର ପଶ୍ଚାତ୍ ଧାବନ କରୁଛି। ଏହାର ନିକଟତର ହେବାର ଅସୀମ ମାର୍ଗ ରହିଛି ଏବଂ ଦୂରତା ଅତୀବ ସସୀମ। ମୃତ୍ୟୁର ସମୟ ବା ଅବସ୍ଥା ପ୍ରତି ସମ୍ମାନ ନ ଥାଏ। ଏହା 'ମହା କ୍ରୂର' ଓ 'ବଡ଼ ଅବିଶ୍ୱାସୀ', 'ପହଞ୍ଚିଯାଏ ସେ କେତେବେଳେ ଆସି'। ସନ୍ଥ କବୀରଙ୍କ ମତରେ ଜୀବନ ଜଳର ଏକ ବୁଦ୍‌ବୁଦ୍ ସଦୃଶ। ସକାଳର ତାରା ଭଳି ଦେଖୁଦେଖୁ ଛପିଯାଏ। ଏଣୁ ଆମେ ସଦ୍ୟଜାତ ଶିଶୁ ହେଉ କିମ୍ବା ଶତାୟୁ ହେଉ ଆମ ଜୀବନ ଘାସପତ୍ରରେ ପଡ଼ିଥିବା ଜଳବିନ୍ଦୁଟିଏ ଭଳି ଢଳଢଳ ହେଉଥାଏ ବୋଲି କହିଯାଇଛନ୍ତି ସଦ୍‌ଗୁରୁ ଶିବାନନ୍ଦ ମୂର୍ତ୍ତି। ତେବେ ତାଙ୍କ ଦୃଷ୍ଟିରେ ଏହି ଜଳବିନ୍ଦୁ ସିନା ଉଷା ଆଗମନ ପରେ ପରେ ଅଦୃଶ୍ୟ ହୋଇଯାଏ, ତଥାପି ତାହାରି ମଧ୍ୟରେ ଏହା ଚମତ୍କାର ସୂର୍ଯ୍ୟକିରଣକୁ ଶୋଷଣ ଏବଂ ପ୍ରତିଫଳନ କରି ସାରିଥାଏ। ଏଣୁ ଜୀବନ କେବଳ ମୃତ୍ୟୁର ସାନ୍ନିଧ ଛଡ଼ା ଅନ୍ୟ କିଛି ନ ହେଲେ ହେଁ ଏହାକୁ ତା' ସ୍ଥାନରେ ରଖି ଆମେ ସୃଷ୍ଟିର ଗୌରବକୁ ପ୍ରଶଂସା କରିବା ଦରକାର। ତା' ହେଲେ ଆମେ ଯେତିକି ଦିନ ବଞ୍ଚି ରହୁନା କାହିଁକି ତାହା ପ୍ରଫୁଲ୍ଲିତ ହୋଇପାରିବ ଏବଂ ଆମେ ବୟସକୁ ବୋଝ ବୋଲି ମନେକରିବା ନାହିଁ କି ମୃତ୍ୟୁକୁ ଏକ ଭୟାବହ ପରିଣତି ବୋଲି ବିଚାର କରିବା ନାହିଁ।

ବାର୍ଦ୍ଧକ୍ୟ କ'ଣ? ବୟସକୁ ନେଇ ବ୍ୟସ୍ତବିବ୍ରତ ହେବା ହିଁ ବାର୍ଦ୍ଧକ୍ୟର ପ୍ରତୀକ। ଏହା ଆମକୁ ଅଧିକ ବୃଦ୍ଧ କରିଦିଏ। ଯିଏ ନିତିଦିନ ନିଜଠାରେ ନୂତନତା ଦେଖିପାରେ ତା' ମନକୁ ବାର୍ଦ୍ଧକ୍ୟ ସ୍ପର୍ଶ କରିପାରେନା। ସମୟର କ୍ଷୟକାରୀ ପ୍ରଭାବ ସତ୍ତ୍ୱେ ତା'ର ଚେତନା ସଦା ସତେଜ ରହେ। ଅନ୍ୟପକ୍ଷରେ, ଆଶା ସଦାସର୍ବଦା ଯୁବକ। ଏହା ଆମଠାରେ ନୂଆ ନୂଆ ଶକ୍ତି ସଞ୍ଚାରକରେ– ବିଶେଷକରି ମାନସିକ ସ୍ତରରେ। ଏଣୁ ଆମେ ଯେତେ ଦିନ ବଞ୍ଚିଛେ ଏବଂ ସଚେତନ ଅଛେ, ମନରେ ନୂତନ ଆଶାକୁ ସ୍ଥାନ ଦେବା ଉଚିତ। ଶାନ୍ତିରେ ରହିବା ଆମର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ। ଏହା ଆମକୁ ତାହା ପ୍ରଦାନ କରିପାରିବ। କୁହାଯାଏ ଯେ ବିତିଯାଇଥିବା ଅତୀତକୁ ନେଇ ଭବିଷ୍ୟତ ପାଇଁ ଭୟଭୀତ ହେଉଥିବା କୋଡ଼ିଏ ବର୍ଷର ଯୁବକ ହେଉଛି ଜଣେ ବୃଦ୍ଧ। ଅନ୍ୟପକ୍ଷରେ, ଆଶାବାଦୀ ହୋଇ ଭବିଷ୍ୟତକୁ ଦେଖିପାରୁଥିବା ୮୦ ବର୍ଷର ବ୍ୟକ୍ତି ମଧ୍ୟ ଜଣେ ଯୁବକ।

ଶରୀର ଏବଂ ମନ ଅଭିନ୍ନ। ଏଣୁ ଗୋଟିକର ପ୍ରଭାବ ଅନ୍ୟ ଉପରେ ପଡ଼ିବା ସ୍ୱାଭାବିକ। ତେବେ, ଗଭୀର ଭାବେ ଅନୁଧ୍ୟାନ କଲେ ଶରୀର ଉପରେ ମନର ଏକ ପ୍ରକାର କର୍ତ୍ତୃତ୍ୱ ରହିଛି ବୋଲି ମନେହୁଏ। ଏହା ଆମର ଭୌତିକ ଢାଞ୍ଚାକୁ ମାନସିକତାର ଉପସ୍ଥାପନ ବୋଲି ବିଶ୍ୱାସ କରିବାକୁ ଦିଏ। ସେଥିପାଇଁ ଅନେକ ସମୟରେ ସୁସ୍ଥ ଶରୀର ଏବଂ ଏକ ଦୁଃଖିତ ଆତ୍ମାଯୁକ୍ତ ଯୁବକ ଏବଂ ହୃଦୟ ଖୋଲି ହସିପାରୁଥିବା ଜଣେ ବୃଦ୍ଧ ଆମର ଦୃଷ୍ଟିଗୋଚର ହେବା ବିରଳ ନୁହେଁ।

ଅସନ୍ତୋଷ ଆମକୁ ଅସମୟରେ ବୃଦ୍ଧ ଏବଂ ଅକର୍ମଣ୍ୟ କରିଦେଲାବେଳେ, ସନ୍ତୁଷ୍ଟି ଏବଂ ଆନନ୍ଦ ଆମକୁ ସୁସ୍ଥ ଓ ଯୁବକସୁଲଭ ମାନସିକତା ସମ୍ପନ୍ନ କରି ରଖିଥାଏ। ମାନସିକ ଶାନ୍ତି ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ମନ୍ଥରକରେ ବୋଲି ଏବେ ମିଳିଲାଣି ଭୂରି ଭୂରି ବୈଜ୍ଞାନିକ ପ୍ରମାଣ। ତେବେ, ଆମେ ଯାହାକୁ ସୁଖ ବୋଲି କହୁଛୁ ତାହା ଶାନ୍ତି ସହିତ ସମ୍ପୃକ୍ତ ନୁହେଁ। କବି ରାଧାନାଥଙ୍କ ଭାଷାରେ– 'ସୁଖ ବୋଲି ଯାହା ଜନନେତ୍ରେ ଦିଶେ, ହାତେ ଆସେ ହାତୁ ପଡ଼ିବା ପାଇଁ ସେ। / ବସ୍ତୁ ନୁହଁଇ ସେ ଅଟଇ ଟିଧୂମ, ଆନ ନାମ ତା'ର ଆକାଶ କୁସୁମ।' ପ୍ରକୃତରେ ଶାନ୍ତି ମନ ଓ ଚେତନା ସହିତ ଓତପ୍ରୋତ ଭାବେ ଜଡ଼ିତ ହେଲା ବେଳେ ସୁଖ ଅଧିକ ମାତ୍ରାରେ ଭୌତିକ। ତେବେ ଏହାରି ପଛରେ ହିଁ ଆମେ ଅଧିକାଂଶ ସମୟରେ ଧାଇଁଥାଉ। ଅନେକ ସ୍ଥଳେ ଏହା ଆମ ଦୁଃଖର କାରଣ ବି ହୋଇଥାଏ।

ସନ୍ତୋଷ ହେଉଛି ଶାନ୍ତିର ଏରୁଣ୍ଡିବନ୍ଧ। ଆମର ଯାହା କିଛି ଅଛି, ଏପରିକି ଯାହା ନାହିଁ ତାକୁ ନେଇ ଆମେ ସନ୍ତୁଷ୍ଟ ରହିବା ଦରକାର। ଋଷି ଶ୍ରୀଅରବିନ୍ଦଙ୍କ ଭାଷାରେ– 'ଯଦି ତୁମେ ଏବେ ଯେପରି ଅଛ ତାହାକୁ ନେଇ ସନ୍ତୁଷ୍ଟ ନୁହଁ, ତେବେ ତୁମେ କଦାପି ସନ୍ତୋଷ ଲାଭ କରିପାରିବନି।' ସୁତରାଂ ବିବିଧ ସମସ୍ୟା ମଧ୍ୟରେ ବି ଆମେ ସନ୍ତୁଷ୍ଟ ରହିବା ଉଚିତ। ଏହି ମହତ ମାନସିକତା ଆମକୁ ସୁସ୍ଥ ଓ ସ୍ୱଚ୍ଛନ୍ଦ ଜୀବନଯାପନ କରିବା ଏବଂ ସସମ୍ମାନେ ବଞ୍ଚିବାକୁ ଦେବ। ଅତଏବ ମୃତ୍ୟୁର ଭୟ କିମ୍ବା ବାର୍ଦ୍ଧକ୍ୟ ଆମକୁ ନକାରାତ୍ମକ ଭାବେ ପ୍ରଭାବିତ କରିପାରିବ ନାହିଁ। ଏ ପ୍ରକାର ଚିନ୍ତାଧାରା କେବଳ ଆଧ୍ୟାତ୍ମିକ ନୁହେଁ, ବିଜ୍ଞାନସମ୍ମତ ମଧ୍ୟ। ଏହା ମନକୁ ଆଣିଥାଏ ବିଶିଷ୍ଟ ଦାର୍ଶନିକ ଓ ଲେଖକ ମାର୍କ ଟ୍ୱାଇନଙ୍କର ଏକ ପ୍ରସିଦ୍ଧ ଉକ୍ତି– ବୟସ (ଏଠାରେ ବାର୍ଦ୍ଧକ୍ୟ) ହେଉଛି ଏକ ମାନସିକ ଅବବୋଧ ମାତ୍ର। ଯଦି ତୁମେ ଏହାକୁ ମନରେ ଘେନା ନ କର, ତେବେ ତାହା ପ୍ରଭାବହୀନ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରିବିହାର
ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ଭାଇ ଦୁଃଖରେ ଭାଇ



ତୁଳସୀଦାସ ମିଶ୍ର

ଠିକଣା ସମୟରେ ସ୍ୱିଡେନର ଟେଲିକମ୍ ଉପକରଣ ନିର୍ମାତା ଏରିକ୍‌ସନଙ୍କୁ ୪୬୨ କୋଟି ବାକିଆ ଟଙ୍କା ପରିଶୋଧ କରି ଅଗ୍ରଜ ମୁକେଶ ଅମ୍ବାନୀ ଋଣଗ୍ରସ୍ତ ଅନୁଜ ଅନିଲ ଅମ୍ବାନୀଙ୍କୁ ଆସନ୍ନ ଜେଲଦଣ୍ଡରୁ ତ୍ରାହି ଦେଇଛନ୍ତି। ସଫଳ ବ୍ୟବସାୟ ଏବଂ ଅମାପ ସମ୍ପତ୍ତି ପାଇଁ ବିଶ୍ୱର ଦଶଜଣ ଧନାଢ୍ୟଙ୍କ ମଧ୍ୟରେ ସ୍ଥାନ ପାଇ ନିଜକୁ ଏବଂ ଦେଶକୁ ଗୌରବାନ୍ୱିତ କରିଥିବା ମୁକେଶ କେମିତି ଭଲା ଅନିଲଙ୍କୁ ଋଣଗ୍ରସ୍ତଙ୍କ ତାଲିକାରେ ସାମିଲ ହେବାକୁ ଦିଅନ୍ତେ? ବରଂ ସେ ଭାବିଥିବେ– ଯଦିବା ମୋ ଭାଇ ଋଣୀ ହେବ ମୋ ପାଖରେ ହେଉ, ଆଉ କାହା ପାଖରେ ନୁହେଁ। ଅନିଲ ଅମ୍ବାନୀ ମଧ୍ୟ କରୁଣାରେ ଆର୍ଦ୍ର ଭାଇ ମୁକେଶ ଓ ଭାଉଜ ନୀତାଙ୍କ ପ୍ରତି ମୁକ୍ତକଣ୍ଠରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅସମୟରେ ସେମାନଙ୍କର ଏ ଅକୁଣ୍ଠ ସାହାଯ୍ୟ ଅନିଲଙ୍କର ଚିରକାଳ ମନେ ରହିବ।

ପ୍ରଖ୍ୟାତ ବ୍ୟବସାୟୀ ଧୀରୁଭାଇ ଅମ୍ବାନୀଙ୍କ ଅନ୍ତେ କେବେ ଦିନେ ଏ ଦୁଇଭାଇଙ୍କ ମଧ୍ୟରେ ଘମାଘୋଟ କଳି ଲାଗିଥିଲା। ବିବାଦ ସମାଧାନର ଅନ୍ୟବାଟ ନ ପାଇ ମା' କୋକିଳା ବେନ୍ ଶେଷରେ ସମସ୍ତ ପୈତୃକ ସମ୍ପତ୍ତିକୁ ଦୁଇଭାଗ କରିଦେଲେ। ଦୁଇଭାଇଙ୍କର ବସା, ବେପାର ଅଲଗା ହୋଇଗଲା। ଯେତେ ଭାଇ ସେତେ ଘର– କହିଲା ଲୋକ ଠିକ୍ କହନ୍ତି। କେବଳ ଦେଶ ନୁହେଁ, ଆନ୍ତର୍ଜାତିକ ବଜାରରେ ମଧ୍ୟ ଏ ପାରିବାରିକ ବିବାଦ ଏବଂ ବିଭାଜନ ଚହଳ ସୃଷ୍ଟି କରିଥିଲା।

ତେବେ ମା' ଶିଶୁକୁ ଜନ୍ମ ସିନା ଦିଏ କିନ୍ତୁ କର୍ମ ଦେଇ ନ ଥାଏ। ସେଥିପାଇଁ ତ ଗୋଟେ ବୃନ୍ତର ଦୁଇଟି ଫୁଲର ଦୁଇଟି ଅଲଗା ଗନ୍ତବ୍ୟ ହୋଇଥାଏ। ଗୋଟେ ଫୁଲ ଶିବଙ୍କ ଚୂଡ଼ାରେ ଶୋଭାପାଏ। ଆଉ ଗୋଟେ ଫୁଲ ଗଣିକାର ଗଭାରେ। ଗୋଟେ ଶୈଳ ଶିଖରରୁ ଦୁଇଟି ସ୍ରୋତସ୍ୱିନୀ ନିମ୍ନଗାମୀ ହୁଅନ୍ତି ସତ, କିନ୍ତୁ ଗୋଟେ ନଦୀ ସାଗରରେ ମିଶେ ତ ଆଉ ଗୋଟେ ମରୁଭୂମିରେ ହଜେ। ମୁକେଶ ଏବଂ ଅନିଲଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେମିତି ଘଟିଛି। ଗୋଟେ ପଟେ ନିଜର ବେପାର ବିସ୍ତାର କରି, ସଫଳତାର ଶିଡ଼ି ଚଢ଼ି ମୁକେଶ ଯେଉଁଠି ବିଶ୍ୱର ତୁଙ୍ଗ ଧନପତିଙ୍କ ମଧ୍ୟରେ ନିଜର ଆସ୍ଥାନ ସୁଦୃଢ଼ କଲେ, ସେଠି ଅନିଲ ବ୍ୟବସାୟରେ ଅସଫଳ ହେଲେ, କ୍ଷତି ସହିଲେ, ନିବେଶକଙ୍କ ଋଣ ଶୁଝି ନ ପାରି ଜେଲ ପଥର ଯାତ୍ରୀ ହେଲେ।

କିନ୍ତୁ ଯେମିତି ଲାଠି ପାହାରରେ ପାଣି ଦି'ଭାଗ ହେଇଯାଏନା, ସେମିତି ବାହ୍ୟ ପ୍ରଭାବରେ ରକ୍ତର ସମ୍ପର୍କ ସାମୟିକ ଭାବେ କିଛିଟା ହୁଗୁଳା ହୁଏ ତ ହୋଇଯାଏ, କିନ୍ତୁ ସମ୍ପୂର୍ଣ୍ଣ ଛିଣ୍ଡି ଯାଏନା। ସେଥିପାଇଁ ମୁକେଶ ହୁଏତ ଭାଇର ବିପତ୍ତିକୁ ଅଣଦେଖା କରିପାରି ନ ଥିବେ। ଭ୍ରାତୃପ୍ରେମର ଉଚ୍ଛ୍ୱାସ ହୃଦୟକୁ ଆଲୋଡ଼ିତ କରିଥିବ। ସେ ହୁଏତ ନିଜକୁ ନିଜେ ପ୍ରଶ୍ନ କରିଥିବେ–ମୋ ଭାଗରେ ନଭଶ୍ଚୁମ୍ବୀ ଭବ୍ୟ ଏଣ୍ଟିଲିଆରେ ନିବାସ, ଅଥଚ ମୋ ଭାଇର ଭାଗ୍ୟରେ କାରାବାସ। ଏ କେମିତି ସମ୍ଭବ? ବାସ୍, ତା'ପରେ ତାଙ୍କ ସମ୍ପତ୍ତିର ସାଗରରୁ ଆଞ୍ଜୁଳାଏ ପାଣି ଫିଙ୍ଗି ମନ୍ତ୍ର କଲା ପରି ଅନିଲଙ୍କ ଆପଦକୁ ଉଭେଇ ଦେଇଥିବେ।

ତେବେ ଆମେ ଯଦି ଆମ ଚାରିପଟେ ଦୃଷ୍ଟି ପକେଇବା, କି ଗ୍ରାମ, କି ନଗର, ସବୁଠି ଆମକୁ ଏମିତି ଅନେକ ଉଦାର ଭ୍ରାତା ମିଳିଯିବେ। ସେମାନେ ମୁକେଶଙ୍କ ଭଳି ଉଜ୍ଜ୍ୱଳ ଦୃଷ୍ଟାନ୍ତ ହୋଇ ନ ପାରନ୍ତି। କିନ୍ତୁ ସେମାନଙ୍କ ସାହାଯ୍ୟ, ସହାନୁଭୂତିରେ ଆମକୁ ମୁକେଶଙ୍କ ଭ୍ରାତୃପ୍ରେମ ଏବଂ ସ୍ନେହର ଉଷ୍ମତା ଅନୁଭୂତ ହେବ। ଏମିତି ଅନେକ ଭାଇଙ୍କୁ ପାଠକେ ଜାଣିଥିବେ, ଯେଉଁମାନେ ଆଉ ଏକ ଭାଇର ବିପତ୍ତିରେ ସାହାଯ୍ୟ କରିବାକୁ ଧାଇଁ ଆସନ୍ତି। ଆଉ କିଛି ଭାଇଙ୍କ ବିଷୟରେ ପାଠକେ ହୁଏତ ଶୁଣିଥିବେ, ଯିଏ ଅଗ୍ରଜ କି ଅନୁଜଙ୍କ ଅକାଳ ନିଧନରେ ତାଙ୍କ ପୂରା ପରିବାରର ଦାୟିତ୍ୱ ବିନା ଦ୍ୱିଧାରେ ମୁଣ୍ଡେଇ ନେଇଥିବେ। ଭାଉଜଙ୍କୁ ଆଶ୍ରୟ ଦେବାରେ କୁଣ୍ଠା କରି ନ ଥିବେ, ପୁତୁରା-ଝିଆରୀଙ୍କୁ ପିତୃସ୍ନେହରୁ ବଞ୍ଚିତ କରି ନ ଥିବେ କି ତାଙ୍କ ଭବିଷ୍ୟତ ଗଢ଼ିବାରେ ହେଳା କରି ନ ଥିବେ।

ଆମେ ଯଦି ପୁରାଣ, କାହାଣୀ, କିମ୍ବଦନ୍ତୀର ପୃଷ୍ଠା ଓଲଟାଇବା, ଆମକୁ ଭ୍ରାତୃପ୍ରେମର ସ୍ନେହ-ସୌହାର୍ଦ୍ଦ୍ୟର ଅଗଣିତ ଉଦାହରଣ ମିଳିବ। ପୁତ୍ରମୋହରେ ଅନ୍ଧ କୈକେୟୀ ଚକ୍ରାନ୍ତ କରି ବନବାସରେ ପଠେଇ ହୁଏତ ରାମଚନ୍ଦ୍ରଙ୍କୁ ସେତିକି ଦୁଃଖ ଦେଇ ନ ଥିଲେ, ଯେତିକି ସୁଖ ତାଙ୍କୁ ବିମାତାଙ୍କ ପୁତ୍ର ଭରତର ଭ୍ରାତୃପ୍ରେମରୁ ମିଳିଥିଲା। ଭରତ ମଧ୍ୟ ମାତାଙ୍କ ମହତ୍ତ୍ୱାକାଂକ୍ଷାକୁ ତାଚ୍ଛଲ୍ୟ କରି ରାମଙ୍କ ପକ୍ଷ ନେଇଥିଲେ। ସେଥିପାଇଁ ପରବର୍ତ୍ତୀ ସମୟରେ ହନୁମାନଙ୍କ ଅନୁରକ୍ତିରେ ପ୍ରୀତ ହୋଇ ରାମଚନ୍ଦ୍ର ତାଙ୍କୁ ଭରତଙ୍କ ସଙ୍ଗେ ତୁଳନା କରିଛନ୍ତି–''ରଘୁପତି କୀନ୍‌ହୀ ବହୁତ ବଡ଼ାଇ। ତୁମ ମମ ପ୍ରିୟ ଭରତହି ସମ ଭାଇ॥'' ସେଇ ରାମାୟଣରେ ଗୋଟେ ମା'ର ସନ୍ତାନ ହେଲେ ବି ବାଳି-ସୁଗ୍ରୀବଙ୍କ ଭାଗ୍ୟରେ କିନ୍ତୁ ଭ୍ରାତୃ ସମ୍ପର୍କରେ ସୁଖ ଲେଖା ନ ଥିଲା। ଗୋଟେ ଦୃଷ୍ଟିରୁ ବିଭୀଷଣଙ୍କୁ ରାମଙ୍କର ପରମ ଭକ୍ତ ଆଖ୍ୟା ଦିଆଯାଏ। କିନ୍ତୁ ସେ ବଡ଼ଭାଇ ରାବଣର ମୃତ୍ୟୁଭେଦ କହିବାରୁ ରାମଚନ୍ଦ୍ରଙ୍କ ହାତରେ ତାଙ୍କର ନିଧନ ହୋଇଥିଲା।

ମହାଭାରତ ମଧ୍ୟ ଭ୍ରାତୃବିବାଦ ଏବଂ ତଜ୍ଜନିତ ବୃଥା ରକ୍ତପାତର ଏକ କରୁଣ କାବ୍ୟ। ଠିକ୍ ସେମିତି ଇତିହାସରେ ଅଶୋକ, ଔରଙ୍ଗଜେବ୍‌ଙ୍କ ଭଳି ଅନେକ ଚରିତ୍ର ବିଦ୍ୟମାନ, ଯେଉଁମାନେ ଭାଇମାନଙ୍କ ଲହୁଲୁହରେ ରାଜସିଂହାସନକୁ ଧୋଇ ନିଜକୁ ଅଭିଷିକ୍ତ କରେଇଥିଲେ। ଦେଖିବାକୁ ଗଲେ ଭାଇକୁ ଭଗାରି ହେବାକୁ ସମୟ ଲାଗେନି। ଆଉ ସବୁବେଳେ ମାତାପିତାଙ୍କ ଦେହାନ୍ତ ପରେ ନୁହେଁ, ଅନେକ ସମୟରେ ସେମାନଙ୍କ ଜୀବିତାବସ୍ଥାରେ ମଧ୍ୟ ଭାଇମାନେ କଳି ଲାଗି ସମ୍ପତ୍ତି ଭାଗ କରିନେଇଛନ୍ତି। ଖାଲି ସେତିକି ନୁହେଁ, ବାପା-ମା'ଙ୍କୁ ବି ଦି'ଭାଗରେ ବାଣ୍ଟି ସେମାନଙ୍କ ଅତିକ୍ରାନ୍ତ ବୟସର ଦାମ୍ପତ୍ୟ ସୁଖ, ସାନ୍ତ୍ୱନାକୁ ବିଧ୍ୱସ୍ତ କରିଛନ୍ତି। ଅମିତାଭ-ହେମାଙ୍କ 'ବାଗ୍‌ବାନ୍' ଏମିତି ଏକ ତିକ୍ତ ବାସ୍ତବତାର ଚଳଚ୍ଚିତ୍ର ରୂପାନ୍ତର। କାଳିନ୍ଦୀଚରଣଙ୍କ 'ମାଟିର ମଣିଷ'ରେ ବିବାଦ ଏବଂ ବିଚ୍ଛେଦ ପରେ ବରଜୁ ଏବଂ ଛକଡିଙ୍କର ପୁନର୍ମିଳନ ବି ଅପଢ଼ ପରେ ଅଲଗା ହେଇଯାଇଥିବା ଭାଇମାନଙ୍କୁ ଏମିତି କିଛି ସକାରାତ୍ମକ ସନ୍ଦେଶ ଦିଏ।

ଭୋଗବାଦ ଓ ବସ୍ତୁବାଦ ପ୍ରଭାବରେ ଭାରତୀୟ ବୃହତ୍ ପରିବାର ଆଜି ବିଲୁପ୍ତପ୍ରାୟ। ରକ୍ତର ସମ୍ପର୍କ କେଉଁଠି ହୁଗୁଳା ତ କେଉଁଠି ଛିନ୍ନ। ତେବେ ଏ ସଙ୍କଟ ଦୀର୍ଘସ୍ଥାୟୀ ହୋଇପାରେନା। ଆମେ ଭାରତୀୟମାନେ ଯେହେତୁ ସ୍ୱଭାବତଃ ଭାବପ୍ରବଣ ଏବଂ ସ୍ନେହରଙ୍କୁଣା, ତେଣୁ ପାରିବାରିକ ସମ୍ପର୍କ ପ୍ରତି ଆମର ଅନୁରକ୍ତି ଏବଂ ପ୍ରତିବଦ୍ଧତା ସର୍ବଦା ରହିବ।

ମୋ-୯୮୬୧୫୫୨୭୯୩

## ଏଇ ଭାରତରେ

ଚିଠି ଲେଖି ଭଗବାନଙ୍କ ନିକଟରେ ଗୁହାରି କରୁଛନ୍ତି ଯୁବତୀ। ମଧ୍ୟପ୍ରଦେଶର ମନ୍ଦସୌରରେ ଥିବା ପଶୁପତିନାଥ ମହାଦେବଙ୍କ ଦାନବାକ୍ସରୁ ମିଳିଛି ଏମିତି କିଛି ପତ୍ର ଯାହାକୁ ପଢିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ଏଠାରେ ଦାନବାକ୍ସ ଖୋଲିବା ବେଳକୁ ସାଦାକାଗଜରେ ଲେଖାଥିବା କିଛି ପତ୍ର ଦେଖିବାକୁ ମିଳିଥିଲା। ଏସବୁ ଖୋଲି ପଢ଼ିବା ପରେ ଜଣାପଡିଥିଲା କି ଜଣେ ଯୁବତୀ ଭଗବାନଙ୍କୁ ଲେଖିଥିଲେ, 'ଭଗବାନ ମୋ ବାହାଘର 'ପବନ' ନାମକ ଯୁବକ ସହ କରାଇ ଦିଅନ୍ତୁ।' ଅନ୍ୟଜଣେ ନିଜ ଭାଇଙ୍କ ବାହାଘର ପାଇଁ ମହାଦେବଙ୍କୁ ଚିଠି ଲେଖି ଦାନବାକ୍ସରେ ପକାଇ ଦେଇଥିଲେ। ସେମିତି ଆଉ ଜଣେ ଯୁବତୀ ଲେଖିଥିଲେ, 'ହେ ଭଗବାନ ମୋ ବାପା ମୋ କଥାରେ ରାଜି ହୋଇଯାଆନ୍ତୁ ଆଉ ମୋ ବାହାଘର ଶୀଘ୍ର ହୋଇଯାଉ।' ଠାକୁରଙ୍କୁ ମିଳିଥିବା ଦାନ ସହ ଏସବୁ ଚିଠି ଆସିଥିଲା ଚର୍ଚ୍ଚାକୁ। ଏବେ କେତେକ ଭକ୍ତ ନିଜ ମନସ୍କାମନା ପୂରଣ ପାଇଁ ମହାଦେବଙ୍କ ଦାନବାକ୍ସରେ ଏଭଳି ପତ୍ର ଲେଖି ପକାଉଥିବା କହନ୍ତି ମନ୍ଦିର ପରିଚାଳକ। ଏହି ମନ୍ଦିରକୁ ଦେଶ ତଥା ଦେଶ ବାହାରୁ ଅନେକ ଭକ୍ତ ପରିଦର୍ଶନରେ ଆସି ଅର୍ଥ ଦାନ କରିଥାଆନ୍ତି।

## ଚିରନ୍ତନୀ

''ବେଦନାର ଅଶ୍ରୁକଣା
ଝରେ ଯେବେ ନୟନର କୋଣୁ
''ହୃଦୟ ଶୀତଳ କରି
ଧରା ଧୂଳି ଝାଡି ଦେଇ ମନୁ।
(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଏପ୍ରିଲ ୧୯୯୪

- ଦକ୍ଷିଣ ଆଫ୍ରିକାର ପ୍ରଥମ ଗଣତାନ୍ତ୍ରିକ ନିର୍ବାଚନରେ ଇନ୍‌କାଥା ପାର୍ଟିକୁ ଅଂଶଗ୍ରହଣ ସୁଯୋଗ ଦେବା ପାଇଁ ଦକ୍ଷିଣ ଆଫ୍ରିକାର ପ୍ରମୁଖ ରାଜନୈତିକ ଦଳର ନେତାମାନେ ରାଜି ହୋଇଛନ୍ତି।
- ଓଡ଼ିଶାରେ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢୁଥିବା ଆଦିବାସୀ ଛାତ୍ରବୃତ୍ତି ୧୫୦ ଟଙ୍କାରୁ ୨୦୦ ଟଙ୍କା ଓ ଆଦିବାସୀ ଛାତ୍ରୀଙ୍କୁ ବୃତ୍ତି ମାସିକ ୧୫୫ରୁ ୨୨୫ ବୃଦ୍ଧି କରିବାକୁ ନିଷ୍ପତ୍ତି।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 1 | | | | E | 0 | C | | | | 2 | | 5 | 8 |
| | C | | | B | | A | | | | 9 | | | | |
| | B | | A | | 4 | | | | | 3 | E | | 7 | |
| | | | 8 | 0 | | | | 7 | | | D | 2 | | 1 |
| 8 | 5 | 4 | | | 1 | 6 | 3 | | | | | | 9 | |
| E | 7 | | | | D | | | | | | | | | |
| | 8 | | 0 | A | | | | 3 | | 7 | | | | 6 |
| | 9 | | 5 | | | | | | | 6 | | | | D |
| | | | 6 | | C | D | A | | | | | | | |
| 4 | | | | | 3 | 7 | | | | D | C | | 1 | B |
| 6 | | 9 | | | | | | | | | | | B | |
| | | | 1 | 8 | | 5 | 2 | | 9 | 0 | | 7 | | |
| | | 3 | D | | 9 | | | 0 | 1 | 8 | B | | 6 | 4 |
| | | | 2 | 4 | | | | | | | | | | |
| 0 | A | 5 | | | | | 1 | | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | A | 8 | 2 | 3 | 9 | 5 | D | E | B | 6 | 0 | C | 1 | 4 |
| 5 | B | D | C | 0 | 4 | 8 | 1 | 6 | E | 3 | 2 | 7 | A | 9 |
| 9 | 0 | 4 | 8 | 5 | E | A | 3 | 2 | C | 1 | 7 | 6 | D | B |
| 6 | C | 1 | 7 | B | A | 4 | 9 | 0 | 5 | D | 8 | 3 | 2 | E |
| [illegible] | | | | | | | | | | | | | | |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୁମାରୀ ମାତୃତ୍ୱର ବୋଝ

ମହାଶୟ,

ଧରିତ୍ରୀ (୧୩।୩)ରେ ପ୍ରକାଶିତ ପ୍ରୀତିଛନ୍ଦା ଧଳଙ୍କ 'କୁମାରୀ ମାତୃତ୍ୱର ବୋଝ' ପାଠକରି ମୁଁ ଭାବୁଛି ଭାରତ ପାଇଁ ଗଣତନ୍ତ୍ର ଶାସନ ଶୁଭଙ୍କର ନୁହେଁ ବୋଲି। ମୋଦିଜୀଙ୍କ ବେଟି ବଚାଓ ଆହ୍ୱାନ କ'ଣ ହେଲା? ରୁଗ୍‌ଣ ମାନସିକତାର ଲୋକେ ଝିଅମାନଙ୍କୁ ନେଇ ଫାଇଦା ଉଠାଇବେ, ଆମେ କିଛି କରିପାରିବା ନାହିଁ? ସରକାର କେତେକ ପଦକ୍ଷେପ ନେଇଛନ୍ତି। ହେଲେ ଫଳପ୍ରସୂ ହେଉନାହିଁ। ସରକାର ଯଦି ଗାଇଡ୍‌ଲାଇନ ଉଲ୍ଲଂଘନ କରୁଥିବା ଲୋକଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରନ୍ତେ, ତା'ହେଲେ ସୁଫଳ ମିଳନ୍ତା। ଆମ ସମସ୍ତଙ୍କୁ ସଜାଗ ରହିବାକୁ ହେବ। ନାବାଳିକାଙ୍କୁ ପ୍ରଥମରୁ ଭଲ ସଂସ୍କାର ଦେବାକୁ ହେବ। ମା'ମାନେ ଓ ମାତ୍ରନମାନେ ଏଥିପ୍ରତି ସଜାଗ ରହିବା ଉଚିତ।

ବାବାଜୀ ଚରଣ ସେଠୀ, ଶ୍ରୀରାମନଗର, ଭୁବନେଶ୍ୱର

### ସମ୍ପୂର୍ଣ୍ଣ ତାଲିକା ପ୍ରକାଶ କରାଯାଉ

ରାଜ୍ୟ ସରକାର କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରିଥିବା ଚାଷୀମାନଙ୍କ ତାଲିକାରେ ନାମକୁମାତ୍ର ଚାଷୀ ତଥା ଭୂମିହୀନ କୃଷି ଶ୍ରମିକଙ୍କୁ ସାମିଲ କରାଯାଉ। ପୁନଃ ଯାଞ୍ଚ କରି ଗ୍ରାମପଞ୍ଚାୟତରେ ସଂଶୋଧିତ ତାଲିକା ଲଗାଇବା ଆବଶ୍ୟକ। କେବଳ ତରବରିଆ ଭାବେ ନାମତାଲିକା କଲେ ଚାଷୀର ଉନ୍ନତି ହେବନାହିଁ। ଆବେଦନ କରିବା ସତ୍ତ୍ୱେ ଅନେକ ପ୍ରକୃତ ହିତାଧିକାରୀଙ୍କ ନାମ ତାଲିକାରେ ନାହିଁ। ଚାଷୀର ଉନ୍ନତି ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ପାଟକୁରା ୨୪ ନଂ ଜୋନରେ କଂଗ୍ରେସର କର୍ମୀ ସମ୍ମିଳନୀ




**ମାର୍ଶାଘାଇ,୧୯।୪(ଡିଏନଏ):** ପାଟକୁରା ନିର୍ବାଚନମଣ୍ଡଳୀ ତଥା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ୨୪ ନଂ ଜିଲା ପରିଷଦ ଜୋନର କଂଗ୍ରେସ କର୍ମୀ ସମ୍ମିଳନୀ ଶୁକ୍ରବାର ବନ୍ଧକଟାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୋନ ସଭାପତି ଦୈତାରୀ ନାୟକ ସଭାପତିତ୍ୱ କରିଥିଲେ । ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସର ସଂପାଦିକା ତଥା ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ଯୋଗଦେଇ ହାତ ଚିହ୍ନରେ ଦୁଇ ଥର ଭୋଟ ଦେଇ କେନ୍ଦ୍ରାପଡା ଲୋକ ସଭା ପ୍ରାର୍ଥୀ ଧରଣୀଧର ନାୟକ ଓ ବିଧାୟକ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କୁ ନିର୍ବାଚିତ କରିବାକୁ ଆହ୍ୱାନ କରିଥିଲେ। ସରକାରୀ ଦଳ ଗୁଣ୍ଡାରାଜ ସହିତ ପିସି କାରବାରକୁ ପ୍ରୋତ୍ସାହନ ଦେଉଛି। ଏଣୁ କଂଗ୍ରେସକୁ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ। ପିସିସି ସାଧାରଣ ସଂପାଦକ ଜ୍ଞାନଦେବ ବେଉରା, ଏମପି ପ୍ରାର୍ଥୀ ଧରଣୀଧର ନାୟକ,ବିଧାୟକ ପ୍ରାର୍ଥୀ ଜୟନ୍ତ ମହାନ୍ତି ବକ୍ତବ୍ୟ ରଖି ଏଥର କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ମାନସ ମଲ୍ଲିକ, ସଂଗୀତା ମହାନ୍ତି ମଞ୍ଚାସୀନ ଥିଲେ। କଂଗ୍ରେସ ନେତା ବିଭୂତି ମହାନ୍ତି,ରାଜକିଶୋର ପରିଡା ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କରାଣ୍ଡିଆ ଓ ବଛରାଇର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ସଦସ୍ୟା କଂଗ୍ରେସରେ ଯୋଗ ଦେଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।






ରାଜନଗର ବ୍ଲକର ବଙ୍ଗୋପସାଗର କୂଳରେ ପୂର୍ବରୁ ପୂଜା ପାଉଥିବା ମା' ପଞ୍ଚୁବରାହୀଙ୍କ ମନ୍ଦିର । ଡଙ୍ଗା ଯୋଗେ ମା'ଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରାଯାଉଛି। (ଫାଇଲ ଫଟୋ)

## ଆଜି ମା' ପଞ୍ଚୁବରାହୀ ନୂତନ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ରାଜନଗର,୧୯।୪(ଡିଏନଏ)** ରାଜନଗର ବ୍ଲକ ସାତଭାୟା ପଞ୍ଚାୟତର ବଗପାଟିଆ ଠାରେ ନୂତନ ଭାବେ ନିର୍ମିତ ହୋଇଛି ମା' ପଞ୍ଚୁବରାହୀ ମନ୍ଦିର । ଏହି ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ମନ୍ଦିରରେ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ବିଶ୍ୱଶାନ୍ତି ଯଜ୍ଞର ଆୟୋଜନ କରାଯାଇଛି । ଏହି ଅବସରରେ ବଗପାଟିଆର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ଏକ ବୈଠକ ହେବାର ଅଛି । ଏଥିରେ ସବୁବର୍ଗର ଜନସାଧାରଣ, ପ୍ରଶାସନିକ ଅଧିକାରୀ , ରାଜନେତା ଓ ବୁଦ୍ଧିଜୀବୀମାନଙ୍କୁ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି ବୋଲି ପୂଜା କମିଟିର ସଂପାଦକ ସୁଦର୍ଶନ ରାଉତ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ରାଜନଗର ବ୍ଲକର ବଙ୍ଗୋପସାଗର ତଟବର୍ତ୍ତୀ ସାତଭାୟାର ସାତଟି ଗାଁ ମଧ୍ୟରୁ ୬ଟି ଗାଁ ସମୁଦ୍ର ଗର୍ଭରେ ଲୀନ ହୋଇସାରିଛି। ତେବେ ଅବଶିଷ୍ଟ ୫୭୧ ପରିବାରଙ୍କୁ ରାଜ୍ୟ ସରକାର ଗୁନେଇ ରୂପେଇ ସଂରକ୍ଷିତ ଜଙ୍ଗଲ ନିକଟ ବଗପାଟିଆ ଠାରେ ଗତବର୍ଷ ଥଇଥାନ କରିଛନ୍ତି। ସାତଭାୟାବାସୀଙ୍କୁ ସରକାର ନୂଆ ଠିକଣା ଦେବା ସହିତ ଗତବର୍ଷ ଏପ୍ରିଲ ୨୦ ତାରିଖରେ ବଙ୍ଗୋପସାଗର ତଟରେ ଅଷ୍ଟାଦଶ ଶତାବ୍ଦୀରୁ ପୂଜା ପାଇ ଆସୁଥିବା ମା'ଙ୍କୁ ବଗପାଟିଆକୁ ସ୍ଥାନାନ୍ତରିତ କରାଯାଇଥିଲା।

## ୮ ଫୁଟର ମୃତ ବଉଳା କୁମ୍ଭୀର ଉଦ୍ଧାର

**ଆଳି, ୧୯।୪ (ଡି.ଏନ୍.ଏ.)** ଆଳି ଥାନା ଅଧୀନ ଦେମାଳ ପଞ୍ଚାୟତର ଗିରିବନ୍ଧ ଗ୍ରାମ ଦେଇ ପ୍ରବାହିତ ଖରସ୍ରୋତା ନଦୀର ବଳିତର ଘାଟ ନିକଟରୁ ଶୁକ୍ରବାର ଏକ ୮ ଫୁଟ ଲମ୍ବର ମୃତ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକମାନେ କୁମ୍ଭୀର ମୃତଦେହ ନଦୀରେ ଭାସୁଥିବା ଦେଖି ରାଜନଗର ବନବିଭାଗ ଅଧୀନରେ ଥିବା ଆଳି ଫରେଷ୍ଟ ବିଟ୍ ହାଉସକୁ ଖବର ଦେଇଥିଲେ। ଖବରପାଇ ଫରେଷ୍ଟର ଅଭିମନ୍ୟୁ ତରାଇ ଘଟଣାସ୍ଥଳରେ ପହଞ୍ଚି କୁମ୍ଭୀର ମୃତଦେହ ଉଦ୍ଧାର କରି ବିଟ ହାଉସକୁ ନେଇଥିଲେ। କୁମ୍ଭୀରର ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବ୍ୟବଚ୍ଛେଦ ପରେ ବିଟ ହାଉସ ପରିସରରେ କୁମ୍ଭୀରକୁ ପୋତି ଦିଆଯାଇଥିବା ଜଣାପଡିଛି।

## ଶଙ୍ଖ ଧରିଲେ ୪୨ କଂଗ୍ରେସ ପରିବାର

**ରାଜନଗର,୧୯।୪ (ଡିଏନଏ):** ରାଜନଗର ବିଜେଡିରେ ପ୍ରତିଦିନ ମିଶ୍ରଣ ପର୍ବ ଚାଲିଛି। ଏହି ବ୍ଲକର ହାତୀନା ଓ ବାଲିସାହିପାଟଣା ପଞ୍ଚାୟତର ୪୨ କଂଗ୍ରେସ ପରିବାର ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ହାତୀନା ପଞ୍ଚାୟତର ଜୁଣୁପାଙ୍ଗରା, ପରିପାଙ୍ଗରା ଓ ଖଣ୍ଡାମରା ଗାଁର ୧୭ ପରିବାର କଂଗ୍ରେସ ଦଳ ଛାଡି ବିଜେଡିରେ ମିଶିଥିଲେ। ସେହିପରି ବାଲିସାହିପାଟଣା ପଞ୍ଚାୟତର ୨୫ କଂଗ୍ରେସ ପରିବାର ବିଜେଡିରେ ସାମିଲ ହୋଇଛନ୍ତି ।

**ଏକାଦଶାହ ଉପଲକ୍ଷେ**



**ସ୍ୱ ରବୀନ୍ଦ୍ର କୁମାର ଜେନା**
ନିକିରାଇ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୯।୧୧।୧୯୩୮
ତିରୋଧାନ: ୧୦।୦୪।୨୦୧୯

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଓ ଆଶୀର୍ବାଦ ଆମ ପାଇଁ ପଥ ପ୍ରଦର୍ଶକ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

ଆପଣଙ୍କର ହତଭାଗ୍ୟ
ସ୍ତ୍ରୀ, ପୁତ୍ର, କନ୍ୟା, ପୁତ୍ରବଧୂ, ନାତି, ନାତୁଣୀ, ଝିଅ ଜ୍ୱାଇଁ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।

## ବଡମୂଳବସନ୍ତରେ ବିଜେଡି କର୍ମୀ ସମ୍ମିଳନୀ

**ପଟ୍ଟାମୁଣ୍ଡାଇ,୧୯।୪ (ସ୍ୱ.ପ୍ର)** କେନ୍ଦ୍ରାପଡା (ସଂ) ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ବଡମୂଳବସନ୍ତଠାରେ ଶୁକ୍ରବାର ସନ୍ଧ୍ୟାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ କେନ୍ଦ୍ରାପଡା ବିଧାନସଭା ବିଜେଡି ପ୍ରାର୍ଥୀ ଶଶୀଭୂଷଣ ବେହେରା ଯୋଗ ଦେଇ ଭୋଟ ଭିକ୍ଷା କରିଥିଲେ । ଏହି ଅବସରରେ ବେହେରା କହିଥିଲେ ଯେ, ଏହି ମାଟି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମାଟି । ଏହି ମାଟିରେ ମୁଁ ପ୍ରାର୍ଥୀ ହୋଇଥିବାରୁ ନିଜକୁ ଧନ୍ୟ ମନେ କରୁଛି । ଏଠାରୁ ସୁରେନ୍ଦ୍ର ନାଥ ଦ୍ୱିବେଦୀ, ରବି ରାୟ ଭଳି ଟାଣୁଆ ନେତା ବିଜୟୀ ହୋଇ ଏହି ମାଟିର ମର୍ଯ୍ୟାଦା ରକ୍ଷା କରିଛନ୍ତି ।



ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ଆଗାମୀ ନିର୍ବାଚନରେ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇଲେ ବିଜୟ ଆପଣଙ୍କର ହେବ ବୋଲି ବିଧାୟକ ପ୍ରାର୍ଥୀ ବେହେରା କହିଥିଲେ । ବ୍ଲକ ଯୁବବିଜେଡି ସଭାପତି ସଞ୍ଜୟ ଲେଙ୍କା ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ । ଏହି ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷ ମାନସ ରଞ୍ଜନ ପରିଡା, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ନରସିଂହପୁର ସରପଞ୍ଚ ପ୍ରଭାତ କୁମାର ସେଠୀ, ଯୁବ ନେତା ଟି. ବେହେରା, ଆଇନଜୀବୀ ଭୀମସେନ ପ୍ରଧାନ, କେନ୍ଦ୍ରାପଡା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ସଞ୍ଜୟ ଦାସ, ପ୍ରାକ୍ତନ ସରପଞ୍ଚ ମଥୁରାନନ୍ଦ ଘଡାଇ ପ୍ରମୁଖ ଯୋଗ ଦେଇ ବିଜେଡି ପ୍ରାର୍ଥୀ ବେହେରାଙ୍କୁ ଭୋଟ ଦେଇ ଜିତାଇବା ପାଇଁ ନିବେଦନ କରିଥିଲେ । ଶେଷରେ ଦୈତାରୀ ପରିଡା ଧନ୍ୟବାଦ ଦେଇଥିଲେ । ସମ୍ମିଳନୀରେ ବହୁ ମହିଳା, ପୁରୁଷ ଓ ଦଳୀୟ କର୍ମୀ ଯୋଗ ଦେଇଥିଲେ ।

### ମହାକାଳପଡା କଂଗ୍ରେସର ଅଭିଯୋଗ

## ବଙ୍ଗଳା ଭାଷୀ ଭୋଟରଙ୍କୁ ଡରାଉଛି ଭାଜପା,ପ୍ରଲୋଭିତ କରୁଛି ବିଜେଡି

**ମାର୍ଶାଘାଇ,୧୯।୪(ଡିଏନଏ)** ମହାକାଳପଡା ନିର୍ବାଚନମଣ୍ଡଳୀରେ ଥିବା ବଙ୍ଗଳାଭାଷୀ ଭୋଟରଙ୍କୁ ଭୟଭୀତ କରି ଭାଜପା ସେମାନଙ୍କ ଭୋଟ ହାତେଇବାକୁ ଉଦ୍ୟମ କରୁଛି। ଅପରପକ୍ଷରେ ପଟ୍ଟା ଦେବାକୁ କହି ବିଜେଡି ସେମାନଙ୍କ ଭୋଟ ନେବାକୁ ଉଦ୍ୟମ କରୁଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ବଙ୍ଗଳାଭାଷୀ ଭୋଟରମାନେ ଜାଣିବା ଉଚିତ୍ ଯେ, କଂଗ୍ରେସ ହିଁ ୧୯୭୧ ମସିହା ଯୁଦ୍ଧ ସମୟରେ ବଙ୍ଗଳା ଛାଡିଥିବା ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେଇଛି। ଏଣୁ କୌଣସି ପରିସ୍ଥିତିରେ ସେ ସମୟର ଶରଣାର୍ଥୀମାନଙ୍କୁ ଦେଶାନ୍ତର କରିବାକୁ ଦେବ ନାହିଁ ବୋଲି ଏକ ଖବରଦାତା ସମ୍ମିଳନୀ କରି କହିଛି କଂଗ୍ରେସ।

ଶୁକ୍ରବାର ମାର୍ଶାଘାଇ ବ୍ଲକର ଶିଳିପୁରସ୍ଥିତ କାର୍ଯ୍ୟାଳୟରେ ମହାକାଳପଡା ବିଧାନସଭା ପ୍ରାର୍ଥୀ ବିଭ୍ରାଂଶୁ ଶେଖର ଲେଙ୍କା, କେନ୍ଦ୍ରାପଡା ଲୋକ ସଭା ପ୍ରାର୍ଥୀ ଧରଣୀଧର ନାୟକ,ରାଜ୍ୟ କଂଗ୍ରେସ ସାଧାରଣ ସଂପାଦକ ତଥା ମୁଖପାତ୍ର ଇଂ ଜ୍ଞାନଦେବ ବେଉରା ଖବରଦାତା ସମ୍ମିଳନୀ କରି ଉଭୟ ଭାଜପା ଓ ବିଜେଡିଙ୍କୁ ଦୋଷାରୋପ କରିଥିଲେ।



ମାର୍ଶାଘାଇ ବ୍ଲକର ଶିଳିପୁରସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀ।

୨୦୦୫ ମସିହା ଫେବୃୟାରୀ ୨୨ ତାରିଖରେ ୧୫୫୧ ଜଣ ବଙ୍ଗଳାଭାଷୀଙ୍କୁ ଦେଶାନ୍ତର ହେବା ପାଇଁ ଜିଲା ପ୍ରଶାସନ ତାଲିକା ଦେଇଥିଲା। ମାତ୍ର ସେହି ତାଲିକା ତ୍ରୁଟିପୂର୍ଣ୍ଣ ଥିବାରୁ ଏ ପର୍ଯ୍ୟନ୍ତ କୋର୍ଟରେ ବିଚାରାଧୀନ ରହିଛି। ସେହି ତାଲିକା ବ୍ୟତୀତ ଦୀର୍ଘ ୧୫ ବର୍ଷ ପରେ ମଧ୍ୟ ପ୍ରଶାସନ ଆଉ କୌଣସି ତାଲିକା ଦେଇନାହିଁ । ସେହି ତାଲିକାକୁ ଆଳ କରି ଭାଜପା ଅନୁପ୍ରବେଶକାରୀ ହୁସିଆର ବୋଲି ଧମକ ଦେଇ ଯେଉଁ ହୀନ ଉଦ୍ୟମ କରିଛି ତାହାକୁ ନିନ୍ଦା କରାଯାଇଥିଲା। ଅପରପକ୍ଷରେ କଂଗ୍ରେସ କ୍ଷମତାକୁ ଆସିଲେ ଗରିବ ପରିବାରଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବା ଠାରୁ ଆରମ୍ଭ କରି ଶିକ୍ଷା,ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବ ବୋଲି କହିଥିଲେ। ଏମପି ହୋଇ କେନ୍ଦ୍ରାପଡାକୁ ଗୁଡଗାଁଓ କରିବାର ସ୍ୱପ୍ନ ଦେଖାଇଥିବା ବୈଜୟନ୍ତ ପଣ୍ଡା ଏବେ ପଟ୍ଟ ପରିବର୍ତ୍ତନ କରି କେନ୍ଦ୍ରାପଡାବାସୀଙ୍କୁ ଭୁଆଁ ବୁଲାଉଥିବା ବେଳେ ବିଜେଡି କେନ୍ଦ୍ରାପଡା ବାହାରୁ ଜଣେ ଅଭିନେତାଙ୍କୁ ଆଣି ପ୍ରାର୍ଥୀ କରିଛି । କେନ୍ଦ୍ରାପଡାବାସୀ ଏହାର ଉଚିତ୍ ଜବାବ ଦେବେ ବୋଲି ମାଟିର ପୁଅ ତଥା କଂଗ୍ରେସର ଏମପି ପ୍ରାର୍ଥୀ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ କହିଥିଲେ। କଂଗ୍ରେସ ସର୍ବଦା ଗରିବ ଲୋକଙ୍କ ସହିତ ରହିଛି ବୋଲି ବିଧାୟକ ପ୍ରାର୍ଥୀ ବିଭ୍ରାଂଶୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ,ମହାକାଳପଡା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ କର, ଗୌରାଙ୍ଗ ଜେନା, ବୈବମନୁ ବେଉରା,ବିଭିନ୍ନ ଜୋନ ସଭାପତି ସୁକୁମାର ମଣ୍ଡଳ, ଅକ୍ଷୟ ବେଉରା, କବିନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।




**AUTHORISED DISTRIBUTORS:** **UTKAL ENTERPRISES** - BHUBANESWAR - 7978225085, **RAJDHANI ELECTRONICS** - BHUBANESWAR - 9938316244, **EXCELLENT ENGICON PVT LTD.** - JAJPUR ROAD - 9438866545, **KRISHNA ENTERPRISES** - CUTTACK - 9437012843, **SHANKAR ELECTRONICS (SHA)** - JAJPUR ROAD - 7978019038.
**DEALERS:** **DEVRAJ ELECTRONICS** - JAJPUR TOWN - 9040626315, **JAGANNATH ELECTRONICS** - SINGPUR - 9937464564, **SAHOO ELECTRONICS** - THAKURMUNDA - 9556302825, **MAHARATHI ELECTRONICS** - BHUBANESWAR - 8249516652, **RAJ ELECTRONICS** - BHUBANESWAR - 9090045595, **KALNGA DISTRIBUTOR** - BHUBANESWAR - 9937894427, **UTKAL SALES** - BHUBANESWAR - 9437353892, **EURO FRESH INDIA** - NAYAGARH - 9437030826, **PLAZMA VISION** - BHUBANESWAR - 9937071298, **ASM WESTERN ODISHA- ARABINDA**- 7381541721, **ASM COSTAL ODISHA- SANTOSH**- 7381054899.

## ସଂକ୍ଷେପରେ



### ତ୍ରିଶାଖା ଗୁରୁକୁଳର ବାର୍ଷିକ ଉତ୍ସବ

ରାହାମା,୧୯।୪(ଡି.ଏନ୍.ଏ): କୁଜଙ୍ଗ ବ୍ଲକ ପଙ୍କପାଳ ଠାରେ ଥିବା ତ୍ରିଶାଖା ଗୁରୁକୁଳର ୯ମ ବାର୍ଷିକ ଉତ୍ସବ ସାଉଁଟାଫୁଲ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମୁଖ୍ୟ ଅତିଥି ପୂଜ୍ୟ ପୂଜକ ବାବା ବଳିଆ ଉଦ୍‌ଘାଟନ କରିଥିଲେ। ତ୍ରିଶାଖା ଗୁରୁକୁଳର ପ୍ରତିଷ୍ଠାତା ଅରୁଣ କୁମାର ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟବକ୍ତା, ସାମାଜିକ କର୍ମୀ ସୁନାକର ବେହେରା, ଖବରଦାତା ଶ୍ରୀ ବଲ୍ଲଭ କର, ଆଇନଜୀବୀ ପ୍ରଶାନ୍ତ କୁମାର ଦାସ, ତ୍ରିଶାଖା ଗୁରୁକୁଳର ଅଧ୍ୟକ୍ଷ ବିକ୍ରମ କେଶରି ସାହୁ ଓ ଚନ୍ଦ୍ରକାନ୍ତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୁନିପିଲାମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଓ ଏକକ ଅଭିନୟ ଅତିଥିଙ୍କୁ ବିମୋହିତ କରିଥିଲା। ଶିକ୍ଷୟିତ୍ରୀ ସୁମିତ୍ରା ମଲ୍ଲ ବାର୍ଷିକ ବିବରଣୀ ପାଠ କରିଥିଲେ।

■ ନିର୍ବାଚନକୁ ପ୍ରଭାବିତ କରିବା ଆଶଙ୍କା

# ବଦଳିଲା ଟିଟୋଙ୍କ ଠିକଣା

ଭୁବନେଶ୍ୱର, ୧୯।୪(ବ୍ୟୁରୋ)/ କେନ୍ଦ୍ରାପଡା ଅଫିସ

ଆଗାମୀ ୨୯ ତାରିଖରେ କେନ୍ଦ୍ରାପଡ଼ାରେ ଚତୁର୍ଥ ପର୍ଯ୍ୟାୟ ମତଦାନ ହେବ। ଏଥିଲାଗି ପ୍ରାୟ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଏହି ନିର୍ବାଚନକୁ କେନ୍ଦ୍ରାପଡ଼ା ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସ୍‌ମାନ ଅଲି ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ଟିଟୋଙ୍କୁ ଶୁକ୍ରବାର କେନ୍ଦ୍ରାପଡ଼ା ଜେଲରୁ ଭୁବନେଶ୍ୱରର ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ଟିଟୋଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୁବନେଶ୍ୱର କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଝାରପଡ଼ା ଜେଲକୁ ନିଆଯାଇଛି। ତାଙ୍କୁ ଜେଲରେ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ତାଙ୍କ ସେଲ୍ ନିକଟରେ ଦୁଇଜଣ ସୁରକ୍ଷାକର୍ମୀ ସବୁ ସମୟରେ ଜଗି ରହିବେ ବୋଲି ଝାରପଡା ଜେଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

**କେନ୍ଦ୍ରାପଡ଼ାରୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର**



ଟିଟୋ କେନ୍ଦ୍ରାପଡ଼ାରୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର ହେବା ନେଇ ତାଙ୍କ ଓକିଲ ବନ ମହାନ୍ତି କହିଛନ୍ତି, କେଉଁ ଗ୍ରାଉଣ୍ଡରେ ତାଙ୍କୁ ସ୍ଥାନାନ୍ତର କରାଗଲା ତାହା ଜଣା ନ ଥିବା ବେଳେ କାଗଜରେ ଆଡମିନିଷ୍ଟ୍ରେଟିଭ କାରଣ ଦର୍ଶାଯାଇଛି। ଏଭଳି ସ୍ଥାନାନ୍ତର ରାଜ୍ୟ ସରକାର କରିପାରିବେ ବୋଲି ସେ କହିଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜେଲର ସରୋଜ କୁମାର ବିଶ୍ୱାଳ କହିଛନ୍ତି, ଜେଲ୍‌ରେ ଅଧିକ ସଂଖ୍ୟକ କଏଦୀ ରହୁଛନ୍ତି। ଏନେଇ ପୂର୍ବରୁ ଜେଲ ଅଧୀକ୍ଷକଙ୍କୁ ଜଣାଇ ଦିଆଯାଇଥିଲେ ସୁଦ୍ଧା ସ୍ଥାନାନ୍ତର ସମ୍ପର୍କରେ କୌଣସି ସୂଚନା ମିଳି ନ ଥିଲା। ଗୁରୁବାର ଜେଲ୍ ଅଧୀକ୍ଷକଙ୍କ ନିର୍ଦ୍ଦେଶନାମା ଆସିବା ପରେ ଟିଟୋଙ୍କୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଏସ୍‌ପି ପ୍ରଶାନ୍ତ ଭୋଇ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଆସନ୍ତା ୨୯ତାରିଖରେ ମତଦାନ ହେବ। ଚଳିତ ନିର୍ବାଚନ ଓ ଟିଟୋଙ୍କ ବିରୋଧରେ ଥିବା ଅପରାଧ ମାମଲାର ସାକ୍ଷୀଙ୍କୁ ସେ ପ୍ରଭାବିତ କରାଇବା ଆଶଙ୍କା ଥିବାରୁ ତାଙ୍କୁ କେନ୍ଦ୍ରାପଡାରୁ ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ଚିଠି ଲେଖାଯାଇଥିଲା। ଏହି ଚିଠି ଅନୁଯାୟୀ ତାଙ୍କୁ ଝାରପଡ଼ା ଜେଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ୨୦୧୮ ଜୁନ୍ ୩୦ରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଯାଜପୁର ଜିଲାର ଚଣ୍ଡିଖୋଲ ନିକଟରେ ଟିଟୋଙ୍କୁ ଏନ୍‌କାଉଣ୍ଟର କରିଥିଲା। ଟିଟୋଙ୍କୁ ପ୍ରଥମେ ବଡଚଣା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଟେଣ୍ଡର ଫିକ୍ସିଂ ମାମଲା, ଦାଦାବଟି ଆଦାୟ ଭଳି ସଙ୍ଗିନ ମାମଲା ଟିଟୋଙ୍କ ବିରୋଧରେ ରହିଥିଲା। ଏସ୍‌ଟିଏଫ୍ ଯାଞ୍ଚ କରିବା ପରେ ଟିଟୋଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା। ଏପରିକି ତାଙ୍କ ନାମରେ ଦୁଇଟି ପେଟ୍ରୋଲ ଟାଙ୍କି ରହିଥିଲା। କେଉଁ ପରିସ୍ଥିତିରେ ସେ ପେଟ୍ରୋଲ ଟାଙ୍କି କାରବାର ପାଇଁ ଅନୁମତି ପାଇଲେ ସେନେଇ ମଧ୍ୟ ସିବିଆଇ ତଦନ୍ତ କରିଥିଲା। ଏହାପରେ ପାରାଦୀପରେ ଟିଟୋଙ୍କର ୧୦ରୁ ଊର୍ଦ୍ଧ୍ୱ ଟ୍ରକ୍ ଜବତ କରାଯାଇଥିଲା। ଟିଟୋଙ୍କୁ ପଚରାଉଚରା କରାଯିବା ପରେ ତାଙ୍କ ଲିଙ୍କ୍‌ରେ ଥିବା ୧୮ଜଣ ସହଯୋଗୀଙ୍କୁ ଗିରଫ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଲା ନାରୀ,**
**ହେଲା ପାରି ।**

କନ୍ୟାଦାୟରୁ ମୁକ୍ତି। ଆଗେ ଝିଅକୁ ବୋଝ ବୋଲି ଧରୁଥିଲେ। ଝିଅଟି ଯାହାତାହା ହୋଇ ବାହାହୋଇଗଲେ ମୁଣ୍ଡରୁ ବୋଝ ଗଲା ବୋଲି ଭାବୁଥିଲେ। ପରନ୍ତୁ ସମାଜ ଆଖିରେ ପୁଅଝିଅ ଉଭୟ ସମାନ। ପ୍ରତ୍ୟେକ ଘର, ପରିବାର ତଥା ପିତାମାତା ପାଇଁ ପୁଅଟି ଯେତିକି ଆବଶ୍ୟକ, ଝିଅଟିଏ ବି ସେତିକି ଆବଶ୍ୟକ। ତେଣୁ ଝିଅ କେବେ ବୋଝ ନୁହେଁ ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ।

**ଦଇବ କି କଲା !**
**କୁଆ ବେକରେ ପୋହଳା ଦେଲା ।**

କୁଆ ଦେଖିବାକୁ କଳା। ପୋହଳା ଆଗରେ ତା'ର ରୂପବର୍ଣ୍ଣ ଫିକା। କୁଆ ବେକରେ ପୋହଳାମାଳା ଅନେକଙ୍କ ଆଖିରେ ଭ୍ରୂକୁଞ୍ଚନ ସୃଷ୍ଟି କରିବା ଭଳି କୃଷ୍ଣବର୍ଣ୍ଣ ବ୍ୟକ୍ତି ସହ ଗୌରବର୍ଣ୍ଣ ଯୁବତୀର ଯୋଡ଼ି ଚୟନ କରାଯିବା ପରିପ୍ରେକ୍ଷୀରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପିପିଏଲ ପକ୍ଷରୁ ଜଳ ଯୋଗାଣ

ପାରାଦୀପ,୧୯।୪(ସ୍ୱ.ପ୍ର.)

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ (ପିପିଏଲ) ପକ୍ଷରୁ ସ୍ଥାନୀୟ ୩ ପଞ୍ଚାୟତର ୫ଟି ଗ୍ରାମରେ ଏବେ ଦିନକୁ ୨ଥର ଜଳଯୋଗାଣ କରାଯାଉଛି। ଖରାଦିନେ ୫ ଗ୍ରାମ ରଇତସାହି, ବଗଦିଆ, ନୁଣ୍ଡୁକୁଆ, କୋଠି ଓ ବରେଇ ଗ୍ରାମର ୩୫୦ ପରିବାର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ୫ଟି ଟାଙ୍କି ପାଣି ଗାଡି ଯୋଗେ ଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଉଛି। ଏହି ଜଳସେବା ଆସନ୍ତା ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି।

■ ଯାଜପୁରରୋଡରେ ବ୍ରାଉନସୁଗାର କାରବାର

# ମହିଳାଙ୍କ ସମେତ ୨ ଅଭିଯୁକ୍ତ ଗିରଫ

ଯାଜପୁରରୋଡ,୧୯।୪(ନି.ପ୍ର.)

ବ୍ରାଉନସୁଗାର କାରବାର ଚଳାଇଥିବା ଜଣେ ମହିଳା ଓ ତାଙ୍କ ୨ ସହଯୋଗୀଙ୍କୁ ଯାଜପୁରରୋଡ ଥାନା ପୋଲିସ ଶୁକ୍ରବାର ପୂର୍ବାହ୍ନ ୯ଟାରେ ଗିରଫ କରିଛି। ଦୀର୍ଘଦିନ ହେଲା ଏହି ବ୍ୟବସାୟ ଚାଲି ଆସୁଥିଲେ ହେଁ ପୋଲିସକୁ ଶେଷରେ ସଫଳତା ମିଳିଛି। ୧୨୯ଟି ପୁଡିଆରେ ୧୩.୨୩୦ ଗ୍ରାମ ବ୍ରାଉନସୁଗାର ସହ ୮ଟି ମୋବାଇଲ, ୬୭,୭୭୦ ଟଙ୍କା ଜବତ କରିଛି ପୋଲିସ। ଏହି କାରବାରରେ ସମ୍ପୃକ୍ତ ଯାଜପୁରରୋଡ ସୁଇପରସାହିର ଗୀତା ରାଉତ, ଯାଜପୁରରୋଡ ପଦ୍ମପୁର ଅଞ୍ଚଳର ବିଜୟ ଦାସ ଓ ପାଣିକୋଇଲି ଥାନା ଛୋଟରାୟପୁର ଗ୍ରାମର ସନ୍ତୋଷ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଯାଜପୁରରୋଡ ଥାନାରେ ୨୧(ବି)/୨୯ ଏନଡିପିଏସ୍ ଧାରାରେ ଏକ ମାମଲା (ନଂ. ୧୦୫/୨୦୧୯) ରୁଜୁ ହୋଇଛି।



ପୋଲିସ ଅଧିକାରୀଙ୍କ ସହ ଗିରଫ ଅଭିଯୁକ୍ତମାନେ ।

ଯାଜପୁରରୋଡ ଏସଡିପିଓ କେଦାରନାଥ ସାହୁ ଖବରଦାତା ସମ୍ମିଳନୀରେ ଦେଇଥିବା ସୂଚନା ଅନୁସାରେ, ଶୁକ୍ରବାର ପୂର୍ବାହ୍ନରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସାଇମନ୍ଦିର ଲେଭଲ କ୍ରସିଂ ନିକଟରେ ଗୀତାଙ୍କୁ ଗିରଫ କରିଥିଲା। ତାଙ୍କୁ ତନଖି କରିବାରୁ ୧୨୯ଟି ପୁଡିଆରେ ବ୍ରାଉନସୁଗାର ସମେତ ସିଲଭର ଫୋଏଲ ପାଇପ ଓ ନଗଦ ୪,୫୦୦ ଟଙ୍କା ଜବତ ହୋଇଥିଲା। ଏହାପରେ ଏନ୍‌ସି ହାଇସ୍କୁଲ ପଡିଆ ନିକଟରେ ରହୁଥିବା ଗୀତାଙ୍କ ଅସ୍ଥାୟୀ ଘରକୁ ଯାଞ୍ଚ କରାଯାଇଥିଲା। ସେଠାରୁ ସେ ବନ୍ଧକ ରଖିଥିବା ୮ଟି ମୋବାଇଲ ଓ ୬୩,୨୭୦ ଟଙ୍କା ଜବତ ହୋଇଥିଲା। ଏସଡିପିଓ କେଦାରନାଥ ସାହୁ, ଥାନାଧିକାରୀ ଅନିଲ କୁମାର ମହାନ୍ତି, ଏସ୍‌ଆଇ ପବିତ୍ର ମହାରଣା ପ୍ରମୁଖ ଚଢାଉରେ ସାମିଲ ଥିଲେ। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସଡିପିଓ ସାହୁ ସୂଚନା ଦେଇଥିଲେ। ସୂଚନା ଥାଉକି, ବ୍ରାଉନସୁଗାର ବାଲେଶ୍ୱର ଓ ପଶ୍ଚିମବଙ୍ଗରୁ ଏଠାକୁ ଆସିଥିଲା। ଏହି କାରବାରରେ ଅନେକ ଯୁବକ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ବ୍ରାଉନସୁଗାର ପୁଡ଼ିଆ ଗୋଟା ୨୪୦ଟଙ୍କା ବିକ୍ରି କରୁଥିଲେ। ଏହି ବ୍ରାଉନସୁଗାରକୁ ଯାଜପୁରରୋଡ଼ର ବହୁ ଯୁବକ, ଛାତ୍ର କିଣି ଖାଉଥିବା ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ ଯାଜପୁରରୋଡ଼ ଷ୍ଟେଶନର ମାଲଗୋଦାମ ନିକଟରେ ବ୍ରାଉନସୁଗାର ଓ ଦେଶୀମଦ କାରବାର ଚାଲିଥିବା ନେଇ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶ ପାଇଛି । ଏହା ଉପରେ ଆରପିଏଫ ଓ ରେଲୱେ ପୋଲିସ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା କୁହାଯାଉଛି।

- ୧୩.୨୩୦ ଗ୍ରାମ୍ ବ୍ରାଉନସୁଗାର ଜବତ
- ୬୭,୭୭୦ ଟଙ୍କା, ୮ ମୋବାଇଲ ଜବତ
- ଏନ୍‌ସି ହାଇସ୍କୁଲ ଜମିରେ ଅସ୍ଥାୟୀ ଘରେ ଚାଲିଛି କାରବାର


## ମନେ ପଡ଼ନ୍ତି

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**
୨୦।୦୪।୨୦୧୯ (ଶନିବାର)



ସ୍ୱର୍ଗତ ଡା. କ୍ଷୀରୋଦ କୁମାର ରଥ
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍‌ବି.–୬୧, ଷ୍ଟେଜ୍–୪, ବିଡିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
ପତ୍ନୀ–ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
D-66435

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ହାଡ଼ିବନ୍ଧୁ ମିଶ୍ର
ବାଲିସାହି, ପୁରୀ
ନନା, ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବା ବର୍ଷେ ବିତିଛି। ଆପଣଙ୍କ ଅନୁପସ୍ଥିତି ଆମ୍ଭ ପରିବାରରେ ଯେଉଁ ଶୂନ୍ୟତା ସୃଷ୍ଟି କରିଛି ତାହା ଅପୂରଣୀୟ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହୋଇଯାଉ ଏତିକି କାମନା। ଆପଣଙ୍କ ଶୋକସନ୍ତପ୍ତ ପୁଅ ବୁବୁଲା, ଝିଅ ପପନି, କୁନା, ବୋହୂ ସେଲି, ଜ୍ୱାଇଁ ପପୁ, ନାତି ଗୁଡୁଲ୍, ନାତୁଣୀ ଲାଡ୍‌ଲି, ଓ ହତଭାଗା ପତ୍ନୀ ବାସନ୍ତୀ ।
ଧ–୧୨୨୩୨

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ରବୀନ୍ଦ୍ର କୁମାର ମହାପାତ୍ର
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୯।୦୧।୧୯୬୩
ତିରୋଧାନ: ୧୦।୦୪।୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁତ୍ର–ଆଦିତ୍ୟ, ଅରବିନ୍ଦ, ଜ୍ୱାଇଁ–ଦିପ୍ତାଂଶୁ କିରଣ କର, ଝିଅ–ଅରୁନ୍ଧତି, ବନ୍ଧୁ ଓ ବୈଦ୍ୟ ପରିବାରବର୍ଗ।
ଧ–୧୨୧୮୨


### କଂଗ୍ରେସ ପ୍ରଚାରକୁ ବଣିତୋରେ ବିରୋଧ

ରାହାମା,୧୯।୪(ଡି.ଏନ୍.ଏ.)

ପାରାଦୀପ ନିର୍ବାଚନମଣ୍ଡଳୀର ବଣିତୋ ପଞ୍ଚାୟତରେ କଂଗ୍ରେସ ପ୍ରାର୍ଥୀଙ୍କ ଶୋଭାଯାତ୍ରାକୁ ବିରୋଧ କରାଯାଇଥିବା ସୂଚନା ମିଳିଛି। ଗୁରୁବାର ସନ୍ଧ୍ୟାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ ନିଜର କର୍ମୀ ଓ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଯାଇ ଭୋଟ ଭୀକ୍ଷା କରୁଥିଲେ। ପଣ୍ଡୁଆ, ଗୋରଡ଼ ଆଦି ପଞ୍ଚାୟତ ପରିକ୍ରମା କରିବା ପରେ ବଣିତୋ ପଞ୍ଚାୟତରେ ପ୍ରଚାର କରାଯାଉଥିଲା। ଏହି ସମୟରେ କେତେକ ବ୍ୟକ୍ତି ସେମାନଙ୍କୁ ବିରୋଧ କରିଥିଲେ। ଏମିତିକି ଶୋଭାଯାତ୍ରାକୁ ଯାଉଥିବା କର୍ମୀମାନଙ୍କ ଉପରକୁ ଟେକା ମାଡ଼ ହୋଇଥିଲା। ଫଳରେ କଂଗ୍ରେସ ପ୍ରାର୍ଥୀ ଓ ତାଙ୍କ ସହିତ ପ୍ରଚାରରେ ଯାଇଥିବା ସମର୍ଥକମାନେ ବଣିତୋ ପଞ୍ଚାୟତରେ ପ୍ରଚାର କରି ନ ପାରି ଫେରି ଆସିଥିଲେ।

### ବଜରଙ୍ଗୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ନାଉଗାଁ,୧୯।୪(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଓଷକଣା ଗ୍ରାମରେ ବଜରଙ୍ଗୀ ସାଂସ୍କୃତିକ ପରିଷଦ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବଜରଙ୍ଗୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଳୁରାମ ଜେନା, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପରିଡ଼ା, ବିଚିତ୍ର କୁମାର ପଣ୍ଡା, ସୁକାନ୍ତ କୁମାର ଲେଙ୍କା, କବିୟିତ୍ରୀ କଳ୍ପନା କଳ୍ପଲତା ବିଶ୍ୱାଳ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଭୁତି ଭୂଷଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ଲଳିତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩–୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି। ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ‘କଳଙ୍କ’ରେ ଭୂମିକାକୁ ନେଇ ଖୁସି

**ମୁମ୍ବାଇ,୧୯।୪(ଆଇଏଏନ୍ଏସ୍)**

ଅଭିଷେକ୍ ବର୍ମନଙ୍କ ଚଳଚ୍ଚିତ୍ର ‘କଳଙ୍କ’ରେ ନିଜର ଭୂମିକାକୁ ନେଇ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଏଥିରେ ଅଭିନେତା ଆଦିତ୍ୟ ରୟ କପୁରଙ୍କ ବିରୋଧରେ ସତ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଏହି ଭୂମିକାକୁ ସମସ୍ତେ ପ୍ରଶଂସା କରୁଥିବାରୁ ସେ ବହୁତ ଖୁସି ବୋଲି ସୋନାକ୍ଷୀ କହିଛନ୍ତି। ଅଭିନୟରେ ତାଙ୍କୁ ଅଭିଷେକ ପୂର୍ଣ୍ଣ ସହଯୋଗ କରିଛନ୍ତି। ବୁଧବାର ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଦତ୍ତ, ମାଧୁରୀ ଦୀକ୍ଷିତ ନେନେ, ବରୁଣ ଧାୱନ ଏବଂ ଆଲିଆ ଭଟ୍ଟ ଅଭିନୟ କରିଛନ୍ତି।



# ବାପାଙ୍କୁ ବଞ୍ଚାଇବାକୁ ଯାଇ ପୁଅ ମୃତ

ଢେଙ୍କାନାଳ ଅଫିସ, ୧୯।୪–ଚାଳ ଛପର କରୁଥିବାବେଳେ ବିଦ୍ୟୁତ୍ ତାରରେ ଛନ୍ଦି ହୋଇଗଲେ ବାପା। ମୃତ୍ୟୁଫାଶରୁ ବାପାକୁ ବଞ୍ଚାଇବାକୁ ଯାଇଥିବାବେଳେ ମୃତ୍ୟୁ ଜାଲରେ ଛନ୍ଦି ହୋଇଗଲେ ପୁଅ। ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ଦଳିତ ସାହିରେ ଶୁକ୍ରବାର ଏପରି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଜିତେନ୍ଦ୍ର ନାଏକ (୧୯)। ଗୁରୁତର ଅବସ୍ଥାରେ ବାପା ଯୋଗୀନାଥ ନାଏକଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ୪ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ସୁନ୍ଦରଗଡ଼ରୁ ଭୁବନେଶ୍ୱର ଯାଉଥିବା ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରାୟ ୩ଘଣ୍ଟା ଧରି ଅଟକି ରହିଥିଲେ।

# କୋଲକାତା ଚାଲିଯିବ ଟାଟା ସ୍ପଞ୍ଜ କର୍ପୋରେଟ ଅଫିସ

**କୋଲକାତା / କେନ୍ଦୁଝର(ସ୍ୱ.ପ୍ର), ୧୯।୪**

ଟାଟା ଷ୍ଟିଲ୍‌ର ଏକ ସହଯୋଗୀ କମ୍ପାନୀ ଟାଟା ସ୍ପଞ୍ଜ ଆଇରନ ଲିମିଟେଡ ଏହାର କର୍ପୋରେଟ ଅଫିସ୍‌କୁ କୋଲକାତାକୁ ସ୍ଥାନାନ୍ତର ଲାଗି ନିଷ୍ପତ୍ତି ନେଇଛି। ସିଙ୍ଗୁର ବିବାଦ ପରେ ଟାଟା ଗ୍ରୁପ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବିଶେଷ ଗୁରୁତ୍ୱ ବହନ କରୁଛି। ଏଥିସହିତ କମ୍ପାନୀର ନାମ ପରିବର୍ତ୍ତନ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଟାଟା ସ୍ପଞ୍ଜର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଗୁରୁବାର ବୈଠକରେ ବସି କର୍ପୋରେଟ ଅଫିସ କୋଲକାତାକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଛନ୍ତି। ଯୋଡାରେ କାରଖାନା ଚାଲିବା ପାଇଁ କେବଳ ଏକ ଅଫିସ ରହିବ। ଏହାଛଡ଼ା ଟାଟା ସ୍ପଞ୍ଜ ଆଇରନ ଲିମିଟେଡକୁ ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟ ଲିମିଟେଡ ଭାବେ ନାମିତ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ତେବେ ନିୟାମକ ଓ ଶେୟାରଧାରୀଙ୍କ ଠାରୁ ଏଥିପାଇଁ ଅନୁମତି ନେବାକୁ ପଡିବ। ସେଠାରେ ମଧ୍ୟ କମ୍ପାନୀର କାରଖାନା ରହିଛି। କାରଖାନାର ବାର୍ଷିକ ସ୍ପଞ୍ଜ ଆଇରନ ଉତ୍ପାଦନ କ୍ଷମତା ୩ ଲକ୍ଷ ୯୦ ହଜାର ଟନ ରହିଥିବା ବେଳେ ୨୬ ମେଗାୱାଟ ୱେଷ୍ଟ ହିଟ୍ ରିକଭରୀ ପାୱାର ପ୍ଲାଣ୍ଟ ରହିଛି। ୨୦୧୮ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଟାଟା ସ୍ପଞ୍ଜର ୧,୦୪୯.୭୦ କୋଟି ଟଙ୍କାର ରାଜସ୍ୱ ଆୟ ହୋଇଛି। ଟାଟା ଷ୍ଟିଲ୍ ଏବଂ ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ ଅଫ୍ ଓଡ଼ିଶା ଲିମିଟେଡ(ଇପିକଲ) ସହ ଯୌଥ ଉଦ୍ୟୋଗରେ ଏହି କମ୍ପାନୀ ୧୯୮୨ରେ ପ୍ରତିଷ୍ଠା ହୋଇଥିଲା। ଏହାପରେ ୧୯୯୧ରେ ଟାଟା ଷ୍ଟିଲ୍ ଇପିକଲ୍‌ର ସମସ୍ତ ଅଂଶଧନକୁ କିଣି ନେବା ପରେ ଟାଟା ସ୍ପଞ୍ଜ ସମ୍ପୂର୍ଣ୍ଣ ଭାବେ ଟାଟା ଷ୍ଟିଲ୍‌ର ଏକ ସହଯୋଗୀ କମ୍ପାନୀ ହୋଇଥିଲା। ଚଳିତ ବର୍ଷ ଆରମ୍ଭରେ କମ୍ପାନୀ ନିଜ କୌଶଳରେ ପରିବର୍ତ୍ତନ ଆଣି ଓଡ଼ିଶା ବାହାରେ ନିଜର ପାଦ ଥାପିବାକୁ ନିଷ୍ପତ୍ତି ନେଇ ଉଷା ମାର୍ଟିନ ଲିମିଟେଡର ଷ୍ଟିଲ୍ ଡିଭିଜନକୁ କିଣିଥିଲା। ଟାଟା ଷ୍ଟିଲ୍‌ଠାରୁ ଆର୍ଥିକ ସହାୟତା ନେଇ କମ୍ପାନୀ ଉଷା ମାର୍ଟିନର ଜାମସେଦପୁର ୟୁନିଟ, ଗୋଟିଏ ଲୁହା ଖଣି, କୋଇଲା ଖଣି ଓ ଗୋଟିଏ କ୍ୟାପଟିଭ ପାୱାର ପ୍ଲାଣ୍ଟ ଓ କିଛି ଜମିକୁ ୪୦୯୦ କୋଟି ଟଙ୍କାରେ କିଣି ନେଇଥିଲା। କୋଲକାତାକୁ କର୍ପୋରେଟ କର୍ପୋରେଟ ଅଫିସ ସ୍ଥାନାନ୍ତର ସମ୍ପର୍କରେ ପ୍ରଶ୍ନ ହେବାରୁ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କମ୍ପାନୀ କେବଳ ଓଡ଼ିଶା ଓ ସ୍ପଞ୍ଜ ଆଇରନ ମଧ୍ୟରେ ସୀମିତ ନ ରହି ନିଜକୁ ଏକ ବଡ଼ ଖେଳାଳି ଭାବେ ଉପସ୍ଥାପନ କରିବାକୁ ଉଦ୍ୟମ କରୁଛି। ଟାଟା ସ୍ପଞ୍ଜର ସମସ୍ତ ମ୍ୟାନେଜମେଣ୍ଟ କଲିକାତାରୁ ନିଜର କାର୍ଯ୍ୟ ପରିଚାଳନା କରିବେ। ତେବେ ଓଡ଼ିଶାରୁ ଟାଟା ସ୍ପଞ୍ଜର କର୍ପୋରେଟ ଅଫିସ ଚାଲିଯିବା ରାଜ୍ୟ ପାଇଁ ଏକ ଶକ୍ତ ଝଟକା ସଦୃଶ। କେଉଁ କାରଣରୁ ଏହା ଓଡ଼ିଶା ଛାଡିଲା ତାହା ରାଜ୍ୟବାସୀ ଜାଣିବା ଆବଶ୍ୟକ। ଏହାକୁ ରୋକିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହୋଇଛି କି ନା ଜଣାପଡିନାହିଁ। ତେବେ ଏନେଇ ଟାଟା କମ୍ପାନୀର ଓଡ଼ିଶା ମୁଖ୍ୟ ସୌମିତ୍ର ପଟ୍ଟନାୟକଙ୍କୁ ପଚରାଯିବାରୁ ସେଭଳି କିଛି ସୂଚନା ତାଙ୍କ ପାଖରେ ନାହିଁ ବୋଲି କହିଛନ୍ତି। ଟାଟା ସ୍ପଞ୍ଜ ଏକ ସ୍ୱତନ୍ତ୍ର ସଂସ୍ଥା ହୋଇଥିବାରୁ ତାହାର ତଥ୍ୟ କାରଖାନା କର୍ତ୍ତୃପକ୍ଷ ଦେଇପାରିବେ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଟାଟା ସ୍ପଞ୍ଜ ଆଇରନ ଲିମିଟେଡ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ବୋର୍ଡ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛି।




# କେସିଆଇର ଅଲ୍ ବ୍ରିଡ୍ ଜଜ୍ ଭାବେ ଓଡ଼ିଶାର ସଞ୍ଜିତ କୁମାର ମନୋନୀତ

**ଭୁବନେଶ୍ୱର,୧୯।୪(ବ୍ୟୁରୋ)**



କେନେଲ କ୍ଲବ ଅଫ୍ ଇଣ୍ଡିଆ(କେସିଆଇ)ର ଅଲ୍ ବ୍ରିଡ୍ ଜଜ୍ ଭାବେ ଓଡ଼ିଶାର ସଞ୍ଜିତ କୁମାର ମହାନ୍ତି ମନୋନୀତ ହୋଇଛନ୍ତି। ସେ ପ୍ରଥମ ଓଡ଼ିଆ ଭାବେ କେସିଆଇର ଅଲ୍ ବ୍ରିଡ୍ ଜଜ୍ ହୋଇଛନ୍ତି। ଅନ୍ତଃରାଷ୍ଟ୍ରୀୟ ଜଜ୍ ସଞ୍ଜିତ ଜର୍ମାନ ସେଫର୍ଡ ଡଗ୍ ସ୍ପେଶାଲିଟି ଜଜ୍ ଭାବେ ପରିଚିତ। ସେ ଜର୍ମାନ ସେଫର୍ଡ ଡଗ୍ କନ୍‌ଫେଡେରେଶନ(ଇଣ୍ଡିଆ)ର ସଭାପତି ଅଛନ୍ତି। ପୂର୍ବରୁ କେସିଆଇର କେବଳ ଜର୍ମାନ ସେଫର୍ଡ ଜଜ୍ ଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କୁ ଅଲ୍ ବ୍ରିଡ୍ ଜଜ୍ ଭାବେ ଚୟନ କରାଯାଇଛି। ଭାରତ ଛଡ଼ା ବିଭିନ୍ନ ଜାଗାରେ ଜର୍ମାନ ସେଫର୍ଡ ଜଜ୍ ଭାବେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ ଟରଣ୍ଟୋରେ ରହୁଛନ୍ତି। ସଞ୍ଜିତ ଓଡ଼ିଶା କେନେଲ କ୍ଲବ(ଓକେସି)ର ମଧ୍ୟ ୧୫ରୁ ଊର୍ଦ୍ଧ୍ୱ ବର୍ଷ ହେବ ସଦସ୍ୟ ରହିଛନ୍ତି। କେସିଆଇର ଅଲ୍ ବ୍ରିଡ୍ ଜଜ୍ ଭାବେ ଚୟନ ହେବା ପରେ ଓକେସି ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଯୁବକ ଗିରଫ

**ଧର୍ମଶାଳା,୧୯।୪(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ଏକ ମହାବିଦ୍ୟାଳୟର ଛାତ୍ରୀଙ୍କୁ ପ୍ରେମ ନିବେଦନ ଓ ଦୁର୍ବ୍ୟବହାର କରିବା ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ଯାଜପୁର ସଦର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ସତ୍ୟସ୍ୱରୂପ ନାୟକ(୨୨)। ଛାତ୍ରୀ ଜଣଙ୍କ କଲେଜ ଯିବା ବାଟରେ ସତ୍ୟସ୍ୱରୁପ ଅଟକାଇ ପ୍ରେମ ନିବେଦନ କରିଥିଲେ। ଏଥିରେ ଛାତ୍ରୀ ଜଣଙ୍କ ରାଜି ନ ହେବାରୁ ସେ ଦୁର୍ବ୍ୟବହାର କରିଥିବା ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୮୭/୧୯) ରୁଜୁକରି ସତ୍ୟସ୍ୱରୁପଙ୍କୁ ଗିରଫ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ଜନମତ ସଂଗ୍ରହ କରୁଛନ୍ତି ଶର୍ମିଷ୍ଠା

**ବିଞ୍ଝାରପୁର,୧୯।୪(ଡି.ଏନ୍.ଏ):** ଯାଜପୁର ଲୋକ ସଭା ଆସନ ପାଇଁ ରାଜନୈତିକ ଦଳ ପ୍ରାର୍ଥୀ ପ୍ରଚାର ପ୍ରସାରକୁ ଜୋରଦାର କରୁଛନ୍ତି। ନିର୍ବାଚନମଣ୍ଡଳୀର ସମସ୍ତ ଗ୍ରାମରେ ବୁଲି ନିଜ ସପକ୍ଷରେ ଜନମତ ସଂଗ୍ରହ କରୁଛନ୍ତି । ଏହି କ୍ରମରେ ଶୁକ୍ରବାର ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡି ଏମ୍‌ପି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ଦଳୀୟ ନେତା,ସଙ୍ଗଠକ ଓ କର୍ମୀଙ୍କ ଗହଣରେ ଘରଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ, ମହିଳା ନେତ୍ରୀ ଅହଲ୍ୟା ସ୍ୱାଇଁ. ସ୍ୱର୍ଣଲତା ସାମଲ, ହେମେନ୍ଦ୍ର ସାମଲ, କାମଦେବ ଧଳ, ଦର୍ପନାରାୟଣ ସ୍ୱାଇଁଙ୍କ ସମେତ ସାଣନ୍ଦା, ଅରେଇ, ଚିକଣା, ଘଣ୍ଟିଆଳି ପଞ୍ଚାୟତର ବହୁ କର୍ମୀ ସାମିଲ ହୋଇଥିଲେ।

### ଚିତାଲୋ ମହାବିଦ୍ୟାଳୟ ପକ୍ଷରୁ ଜଳଛତ୍ର



**ଯାଜପୁର ଟାଉନ,୧୯।୪ (ଡି.ଏନ୍.ଏ.):** ଯାଜପୁର ସହର ନିକଟସ୍ଥ ଚିତାଲୋ ମହାବିଦ୍ୟାଳୟର ଏନ୍.ସି.ସି ପ୍ରୋଗ୍ରାମ ଅଫିସର ଲୋକନାଥ ମହାପାତ୍ର ଓ ଚିତାଲୋ ମହାବିଦ୍ୟାଳୟର ପ୍ରତିଷ୍ଠାତା ବଦ୍ରି ନାରାୟଣ ରାୟଙ୍କ ନେତୃତ୍ୱରେ ଶୁକ୍ରବାର ବିରଜା ମନ୍ଦିର ପ୍ରାଙ୍ଗଣରେ ଜଳଛତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ଚିତାଲୋ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଏବଂ ଏନ୍‌ସିସି କ୍ୟାମ୍ପର ବାଳିକାବାଳକ ଉପସ୍ଥିତ ରହି ସମସ୍ତ ସର୍ବସାଧାରଣଙ୍କୁ ଦହି ପାଣି ଏବଂ ବେଲପଣା ଦେଇଥିଲେ। ବିରଜା ମନ୍ଦିରର ପୂଜକ ଦେବୀ ପ୍ରସାଦ ପାଣି, ହରିହର ସ୍ୱାଇଁ, ଭରତ ନାୟକ ଓ କଲେଜର ଅଧାପିକା ଶୁଚିସ୍ମିତା ମହାନ୍ତି, ତେଜସ୍ୱିତା ଜେନା, ବିଭୂତି ଭୂଷଣ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଭୋଟ ବ୍ୟାଙ୍କ ଉପରେ ପ୍ରାର୍ଥୀଙ୍କ ନଜର

**ଯାଜପୁର ଅଫିସ,୧୯।୪**

ଚଳିତ ନିର୍ବାଚନରେ ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ବିଧାନସଭା ଆସନ ଉପରେ ସମସ୍ତଙ୍କ ନଜର। ଭୋଟଦାନ ଦିନ ଯେତିକି ପାଖେଇ ଆସୁଛି ନିର୍ବାଚନ ଫଳାଫଳ କ'ଣ ହେବ ତାହାକୁ ନେଇ ଭୋଟର ଓ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ୧,୯୬,୨୫୮ ଭୋଟର ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀରେ ତାଙ୍କ ମତଦାନ ସାବ୍ୟସ୍ତ କରିବେ। ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ସ୍ପଷ୍ଟ ହୋଇଥିବାବେଳେ ଅଭିଜ୍ଞ ରାଜନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇଙ୍କୁ ବିଜେଡିକୁ ଫେରାଇ ଆଣିବା ଯୋଗୁ ଦଳ ଏବେ ସୁବିଧାଜନକ ସ୍ଥିତିରେ ପହଞ୍ଚିଛି। ତେବେ ଚଳିତ ନିର୍ବାଚନରେ ନୂଆ ଭୋଟରଙ୍କ ଉପସ୍ଥିତି କାରଣରୁ ଅଳ୍ପ ଭୋଟ ବ୍ୟବଧାନରେ ହାରଜିତ ହେବାର ସମ୍ଭାବନା ରହିଛି। ଏଠାରେ ଭୋଟ ବ୍ୟାଙ୍କ ଉପରେ ସବୁ ପ୍ରାର୍ଥୀ ନିର୍ଭର କରୁଥିବା ଦେଖିବାକୁ ମିଳିଛି।

ବିଗତ ୩୦ବର୍ଷ ହେଲା ସୁକିନ୍ଦା ନିର୍ବାଚନମଣ୍ଡଳୀ ଜନତା ଦଳ ଓ ପରେ ବିଜେଡି କବଜାରେ ରହିଆସିଛି। ବିଧାୟକ ପ୍ରୀତିରଞ୍ଜନ ଘଡେଇ(ଡାନି) ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। ୨୦୧୪ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ଶରତ ରାଉତଙ୍କଠାରୁ ମାତ୍ର ୪,୭୦୪ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଡାନି ୫୮,୧୨୨ ଓ ଶରତ ୫୩,୪୧୮ ଭୋଟ ପାଇଥିଲେ। ତେବେ ଚଳିତ ନିର୍ବାଚନରେ ରାଜନୈତିକ ପାଣିପାଗ ସମ୍ପୂର୍ଣ୍ଣ ବଦଳି ଯାଇଛି। କଂଗ୍ରେସର ବହୁ ଛାମୁଆ ନେତା ଦଳ ଛାଡି ବିଜେଡିରେ ଯୋଗଦେଇ ଜୋରସୋର ପ୍ରଚାର ଚଳାଇଛନ୍ତି। ଏଥିରେ ପୂର୍ବତନ ସୁକିନ୍ଦା ବ୍ଲକ ସଭାପତି ଅମଳେନ୍ଦୁ ବେହୁରା, ବାରଗାଡିଆରୁ ବ୍ରଜକିଶୋର ଦେଓ, ଗଜେନ୍ଦ୍ର ଦେଓ, ନଡିଆଭଙ୍ଗାରୁ ଜ୍ୟୋତିପ୍ରକାଶ ସାହୁ, ଧୂଳିଗଡରୁ ରୁଦ୍ର ମହାନ୍ତି, ପବିତ୍ର ଜେନାମଣି, ଦେଉଳିକଣାରୁ ପବିତ୍ର ମହାପାତ୍ର, ଯଖପୁରାରୁ ଦିଲୀପ ନାୟକ, କିମ୍ବିରିଗଡିଆରୁ ମଧୁ ଦଳେଇ, ମନମୋହନ ସାମଲ, ଚିଙ୍ଗିରିରୁ ରବି ବାରିକ, ମାନ୍ତିରାରୁ କ୍ରିଷ୍ଣା ପ୍ରଧାନ ପ୍ରମୁଖ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେବା ପରେ ପ୍ରଚାର ଚଳାଇଛନ୍ତି।

ଏହାବାଦ ବରିଷ୍ଠ ନେତା ପ୍ରଫୁଲ୍ଲ ଘଡ଼େଇ ଦଳକୁ ଫେରି ଆସିବା ପରେ ବିଜେଡି ଏବେ ଏକ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହୋଇଛି । ପ୍ରଫୁଲ୍ଲଙ୍କୁ ପୁଣି ରାଜ୍ୟ ଉପସଭାପତି ପଦବୀ ମିଳିଛି। ଜଣେ ସ୍ପଷ୍ଟବାଦୀ, ସାଧାରଣ ଜନତାଙ୍କୁ ଆକଟ କରି ସେମାନଙ୍କ ମନ ଜିଣିବା ସମେତ ରାଜନୀତିରେ ପୋଖତ ପ୍ରଫୁଲ୍ଲ ରାଜନୈତିକ ପାଣିପାଗକୁ ବଦଳାଇବାରେ ସିଦ୍ଧହସ୍ତ। ୧୯୯୦ରୁ ୨୦୧୪ ମଧ୍ୟରେ ସେ ଲଗାତାର ୫ଥର ବିଧାୟକ ଭାବେ ନିର୍ବାଚିତ ହୋଇ ଅନେକ ମନ୍ତ୍ରୀପଦ ପାଇଥିଲେ। ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମେତ ନଗଡାର ବିକାଶ, ଡିଏମ୍‌ଏଫ ପାଣ୍ଠିର ସଦବିନିଯୋଗ ଆଦି ପ୍ରସଙ୍ଗକୁ ପାଥେୟ କରି ବିଜେଡି ଏବେ ବହୁ ଆଗରେ ରହିଛି ବୋଲି ଦଳୀୟ କର୍ମୀମାନେ ଦାବି କରୁଛନ୍ତି।

କଂଗ୍ରେସ ଦଳରୁ ଶରତ ରାଉତ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ପାଖରେ କର୍ମୀଙ୍କ ଅଭାବ ପରିଲକ୍ଷିତ ହୋଇଛି। ତଥାପି କଂଗ୍ରେସର ଭୋଟ ବ୍ୟାଙ୍କ ଯେକୌଣସି ପରିସ୍ଥିତିରେ ବିପର୍ଯ୍ୟୟ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ୨୦୧୪ରେ ସ୍ୱାଧୀନ ଭାବେ ନିର୍ବାଚନ ଲଢିଥିବା ପ୍ରଦୀପ ବଳସାମନ୍ତ ଚଳିତ ନିର୍ବାଚନରେ ଭାଜପାରୁ ଲଢୁଛନ୍ତି। ଏଠାକାର ଭୋଟରଙ୍କ ନିକଟରେ ସେ ଚିହ୍ନା ମୁହଁ। ଚଳିତ ନିର୍ବାଚନରେ ସେ କଂଗ୍ରେସ ଭୋଟ ହାତେଇବା ଲକ୍ଷ୍ୟରେ ରହିଛନ୍ତି। ସେ ଏଠାରେ ପ୍ରାର୍ଥୀ ହେବା ପରେ ଦଳର ସ୍ଥିତିରେ କିଛିଟା ଉନ୍ନତି ହୋଇଛି। କେତେକଙ୍କୁ ଅନ୍ୟ ଦଳରୁ ଆଣି ଭାଜପାରେ ସାମିଲ କରିଛନ୍ତି। ଏହିସ୍ଥିତିରେ ନୂତଆ କର୍ମୀଙ୍କୁ ନେଇ ଦଳ ଏବେ ମଜଭୁତ ହେଉଛି ବୋଲି ଦଳୀୟ ଶିବିରରେ ଆଶାପୋଷଣ କରାଯାଇଛି । ତେବେ ବିଗତ ୫ ବର୍ଷ ମଧ୍ୟରେ ନେତା ବିହୁନେ ସୁକିନ୍ଦା ଭାଜପାରେ ସ୍ଥାଣୁ ଅବସ୍ଥା କର୍ମୀଙ୍କୁ ଅନ୍ୟଦଳ ମୁହାଁ କରାଇଛି। ବିଭିନ୍ନ ଅନିୟମିତତା ଓ ଲୋକଙ୍କ ସମସ୍ୟାକୁ ନେଇ ସ୍ୱର ଉଠାଇବା, ଆନ୍ଦୋଳନ କରି ନିଜ ସପକ୍ଷରେ ଜନମତ ସୃଷ୍ଟି କରିବାକୁ ଭାଜପା କେବେ ସକ୍ଷମ ହୋଇପାରିନାହିଁ। ଡାନି ସ୍ଥାନୀୟ ନିଯୁକ୍ତି ଉପରେ ବିଭିନ୍ନ କମ୍ପାନୀ ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିବାବେଳେ ବିରୋଧି ଭାଜପା ଓ କଂଗ୍ରେସ ସମ୍ପୂର୍ଣ୍ଣ ନୀରବ ରହିଥିଲେ। ଫଳରେ ଭୋଟରଙ୍କ ଆସ୍ଥାଭାଜନ ହେବାରେ ଭାଜପା ଓ କଂଗ୍ରେସ ବିଫଳ ହୋଇଛନ୍ତି। ଯାଜପୁର ଜିଲାରେ ଏହି ଆସନରେ ଚଳିତ ନିର୍ବାଚନରେ ୧୧ଜଣ ମଇଦାନରେ ରହିଛନ୍ତି। ଆସନ୍ତା ୨୯ରେ ଭୋଟରମାନେ ସେମାନଙ୍କ ମନ ପସନ୍ଦର ପ୍ରାର୍ଥୀଙ୍କୁ ସମର୍ଥନ କରିବା ସକାଶେ ମନ ସ୍ଥିର କରି ନେଇଛନ୍ତି। ତଥାପି ଭୋଟରଙ୍କ ମନ ଜିଣିବା ପାଇଁ ସମସ୍ତ ପ୍ରାର୍ଥୀଙ୍କ ପକ୍ଷରୁ ଆପ୍ରାଣ ଉଦ୍ୟମ ଚାଲିଛି ।

**ସୁକିନ୍ଦା ନିର୍ବାଚନମଣ୍ଡଳୀ**




- ପ୍ରଫୁଲ୍ଲଙ୍କ ଫେରିବା ବିଜେଡିକୁ ଶକ୍ତିଶାଳୀ କରିଛି
- ନୂଆ କର୍ମୀଙ୍କୁ ନେଇ ଭାଜପା ଆଶାବାଦୀ
- ଛାମୁଆ ନେତାଙ୍କୁ ନେଇ ଦୁର୍ବଳ ସ୍ଥିତିରେ କଂଗ୍ରେସ

### ମଦ, ବାଇକ ଜବତ: ବ୍ୟବସାୟୀ ଫେରାର

**ରସୁଲପୁର,୧୯।୪(ଡିଏନଏ)**

ନିର୍ବାଚନ ଆଗରୁ ମଦ ଗାଁ ମୁହାଁ ହୋଇଛି । ଭୋଟଗ୍ରହଣ ଦିନ ଯେତେ ପାଖେଇ ଆସିବ ମଦ ଚାହିଦା ଓ ଦାମ ମଧ୍ୟ ଆକାଶ ଛୁଆଁ ହୋଇଯିବ। ତେଣୁ ବିଭିନ୍ନ ସ୍ଥାନରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରୁ ମଦ ଆଣି ବ୍ୟବସାୟୀମାନେ ଲୁକ୍‌କାୟିତ ସ୍ଥାନରେ ଗଚ୍ଛିତ ରଖୁଛନ୍ତି। ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ ଶୁକ୍ରବାର ସନ୍ଧ୍ୟାରେ କୁଆଖିଆ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଶ୍ରୀବନ୍ତପୁର ନିକଟରୁ ଏକ ବାଇକ୍‌ରେ ବୋଝେଇ ହୋଇଆସୁଥିବା ୨୧ ଲିଟର ବିଦେଶୀ ମଦ ସହ ବାଇକ୍‌କୁ ପୋଲିସ ଜବତ କରିଛି । ଚୋରା ବ୍ୟବସାୟୀ ଓ ତାଙ୍କ ସାଥି ଏକ ବ୍ୟାଗରେ ବିଦେଶୀ ମଦ ଯାଜପୁର ରୋଡରୁ ଆଣି ଯୋକଡିଆ ଆଡକୁ ଆସୁଥିବା ବେଳେ ପୋଲିସ ଗାଡ଼ି ଦେଖି ସେମାନେ ବାଇକ୍ ଓ ମଦ ଛାଡ଼ି ଫେରାର ହୋଇଯାଇଥିଲେ। ପୋଲସ ମଦ ଓ ବାଇକ୍ ଜବତ କରି ଥାନାକୁ ଆଣିଥିଲା। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ-୧୦୨/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ■ ଖଣି ଅଞ୍ଚଳରେ ଜଳଯୋଗାଣ ପ୍ରହସନ

## ଟ୍ୟାଙ୍କର ଡ୍ରାଇଭରଙ୍କୁ ଅଟକ ରଖିଲେ ଗ୍ରାମବାସୀ

**କାଳିଆପାଣି, ୧୯।୪(ଡି.ଏନ୍.ଏ.)**

ଟାଟା କମ୍ପାନୀ ଖଣି ସଂଲଗ୍ନ ମାଙ୍କେଡ଼ିଆ ବସ୍ତିରେ ଗଭୀର ନଳକୂପ ଶୁଖିବାରେ ଲାଗିଛି। ଏଭଳିସ୍ଥିତିରେ ଖଣି କର୍ତ୍ତୃପକ୍ଷ ଗ୍ରାମରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରୁଛନ୍ତି। କିନ୍ତୁ ଅଧିକାଂଶ ସମୟରେ ଟ୍ୟାଙ୍କରରେ ଲୌହଯୁକ୍ତ ଗୋଳିଆ ପାଣି ବାହାରୁଛି। ଯାହାକି ପାନୀୟ ଉପଯୋଗୀ ହେଉ ନାହିଁ। ଫଳରେ ଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଶୁକ୍ରବାର ଗ୍ରାମର ମହିଳା ଓ ପୁରୁଷ ଟ୍ୟାଙ୍କର ଡ୍ରାଇଭରଙ୍କୁ କିଛି ସମୟ ଅଟକ ରଖି ତାଗିଦ୍ କରିଥିବା ଜଣାପଡିଛି।

ଟାଟା କମ୍ପାନୀ ଖଣି ସଂଲଗ୍ନ ମାଙ୍କେଡ଼ିଆ ବସ୍ତିରେ ବିଭିନ୍ନ ସମ୍ପ୍ରଦାୟର ୩ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ବସ୍ତିର ଉପର ମୁଣ୍ଡରେ ଏକ ନଳକୂପ ଓ ତଳ ମୁଣ୍ଡରେ ଏକ ନଳକୂପ ରହିଛି । ଗ୍ରୀଷ୍ମପ୍ରବାହ ଯୋଗୁ ଉକ୍ତ ନଳକୂପ ଦ୍ୱୟର ଜଳ ଗଭୀରକୁ ଚାଲିଯାଇଥିବାରୁ ବହୁ ସମୟରେ ୫ରୁ ୬ ଜଣ ଲୋକ ପାଣି ନେବା ପରେ ନଳକୂପରେ ଜଳ ଶୁଖିଯାଉଛି। ଏଭଳି ସମସ୍ୟା ନେଇ ୨୦୧୭ରେ ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ ମହାନ୍ତଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବାଲଟି, ଡ଼େକଚି, ଗରା ଧରି ଟାଟାଖଣି ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ କିଛିଦିନ ଟ୍ୟାଙ୍କରଯୋଗେ ଗ୍ରାମରେ ଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି। କିନ୍ତୁ ଯେଉଁ ଟ୍ୟାଙ୍କରରେ ଜଳ ଯୋଗାଣ କରାଯାଉଛି ତାହା ଅଧିକାଂଶ ସମୟରେ ବ୍ୟବହାର ଯୋଗ୍ୟ ହୋଇ ପାରୁ ନାହିଁ ବୋଲି ସନା ମାଙ୍କେଡ଼ିଆ, ଚେମୁ ମାଙ୍କେଡ଼ିଆ, ଡ଼ାନିଏଲ ମାଙ୍କେଡ଼ିଆ, ଧର୍ମେଧର ମାଙ୍କେଡ଼ିଆ, ମାଧ ମୁର୍ମୁ, ରବୀନ୍ଦ୍ର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ବହୁ ଥର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଭ୍ରୁକ୍ଷେପ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଦୁଇ ବର୍ଷ ହେବ ସ୍ଥାନୀୟ ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ମଧ୍ୟ ସ୍ଥାୟୀ ଜଳଯୋଗାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସମାଧାନ ହୋଇପାରି ନାହିଁ। ଏହାକୁ ନେଇ ବିଧାୟକଙ୍କ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି । ଆଗାମୀ ନିର୍ବାଚନରେ ଏହା ପ୍ରତିଫଳିତ ହେବ ବୋଲି ଅଭିଯୋଗକାରୀ ମାନେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ସରପଞ୍ଚ ବିଶ୍ୱଜିତ ମହାନ୍ତିଙ୍କ ମତାମତ ମିଳି ପାରି ନାହିଁ। କମ୍ପାନୀର ଟିଏସ୍‌ଆରଡିଏସ୍ ମୁଖ୍ୟ ରବୀନ କୁମାରଙ୍କୁ ଯୋଗାଯୋଗ କରିବାରୁ ଗ୍ରାମରେ ଟ୍ୟାଙ୍କରରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଥିବା କହିଥିଲେ। ତେବେ ଅଭିଯୋଗ ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି।



ଗ୍ରାମବାସୀ ଟ୍ୟାଙ୍କରରୁ ପାଣି ନେଉଛନ୍ତି।

### ମଦ ଜବତ, ଜଣେ ଗିରଫ

**ଧର୍ମଶାଳା,୧୯।୪(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ଚୋରମୁହାଁ ଗ୍ରାମର ବୈଜୟନ୍ତୀ ନାୟକଙ୍କୁ ଗୁରୁବାର ବେଆଇନ ମଦ କାରବାର ଅଭିଯୋଗରେ ପୋଲିସ ଗିରଫ କରିଛି। ଏଥିସହ ୧୧ଲିଟର ବିଦେଶୀ ମଦ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (୧୭୭/୧୯) ରୁଜୁକରି ବୈଜୟନ୍ତୀଙ୍କୁ ଶୁକ୍ରବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ସରୋଜ ସାହୁ ସୂଚନା ଦେଇଛନ୍ତି।

### ବିଏସ୍‌ପି ପ୍ରାର୍ଥୀଙ୍କ ନିଆରା ଭୋଟ ପ୍ରଚାର

**ବିଞ୍ଝାରପୁର,୧୯।୪(ଡି.ଏନ୍.ଏ)**

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହଲଦିଡିଆ, ବାଙ୍ଗରା, ଜରୀ ଆଦି ଗ୍ରାମ ପଞ୍ଚାୟତରେ ଶୁକ୍ରବାର ବିଏସ୍‌ପି ବିଧାୟିକା ପ୍ରାର୍ଥୀ ରଶ୍ମିତା ଜେନା ନିର୍ବାଚନ ପ୍ରଚାର କରିଛନ୍ତି । ଭୋଟ ଆମର ନେତା ଆମର ଏକ ସ୍ୱତନ୍ତ୍ର ସ୍ଲୋଗାନ ଦେଇ ଘରଘର ବୁଲି ସେ ଜନମତ ସାଉଁଟିବାକୁ ପ୍ରୟାସ କରିଛନ୍ତି। ଏଥିସହ ଏକ ପଥପ୍ରାନ୍ତ ସଭାରେ ବାବା ସାହେବ ଆମ୍ବେଡକରଙ୍କ ବିଚାରଧାରାକୁ ପାଥେୟ କରି ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ପଛୁଆବର୍ଗଙ୍କ ଉନ୍ନତି ଓ ବିକାଶ ପାଇଁ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଥିଲେ। ରମେଶ ଜେନା, ରବୀନ୍ଦ୍ର ମଲ୍ଲିକ, ମନୋଜ ଜେନା, ନାରଣ ଜେନା ସମେତ ବହୁ କର୍ମୀ ଉପସ୍ଥତ ଥିଲେ।

### କାଳିଆ ଯୋଜନାରେ ବିଜୁ ଯୁବବାହିନୀ ସଭାପତିଙ୍କ ଆବେଦନ

## ବାପାଙ୍କ ନାଁ ବଦଳରେ ଜେଜେଙ୍କ ନାମ ଉଲ୍ଲେଖକୁ ନେଇ ଚର୍ଚ୍ଚା

**ରସୁଲପୁର,୧୯।୪(ଡିଏନଏ)**

ରାଜ୍ୟ ସରକାରଙ୍କ ପକ୍ଷରୁ କୃଷକଙ୍କ ହିତରେ କାଳିଆ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଏହି ଯୋଜନା ବାଟବଣା ହୋଇଛି। ତାକୁ ଖୋଦ୍ ବିଜେଡି ଦଳର ଛାମୁଆ କର୍ମୀମାନେ ହାତେଇବା ପାଇଁ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି। ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଅମରେଶ ମହାନ୍ତି କାଳିଆ ଯୋଜନାରେ ଆବେଦନ କରିଥିଲେ। ସଭାପତି ମହାନ୍ତି କାଳିଆ ପାଇଁ ଆବେଦନ କରିଥିବା ଫର୍ମରେ ତାଙ୍କ ବାପାଙ୍କ ସ୍ଥାନରେ ଜେଜେଙ୍କ ନାଁ ଲେଖି ଆବେଦନ କରିଛନ୍ତି। ଏ ସମ୍ପର୍କରେ ଅନଲାଇନରେ ଆବେଦନ ହୋଇଥିବା ଫର୍ମରୁ ଜଣାପଡିଛି। ପ୍ରକାଶ ଯେ, ସଭାପତି ଅମରେଶଙ୍କ ପିତାଙ୍କ ନାମ ସ୍ୱର୍ଗତ ଅଖିଳ କୁମାର ମହାନ୍ତି ବୋଲି ତାଙ୍କ ଆଧାର ଓ ଭୋଟର ପରିଚୟପତ୍ରରେ ଉଲ୍ଲେଖ ରହିଛି। ହେଲେ କାଳିଆ ଯୋଜନା ପାଇଁ ଆବେଦନ କରିଥିବା ଫର୍ମରେ ସେ ତାଙ୍କ ଜେଜେ ସର୍ବେଶ୍ୱର ମହାନ୍ତିଙ୍କ ନାଁ କାହିଁକି ଉଲ୍ଲେଖ କରିଛନ୍ତି ତାହାକୁ ନେଇ ସନ୍ଦେହ ସୃଷ୍ଟି ସୃଷ୍ଟି ହୋଇଛି। ତେବେ ଏଭଳି ତ୍ରୁଟି ଥିବା ଆବେଦନକାରୀଙ୍କ ଜମାଖାତାକୁ କାଳିଆ ସହାୟତା କେମିତି ଆସୁଛି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ସମ୍ପର୍କରେ ସଭାପତି ଅମରେଶ ମହାନ୍ତିଙ୍କୁ ପଚାରିବାରୁ, ସେ ଏହି ଘଟଣାକୁ ନେଇ କିଛି କହିବାକୁ ମନା କରିଦେବା ସହ ପରେ ଆଲୋଚନା କରିବେ ବୋଲି କହି ଏଡାଇ ଯାଇଥିଲେ।

## ମଦ ଜବତ, ବ୍ୟବସାୟୀ ଫେରାର

**କଳିଙ୍ଗନଗର,୧୯।୪(ଡି.ଏନ୍.ଏ.)**

ଟମକା ଥାନା ଅନ୍ତର୍ଗତ ନଛିପୁରା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଚଢାଉ କରି ୭୨ ବୋତଲ ବିଦେଶୀ ମଦ ଜବତ କରିଛି। ହେଲେ ମଦ ବ୍ୟବସାୟୀ ନିର୍ମଳ ଚନ୍ଦ୍ର ରାଉତ(୪୨) ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (୩୬/୧୯) ରୁଜୁ କରି ନିର୍ମଳଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିବା ପୋଲିସ ସୂଚନା ଦେଇଛି।

## ଦଳ ଛାଡ଼ିଲେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଆରତୀ ଦେଓ

**ରସୁଲପୁର,୧୯।୪(ଡିଏନଏ)**

ବରୀ କଂଗ୍ରେସର ନାରୀନେତ୍ରୀ ତଥା ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ଆରତୀ ଦେଓ ଶୁକ୍ରବାର କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି । ତାଙ୍କ ସହ ବରୀ ବ୍ଲକ ଯୁବ ସଭାପତି ଶୁଭକାନ୍ତ ଜେନା, ୩୧ନଂ ଜିଲା ପରିଷଦ ଜୋନର ନେତା ଆଲୋକ ସାହୁ ଦଳ ପରିତ୍ୟାଗ କରିଛନ୍ତି ବୋଲି ସୂଚନା ମିଳିଛି। ସେମାନେ ଦଳୀୟ ହାଇକମାଣ୍ଡ ତଥା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପରିବାରବାଦ ରାଜନୀତି, ଦଳରେ ମହିଳାଙ୍କ ପ୍ରତି ଅସମ୍ମାନ, ଟିକେଟ ବଣ୍ଟନରେ ଅର୍ଥ କାରବାରକୁ ଦାୟୀ କରି ଦଳରୁ ଇସ୍ତଫା ପ୍ରଦାନ କରିଛନ୍ତି ବୋଲି ଆରତୀ ପ୍ରକାଶ କରିଛନ୍ତି। ତେବେ ସେ କେଉଁ ଦଳକୁ ଯିବେ ସେ ସମ୍ପର୍କରେ କିଛି ନିଷ୍ପତ୍ତି ନେଇ ନ ଥିବା କହିଥିଲେ ହେଁ ଉଭୟ ବିଜେଡି ଓ ଭାଜପା ନେତା ତାଙ୍କ ସହ ଯୋଗାଯୋଗରେ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଦଳରୁ ଆହୁରୀ ବହୁ ଛାମୁଆ ନେତା ଦଳ ଛାଡୁଛନ୍ତି ବୋଲି ସୂଚନା ପ୍ରଦାନ କରିଛନ୍ତି । ତେବେ ଭୋଟ ଗ୍ରହଣକୁ ଆଉ ମାତ୍ର ସପ୍ତାହେ ବାକି ରହିଛି । ଏହି ସମୟରେ ଦଳର ତୁଙ୍ଗନେତାମାନେ ଦଳ ଛାଡିବା ଦଳ ପାଇଁ ଏକ ବଡ ବିପର୍ଯ୍ୟୟ ବୋଲି କୁହାଯାଉଛି। ପ୍ରକାଶ ଯେ, ଆରତୀ ୩୬ନଂ ଜୋନରୁ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଜିଲା ପରିଷଦ ସଦସ୍ୟ ଥିଲେ। ସେ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



# ଖସୁଛି ବିଜେଡି, ବଢୁଛି ଭାଜପା ଓ କଂଗ୍ରେସ

**ଯାଜପୁର ଅଫିସ/ ଯାଜପୁରରୋଡ(ନି.ପ୍ର.),୧୯।୪**

ଯାଜପୁର ଜିଲାର କୋରେଇ ବିଧାନସଭା ଆସନରୁ ମୁକୁଟ ବିହୀନ ସମ୍ରାଟ ଭାବେ ପରିଚିତ ଅଶୋକ ଦାସ ପ୍ରତିନିଧିତ୍ୱ କରିଥିଲେ। ସେ ଏହି ଆସନରୁ ୬ଥର ନିର୍ବାଚିତ ହୋଇଥିବାରୁ ଜିଲାର ୭ ଆସନ ମଧ୍ୟରୁ କୋରେଇକୁ ସର୍ବାଧିକ ସ୍ପର୍ଶକାତର ନିର୍ବାଚନ ମଣ୍ଡଳୀ ବୋଲି ବିବେଚନା କରାଯାଉଛି। ଏହି ନିର୍ବାଚନ ମଣ୍ଡଳୀରେ ଚଳିତ ଥର ୭ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ମାତ୍ର ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହେଉଛି। ସାମାଜିକ କର୍ମୀ ତଥା ବିଏସପି ପ୍ରାର୍ଥୀ କାଜଲ କିନ୍ନର ଅନ୍ୟତମ ପ୍ରାର୍ଥୀ ଭାବେ ପରିଚିତି ଲାଭ କରିଛନ୍ତି। ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବନ୍ଦିତା ପରିଡା ବ୍ୟାସନଗର ସହର ଓ ଭାଜପା ପ୍ରାର୍ଥୀ ବିଶ୍ୱଜିତ ନାୟକ ସହର ନିକଟ ଜହ୍ନା ଗ୍ରାମର ହୋଇଥିବାରୁ ବ୍ୟାସନଗର ପୌରାଞ୍ଚଳ ଓ କୋରେଇ ବ୍ଲକର ଭୋଟର ବିଜୟ ପାଇଁ ନିର୍ଣ୍ଣାୟକ ଭୂମିକା ନେବେ। ବିଜେଡି ପ୍ରାର୍ଥୀ ଅଶୋକ ବଳ ରସୁଲପୁର ବ୍ଲକ କୁଆଖିଆ ଅଞ୍ଚଳର ହୋଇଥିବାରୁ ରସୁଲପୁର ବ୍ଲକ ଅନ୍ତର୍ଗତ ୯ଟି ପଞ୍ଚାୟତର ଭୋଟର ତାଙ୍କ ଭାଗ୍ୟ ନିର୍ଦ୍ଧାରକ ହେବେ ବୋଲି ଆଲୋଚନା ହେଉଛି। ବିଧାୟକ ନିର୍ବାଚନରେ ଅଶୋକ ଓ ବନ୍ଦିତା ନୂଆ ମୁହଁ। ବିଶ୍ୱଜିତ ଦ୍ୱିତୀୟ ଥର ନିର୍ବାଚନ ମଇଦାନରେ ଓହ୍ଲାଇଥିବାରୁ ଅଭିଜ୍ଞତା ଦୃଷ୍ଟିରୁ ପ୍ରଚାରରେ ସର୍ବାଗ୍ରେ ରହିଥିବା ଚର୍ଚ୍ଚା ହେଉଛି। ଟିକେଟ ବଣ୍ଟନକୁ ନେଇ ତିନି ଫାଳ ହୋଇଥିବା କୋରେଇ ବିଜେଡିରେ ଅସନ୍ତୁଷ୍ଟ ଦଳୀୟ କର୍ମୀଙ୍କୁ କେତେକାଂଶରେ ମନେଇ ବିଜେଡି ପ୍ରାର୍ଥୀ ପ୍ରଚାରରେ ସାମିଲ କରାଇଥିଲେ ହେଁ ବହୁ ଛାମୁଆ ନେତା ନିରବ ରହିଥିବା ଜଣାପଡିଛି । ଏଥିରୁ ରାଜନୈତିକ ପାଣିପାଗ ବଦଳୁଥିବା ମନେ ହେଉଛି। କୋରେଇ ଆସନରୁ ଚଳିତ ଥର ବିଧାନସଭା ନିର୍ବାଚନରେ ଏକାଧିକ ଆଶାୟୀ ଟିକେଟ ଲବିରେ ରହିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତ ଆଶାୟୀଙ୍କୁ ନିରାଶ କରି ଅଶୋକଙ୍କୁ ପ୍ରାର୍ଥୀ କରିଥିଲେ। ମାତ୍ର ଅଶୋକଙ୍କ ବିରୋଧି ଓ ବିଧାୟକ ଆକାଶଙ୍କ ସମର୍ଥକ ଏକାଠି ହୋଇ ପ୍ରଥମେ ପ୍ରାର୍ଥୀ ପରିବର୍ତ୍ତନ କରିବାକୁ ଦାବି କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅଶୋକ ବିରୋଧିଙ୍କୁ ମନାଇବାରେ ସଫଳ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବହୁ ନେତା ମାନି ଯାଇଥିଲେ ସୁଦ୍ଧା ବିଧାୟକ ଆକାଶଙ୍କ ସମେତ ବହୁ ଆଗଧାଡିର ବିଜେଡି ନେତା ନୀରବ ରହିଛନ୍ତି।

ନୂତନ କର୍ମୀଙ୍କୁ ନେଇ ଅଶୋକ ନିର୍ବାଚନୀ ବୈତରଣୀ ପାର ହେବାକୁ ଜୋରସୋର ଉଦ୍ୟମ କରୁଛି। ଅନ୍ୟପକ୍ଷେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବିଶ୍ୱଜିତ ବିଜେଡି ଅର୍ନ୍ତଦ୍ୱନ୍ଦ୍ୱର ଫାଇଦା ଉଠାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଭାଜପା ଭୋଟ ସହିତ ବିଶ୍ୱଜିତଙ୍କ ଲୋକପ୍ରିୟତାକୁ ଆଧାର କରି ବିଶ୍ୱଜିତ ସୁବିଧାଜନକ ସ୍ଥିତିରେ ରହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ପ୍ରାର୍ଥୀ ବନ୍ଦିତା ପରିଡା ଜଣେ ମହିଳା ନେତ୍ରୀ ହୋଇଥିବାରୁ ତାଙ୍କ ଉପରେ ମହିଳା ଭୋଟରଙ୍କ ଆଶୀର୍ବାଦ ରହିଥିବା ଆଲୋଚନା ହେଉଛି। ସେ ବ୍ୟାସନଗର ପୌରାଞ୍ଚଳର ପୂର୍ବତନ ପୌରାଧକ୍ଷା ରହିଥିବାରୁ ସହରୀ ଭୋଟରଙ୍କ ନିକଟକୁ ପହଞ୍ଚିବାରେ ତାଙ୍କୁ ସହଜ ହେଉଛି । ସାଂଗଠନିକ ଦକ୍ଷତା ଉଭୟ ପ୍ରାର୍ଥୀଙ୍କର ରହିଛି । ଏହକ୍ରମରେ ତିନି ଦଳ ପକ୍ଷରୁ ମାରାଥନ ପ୍ରଚାରକୁ ଅଗ୍ରାଧିକାର ଦିଆଯାଇଛି। ଭାଜପା ଓ କଂଗ୍ରେସ ପ୍ରାର୍ଥୀ କର୍ମୀଙ୍କ ସହ ଭୋଟରଙ୍କ ନିକଟତର ହେଉଥିଲେ ହେଁ ବିଜେଡି ପ୍ରାର୍ଥୀ ଏବେ ବି ସଂଗଠନ ସଜାଡିବାରେ ବ୍ୟସ୍ତ ରହିଛନ୍ତି। ପୁରୁଖା ବିଜେଡି କର୍ମୀ ଚୁପ୍ ହୋଇ ବସିଛନ୍ତି। ଅଶୋକଙ୍କ ପ୍ରାର୍ଥୀକୁ ଯେଉଁ ବିଜେଡି କର୍ମୀ ବିରୋଧ କରୁଥିଲେ ସେମାନଙ୍କ ହାତରେ ନିର୍ବାଚନ ପ୍ରଚାର ନ୍ୟସ୍ତ କରାଯାଇଛି। ଏକ ପ୍ରଭାବଶାଳୀ ବିଜେଡି ଗୋଷ୍ଠୀକୁ ପ୍ରାର୍ଥୀ ଗୁରୁତ୍ୱ ଦେଉ ନ ଥିବାରୁ ସେମାନେ ନିର୍ବାଚନ ପ୍ରଚାରରେ ଅଂଶ ଗ୍ରହଣ କରୁନାହାନ୍ତି । ଏଠାରେ ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାଇଖାନା ଆଦି ଯୋଜନାରେ ଅନିୟମିତତା ଓ ପିସି କାରବାର ଭୋଟରଙ୍କୁ ଅସନ୍ତୁଷ୍ଟ କରିଛି । ସେହିପରି ଭାଜପାର ଗୋଟିଏ ଗୋଷ୍ଠୀ ଭାଜପା ବିରୋଧରେ ଯାଉଥିଲେ ମଧ୍ୟ ମୋଦୀଙ୍କ ହାୱାରେ ବିରୋଧି ଗୋଷ୍ଠୀ ଫିକା ପଡିଯାଉଥିବା ଚର୍ଚ୍ଚା ହେଉଛି। ଫଳରେ ଗ୍ରାମାଞ୍ଚଳରେ ଭାଜପା ହାୱା ବୃଦ୍ଧି ପାଇବାରେ ଲାଗିଛି। ୨୦୦୦ ପରେ ଏପର୍ଯ୍ୟନ୍ତ କୌଣସି ଜଣେ ନେତା ଏଠାରେ ତିଷ୍ଠି ପାରି ନ ଥିବାବେଳେ ଆଗାମୀ ନିର୍ବାଚନରେ ପୂର୍ବ ରେକର୍ଡ ଦୋହରାଇବ ବୋଲି ବିଜେଡି ପକ୍ଷରୁ ଦୃଢୋକ୍ତି ପ୍ରକାଶ କରାଯାଇଛି । ତେବେ କୋରେଇରେ ରାଜନୈତିକ ପାଣିପାଗ ବଦଳୁଥିବାବେଳେ ସଚେତନ ନିର୍ବାଚନମଣ୍ଡଳୀବାସୀ ଆଗାମୀ ଦିନରେ କାହାକୁ ସମର୍ଥନ କରୁଛନ୍ତି ତାହା ସ୍ପଷ୍ଟ ହୋଇଯିବ।

**କୋରେଇ ବିଧାନସଭା ଆସନ**

- ବିଜେଡି ୩ ଫାଳ, ଅସନ୍ତୁଷ୍ଟ କର୍ମୀଙ୍କୁ ମନେଇବାକୁ ପ୍ରୟାସ
- ବହୁ ଛାମୁଆ ନେତା ନୀରବ
- ନିର୍ବାଚନ ମଇଦାନରେ ଭାଜପା ପ୍ରାର୍ଥୀ ବିଶ୍ୱଜିତ ଆଗରେ





ଯିଏ ମତେ ସର୍ବଦା ଚାହାନ୍ତି ଏବଂ ଶ୍ରଦ୍ଧା ପୂର୍ବକ ମୋର ପୂଜା କରନ୍ତି, ମୁଁ ତାଙ୍କୁ ସେହି ବିବେକ ବୁଦ୍ଧି ପ୍ରଦାନ କରେ। ଯଦ୍ୱାରା ସେ ମୋତେ ସମ୍ପୂର୍ଣ୍ଣ ରୂପେ ପ୍ରାପ୍ତ ହୁଅନ୍ତି।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ମା' ହିଙ୍ଗୁଳାଙ୍କ ଯଜ୍ଞୋତ୍ସବ ଆରମ୍ଭ

କୋରେଇ,୧୯।୪(ସ୍ୱ.ପ୍ର.)- ଚୈତ୍ର ପୂର୍ଣ୍ଣିମା ଅବସରରେ ଶୁକ୍ରବାର ପାଣିକୋଇଲିସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଯଜ୍ଞ ଆରମ୍ଭ ହୋଇଯାଇଛି। ଅଞ୍ଚଳର ବେଦଜ୍ଞ ବ୍ରାହ୍ମଣ ଅକ୍ଷୟ କୁମାର ଦାଶଙ୍କ ପୌରୋହିତ୍ୟରେ କର୍ତ୍ତା ରବୀନ୍ଦ୍ର ପଣ୍ଡା ମା' ଜାଗୁଳାଇଙ୍କ ପୁଷ୍କରିଣୀରୁ ପବିତ୍ର ଜଳ ଆଣି ଘଟ ସ୍ଥାପନା କରିଥିଲେ। ପଣ୍ଡିତ ଅମର କୁମାର ଦାଶଙ୍କ ଦ୍ୱାରା ଚଣ୍ଡୀପାଠ ସହ ସୂର୍ଯ୍ୟପୂଜା, ଗୋପୂଜା ପରେ ମା'ଙ୍କ ଷୋଡ଼ଶୋପଚାର ପୂଜା ସମେତ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଭକ୍ତ ମା'ଙ୍କୁ ଦର୍ଶନ କରିବା ସହ ହୋମଯଜ୍ଞରେ ଘିଅ ପକାଇଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁସାରେ ୧୯୭୫ରେ ଉକ୍ତ ସ୍ଥାନରେ ଥିବା ଏକ ବଟବୃକ୍ଷ ତଳେ ମା'ଙ୍କ ଆବିର୍ଭାବ ନେଇ ସ୍ଥାନୀୟ ବୟୋଜ୍ୟେଷ୍ଠ ସନ୍ନ୍ୟାସୀ ଦାମୋଦର ପଣ୍ଡାଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ସେହିଦିନଠାରୁ ସ୍ଥାନୀୟ ଲୋକେ ପ୍ରତିବର୍ଷ ନିଷ୍ଠା ଓ ଶ୍ରଦ୍ଧାର ସହ ମା'ଙ୍କ ପୂଜାର୍ଚ୍ଚନା କରନ୍ତି। ଯଜ୍ଞ ସମୟରେ ସନ୍ଧ୍ୟା ପୂର୍ବରୁ ରୋଷେଇ ସମାପ୍ତ କରିଥାନ୍ତି। ରବିବାର ପୂର୍ଣ୍ଣାହୁତି ହେବ। କମିଟି ସଭାପତି ଦାମୋଦର ବିଶ୍ୱାଳ, ସମ୍ପାଦକ ପଞ୍ଚାନନ ଓଝା, ଅରୂପାନନ୍ଦ ମଲ୍ଲିକ, ଦିଲୀପ ନାୟକ, ଅମରେନ୍ଦ୍ର ବିଶ୍ୱାଳ, ନିର୍ମଳ ମଲ୍ଲିକ, ସନ୍ତୋଷ ରାୟ, ରାମଚନ୍ଦ୍ର ଓଝା, ରାମଚନ୍ଦ୍ର ବିଶ୍ୱାଳ, ସନ୍ଦୀପ ନାୟକ, ସଞ୍ଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜେଡି ପ୍ରାର୍ଥୀ ଅମରଙ୍କ ନିର୍ବାଚନୀ ପ୍ରଚାର

ଚଣ୍ଡିଖୋଲ,୧୯।୪(ଡି.ଏନ.ଏ.)- ବଡ଼ଚଣା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବର୍ତ୍ତମାନର ବିଧାୟକ ଅମର ପ୍ରସାଦ ଶତପଥୀ ଶୁକ୍ରବାର ଅଣକା ପଞ୍ଚାୟତରେ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ତାଙ୍କ ଘର ଏହି ପଞ୍ଚାୟତର କୃଷ୍ଣପୁର ଶାସନ ଗ୍ରାମରେ। ବିଧାୟକ ଶତପଥୀ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ସେ ପ୍ରଥମେ କଉଡ଼ୁକୋଲ ଛକଠାରୁ ଏକ ମୋଟରସାଇକେଲ ରାଲିରେ ବାହାରି ମହିପୁର, ରହାଳ, ଭୁଲୁକା, କୃଷ୍ଣପୁରଶାସନ, ଅଣକା, ଖଡ଼ିଅଙ୍ଗ, ମହାଦେଇପୁର ଦେଇ ଶେଷରେ ଦକ୍ଷିଣକୂଳ ଗ୍ରାମରେ ପହଞ୍ଚିଥିଲେ। ଏହି ଅବସରରେ ଦକ୍ଷିଣକୂଳ ଛକଠାରେ ଆୟୋଜିତ ଏକ ପଥପ୍ରାନ୍ତ ସଭାରେ ରାଜ୍ୟ ସରକାରଙ୍କ ସମୟରେ ହୋଇଥିବା ଯୋଜନା ଓ ବଡ଼ଚଣାର ବିକାଶ ସମ୍ପର୍କରେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯଚିନ୍ଦ୍ର ନାୟକ, ସରପଞ୍ଚ ସମରେନ୍ଦ୍ର ମହାପାତ୍ର, ପୂର୍ବତନ ସରପଞ୍ଚ ଗଣେଶ୍ୱର ସାମଲ, କାର୍ତ୍ତିକ ଚନ୍ଦ୍ର ନାୟକ, ବ୍ରଜବନ୍ଧୁ ନାୟକ ଓ ବାନାମ୍ବର ଲେଙ୍କା ପ୍ରମୁଖ ଯୋଗଦେଇ ଶଙ୍ଖ ଚିହ୍ନରେ ଭୋଟ ଦେବା ଏବଂ ଅମର ଶତପଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦକ୍ଷିଣକୂଳ, ମହିପୁର ଓ ମହାଦେଇପୁର ଗ୍ରାମର ବହୁ ପରିବାର ବିଭିନ୍ନ ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ଶତପଥୀ ଯୋଗଦେଇଥିବା ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ।

# ଶାସକ ଦଳର ଦୁର୍ନୀତିକୁ ଅସ୍ତ୍ର କରୁଛନ୍ତି ବିରୋଧୀ

**ଧର୍ମଶାଳା ନିର୍ବାଚନମଣ୍ଡଳୀ**

- ବିଜେଡିର ପ୍ରସଙ୍ଗ ବିକାଶ
- ବିଭିନ୍ନ ପ୍ରସଙ୍ଗକୁ ନେଇ ଲୋକଙ୍କ ନିକଟରେ ପହଞ୍ଚୁଛି କଂଗ୍ରେସ

ରସୁଲପୁର,୧୯।୪(ଡି.ଏନ୍.ଏ.)

ଧର୍ମଶାଳା ନିର୍ବାଚନମଣ୍ଡଳୀ ରାଜନୀତିରେ ବେଶ୍ ଉଷ୍ମତା ଦେଖା ଦେଲାଣି। । ତିନି ପ୍ରମୁଖ ବିଜେଡି, ଭାଜପା, କଂଗ୍ରେସ ମଧ୍ୟରେ ଲଢ଼େଇ ଜୋରଦାର ହେବାରେ ଲାଗିଲାଣି। ବିଜେଡି ଗ୍ରାମାଞ୍ଚଳର ବିକାଶକୁ ଗୁରୁତ୍ୱ ଦେଉଛି । ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ସମାଧାନ ଦିଗରେ କାମ କରିବେ ବୋଲି ଦଳୀୟ ପ୍ରାର୍ଥୀ ବିଧାୟକ ପ୍ରଣବ କୁମାର ବଳବନ୍ତରାଏ ପ୍ରକାଶ କରିଛନ୍ତି। ଅପରପକ୍ଷରେ ୧୯ବର୍ଷ ଶାସନରେ ବିଜେଡିର ଦୋଷ ଦୁର୍ବଳତାକୁ ବିରୋଧୀ ପ୍ରସଙ୍ଗ କରିଛନ୍ତି । ବିଶେଷକରି ଦୁର୍ନୀତିକୁ ପ୍ରମୁଖ ଅସ୍ତ୍ର କରି ବିରୋଧୀ ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛନ୍ତି।

ଯାଜପୁର ଜିଲାର ଚର୍ଚ୍ଚିତ ଏହି ନିର୍ବାଚନମଣ୍ଡଳୀର ଭୌଗଳିକ ସୀମା ଧର୍ମଶାଳା ବ୍ଲକର ୪୫ ଓ ରସୁଲପୁର ବ୍ଲକର ୯ଗୋଟିକୁ ମିଶାଇ ମୋଟ ୫୪ ପଞ୍ଚାୟତକୁ ନେଇ ଗଠିତ। ଏହି ନିର୍ବାଚନମଣ୍ଡଳୀରେ ଆସନ୍ତା ୨୯ତାରିଖରେ ଭୋଟ ଗ୍ରହଣ ହେବ। ମୋଟାମୋଟି କହିବାକୁ ଗଲେ ଭୋଟ ପ୍ରଚାରକୁ ଆଉ ମାତ୍ର ୮ଦିନ ବାକି ରହିଛି। ଏହାକୁ ଦେଖି ପ୍ରମୁଖ ରାଜନୈତିକ ଦଳଗୁଡିକ ପ୍ରଚାର ଜୋରସୋର କରିବାରେ ଲାଗିପଡିଛନ୍ତି । କେଉଁ ପ୍ରାର୍ଥୀ ଭୋଟରଙ୍କ ସମ୍ମୁଖରେ କି ପ୍ରସଙ୍ଗ ରଖୁଛନ୍ତି ତାକୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଗଲାଣି। ଏଭଳି ସ୍ଥିତିରେ ପ୍ରଚାର ହେଉ ଅବା ଭୋଟରଙ୍କୁ ଭେଟି ସମସ୍ୟା ସମାଧାନ କରିବା ଦିଗରେ ଦଳୀୟ ପ୍ରାର୍ଥୀ ବଳବନ୍ତରାଏ ଆଗୁଆ ରହିଥିବା ଦେଖିବାକୁ ମିଳୁଛି। ଏଥର ଧର୍ମଶାଳାରେ ବିଜେଡି ଘରେ ଘରେ ପାନୀୟ ଜଳ, ଚାଷ ଜମିକୁ ପାଣି, ଚାଷୀର ଉତ୍ପାଦିତ ଦ୍ରବ୍ୟକୁ ଉଚିତ୍ ମୂଲ୍ୟ ପ୍ରଦାନ, ବେକାରୀଙ୍କୁ ଆତ୍ମନିଯୁକ୍ତି ପ୍ରଦାନ ଆଦିକୁ ପ୍ରସଙ୍ଗ କରୁଛି। ଏହିଭଳି କେତୋଟି ମୌଳିକ ପ୍ରସଙ୍ଗକୁ ନେଇ ପ୍ରାର୍ଥୀ ଓ ସମର୍ଥକ ଭୋଟରଙ୍କୁ ଭେଟୁଛନ୍ତି। ଏହି ନିର୍ବାଚନମଣ୍ଡଳୀର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳି ଜାରକା ବଜାର ଓ ତାର ଆଖପାଖ ପଞ୍ଚାୟତ ତଥା ପାହାଡ଼ ପାଦ ଦେଶରେ ଅବସ୍ଥିତ ସୁନ୍ଦରିଆ, ଥାନୁଆଳ, ଗଙ୍ଗାଧରପୁର, କୁମାରୀ, ନେଉଳପୁର, ଦେଉଳି, ରେକିଦେଇପୁର, ଥାନୁଆଳ, ମହିସରା ପ୍ରଭୃତି ପଞ୍ଚାୟତରେ କିଛିଟା ପାନୀୟ ଜଳ ସମସ୍ୟା ରହିଛି । ଏହାଛଡା ଚାଷୀ ଆନ୍ଦୋଳନ ନେତାଙ୍କୁ ସର୍ତ୍ତକ କରାଇ ଦେଇଛି । ଚାଷୀଙ୍କ ସମସ୍ୟାକୁ ଦଳୀୟ ପ୍ରାର୍ଥୀ ବିଶେଷ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ବେକାରୀ ସମସ୍ୟା ଦୂର ଦିଗରେ ନିଯୁକ୍ତି ବଦଳରେ ଆତ୍ମ ନିଯୁକ୍ତିକୁ ଦଳ ଭରସା କରୁଛି। ତେଣେ ଭାରତୀୟ ରିଜର୍ଭ ବ୍ୟାଙ୍କ ସୁଧ ନ କମାଇବା ପାଇଁ ଘୋଷଣା କରିଛି। ସ୍ଥାନୀୟ ବ୍ୟାଙ୍କ ଗୁଡିକ ସରକାରୀ ଘୋଷଣାକୁ ଅଣଦେଖା କରୁଛନ୍ତି। ତେବେ ଏହି ମିଶନକୁ ସଫଳ କରିବା ପାଇଁ ଦଳ ନୂଆ ରଣନୀତି ଆପଣେଇବ ଓ ବଳବନ୍ତରାଏ ମଧ ଏହାକୁ ଟାର୍ଗେଟ ଭାବରେ ଗ୍ରହଣ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ବିଗତ ନିର୍ବାଚନଗୁଡ଼ିକରେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହି ଆସୁଥିବା ଭାଜପା ଏଥର ଭଲ ପ୍ରଦର୍ଶନ କରିବ ବୋଲି ଆକଳନ କରାଯାଉଛି। ଦଳ ପକ୍ଷରୁ ପ୍ରଚାର ସେତେ ପ୍ରଭାବଶାଳୀ ହେଉ ନ ଥିଲେ ସୁଦ୍ଧା ମୋଦି ଲହରକୁ ଭୋଟରେ ପରିଣତ କରିବାର ଲକ୍ଷ୍ୟରେ ରହିଛନ୍ତି ଏହାର ପ୍ରାର୍ଥୀ। ଏଥିସହ ଶାସକ ଦଳର ଦୁର୍ନୀତି, ପିସି କାରବାର, ଭ୍ରଷ୍ଟାଚାରକୁ ନେଇ ବିଭିନ୍ନ ସ୍ଥାନରେ ଅସନ୍ତୋଷ ରହିଛି। ତାକୁ ଭୋଟରେ ପରିଣତ କରି ଦଳ ବିଜୟ ହେବ ବୋଲି ପ୍ରାର୍ଥୀ ତୁଷାର ପରିଡା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସରୁ ଟିକେଟ ପାଇଥିବା ନବାଗତ ସ୍ମୃତିରେଖା ପହି ବିଭିନ୍ନ ପ୍ରସଙ୍ଗକୁ ନେଇ ଲୋକଙ୍କ ନିକଟରେ ପହଞ୍ଚୁଛନ୍ତି। ସାଧାରଣ ଲୋକଙ୍କ ମୂଳ ସମସ୍ୟାକୁ ସେ ପ୍ରସଙ୍ଗ ଭାବରେ ଗ୍ରହଣ କରିଛନ୍ତି। ସେ ନିର୍ବାଚିତ ହେଲେ ଧର୍ମଶାଳାକୁ ଦୁର୍ନୀତି ମୁକ୍ତ ଧର୍ମଶାଳା ଗଠନ ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ତେବେ ପୁରୁଣା କଂଗ୍ରେସ ନେତା ଓ କର୍ମୀଙ୍କ ସହ ପ୍ରାର୍ଥିନୀ ସ୍ମୃତିରେଖାଙ୍କ ଦୂରତା ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ହେଲେ ସରଗରମ ପ୍ରଚାର ଓ କର୍ମ ଉପରେ ଭରସା ରଖୁଥିବା ସ୍ମୃତିରେଖା କେତେ ସଫଳତା ପାଉଛନ୍ତି ତାହା ଦେଖିବାକୁ ବାକି ରହିଛି । ଆଣି ଦେଉଛି ତାହା ସମୟ କହିବ । ସେହିପରି ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ଦେବବ୍ରତ ରାଉତଙ୍କ ଭୂମିକାକୁ ଅଣଦେଖା କରାଯାଇ ପାରିବ ନାହିଁ। ସେ ଧର୍ମଶାଳାକୁ ନିଶାମୁକ୍ତ କରିବା, ସବ୍‌ଡିଭିଜନ ମାନ୍ୟତା, ଜଳ, ଜମି, ଜଙ୍ଗଲ ସୁରକ୍ଷା ଓ ତାର ସୁବିନିଯୋଗ, ନିଯୁକ୍ତି, ଭୂମିହୀନଙ୍କୁ ପଟ୍ଟା, ଶବରମାନଙ୍କୁ ଆଦିବାସୀ ମାନ୍ୟତା, ଶୀତଳ ଭଣ୍ଡାର ସ୍ଥାପନ, ବ୍ରାହ୍ମଣୀ ନଦୀରେ ବ୍ୟାରେଜ ନିର୍ମାଣକୁ ସେ ପ୍ରସଙ୍ଗ କରିଛନ୍ତି । ତେବେ ତାଙ୍କ ରଣନୀତି ଭୋଟରଙ୍କୁ କେତେ ପ୍ରଭାବିତ କରୁଛି ଏବଂ ତାଙ୍କ ଭୋଟମୁଣି ବୃଦ୍ଧି କରିବାରେ ସହାୟକ ହେଉଛି ତା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଯିବ।

# ନିଶା ଦେଇ ଯୁବକଙ୍କଠାରୁ ଲୁଟ୍

ଛତିଆ,୧୯।୪(ଡି.ଏନ୍.ଏ.)

ଅନେକ ସମୟରେ ଲୁଟେରାମାନେ ଯାତ୍ରୀଙ୍କୁ ବିଭିନ୍ନ ଉପାୟରେ ନିଶା ଦେଇ ସେମାନଙ୍କଠାରୁ ଲୁଟ୍ କରୁଥିବାବେଳେ ଶୁକ୍ରବାର ପୁନଶ୍ଚ ଜଣେ ଯୁବକ ଏହାର ଶିକାର ହୋଇଛନ୍ତି। ଯୁବକ ଜଣକ ଢେଙ୍କାନାଳ ଜିଲା ଅନ୍ତର୍ଗତ ନିହଲପ୍ରସାଦ ଅଞ୍ଚଳର ପ୍ରଦୀପ୍ତ ମହାନ୍ତି (୨୨) ବୋଲି ଜଣାପଡିଛି। ସେ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ଘରକୁ ଫେରୁଥିବାବେଳେ ବାଟରେ ୨ ଜଣ ତାଙ୍କୁ ଲିଫ୍ଟ ଦେଇଥିଲେ। ଏହାର ସୁଯୋଗ ନେଇ ଲୁଟେରା ତାଙ୍କୁ ଅଣ୍ଡାରେ ନିଶା ଦେଇ ୧୦ ହଜାର ଟଙ୍କା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟିନେଇଛନ୍ତି। ସୌଭାଗ୍ୟବଶତଃ ତାଙ୍କ ମୋବାଇଲ ଫୋନ୍ ଛାଡି ଦେଇଥିଲେ। ପରେ ପ୍ରଦୀପ୍ତଙ୍କୁ ଆଣି ଛତିଆ ୧୬ ନଂ. ଜାତୀୟ ରାଜପଥର ଭଟ୍ଟ ସାଗର ଛକ ଓ ହନୁମାନ ଢାବା ମଧ୍ୟସ୍ଥଳରେ ଥିବା ରାସ୍ତା କଡରେ ଫିଙ୍ଗିଦେଇଥିଲେ। ନିକଟରେ ଥିବା ଏକ ପେଟ୍ରୋଲ ପମ୍ପର କର୍ମଚାରୀମାନେ ତାଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କ ଫୋନ୍‌ରୁ ପ୍ରଦୀପ୍ତଙ୍କ ଘର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଆସିବା ପରେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଲୁଟେରାଙ୍କ ପରିଚୟ ମିଳିପାରିନାହିଁ।

### ବବିତାଙ୍କ ମାରାଥନ୍ ପ୍ରଚାର

ସିଂହପୁର,୧୯।୪(ଡି.ଏନ୍.ଏ.)

ନିର୍ବାଚନକୁ ଆଉ ଅଳ୍ପ ଦିନ ବାକି ଥିଲାବେଳେ ବିଭିନ୍ନ ଦଳୀୟ ପ୍ରାର୍ଥୀ ଭୋଟରଙ୍କୁ ନିଜ ସପକ୍ଷରେ ମତଦାନ କରିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଦଳୀୟ ଇସ୍ତାହାର ଧରି ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରୁଛନ୍ତି। ଶୁକ୍ରବାର ବିଞ୍ଝାରପୁରର ଭାଜପା ବିଧାୟିକା ପ୍ରାର୍ଥୀ ବବିତା ମଲିକ ବିଭିନ୍ନ ପଞ୍ଚାୟତରେ ମାରାଥନ୍ ପ୍ରଚାରରେ ବୁଲି ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ସଫଳତା ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ସମ୍ପର୍କରେ ସଚେତନ କରାଇଥିଲେ।

### ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

ଯାଜପୁରରୋଡ,୧୯।୪(ନି.ପ୍ର.)

ବ୍ୟାସନଗର ପୌର ପରିଷଦର ୩ ନଂ. ୱାର୍ଡ ସାପଗାଡ଼ିଆ ଅଞ୍ଚଳରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ପରିତୋଷ ମାଝିଙ୍କର ୪ ବଖରା ଜଳିଯାଇଛି। ଏଥିସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଯାଜପୁରରୋଡ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ଅମର, ଅମୀୟଙ୍କ ରୋଡ୍ ଶୋ



ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀ ।

ଚଣ୍ଡିଖୋଲ,୧୯।୪(ଡି.ଏନ.ଏ.)

ବଡ଼ଚଣା ନିର୍ବାଚନମଣ୍ଡଳୀର ୫ ପଞ୍ଚାୟତରେ ଶୁକ୍ରବାର ଭାଜପାର ବିଧାୟକ ପ୍ରାର୍ଥୀ ଅମର ନାୟକ ଓ ଏମ୍‌ପି ପ୍ରାର୍ଥୀ ଅମୀୟକାନ୍ତ ମଲ୍ଲିକ ରୋଡ଼ ଶୋ କରିବା ସହ ମିଶ୍ରଣ ପର୍ବ କରି ଅନ୍ୟଦଳର କର୍ମୀମାନଙ୍କୁ ସାମିଲ କରାଇଛନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ବାଲିକୁଦା ପଞ୍ଚାୟତର ଜନକ ଗ୍ରାମରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ବଡ଼ବାଲିକୁଦା, ନିଆଳି, ବରପଦା, ସାଉଡ଼ିଆ, ବାଲିକୁଦା, ରଇପୁର, ବେଙ୍ଗପୁର, କୋଲଣଗିରି ଓ ହଳଧରପୁର ପରିକ୍ରମା କରିବା ପରେ ଶିବ ମନ୍ଦିରଠାରେ ଶେଷ ହୋଇଥିଲା। ରୋଡ଼ ଶୋ ବେଳେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି ଓଡ଼ିଶାରେ ବିଜେଡିର କୁଶାସନ ଓ ଭାଜପାର ସୁଶାସନ ସମ୍ପର୍କରେ ଲୋକଙ୍କୁ ପରାମର୍ଶ ଦେବା ସହ ପଦ୍ମଫୁଲରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ରୋଡ଼ ଶୋରେ ଭାଜପା ନେତା ଜ୍ଞାନରଞ୍ଜନ ସାହୁ, ବିଚିତ୍ରାନନ୍ଦ ମହାପାତ୍ର, ରମାକାନ୍ତ ରାଉତ, ଧୀରେନ୍ଦ୍ର କୁମାର ରାଉତ, ପ୍ରମୋଦ କୁମାର ଜେନା, ନିରଞ୍ଜନ ମଲ୍ଲିକ, ସୁବ୍ରତ ନାୟକ, ତାପସ ମହାନ୍ତି, ଈଶ୍ୱର ଚନ୍ଦ୍ର ସାମଲ ଓ ଶତ୍ରୁଘ୍ନ ସିଂହ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ମନୋରଞ୍ଜନ ଜେନା, ଶଶଧର ଜେନା, ଅରବିନ୍ଦ ଜେନା, ଆନନ୍ଦ ଜେନା, ନାରାୟଣ ବିଶ୍ୱାଳ, ଦିପକ ଜେନା, ସ୍ମୃତିରଞ୍ଜନ ଜେନା, ନିଗମାନନ୍ଦ ଜେନା, ଦେବବ୍ରତ ସାମଲ, ପ୍ରମୋଦ ଜେନା, ମନୋଜ ଜେନା, ରମାକାନ୍ତ ସାମଲ, ବିକାଶ ଦଲେଇ, ବିଜୟ ଜେନା, ରଞ୍ଜନ ଦଲେଇ, ଅନିରୁଦ୍ଧ ବେହେରା, ବିଚିତ୍ରାନନ୍ଦ ଦେଓ, ସୁମନ୍ତ ଜେନାଙ୍କ ସମେତ ବହୁ କଂଗ୍ରେସ ଓ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ସନ୍ଧ୍ୟାରେ ଭାଜପା ପ୍ରାର୍ଥୀ ଅମର ନାୟକ କର୍ମୀଙ୍କ ଗହଣରେ ଅଣକା ଓ କୁନ୍ଦଳ ପଞ୍ଚାୟତର ଗାଁ ଗାଁ ବୁଲି ଭୋଟଭିକ୍ଷା କରିଥିଲେ।

**■ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା**

# ଆବାସ ବାବଦ ଅର୍ଥ ହଡ଼ପ ଅଭିଯୋଗ

କୋରେଇ,୧୯।୪(ସ୍ୱ.ପ୍ର.)

କୋରେଇ ବ୍ଲକର ବହୁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହେଉଛି। ଏପରିକି ଥିଲାବାଲା ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେଉଥିବା ବେଳେ କେହି କେହି ୨ରୁ ଉର୍ଦ୍ଧ୍ୱ ଆବାସ ପାଉଥିବା ଜଣାପଡ଼ିଛି। ଅନେକ ସମୟରେ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ୧୦ରୁ ୨୦ ହଜାର ଟଙ୍କା ଉତ୍କୋଚ ମଗାଯାଉଥିବା ଶୁଣିବାକୁ ମିଳିଛି। କିନ୍ତୁ ବରୁଣ୍ଡେଇ ପଞ୍ଚାୟତରେ ଆବାସ ଯୋଜନାରେ ଏକ ଭିନ୍ନ ପ୍ରକାର ଘୋଟାଲା ଦେଖିବାକୁ ମିଳିଛି।

ଏହି ପଞ୍ଚାୟତ ଖଜୁରିନାଲୁଆ ଗ୍ରାମର ଲକ୍ଷ୍ମୀଧର ଜେନାଙ୍କ ନାମରେ ଆବାସ ମିଳିଥିବା ବ୍ଲକ ଖାତା ଖତିଆନ ପ୍ରମାଣ ଦେଉଥିବା ବେଳେ ଲକ୍ଷ୍ମୀଧରଙ୍କ ବ୍ୟାଙ୍କ ଖାତାକୁ ଆବାସ ବାବଦକୁ କୌଣସି ଅର୍ଥ ଆସିନାହିଁ। ତାଙ୍କ ଆବାସ ବାବଦ ଅର୍ଥ ଅନ୍ୟ କାହାର ବ୍ୟାଙ୍କ ଖାତାକୁ ଯାଇଥିବା ଜଣାପଡ଼ିଛି। ଏ ବିଷୟରେ ଲକ୍ଷ୍ମୀଧର କୁହନ୍ତି, ଗତ ପଞ୍ଚାୟତ ନିର୍ବାଚନ ସମୟରେ ତାଙ୍କୁ ଆବାସ ଯୋଗାଇଦେବା ପାଇଁ ବରୁଣ୍ଡେଇ ସରପଞ୍ଚ ସୌଭାଗ୍ୟ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଇ ନିର୍ବାଚନ ପରେ ଲକ୍ଷ୍ମୀଧର ଆବାସ ପାଇବା ପାଇଁ ସରପଞ୍ଚଙ୍କୁ ଭେଟିଥିଲେ। ସରପଞ୍ଚ ମହାନ୍ତି ତାଙ୍କୁ କାଗଜପତ୍ର ସହ ୩ ହଜାର ଟଙ୍କା ମାଗିଥିଲେ। ପରେ ଲକ୍ଷ୍ମୀଧର ସରପଞ୍ଚଙ୍କୁ ୩ ହଜାର ଟଙ୍କା ସହ କାଗଜପତ୍ର ଦେଇଥିଲେ। କିନ୍ତୁ ବହୁଦିନ ପରେ ଆବାସ ନ ମିଳିବାରୁ ସେ ସରପଞ୍ଚଙ୍କ ନିକଟକୁ ଯାଇ ପଚାରିବାରୁ, ସରପଞ୍ଚ ତାଙ୍କୁ ୩ ହଜାର ଟଙ୍କା ସହ କାଗଜପତ୍ର ଫେରାଇ ଦେଇ ଏବେ ହେବ ନାହିଁ, ଆସନ୍ତାବର୍ଷ ଦେଖିବା ବୋଲି କହିଥିଲେ। କିନ୍ତୁ କିଛିଦିନ ପରେ ତାଙ୍କ ସାହିରେ ଆବାସ ପାଇଥିବା ହିତାଧିକାରୀଙ୍କ ତାଲିକା ଲଗାଯାଇଥିଲା, ଯେଉଁଥିରେ ଲକ୍ଷ୍ମୀଧରଙ୍କ ନାମ ଥିଲା। ସେ ବ୍ଲକକୁ ଯାଇ ଦେଖିବାରୁ ତାଙ୍କ ନାମରେ ଆବାସ ମିଳିଥିଲା। ଏହା ଜାଣିବା ପରେ ସେ ତାଙ୍କ ଗ୍ରାମ୍ୟ ବ୍ୟାଙ୍କ ଖାତା ନଂ. ୪୦୪୫୦୧୦୦୦୦୧୫୫୪କୁ ଯାଞ୍ଚ କରି ଦେଖିବାକୁ ପାଇଥିଲେ ଯେ ଆବାସ ନିର୍ମାଣ ବାବଦକୁ ୧ ଲକ୍ଷ ୩୦ ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଖାତାକୁ ଆସିନାହିଁ। କିନ୍ତୁ ବ୍ଲକ ରେକର୍ଡ ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୱେବସାଇଟରେ ଦର୍ଶାଯାଇଛି ଯେ, ୧୮।୦୫।୨୦୧୭, ୨୦।୦୧।୨୦୧୮, ୨୬।୦୨।୨୦୧୮, ୧୬।୦୩।୨୦୧୮ରେ ପର୍ଯ୍ୟାୟ କ୍ରମେ ୨୦ ହଜାର, ୩୫ ହଜାର, ୪୫ ହଜାର ଓ ୩୦ ହଜାର ଟଙ୍କା ଗ୍ରାମ୍ୟ ବ୍ୟାଙ୍କ ଖାତାରେ ପୈଠ କରାଯାଇଛି। ସେହିପରି ଲକ୍ଷ୍ମୀଧରଙ୍କ ନାମ ଓଆର୩୧୬୧୧୮ ସଂଖ୍ୟାରେ ଆବାସ ଯୋଜନାରେ ପଞ୍ଜୀକୃତ ହୋଇଥିବାବେଳେ ପ୍ରଥମ କିସ୍ତି ପାଇବା ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ଫଟୋ ଥିଲା। ହେଲେ ପର୍ଯ୍ୟାୟକ୍ରମେ ଅନ୍ୟ ଲୋକଙ୍କ ଫଟୋ ଲଗାଯାଇଥିବା ଜଣାପଡ଼ିଛି। ଲକ୍ଷ୍ମୀଧରଙ୍କ ଆବାସ ଟଙ୍କା ହରିଲୁଟ୍ ହୋଇଥିବା ଏହି ସମସ୍ତ ଘଟଣାରୁ ସ୍ପଷ୍ଟ ହେଉଛି। ଶେଷରେ ଲକ୍ଷ୍ମୀଧର ନିରାଶ ହୋଇ ଏହାର ଉପଯୁକ୍ତ ତଦନ୍ତ କରାଯିବା ସହ ତାଙ୍କୁ ଆବାସ ଅର୍ଥ ମିଳିବା ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସୌଭାଗ୍ୟ ମହାନ୍ତିଙ୍କୁ ପଚାରିବାରୁ, ଏ ବିଷୟରେ ସେ କିଛି ଜାଣି ନ ଥିବା କହିଛନ୍ତି। ଅପରପକ୍ଷରେ ବିଡିଓ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ, ସେ ନୂଆ ଆସିଥିବାରୁ ଏ ବିଷୟରେ କିଛି ଜାଣିନାହାନ୍ତି। ମାତ୍ର ଏବେ ଏହି ଘଟଣା ଉପରେ ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି।

### କଂଗ୍ରେସର ପରିବର୍ତ୍ତନ ସମାବେଶ

କୋରେଇ,୧୯।୪(ସ୍ୱ.ପ୍ର.)

କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ବୈତରଣୀ ରୋଡ ମେଡିକାଲ ପଡିଆଠାରେ ଶୁକ୍ରବାର ଅପରାହ୍ନରେ କଂଗ୍ରେସ ପକ୍ଷରୁ ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିବାବେଳେ ରାଜ୍ୟ ଅଣସଙ୍ଗଠିତ ଶ୍ରମିକ ସଙ୍ଘ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି ସଭାପତିତ୍ୱ କରିଥିଲେ। ପିସିସି ସଭାପତି ପଟ୍ଟନାୟକ ଯୋଗଦେଇ କଂଗ୍ରେସର ନିର୍ବାଚନୀ ଇସ୍ତାହାର ଲୋକାଭିମୁଖୀ ହୋଇଥିବାବେଳେ କଂଗ୍ରେସ ସରକାରକୁ ଆସିଲେ ବେକାରି ସମସ୍ୟା ଦୂର ହେବ ଓ ଚାଷୀ ଋଣ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାଡ କରାଯିବ ଆର୍ଥିକ ଅନଗ୍ରସର ପରିବାରକୁ ମାସିକ ୬ ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଚାଷୀଙ୍କୁ ସୋଲାର ପମ୍ପ ଓ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବା ନେଇ ପ୍ରତିଶ୍ରୁତି ଦେବା ସହ ଲୋକ ସଭା ଓ ବିଧାୟିକା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ପଟ୍ଟନାୟକ କହିଥିଲେ। ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ତାଙ୍କ ସମୟରେ ପାଣିକୋଇଲିଠାରେ ମା' ତାରିଣୀ ମହାବିଦ୍ୟାଳୟ, କୋରେଇରେ କାହ୍ନୁଚରଣ ମହାବିଦ୍ୟାଳୟ ସମେତ କୋରେଇ ନିର୍ବାଚନମଣ୍ଡଳୀରେ ୨୦ରୁ ଉର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟ ଏବଂ ପଞ୍ଚାୟତରେ ଚାଷ ପାଇଁ ଉଠା ଜଳସେଚନ ନିର୍ମାଣ କରାଯାଇଥିବା କହିଥିଲେ। ପୂର୍ବତନ ଏମ୍‌ପି ପ୍ରଦିପ ମାଝି ଯୋଗଦେଇ ବିଧାୟିକା ପ୍ରାର୍ଥିନୀ ବନ୍ଦିତା ପରିଡା ଓ ଲୋକ ସଭା ପ୍ରାର୍ଥୀ ମାନସ ଜେନାଙ୍କୁ ଭୋଟ ଦେଇ ଜୟଯୁକ୍ତ କଲେ କୋରେଇ ଓ ଯାଜପୁରର ବିକାଶ ହେବ ବୋଲି କହିଥିଲେ। ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ କୋରେଇରୁ ବିଧାୟକ ଟିକେଟ ପାଇଁ ଆଶାୟୀ ଥିବାବେଳେ ସେ ସମାବେଶରେ ଯୋଗଦେଇ ନ ଥିଲେ। ଫଳରେ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ରାଉତ, ବିଷ୍ଣୁଚରଣ ରାଉତ, ମଧୁ ସାହୁ, ରସାନନ୍ଦ ମହାନ୍ତି, ପଦ୍ମାକର ଗୁରୁ, କୁମାର ଗୌରବ, ରବୀନ୍ଦ୍ର ମଲ୍ଲିକ, ଯୋଗେନ୍ଦ୍ର ପାଣିଗ୍ରାହୀ, ମିହିର ମିଶ୍ର, ରିତାଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କୋରେଇ ବିଧାନସଭା ମଣ୍ଡଳ ସଭାପତି ପ୍ରିୟବ୍ରତ ସାହୁ ଧନ୍ୟବାଦ ଦେଇଥିଲେ।

# ଶକ୍ତିଶାଳୀ ହେଉଛି ବରୀ ବିଜେଡି

**■ଯୋଗଦେଲେ ଶତାଧିକ ଭାଜପା, କଂଗ୍ରେସ କର୍ମୀ**

ବରୀ,୧୯।୪ (ସ୍ୱ.ପ୍ର.)

ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବରୀ ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳର ପ୍ରଚାର ଜୋରଦାର୍ ହେଉଛି। ଏହି ସମୟରେ ବିଜେଡି ପ୍ରଚାର ଓ ମିଶ୍ରଣ ପ୍ରକ୍ରିୟାକୁ ଆଗେଇ ନେଇଥିବାବେଳେ ଶୁକ୍ରବାର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀଙ୍କୁ ବିଜେଡି ନିଜ ଦଳରେ ଯୋଗଦାନ କରାଇ ଶକ୍ତିଶାଳୀ ହୋଇଥିବା ଜଣାପଡ଼ିଛି। ଫଳରେ ବିରୋଧୀ ଭାଜପା ଓ କଂଗ୍ରେସ ପଛରେ ପଡ଼ି ଯାଇଛନ୍ତି। ରଘୁନାଥପୁର ଖେଳ ପଡ଼ିଆରେ ଶୁକ୍ରବାର ଅପରାହ୍ନରେ ବିଜେଡିର ଟାଣୁଆ ନେତା ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଏକ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଏହି ନିର୍ବାଚନମଣ୍ଡଳୀରେ ଥିବା ଯାଜପୁର ବ୍ଲକ୍‌ର ୮ ପଞ୍ଚାୟତକୁ ନେଇ ସମ୍ମିଳନୀ ହୋଇଥିଲା। ଏଥିରେ ଶହ ଶହ ସଂଖ୍ୟାରେ କର୍ମୀ ଯୋଗଦେଇ ବବିଙ୍କ ହାତମୁଠାକୁ ଟାଣ କରିବା ସହ ବିଧାୟିକା ପ୍ରାର୍ଥିନୀ ସୁନନ୍ଦା ଦାସଙ୍କୁ ବିଜୟ କରିବା ପାଇଁ ଶପଥ ନେଇଛନ୍ତି। କଳାମାଟିଆ ପଞ୍ଚାୟତରେ ପ୍ରାର୍ଥିନୀ ସୁନନ୍ଦା ଶତାଧିକ ମହିଳାଙ୍କ ସହ ଘର ଘର ବୁଲି ଭୋଟ୍ ଭିକ୍ଷା କରିଛନ୍ତି। ବାଲିଆ ପଞ୍ଚାୟତର ଜାଗୁଳାଇ ପଡ଼ିଆରେ ବିଜେଡିର କର୍ମୀ ସମ୍ମିଳନୀ ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରବୀର ଜେନା ଓ ସମିତି ସଭ୍ୟ ପ୍ରଦୀପ ଘଡ଼ାଇଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ କରାଯାଇଥିଲା। ଏଥିରେ ବାଇଧର ମଲ୍ଲିକ, ଭାଗବତ ମଲ୍ଲିକ, ଆରତୀ ମଲ୍ଲିକ, ସଞ୍ଜୟ ମଲ୍ଲିକ, ଜଗନ୍ନାଥ ମଲ୍ଲିକ, ଅଭିରାମ ମଲ୍ଲିକ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ସନ୍ଧ୍ୟାରେ ସାହୁପଡ଼ା ପଞ୍ଚାୟତର ଦଳିତ ବସ୍ତିରେ ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ବିଜେଡି ନେତା ଦେବେନ୍ଦ୍ର ଦାସ, କେଦାର ସାମଲ, ଅଶୋକ ସାମଲ, ନୀଳମଣି ସାମଲଙ୍କ ନେତୃତ୍ୱରେ ଅର୍ଥଙ୍ଗା ପଞ୍ଚାୟତରେ କେତେଜଣ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିର ମିଶ୍ରଣ ପର୍ବକୁ ଭାଜପା ଟକ୍କର ଦେଇ ମିଶ୍ରଣ ପ୍ରକ୍ରିୟା ଜାରି ରଖିଥିବା କୁହାଯାଇଛି। ପଞ୍ଚାୟତ ନିର୍ବାଚନ ପରଠାରୁ ଦୁର୍ବଳ ହୋଇପଡ଼ିଥିବା ବିଜେଡି ବିଧାନସଭା ପାଇଁ ମହିଳା କାର୍ଡ ଖେଳି ବାଜି ମାରିନେବା ପାଇଁ ନୂଆ କୌଶଳ ପ୍ରଣୟନ କରିଛି। ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ମାରାଥନ୍ ପ୍ରଚାର କରି ବିଜେଡିକୁ ଦେଖିବାକୁ ମିଳିଛି। ଏହି ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୭ ହଜାରରୁ ଉର୍ଦ୍ଧ୍ୱ ଭୋଟର ରହିଥିବାବେଳେ ଚଳିତ ନିର୍ବାଚନରେ ମତଦାନ ହାର ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ୨୦୦୯ରେ ମତଦାନ ହାର ୫୮.୮୭ ହୋଇଥିଲା ବେଳେ ୨୦୧୪ରେ ୭୦.୪କୁ ବୃଦ୍ଧି ପାଇଥିଲା। ଏମ୍.ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀଙ୍କ ଘର ବରୀ ନିର୍ବାଚନମଣ୍ଡଳୀରେ ହୋଇଥିବାରୁ ବିଜେଡିର ପ୍ରଚାର ପ୍ରସାରକୁ ଦଳ ଗୁରୁତ୍ୱ ଦେଇଛି। ଆସନ୍ତା ୨୨ରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ବରୀ ଗସ୍ତ ପରେ ବିଜେଡି ଆହୁରି ଶକ୍ତିଶାଳୀ ହୋଇଯିବ ବୋଲି ଆଲୋଚନା ହେଉଛି।



ସମ୍ମିଳନୀରେ ଯୋଗ ଦେଇଥିବା ବିଜେଡି କର୍ମୀ ।

### କଂଗ୍ରେସର ପଦଯାତ୍ରା

ସିଂହପୁର,୧୯।୪(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ, ଆଉଁରୀ ପଞ୍ଚାୟତ, ୨୬ ଓ ୨୭ ନଂ. ଜୋନ୍‌ରେ ଶୁକ୍ରବାର କଂଗ୍ରେସର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦାସ ଘର ଘର ବୁଲି ଭୋଟ ମାଗିବା ସହ ଭୋଟରଙ୍କୁ ଦଳରେ ସାମିଲ କରିବାକୁ ଅନୁରୋଧ କରୁଥିବା ଦେଖାଯାଇଛି। ପ୍ରାର୍ଥୀ ଦାସଙ୍କ ସହ ପୂର୍ବତନ ଜିଲା କଂଗ୍ରେସ ସଭାପତି ଶିଶିର ନାୟକ, ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ ପ୍ରମୁଖ ପ୍ରଚାର ମାଧ୍ୟମରେ ଲୋକଙ୍କୁ ପ୍ରଭାବିତ କରୁଛନ୍ତି। ଏହି ପଦଯାତ୍ରାରେ ଜୋନ ସଭାପତି ଗୋବିନ୍ଦ ପରିଡା, ଭୁବନାନନ୍ଦ ସାମଲ, ପ୍ରଦ୍ୟୁମ୍ନ ପାତ୍ର, ମହେନ୍ଦ୍ର ମଲିକ, ମନୋଜ ସାମଲ, କୁଞ୍ଜ ବିହାରୀ ବେହେରା, ବିଜନ ଦାସ, ସରୋଜ ନାୟକ, ଶ୍ରୀଧର ମଲିକଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ୩୦ ପରିବାର ଅନ୍ୟଦଳ ଛାଡି କଂଗ୍ରେସରେ ଯୋଗଦେଇଛନ୍ତି। ନୂତନ କର୍ମୀଙ୍କୁ ପ୍ରାର୍ଥୀ ମନୋରଞ୍ଜନ ସ୍ୱାଗତ କରିଥିଲେ।

## ସଂକ୍ଷେପରେ

### ଅଣ୍ଡିରା ତାମାରିନ୍ ମାଙ୍କଡ଼ର ମୃତ୍ୟୁ



**ବାରଙ୍ଗ,୧୯।୪(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ଏକ ଅଣ୍ଡିରା ତାମାରିନ ମାଙ୍କଡର ମୃତ୍ୟୁ ହୋଇଯାଇଛି। ମାଙ୍କଡମାନଙ୍କ ମଧ୍ୟରେ ଛୋଟ ପ୍ରଜାତି ହେଉଛି ତାମାରିନ। ଗତ ୨୦୧୮ ମାର୍ଚ୍ଚ ୨୫ତାରିଖରେ ନନ୍ଦନକାନନ କର୍ତ୍ତୃପକ୍ଷ ମହୁରାଇର ଏକ ସଂସ୍ଥାଠାରୁ ହଳେ ତାମାରିନ ୩ଲକ୍ଷ ଟଙ୍କା ବ୍ୟୟବରାଦରେ କ୍ରୟ କରି ଆଣିଥିଲେ। ଗୋଟିଏପଟେ ଏମାନଙ୍କୁ ରଖିବା ପାଇଁ ଏନକ୍ଲୋଜରର ଅଭାବ ଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ପାଇଁ ଡାକ୍ତରଖାନାରେ ରଖାଯାଇଥିଲା। ସେହିଦିନଠାରୁ ଏହି ତାମାରିନଦ୍ୱୟ ଡାକ୍ତରଖାନାର ଚାରିକାନ୍ଥ ମଧ୍ୟରେ ରହିଥିଲେ। ପର୍ଯ୍ୟଟକମାନେ ସେମାନଙ୍କୁ ଦେଖି ମଜ୍ଜା ଉଠାଇବା ପୂର୍ବରୁ ଅଣ୍ଡିରା ତାମାରିନ ମୃତ୍ୟୁ କରିଥିଲା। ଫଳରେ ସାଥିହରା ହୋଇ ମାଈ ତାମାରିନଟି ବଞ୍ଚିବା ସହ ନିଃସଙ୍ଗ ଜୀବନ ଜିଇବାକୁ ଆରମ୍ଭ କରିଛି। ଶୁକ୍ରବାର ସକାଳେ ଡାକ୍ତରଖାନାର କର୍ମଚାରୀମାନେ ଆସି ଦେଖିବାବେଳକୁ ଅଣ୍ଡିରା ତାମାରିନଟି ମରିପଡିଥିବାର ଦେଖିଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଜନ୍ତୁବିଭାଗ ଏସିଏଫ ଅଞ୍ଜନ କୁମାର ମହାନ୍ତି କହିଛନ୍ତି। ଏହି ତାମାରିନ ନନ୍ଦନକାନନକୁ ଆସି ଡାକ୍ତରଖାନାରେ ରହିବାର ୫ମାସପରେ ଅଗଷ୍ଟ୨ତାରିଖରେ ଜଣେ ଡାକ୍ତରଖାନା କର୍ମଚାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ଗୋଟିଏ ଫେରାର ହୋଇଯାଇଥିଲା। ଫେରାର ହେବାର ୪ଦିନ ପରେ ଲେବର ବ୍ୟାରେକର ଏକ ପିଜୁଳି ଗଛରୁ ଉଦ୍ଧାର ହୋଇଥିଲା।

### ମତଦାନ କେନ୍ଦ୍ରରେ ପିଇବା ପାଣି, ଗ୍ଲୁକୋଜ, ଶେଡ୍ ବ୍ୟବସ୍ଥା ଦାବି କଲା ଭାଜପା

**ଭୁବନେଶ୍ୱର,୧୯।୪(ବ୍ୟୁରୋ):** ଏବେ ପ୍ରଚଣ୍ଡ ଖରା ହେଉଛି । ଭୋଟ ଦେଲା ବେଳେ ପ୍ରବଳ ଗରମ ହେଉଥିବାରୁ ଏବଂ ମତଦାନ କେନ୍ଦ୍ରରେ ଭିଡଥିବା କାରଣରୁ ଭୋଟ୍‌ଦାତାମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଧାଡ଼ିରେ ଠିଆହୋଇ ରହୁଛନ୍ତି । ଏହି ସମସ୍ୟା ପ୍ରତି ଧ୍ୟାନ ଦେବା ପାଇଁ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଭେଟି ଦାବି କରିଛି । ଖରାରୁ ରକ୍ଷା ପାଇବା ପାଇଁ ମତଦାନ କେନ୍ଦ୍ର ନିକଟରେ ଅସ୍ଥାୟୀ ଟେଣ୍ଟ ନିର୍ମାଣ କରିବା ସହ ପିଇବା ପାଣି, ଗ୍ଲୁକୋଜ, ଅଂଶୁଘାତରୁ ରକ୍ଷା ପାଇବା ସକାଶେ ପ୍ରାଥମିକ ଚିକିତ୍ସା ଆଦିର ବ୍ୟବସ୍ଥାକୁ ପ୍ରତିନିଧି ଦଳ ଦାବି କରିଛି । ଏହି ଟିମ୍‌ରେ ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ ସାମିଲ ଥିଲେ।

## ■ କରଞ୍ଜିଆରେ ରାଜନାଥ ସିଂଙ୍କ ନିର୍ବାଚନୀ ପ୍ରଚାର

# ରେଳ ସଂଯୋଗ ପାଇଁ ପ୍ରତିଶ୍ରୁତି ଦେଲେ

ଠାକୁରମୁଣ୍ଡା (ଡି.ଏନ.ଏ.)/ ବାରିପଦା ଅଫିସ,୧୯।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଅଧିକ ଶକ୍ତିଶାଳୀ ହୋଇପାରିଛି। ପୁଲଓ୍ୱାମାରେ ୪୨ ଜଣ ଯବାନଙ୍କୁ ଆକ୍ରମଣ କରାଯିବାର ୧୩ ଦିନ ମଧ୍ୟରେ ଦେଶର ବାୟୁସେନା ଯବାନମାନେ ପାକିସ୍ତାନ ସୀମା ମଧ୍ୟରେ ପଶି ଆତଙ୍କବାଦୀଙ୍କୁ ନିପାତ କରିପାରିଛନ୍ତି। ୨୦୩୦ ବେଳକୁ ଭାରତ ବିଶ୍ୱର ତୃତୀୟ ଶକ୍ତିଶାଳୀ ଦେଶରେ ପରିଣତ ହୋଇପାରିବ। ଭାଜପା ପୁନର୍ବାର କ୍ଷମତାକୁ ଆସିଲେ ଦେଶକୁ ଅଧିକ ଶକ୍ତିଶାଳୀ କରିବା ସହ ବିକାଶ ପଥରେ ଆଗେଇନେବ। ରେଳ ମାନଚିତ୍ରରୁ ବାଦ୍ ପଡିଥିବା କରଞ୍ଜିଆ ଭଳି ଅଞ୍ଚଳରେ ରେଳ ବିକାଶକୁ ପ୍ରାଥମିକତା ଦିଆଯିବ। କରଞ୍ଜିଆକୁ ରେଳପଥରେ କଲିକତା ଓ ବମ୍ବେ ସହିତ ସଂଯୋଗ କରାଯିବ ବୋଲି ଶୁକ୍ରବାର କରଞ୍ଜିଆ ଗୋଲେଇ କେନାଲ ପଡିଆଠାରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ କେନ୍ଦ୍ର ଗୃହ ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

କେନ୍ଦୁଝର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୟୂରଭଞ୍ଜ ଜିଲାର କରଞ୍ଜିଆ ବିଧାନସଭା କ୍ଷେତ୍ର ପାଇଁ ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ହେଉଛି। ଏଥିଲାଗି ଭାଜପା ପ୍ରଚାର



ବିଜୟ ସଂକଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଉଦ୍‌ବୋଧନ ଦେଉଛନ୍ତି।

■ ଚାଷୀଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ
■ ଛଉ ନୃତ୍ୟର ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯିବ

କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ କରଞ୍ଜିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ଅବସରରେ କଂଗ୍ରେସ ଏବଂ ଓଡ଼ିଶାରେ ୧୯ ବର୍ଷ ଶାସନ କରିଥିବା ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, କେନ୍ଦ୍ରରେ କ୍ଷମତାସୀନ ଥିବାବେଳେ କଂଗ୍ରେସ ସରକାର ୨୦୦୮ରୁ ୨୦୧୪ ମଧ୍ୟରେ ମାତ୍ର ୨୫ ଲକ୍ଷ ଗରିବଙ୍କୁ ଗୃହ ଯୋଗାଇଥିଲେ। କିନ୍ତୁ ନରେନ୍ଦ୍ର ମୋଦିଙ୍କ ସରକାର ୫ ବର୍ଷରେ ୧କୋଟି ୩୦ ଲକ୍ଷ ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ପାରିଛନ୍ତି। ଓଡ଼ିଶା ପ୍ରସଙ୍ଗରେ ସେ କହିଥିଲେ, ଏଠାରେ ରାସ୍ତାଘାଟ, ପାନୀୟଜଳ , ବିଜୁଳି ଭଳି ବହୁ ସମସ୍ୟା ରହିଛି। ଆଶାନୁରୂପ ବିକାଶ ହୋଇନାହିଁ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଗରିବଙ୍କ ପ୍ରତି ସମର୍ପିତ। ଏହି ସରକାର ସମସ୍ତ ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କା ସହାୟତା ପ୍ରଦାନ କରୁଛନ୍ତି। କ୍ଷମତାକୁ ଆସିଲେ କିଷାନକାର୍ଡ ଜରିଆରେ ଚାଷୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ ସହ ୬୦ ବର୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୩ ହଜାର ଟଙ୍କାର ଭତ୍ତା ଦିଆଯିବ। ଓଡ଼ିଶାର ସଂସ୍କୃତି ଓ ସଭ୍ୟତାର ବିକାଶ କରାଯିବା ସହ ମୟୂରଭଞ୍ଜ ଜିଲାର ଛଉ ନୃତ୍ୟର ବିକାଶ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ । ରାଜ୍ୟରୁ ସ୍ଥାଣୁ ସରକାରଙ୍କୁ ହଟାଇ ଭାଜପାକୁ କ୍ଷମତାସୀନ କରିବା ଏବଂ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଏବଂ ବିଧାୟକ ପ୍ରାର୍ଥୀ ପଦ୍ମ ଚରଣ ହାଇବ୍ରୁଙ୍କୁ ଭୋଟ ଦେଇ ଜିତାଇବାକୁ ସେ ଅନୁରୋଧ କରିଥିଲେ।

ରାଜନାଥ ପ୍ରଥମେ ଓଡ଼ିଆରେ ଭାଷଣ ଆରମ୍ଭ କରି ଜୟ ଜଗନ୍ନାଥ କହି ମା' ତାରିଣୀ ଓ ମା' କୀଚକେଶ୍ୱରୀଙ୍କୁ ପ୍ରଣାମ ଜଣାଇଥିଲେ। ଲୋକ ସଭା ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲା ସଭାପତି ନବୀନ ରାମ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ମହାନ୍ତ, ଗିରିଧାରୀ ପୃଷ୍ଟି , ନବକିଶୋର ପଣ୍ଡା, ସବୁଜ ମହାନ୍ତ, ବାଞ୍ଛାନିଧି ପୃଷ୍ଟି ଓ ଜିଲା ପରିଷଦ ସଭ୍ୟମାନେ ଉପସ୍ଥିତ ଥିଲେ। ରାଜନାଥ ହେଲିକପ୍ଟର ଯୋଗେ ଆସି ସଭାସ୍ଥଳ ନିକଟରେ ନିର୍ମାଣ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡରେ ଅପରାହ୍ନ ୧ଟା ୧୦ ମିନିଟରେ ଅବତରଣ କରିଥିଲେ। ଦୀର୍ଘ ୪୦ ମିନିଟ ଧରି ଭାଷଣ ଦେଇ ସେ ଅପରାହ୍ନ ୨ଟା ୧୦ ବେଳକୁ କଟକ ଠାରେ ଆୟୋଜିତ ନିର୍ବାଚନ ସଭାରେ ଯୋଗଦେବାକୁ ଯାଇଥିଲେ। ରାଜନାଥଙ୍କ ସଭାକୁ ସଫଳ କରିବା ପାଇଁ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରୁ କର୍ମୀଙ୍କୁ ଅଣାଯାଇଥିଲା। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ସେହିପରି ଅପରାହ୍ନରେ ନୟାଗଡ଼ ଷ୍ଟାଡ଼ିୟମ୍‌ଠାରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ସିଂ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

## 'ଜେଲରୁ ଟିକେଟ ବାଣ୍ଟୁଛନ୍ତି ଲାଲୁ'

**ଆର୍‌ଜେଡି ପ୍ରାର୍ଥୀଙ୍କ ନାମାଙ୍କନ ରଦ୍ଦ କରିବାକୁ ଜେଡିୟୁର ଦାବି**



ପାଟନା,୧୯।୪(ପି.ଟି.)

ଆର୍‌ଜେଡି ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବ ଜେଲ୍‌ରେ ଥାଇ ଦଳୀୟ ପ୍ରାର୍ଥୀଙ୍କୁ ଟିକେଟ ବାଣ୍ଟିଥିବା ଅଭିଯୋଗ ହୋଇଛି। ବିହାରର ଶାସକ ଜେଡିୟୁ ମୁଖପାତ୍ର ନୀରଜ କୁମାର ଏଭଳି ଅଭିଯୋଗ ଆଣି ଆର୍‌ଜେଡି ପ୍ରାର୍ଥୀମାନଙ୍କ ନାମାଙ୍କନ ରଦ୍ଦ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ନୀରଜ କହିଛନ୍ତି, ଲାଲୁ ଏକାଧିକ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ରାଞ୍ଚି ଜେଲରେ ଥିବାବେଳେ ଦଳୀୟ ଟିକେଟରେ ଦସ୍ତଖତ ଦେଇ ଆର୍‌ଜେଡି ପ୍ରାର୍ଥୀମାନଙ୍କୁ କିପରି ଦେଲେ। ଏଥିପାଇଁ ସେ ନିର୍ବାଚନ କମିଶନଙ୍କ ଅନୁମତି ନେଇଥିଲେ କି ବୋଲି ନୀରଜ ପ୍ରଶ୍ନ କରିଛନ୍ତି। ଲାଲୁ ଜେଲ ଆଇନର ଉଲ୍ଲଂଘନ କରିଥିବା ଦର୍ଶାଇ ସେ ମୁଖ୍ୟ ନିର୍ବାଚନ କମିଶନ (ସିଇସି)ଙ୍କୁ ମଧ୍ୟ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରକାଶ ଯେ, ଆର୍‌ଜେଡି ଏଥର ୧୯ ଆସନରେ ପ୍ରାର୍ଥୀ ଦେଇଛି।

## ■ ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା

# ରାସ୍ତାରୋକୋ ପାଇଁ ୮ କି.ମି. ବାଇକ୍‌ରେ ଅଣାଗଲା ମୃତଦେହ

ପାପଡାହାଣ୍ଡି,୧୯।୪(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖୁଟୁବାଇ ପଞ୍ଚାୟତ ଛାଲିପେଟା ଗ୍ରାମରେ ଗୁରୁବାର ଅପରାହ୍ନରେ ବିଦ୍ୟୁତ ଖୁଣ୍ଟରେ ଚଢି ତାର ମରାମତି ସମୟରେ ବିଦ୍ୟୁତ ଆଘାତରେ ମନ କାଡିଙ୍କ ମୃତ୍ୟୁ ହୋଇଥିଲା । କିନ୍ତୁ ତୁରନ୍ତ ବିଦ୍ୟୁତ ବିଭାଗର କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଏହାକୁନେଇ ଉତ୍ତେଜନା ଦେଖା ଦେଇଥିଲା । ଘଟଣାସ୍ଥଳରେ କୋଡିଙ୍ଗା ପୋଲିସ

**ଗୁରୁବାର ରାତି ସାରା ଲୋକେ ଜଗି ରହିଲେ ମୃତଦେହ**

ପହଞ୍ଚିଥିଲେ ମଧ୍ୟ ମନଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବା ଦାବି କରି ମୃତଦେହକୁ ଲୋକମାନେ ବ୍ୟବଚ୍ଛେଦ ପାଇଁ ଛାଡି ନଥିଲେ। ଲୋକମାନେ ରାତି ସାରା ମୃତଦେହକୁ ଜଗି ରହିଥିଲେ। ଶୁକ୍ରବାର ସକାଳେ କଟିଆଗୁଡା ଗ୍ରାମବାସୀ ଏକ ବାଇକରେ ମୃତଦେହକୁ ଘଟଣାସ୍ଥଳରୁ ୮ କି.ମି ଦୂର ଭଣ୍ଡିଆ ଛକକୁ ଆଣିଥିଲେ।


ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

ସେଠାରେ ମୃତଦେହ ରଖି କ୍ଷତିପୂରଣ ଦାବି କରି ଗ୍ରାମବାସୀ ଟାୟାର ଜାଳି ପୂର୍ବାହ୍ନ ୧୦ଟାରୁ ରାସ୍ତାରୋକୋ କରିଥିଲେ। ୪ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ କୋଷାଗୁମୁଡା ଠାରୁ ପାପଡାହାଣ୍ଡି ବ୍ଲକ ମଧ୍ୟରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା। ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାରର ଜଣକୁ ଚାକିରି ଦେବା ଲାଗି ଗ୍ରାମବାସୀ ଦାବି କରିଥିଲେ। ଖବର ପାଇ ପାପଡାହାଣ୍ଡି ତହସିଲଦାର ପ୍ରେମଲାଲ ହିଆଲ, କୋଡ଼ିଙ୍ଗା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗର ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ ତରଫରୁ ୧୦ହଜାର ଟଙ୍କା, କୋଷାଗୁମୁଡା ବିଦ୍ୟୁତ ବିଭାଗ ପକ୍ଷରୁ ୨୦ ହଜାର ଟଙ୍କା, ଆବାସ ଯୋଜନାରେ ଘର, ମନଙ୍କ ସ୍ତ୍ରୀଙ୍କୁ ଭତ୍ତା ସହ ବିଦ୍ୟୁତ ବିଭାଗ ତରଫରୁ ଚାକିରି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ମୃତଦେହକୁ କୋଷାଗୁମଡା ଡାକ୍ତରଖାନା ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା।

## ପୋଖରୀରୁ ୨ ନାବାଳକଙ୍କ ମୃତଦେହ ଉଦ୍ଧାର

**ରାଉରକେଲା ଅଫିସ, ୧୯।୪:** ସୁନ୍ଦରଗଡ଼ ଜିଲା ବିର୍ସା ଥାନା ପୋଲିସ ବାଗଡେଗା(ବାଗଟୋଲା) ଗ୍ରାମ ପୋଖରୀରୁ ଶୁକ୍ରବାର ୨ଜଣ ନାବାଳକଙ୍କ ମୃତଦେହ ଉଦ୍ଧାର କରିଛି। ସେମାନେ ହେଲେ ସେହି ଗ୍ରାମର ଫୁଲେଶ୍ୱର ସାହୁଙ୍କ ପୁଅ ଦେବାଶିଷ ସାହୁ(୭) ଏବଂ ରାମଟହଲ ସାହୁଙ୍କ ପୁଅ ବାବଲୁ ସାହୁ(୮)। ଏନେଇ ବିର୍ସା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଦେବାଶିଷ ଏବଂ ବାବଲୁ ଗୁରୁବାର ଅପରାହ୍ନ ୪ଟାରେ ଗାଁ ଦାଣ୍ଡରେ ଖେଳୁଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନେ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଶୁକ୍ରବାର ସକାଳେ ପୋଖରୀରେ ମୃତଦେହ ଭାସୁଥିବା କେହି ଜଣେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ମୃତଦେହ ଚିହ୍ନଟ କରି ବିଶ୍ରା ଥାନାକୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ନୂଆଗାଁ ଅଗ୍ନିଶମ କର୍ମଚାରୀ ପୋଖରୀରୁ ୨ ନାବାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ବାଗଡେଗା ଗାଁରେ ଶୋକର ଛାୟା ଖେଳି ଯାଇଛି।

## ବିଜୟ ସଂକଳ୍ପ ସଭାରେ ଧର୍ମେନ୍ଦ୍ରଙ୍କ ପ୍ରତିଶ୍ରୁତି

# ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍କୁଟି ମିଳିବ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଫୁଲହାର ଦେଇ ସ୍ୱାଗତ କରାଯାଉଛି ।

ଦେବଗଡ଼,୧୯।୪(ସ୍ୱ.ପ୍ର)

ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ରାଜା ନିତେଶ ଗଙ୍ଗଦେବ ଓ ଦେବଗଡ଼ ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ପାଇଁ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୋଟ ପ୍ରଚାର କରିଛନ୍ତି। ବାରକୋଟ ବ୍ଲକ ଅଧୀନ ବଳମ ଗ୍ରାମ ପଡ଼ିଆରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଉଦ୍‌ବୋଧନ ଦେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିବା ସହ ବିକାଶର ସ୍ୱପ୍ନ ଦେଖାଇଥିଲେ। ରେଙ୍ଗାଳି ବହୁମୁଖୀ ନଦୀ ବନ୍ଧ ଯୋଜନା ଦ୍ୱାରା ବିସ୍ଥାପିତଙ୍କ ସମସ୍ୟା ସମାଧାନ, ତାଳଚେର-ବିମଳାଗଡ ରେଳପଥ, ବାରକୋଟଠାରୁ ପାରାଦୀପ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀରେ ଜଳପଥ ନିର୍ମାଣ, ବେକାରି ସମସ୍ୟାକୁ ଦୂର କରିବା ପ୍ରତିଶ୍ରୁତି ଦେବା ସହ ଯଦି ଭାଜପା କ୍ଷମତାକୁ ଆସେ ତା'ହେଲେ ଦେବଗଡ ଜିଲାକୁ ୧ ନମ୍ବର ଜିଲାରେ ପରିଣତ କରାଯିବ ବୋଲି କହିଥିଲେ । ସେହିପରି ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରାଯିବ । ଯୁକ୍ତ ୨ ଶ୍ରେଣୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଟି ପ୍ରଦାନ କରାଯିବ ବୋଲି ସେ କହିଥିଲେ ।

ସଭାପୂର୍ବରୁ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ,ଭାଜପା ଜିଲା ସଭାପତି ଅରୁଣ ସାହୁ,ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ଆଲୋକ ମିଶ୍ର,ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ସୁବାସିନୀ ଦେହୁରୀ,ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ,ଜିଲା ସାଧାରଣ ସମ୍ପାଦକ ଭାରତ ଭୂଷଣ ପ୍ରଧାନ,ସତ୍ୟନାରାୟଣ ପାଣି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

# ୫ବର୍ଷର ହିସାବ ମାଗିବାରୁ ରାଗିଗଲେ ଅନୁଭବ

**କେନ୍ଦ୍ରାପଡା ଅଫିସ, ୧୯।୪:** କେନ୍ଦ୍ରାପଡା ଜିଲା ପାଟକୁରାଠାରେ ବିଜେଡି ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ରୋଡ୍‌ଶୋ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଭବ ଖବରଦାତାଙ୍କ ପ୍ରଶ୍ନରେ ରାଗିଯାଇଥିଲେ। ଏହାର ଏକ ଭିଡିଓ କ୍ଲିପ ଶୁକ୍ରବାର ଭାଇରାଲ ହେବା ସହ ଜିଲାସାରା ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି।

ଚଳିତ ନିର୍ବାଚନରେ କେନ୍ଦ୍ରାପଡ଼ା ଲୋକ ସଭା ଆସନ ପାଇଁ ନେତା, ଅଭିନେତା ଓ ଆଇନଜୀବୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି କି ବୋଲି ଖବରଦାତାମାନେ ଅନୁଭବଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଅନୁଭବ କହିଥିଲେ, ସେ ଗତ ୫ ବର୍ଷ ଧରି ରାଜ୍ୟ ସଭା ସଦସ୍ୟ ରହିଛନ୍ତି। କେବଳ ଅଭିନେତା ନୁହେଁ ସେ ଜଣେ ରାଜନେତା ହୋଇଥିବାବେଳେ ଗଣମାଧ୍ୟମ ଏପରି କୁହେଳିକା ସୃଷ୍ଟି କରୁଛି। କେନ୍ଦ୍ରାପଡ଼ାରେ ଏଥର ବେଇମାନ ଓ ସ୍ୱାଭିମାନର ଲଢ଼େଇ ହେଉଛି ବୋଲି ଅନୁଭବ କହିଥିଲେ। ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ସଭା ସଦସ୍ୟ ଥିଲା ବେଳେ କଟକ ପାଇଁ କ'ଣ କରିଛନ୍ତି ବୋଲି ଖବରଦାତାଙ୍କ ପ୍ରଶ୍ନରେ ଅନୁଭବ ରାଗିଯାଇ କଟକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହାର ହିସାବ ଖୋଜନ୍ତୁ ବୋଲି କହିଥିଲେ। ଏହି ଭିଡିଓକୁ ନେଇ ଏବେ ଜିଲାରେ ଚର୍ଚ୍ଚା ଜୋର ଧରିଛି।

# ଓଟିଭି, ଧର୍ମେନ୍ଦ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କୁ ଧମକଚମକ ଦେଉଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଭାଜପା ଓ ଏହାର ନେତାମାନେ ନିର୍ବାଚନ ପ୍ରକ୍ରିୟାରେ ଅପରାଧୀକରଣ କରିବା ସହ ବାଧାସୃଷ୍ଟି କରୁଛନ୍ତି। ଧର୍ମେନ୍ଦ୍ରଙ୍କ ସହ ସୋରଡା ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଶୋଇ ଗୁରୁବାର ପୋଲିଂ ବୁଥକୁ ଆକ୍ରମଣ କରିବା ସହ ଇଭିଏମକୁ କଚାଡି ଭାଙ୍ଗି ଦେଇଥିଲେ। ଏହାଛଡା ରାଜ୍ୟର ବିଭିନ୍ନ ସ୍ଥାନରେ ଭାଜପା ନେତା ଓ କର୍ମୀମାନେ ଗଣ୍ଡଗୋଳ ସହ ଆକ୍ରମଣ କରୁଛନ୍ତି। ବିହାର ଓ ମଧ୍ୟପ୍ରଦେଶର ଗୁଣ୍ଡାଗର୍ଦ୍ଦି ସଂସ୍କୃତିକୁ ଏଠିକାର ଭାଜପା ଆପଣାଇଛି। ଧର୍ମେନ୍ଦ୍ର ସେଠାରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବାରୁ ସେହି ରାଜ୍ୟଗୁଡିକର ଆପରାଧିକ ସଂସ୍କୃତିକୁ ଆପଣାଇଛନ୍ତି। ରାଜ୍ୟରେ ଶାନ୍ତିପୂର୍ଣ୍ଣ ନିରପେକ୍ଷ ମତଦାନ ସକାଶେ ଭାଜପା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡିର ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସୁରେନ୍ଦ୍ର କୁମାରଙ୍କୁ ଭେଟି ଦାବିପତ୍ର ଦେଇଛି।

ସେହିପରି ଅନ୍ୟ ଏକ ଦାବିପତ୍ରରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପୂର୍ବରୁ ପ୍ରଚାର ବନ୍ଦ ସମୟରେ ମଧ୍ୟ ଭାଜପା ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଂଘନ କରିଛି। ଏହି ସମୟରେ

**ସିଇଓଙ୍କୁ ଫେରାଦ ହେଲା ବିଜେଡି**

ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯିବା ସହ ଗଣମାଧ୍ୟମରେ ମତାମତ ଦିଆଯାଉଛି। ଏହାସତ୍ତ୍ୱେ ନିର୍ବାଚନ କମିଶନ ଭାଜପା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ବିଜେଡି ଅଭିଯୋଗ କରିଛି। ତୁରନ୍ତ ଭାଜପା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପ୍ରତିନିଧି ଦଳ ଦାବି କରିଛି।

ସେହିପରି ଓଟିଭି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଭାଜପା ପ୍ରତିନିଧି ଦଳ ସିଇଓଙ୍କ ନିକଟରେ ଦାବି କରିଛି। ଏହି ଚ୍ୟାନେଲ ଭାରତୀୟ ଜନତା ପାର୍ଟି ଚ୍ୟାନେଲ ଭଳି କାର୍ଯ୍ୟ କରୁଛି। ଭାଜପା ପାଇଁ ପେଡ୍ ନ୍ୟୁଜ ଭଳି ଖବର ପ୍ରସାରଣ କରୁଛି। ଏ ନେଇ ବିଜେଡି ପକ୍ଷରୁ ପ୍ରମାଣ ସହ ପେନ୍‌ଡ୍ରାଇଭ ଦିଆଯାଇଛି। ରାଜ୍ୟରେ ଭାଜପା ନେତାଙ୍କ ପାଇଁ ଏହା ଖୋଲାଖୋଲି କାମ କରୁଛି। ଏ ନେଇ ବିଜେଡି ପକ୍ଷରୁ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ମଧ୍ୟ ନିର୍ବାଚନ କମିଶନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଓଟିଭିର ସମସ୍ତ ଖବର କେବଳ ଭାଜପାକୁ ପ୍ରୋତ୍ସାହିତ କରିବାକୁ ଉଦ୍ଦିଷ୍ଟ ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। ଓଟିଭି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପ୍ରତିନିଧି ଦଳ ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ପ୍ରତିନିଧି ଦଳରେ ମୁଖପାତ୍ର ସୁଲତା ଦେଓ, ସସ୍ମିତ ପାତ୍ର ପ୍ରମୁଖ ସାମିଲ ଥିଲେ।

# ୫୭୦ ଜଣଙ୍କ ବିରୋଧରେ ଆପରାଧିକ ମାମଲା

ନୂଆଦିଲ୍ଲୀ,୧୯।୪

**ଏଡିଆର୍ ରିପୋର୍ଟ**
■ ତୃତୀୟ ପର୍ଯ୍ୟାୟରେ ୧୬୧୨ ପ୍ରାର୍ଥୀ
■ ୩୯୨ ଜଣ କୋଟିପତି

ଆସନ୍ତା ୨୩ ତାରିଖରେ ତୃତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ମୋଟ ୧୬୧୨ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରୁ ୫୭୦ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ଆସୋସିଏଶନ୍ ଅଫ ଡେମୋକ୍ରାଟିକ୍ ରିଫର୍ମ୍‌ସ (ଏଡିଆର୍) ରିପୋର୍ଟରେ ପ୍ରକାଶ ପାଇଛି। ପ୍ରାର୍ଥୀମାନଙ୍କ ସତ୍ୟପାଠ ଯାଞ୍ଚ ପରେ ଏଡିଆର୍ ଶୁକ୍ରବାର ପ୍ରକାଶ କରିଥିବା ରିପୋର୍ଟରୁ ଏହା ଜଣାପଡିଛି। ପ୍ରମୁଖ ରାଜନୈତିକ ଦଳ କଂଗ୍ରେସର ୯୦ ପ୍ରାର୍ଥୀଙ୍କ ମଧ୍ୟରୁ ୪୦ ଜଣ ଏବଂ ଭାଜପାର ୯୭ ପ୍ରାର୍ଥୀଙ୍କ ମଧ୍ୟରୁ ୩୮ ଜଣଙ୍କ ବିରୋଧରେ ଅପରାଧ ମାମଲା ରହିଛି। ସିପିଆଇଏମ୍‌ର ସର୍ବନିମ୍ନ ପ୍ରାର୍ଥୀଙ୍କ ବିରୋଧରେ ଅପରାଧ ମାମଲା ରହିଛି। ୧୪ ପ୍ରାର୍ଥୀ କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଛନ୍ତି। ୧୩ଜଣଙ୍କ ବିରୋଧରେ ହତ୍ୟା ମାମଲା, ୨୯ ଜଣଙ୍କ ବିରୋଧରେ ମହିଳାଙ୍କ ପ୍ରତି ଅପରାଧ ମାମଲା ଥିବା ସତ୍ୟପାଠରେ ଘୋଷଣା କରିଛନ୍ତି। ଉତ୍ତେଜନାମୂଳକ ଭାଷଣ ଦେବା ଅଭିଯୋଗରେ ୨୬ ଜଣଙ୍କ ବିରୋଧରେ ଅପରାଧ ମାମଲା ରୁଜୁ ହୋଇଛି।

ଏଡିଆର୍ ରିପୋର୍ଟ ଅନୁଯାୟୀ ଏହି ପର୍ଯ୍ୟାୟରେ ମୋଟ ୧୧୫ ନିର୍ବାଚନମଣ୍ଡଳୀରେ ମତଦାନ ହେବାକୁ ଥିବାବେଳେ ସେଥିରୁ ୬୩ଟି ଆସନ ସମ୍ବେଦନଶୀଳ ବର୍ଗରେ ରହିଛି, ଯେଉଁଠି ତିନି କିମ୍ବା ତଦୂର୍ଦ୍ଧ୍ୱ ପ୍ରାର୍ଥୀଙ୍କ ବିରୋଧରେ ଅପରାଧ ମାମଲା ରହିଛି। ତୃତୀୟ ପର୍ଯ୍ୟାୟରେ ୩୯୨ ଜଣ କୋଟିପତି ପ୍ରାର୍ଥୀ ରହିଥିବା ସତ୍ୟପାଠରୁ ଜଣାପଡ଼ିଛି।

## ସଂକ୍ଷେପରେ

### ୨୩ରେ ମୋଦି, ୨୦ରେ ନକ୍‌ଭୀଙ୍କ କେନ୍ଦ୍ରାପଡ଼ା ଗସ୍ତ



କେନ୍ଦ୍ରାପଡା ଅଫିସ୍, ୧୯।୪: ଆସନ୍ତା ୨୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରାପଡା ଜିଲାରେ ଅନୁଷ୍ଠିତ ହେବାକୁ ଥିବା ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜିଲା ଭାଜପା ପକ୍ଷରୁ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ରାଜ୍ୟ ଉପସଭାପତି ଭୁବନମୋହନ ଜେନା ଓ ବରିଷ୍ଠ ନେତା ବିଜୟ ନାୟକ ଏଥିରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ବିଜୁବାବୁଙ୍କ ନାମରେ ଗଠିତ ଦଳ ବିଜେଡି ଦୀର୍ଘ ବର୍ଷ ଓଡିଶାରେ ରାଜ୍ୟ ଶାସନ ଭାର ହାତକୁ ନେଇଥିଲେ ମଧ ଅର୍ଥନୈତିକ ଦୃଷ୍ଟିରୁ ଏହି ଜିଲା ରାଜ୍ୟର ୨୬ତମ ସ୍ଥାନରେ ରହିଛି। ଏଠାରେ ମୌଳିକ ସୁବିଧା ଲୋକଙ୍କ ନିକଟରେ ପହଞ୍ଚି ପାରି ନ ଥିବା ବେଳେ ଶିଳ୍ପ, ପର୍ଯ୍ୟଟନ, କୃଷି ଆଦି କ୍ଷେତ୍ରରେ ଏହି ଜିଲା ପଛୁଆ ଅଛି। ଏହି ବାସ୍ତବ ଚିତ୍ରକୁ ହୃଦୟଙ୍ଗମ କରି ଏଠାରେ ପରିବର୍ତ୍ତନର ଆହ୍ୱାନ ଦେବାକୁ ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ରାପଡା ଜିଲା ଗଠନ ପରେ ପ୍ରଥମ ଥର ଏଠାକୁ ଆସୁଛନ୍ତି। ୨୩ ତାରିଖ ପୂର୍ବାହ୍ନ ୯ଟା ସୁଦ୍ଧା କେନ୍ଦ୍ରାପଡ଼ା ବ୍ଲକ ବାରୁଅ ପଞ୍ଚାୟତ ସିଦ୍ଧମଠ ପଡ଼ିଆଠାରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହେବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏଥିସହିତ ଆସନ୍ତା ୨୦ ତାରିଖରେ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଆବ୍ବାସ ନକ୍‌ଭୀ ସହରର ତିନିମୁହାଣିସ୍ଥିତ ଏକ ହୋଟେଲରେ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ମିଳିଛି।

### ଜାତୀୟ ଜୁନିୟର ମହିଳା ଫୁଟବଲ ଦଳରେ ଆଳିର କ୍ରିଷ୍ଣା, ପୂର୍ଣ୍ଣିମା

ଆଳି, ୧୯।୪ (ଡି.ଏନ୍.ଏ.):ଚଳିତ ମାସ ୨୦ରୁ ମହାରାଷ୍ଟ୍ରର କୋହ୍ଲାପୁରଠାରେ ଆରମ୍ଭ ହେବାକୁ ଥିବା ଜାତୀୟ ଜୁନିୟର ମହିଳା ଫୁଟବଲ୍ ଚାମ୍ପିୟନଶିପ ପାଇଁ ଓଡ଼ିଶାର ୨୦ ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଆଳିର ଦୁଇଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଳି ବ୍ଲକ ଟୁଙ୍ଗା ଗ୍ରାମର ପ୍ରଭାତ ବାରିକଙ୍କ ଝିଅ କ୍ରିଷ୍ଣା ଓ ରାଣିପୋଖରୀ ଗ୍ରାମର ପୀତବାସ ମଲିକଙ୍କ ଝିଅ ପୂର୍ଣ୍ଣିମା। ଏହି ଦୁଇ ଖେଳାଳି ଜାତୀୟ ଜୁନିୟର ମହିଳା ଫୁଟବଲ୍ ଦଳରେ ସାମିଲ ହେବା ପରେ ଆଳି ଅଞ୍ଚଳ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଫୁଟବଲ୍ ଆସୋସିଏଶନ ଅଫ ଓଡିଶା (ଫାଓ) କ୍ରୀଷ୍ଣା ଓ ପୂର୍ଣ୍ଣିମାଙ୍କୁ ଚୟନ କରିଥିବାରୁ ଆଳି ଆଥଲେଟିକ ଆସୋସିଏଶନ ସଭାପତି ତଥା ବିଧାୟକ ଦେବେନ୍ଦ୍ର ଶର୍ମା, ସମ୍ପାଦକ ବିଜୟ କୁମାର ସେନାପତି, ଆସୋସିଏଶନର ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ଚିରଞ୍ଜିବି ଦାସ, ଫୁଟବଲ କୋଚ ସୁଶାନ୍ତ କୁମାର ମଲିକ ପ୍ରମୁଖ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

### ଭାଜପାର ମିଶ୍ରଣ ପର୍ବ



ରାଜକନିକା, ୧୯।୪ (ଡି.ଏନ୍.ଏ.): ଆଳି ନିର୍ବାଚନ ମଣ୍ଡଳୀର ଶତାଧିକ କଂଗ୍ରେସ ଏବଂ ବିଜେଡି କର୍ମୀ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ରାଜକନିକା ନେଉଳଗଡ଼ିଆଠାରେ ଭାଜପା ପକ୍ଷରୁ ଆୟୋଜିତ ସମାବେଶରେ ଆଳି ବ୍ଲକ ଅଧୀନ ଦେସାହି ପଞ୍ଚାୟତ ସହିତ ଆଳିର ଧୋୟାଞ୍ଚଳର ଶତାଧିକ କର୍ମୀମାନେ ଭାଜପାରେ ମିଶିଥିଲେ। ସ୍ଥାନୀୟ ଭାଜପା ବିଧାୟକ ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବ୍ରଜସୁନ୍ଦର ଭୂୟାଁ, ଦଶରଥ ସେନାପତି, ବିସି ଦାସ, ରଶ୍ମିରଞ୍ଜନ ବେହୁରା, ଜିତା ଦାସ, ବେଣୁଧର ପରିଡ଼ା ଓ ମନୋଜ ସେନାପତି ପ୍ରମୁଖ ଯୋଗଦେଇଥିଲେ।

# ଭୋଟରୁ ବିମୁଖ କୌଳିକ ବୃତ୍ତିଧାରୀ

- କୌଳିକ ବୃତ୍ତିଧାରୀଙ୍କ ପାଇଁ ନାହିଁ ସ୍ଥାୟୀ ରୋଜଗାର ସୁବିଧା କିମ୍ବା ସରକାରୀ ପ୍ରୋତ୍ସାହନ
- କାରିଗର ମାନ୍ୟତା ଓ ଭତ୍ତା ପ୍ରଦାନ ଦାବି

ମାର୍ଶାଘାଇ, ୧୯।୪ (ଡି.ଏନ୍.ଏ.)

କଳ କାରଖାନା ଓ ଅତ୍ୟାଧୁନିକ ଯନ୍ତ୍ରପାତି ତିଆରି ହେବା ପୂର୍ବରୁ ହାତ ତିଆରି ସରଞ୍ଜାମ ଓ ବିଭିନ୍ନ ପ୍ରକାର ହାତ ହତିଆର ତିଆରି ହେବା ସହ ଦୈନନ୍ଦିନ ଚଳଣିରେ ବ୍ୟବହାର ପାଇଁ ଜିନିଷ ତିଆରି କରାଯାଉଥିଲା। କମାର ଶାଳରେ କଟୁରି, ଦା, ଶାବଳ, କୋଦାଳ, କୁରାଢି, ହାତୁଡି ଆଦି ଲୁହା ତିଆରି ସାମଗ୍ରୀ ତିଆରି ହେଉଥିଲା। ହେଲେ ଏବେର ଅତ୍ୟାଧୁନିକ ଯୁଗରେ କୁଢ଼ କୁଢ଼ କଳକାରଖାନା ସାଙ୍ଗକୁ ମେଶିନ ଦ୍ୱାରା ଖୁବ୍ ସହଜରେ ଏବଂ ଅଳ୍ପ ସମୟରେ ଏହି ସବୁ ଯନ୍ତ୍ରଠାରୁ ଆହୁରି ଉନ୍ନତମାନର ଅସ୍ତ୍ର ତିଆରି ହୋଇପାରୁଛି। ଫଳରେ ଶାଳରେ ଲୁହା ତିଆରି ସାମଗ୍ରୀ ତିଆରି କରି ଜୀବିକା ନିର୍ବାହ କରୁଥିବା କମାର ସମ୍ପ୍ରଦାୟ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ସେହିପରି ମାଟି ପାତ୍ର ଓ ମାଟିରେ ଭଳିକି ଭଳି ଜିନିଷ ତିଆରି କରି କୁଟୁମ୍ବ ପୋଷୁଥିବା କୁମ୍ଭାର ସମ୍ପ୍ରଦାୟ ମଧ ବୃତ୍ତି ଛାଡ଼ିବାକୁ ବସିଲେଣି। କାଠ କାମ କରୁଥିବା ବଢେଇ ସମ୍ପ୍ରଦାୟଠାରୁ ଆରମ୍ଭ କରି ବୁଣାକାର, ବାରିକ, ଗୋପାଳ, କମାର, କୁମ୍ଭାର ପ୍ରଭୃତି ସମ୍ପ୍ରଦାୟର କୌଳିକ ବୃତ୍ତି ଏବେ ଲୋପ ପାଇବାକୁ ବସିଲାଣି। ତଥାପି କେତୋଟି ପରିବାର ଏବେ ବି ଏହି କୌଳିକ ବୃତ୍ତିକୁ ଆପଣେଇ ରଖିଥିବା ବେଳେ ସେମାନଙ୍କ ପାଇଁ ସରକାରୀ ଯୋଜନା ଶୂନ୍। ତେବେ କୌଳିକ ବୃତ୍ତିଧାରୀଙ୍କ ପ୍ରତି ସରକାର କୌଣସି ଯୋଜନା ପ୍ରଣୟନ କରୁ ନ ଥିବାରୁ ଏହି ସମ୍ପ୍ରଦାୟର ଲୋକମାନେ ଭୋଟରୁ ବିମୁଖ ଥିବା ଜଣାପଡ଼ିଛି।

ପରମ୍ପରା ଓ ସଂସ୍କୃତି ସହିତ ଜଡିତ ଥିବା ଏହି କୌଳିକ ବୃତ୍ତିଧାରୀଙ୍କ ଉନ୍ନତି ପାଇଁ କେହି ଚିନ୍ତା କରୁ ନ ଥିବାରୁ ଧୀରେଧୀରେ ଏହା ବୁଡ଼ିଯିବାକୁ ବସିଲାଣି ବୋଲି ମାର୍ଶାଘାଇ ତୁଳସୀପୁର ଗ୍ରାମର କମାର ସମ୍ପ୍ରଦାୟର ସଦସ୍ୟ ଧନେଶ୍ୱର ଓଝା କହିଛନ୍ତି। ବଡକୁଳ ଗ୍ରାମର ଅଶୋକ ଓଝା କୁହନ୍ତି, ଲୁହାରେ ବିଭିନ୍ନ ସାମଗ୍ରୀ ତିଆରି କରି ବିକ୍ରି କରୁଛୁ, ସେଥିରୁ ଯେତିକି ପାରିଶ୍ରମିକ ମିଳୁଛି ସେତିକିରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଉଛି। ଆଧୁନିକ ଯୁଗରେ କଳକାରଖାନାର ପ୍ରସାର କରି ସରକାର ବାହାବା ନେଉଥିଲା ବେଳେ ଆମ ଭଳି କୌଳିକ ବୃତ୍ତିକୁ ଆଦରି ଥିବା ଲୋକଙ୍କ ଉନ୍ନତି ନିମନ୍ତେ ନା ଅଛି ସ୍ଥାୟୀ ରୋଜଗାର ପାଇଁ ଯୋଜନା ନା ଅଛି ସରକାରୀ ପ୍ରୋତ୍ସାହନ। କୌଳିକ ବୃତ୍ତିଧାରୀମାନଙ୍କୁ କାରିଗର ମାନ୍ୟତା ପ୍ରଦାନ କରି କାରିଗର ଭତ୍ତା ପ୍ରଦାନ କରିବାକୁ ବାରିକ ସମ୍ପ୍ରଦାୟର ଭଜମନ ବାରିକ ଦାବି କରିଛନ୍ତି।

ଦେଶର ବା ରାଜ୍ୟର ସବୁ ବର୍ଗର ଲୋକଙ୍କ ପାଇଁ କିଛି ନା କିଛି ଯୋଜନା କରାଯାଉଥିବା ବେଳେ କୌଳିକ ବୃତ୍ତିଧାରୀଙ୍କ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ପୂର୍ବରୁ ରାଜ୍ୟ କିମ୍ବା କେନ୍ଦ୍ର ସରକାର ଏ ଦିଗରେ ଦୃଷ୍ଟି ଦେଇ ନ ଥିବା ବେଳେ ଚଳିତ ସାଧାରଣ ନିର୍ବାଚନରେ ବିଭିନ୍ନ ଯୋଜନା ସମ୍ପର୍କରେ ୩ ପ୍ରମୁଖ ଦଳ ନିର୍ବାଚନୀ ଇସ୍ତାହାରରେ ପ୍ରକାଶ କରିଛନ୍ତି। ଏଥିରେ ମଧ କୌଳିକ ବୃତ୍ତିଧାରୀଙ୍କ ପାଇଁ କୌଣସି ସୁବିଧା ସୁଯୋଗ ନାହିଁ। ଫଳରେ ଚଳିତ ସାଧାରଣ ନିର୍ବାଚନରେ ମହାକାଳପଡା ନିର୍ବାଚନ ମଣ୍ଡଳୀ ଅଧୀନ ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକର ୪୮ ପଞ୍ଚାୟତର କମାର ସମ୍ପ୍ରଦାୟର ପ୍ରାୟ ୩ହଜାର ଭୋଟର, ବାରିକ ସମ୍ପ୍ରଦାୟର ୨ହଜାର, କୁମ୍ଭାର ସମ୍ପ୍ରଦାୟର ୬ହଜାର, ବଢେଇ ସମ୍ପ୍ରଦାୟର ୩ହଜାର, କୈବର୍ତ୍ତ, ରଜକ, ଆଦି କୌଳିକ ବୃତ୍ତିଧାରୀ ପ୍ରାୟ ୫୦ ହଜାର ଭୋଟର ଭୋଟ ପ୍ରତି ବିମୁଖ ଥିବା କହିଛନ୍ତି।

# ବିଜୟ ମହାପାତ୍ରଙ୍କ ରୋଡ୍ ଶୋ



ରୋଡ ଶୋ'ରେ ବିଜୟ ମହାପାତ୍ର ଓ ଭାଜପା କର୍ମୀମାନେ।

ଡେରାବିଶ, ୧୯।୪ (ସ୍ୱ.ପ୍ର.)

ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ୧୪ ନଂ. ଜୋନ୍‌ରେ ପାଟକୁରା ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ରୋଡ୍ ଶୋ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। କଟକ–ଚାନ୍ଦବାଲି ରାସ୍ତାର ଚଣ୍ଡୀବଜାରଠାରୁ ବାହାରିଥିବା ରୋଡ୍ ଶୋ'ରେ ୫୦୦ରୁ ଊର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିଲା। ଏଥିରେ ବିଜୟ ମହାପାତ୍ର ସାମିଲ ହୋଇ ମା' ରାମଚଣ୍ଡୀଙ୍କ ଆଶୀର୍ବାଦ ଭିକ୍ଷା କରିବା ପରେ ଏକ ଖୋଲା ଜିପ୍‌ରେ ରତାଦିଆ ଖଣ୍ଡସାହି, ବସପୁର, ଦାନପୁର, ମୁକୁନ୍ଦପୁର ଆଦି ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସମର୍ଥକମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ରାଲିରେ ଜିଲା ପରିଷଦ ସଦସ୍ୟ ଗଣେଶ ଚନ୍ଦ୍ର ସାମଲ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ ସାହୁ, ୧୪ ନଂ. ଜୋନ୍ ମଣ୍ଡଳ ସଭାପତି ବିଶ୍ୱଦର୍ଶନ ସ୍ୱାଇଁ, ବସପୁର ସରପଞ୍ଚ ଅମୃତରାଜ ବେହେରା ଓ ସମିତିସଭ୍ୟା ସୁନିତା ବଳ, ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା, ରତାଦିଆ ସମିତିସଭ୍ୟା ସୌଦାମିନୀ ବେହେରା, ପୂର୍ବତନ ସରପଞ୍ଚ ଶିଶିର ସାମଲ, ଦାନପୁର ପୂର୍ବତନ ସମିତିସଭ୍ୟ ସରୋଜକାନ୍ତ ପଣ୍ଡା, ମୁକୁନ୍ଦପୁର ପୂର୍ବତନ ସରପଞ୍ଚ ବସନ୍ତ ସାହୁ, ଚାନ୍ଦୋଳ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମଲ୍ଲିକ ଓ ବାବୁ ଦାସ, ଶ୍ରୀବିସା ଆଚାର୍ଯ୍ୟ, ଦିଲ୍ଲୀପ ପୃଷ୍ଟି, ଅୟସ ଦାସ, ଦୀପ୍ତିକାନ୍ତ ସାହୁ, ମନୋରଞ୍ଜନ ତ୍ରିପାଠୀ, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ଭାଜପା ଉପରେ ବର୍ଷିଲେ ବଙ୍ଗଳାଭାଷୀ

ମହକାଳପଡା, ୧୯।୪ (ଡି.ଏନ୍.ଏ.)

ଭାଜପାର 'ଅନୁପ୍ରବେଶକାରୀ ହୁଅ ବାହାର ଘରେ ଘରେ ଚୌକିଦାର' କାର୍ଯ୍ୟକ୍ରମ ନେଇ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବା ପରେ ଅଞ୍ଚଳର ସଂଖ୍ୟାଧିକ ବଙ୍ଗଳାଭାଷୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଭାରତବର୍ଷରୁ ବଙ୍ଗଳାଭାଷୀଙ୍କୁ ବିତାଡିତ କରିବାକୁ ଭାଜପା ପ୍ରୟାସ କରିବା ନେଇ ବଙ୍ଗଳାଭାଷୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଖରିନାସୀ ପଞ୍ଚାୟତସ୍ଥିତ ହରିଆବାଙ୍କ ଶୀତଳା ମନ୍ଦିର ପଡିଆଠାରେ ଅଞ୍ଚଳର ବଙ୍ଗଳାଭାଷୀଙ୍କ ସଚେତନ ନାଗରିକ, ମୁରବୀମାନେ ଏକ ଖବରଦାତା ସମ୍ମିଳନୀ ଡକାଇ ଏହି ଯୋଜନାର ପ୍ରତିବାଦ କରିବା ସହ ଭାଜପା ଉପରେ ବର୍ଷିଥିଲେ।



ଖବରଦାତା ସମ୍ମିଳନୀରେ ବଙ୍ଗଳାଭାଷୀ ମୁରବିମାନେ ।

୨୦୦୫ରେ ମହାକାଳପଡା ଉପକୂଳ ଅଞ୍ଚଳର ୧୫୫୧ ଅନୁପ୍ରବେଶକାରୀ ଚିହ୍ନଟ କରାଯାଇଥିଲା। ମାତ୍ର ଏହି ଅନୁପ୍ରବେଶକାରୀ ଚୟନ ବେଆଇନ ହୋଇଥିବା ନେଇ ଅଭିଯୋଗ କରାଯିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏଥିସହ ଚଳିତ ନିର୍ବାଚନରେ ଭାଜପାକୁ ତୀବ୍ର ବିରୋଧ କରିବା ପାଇଁ ମତପ୍ରକାଶ ପାଇଥିଲା। ଏଥିରେ ବଙ୍ଗଳାଭାଷୀମାନେ ପ୍ରଧାନମନ୍ତ୍ରୀ ମୋଦି ଓ ଭାଜପା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ନାରାୟଣ ଚନ୍ଦ୍ର ହାଲଦାରଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୃତ୍ୟୁଞ୍ଜୟ ମଣ୍ଡଳ, ମିଲନ ଦେବନାଥ, ସରପଞ୍ଚ ରଞ୍ଜନ ଦାସ, ବିକାଶ ଦେବନାଥ, ପ୍ରଶାନ୍ତ ସାମନ୍ତରାୟ, ତୁଷାର ସର୍ଦ୍ଦାର, ସଚ୍ଚିକାନ୍ତ ମାନ୍ନା ପ୍ରମୁଖ ଉପସ୍ଥିତ ଥିଲେ।

- ବିଜୟ ମହାପାତ୍ରଙ୍କ ପ୍ରାର୍ଥିତ୍ୱକୁ ବିରୋଧ

# ବିଜେଡିରେ ମିଶିଲେ ଶତାଧିକ ଭାଜପା କର୍ମୀ

ଡେରାବିଶ, ୧୯।୪ (ସ୍ୱ.ପ୍ର.)

ଚଳିତ ସାଧାରଣ ନିର୍ବାଚନରେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଜ ମହାପାତ୍ରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଶତାଧିକ ଭାଜପା କର୍ମୀ ଶୁକ୍ରବାର ବିଜେଡିରେ ଯୋଗଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସମବାୟବିତ୍ ଅମିୟ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ା ଉପସ୍ଥିତ ଥିଲେ। ଅମିୟ କହିଥିଲେ, ଚଳିତ ନିର୍ବାଚନରେ ଉତ୍କଳଙ୍କ ବଦଳରେ ବିଜୟଙ୍କୁ ପ୍ରାର୍ଥୀ କରାଯିବା ଦଳୀୟ କର୍ମୀଙ୍କୁ ବିସ୍ମିତ କରିଥିଲା। ବିଜୟ ୪ମାସ ପୂର୍ବେ ଦଳ ବିରୋଧରେ ବିଷୋଦଗାର କରୁଥିବା ବେଳେ ଉତ୍କଳଙ୍କ ବଦଳରେ ତାଙ୍କୁ ଟିକେଟ ଦିଅଯାଇଥିବାରୁ ଉକ୍ତ ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମୀ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିବା ସୂଚନା ଦେଇଥିଲେ। ସମ୍ମିଳନୀରେ ୨୪ ନଂ. ଜୋନ୍‌ର ଭାଜପା ସଭାପତି ଧୀରେନ୍ କୁମାର ମଲ୍ଲ, ୧୦ ନଂ. ଜୋନ୍ ସଭାପତି ତରୁଣ କୁମାର ସାମଲ, ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାୟକ, ଖମୋଳ ସରପଞ୍ଚ ଲିଲିମା ପରିଡ଼ା ଓ ପୂର୍ବତନ ସମିତିସଭ୍ୟ ଗୌତମ ପରିଡ଼ା, ରତାଦିଆ ଖଣ୍ଡସାହି ସରପଞ୍ଚ ଗୀତାଞ୍ଜଳି ସେଠୀ, ଇନ୍ଦାଳୋର ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ଚାଟରାଚକଡ଼ାର ପୂର୍ବତନ ସରପଞ୍ଚ ଦାମୋଦର ବେହେରା ଓ ନାଏବ ସରପଞ୍ଚ ଉମେଶ ଦାସ, ଯୁବନେତା ଅକ୍ଷୟ ମିଶ୍ର, ପବିତ୍ର କୁମାର ମଳିକ, ସୁଶାନ୍ତ କୁମାର ମହାନ୍ତି, ହରେକୃଷ୍ଣ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିବା ସହ ଭାଜପା ଛାଡ଼ି ବିଜେଡିରେ ଯୋଗଦେବା ନେଇ ସୂଚନା ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଉତ୍କଳଙ୍କ ବଦଳରେ ବିଜୟଙ୍କୁ ଭାଜପା ପାଟକୁରା ବିଧାନସଭା ଟିକେଟ ଦେବାରୁ ସେ ଗତ କିଛିଦିନ ପୂର୍ବେ ଭାଜପାରୁ ଇସ୍ତଫା ଦେଇ ନବୀନ ନିବାସରେ ବିଜେଡିରେ ଯୋଗଦେଇଥିଲେ।

# ଆଳି ଧୋୟାଞ୍ଚଳରେ ଭାଜପାର ପ୍ରଚାର

ଆଳି,୧୯।୪ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଲୋକ ସଭା ଆସନ ଅଧୀନ ଆଳି ଧୋୟାଞ୍ଚଳରେ ଶୁକ୍ରବାର ଭାଜପା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକଙ୍କ ଏକ ରୋଡ ଶୋ ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟାର ପ୍ରାଚାରକ ଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ ଯୋଗଦେଇ ଭାଜପାକୁ ଭୋଟ ଦେବାକୁ ନିବେଦନ କରିଥିଲେ। ଭୂଇଁପୁରଠାରେ ପହଞ୍ଚିବା ପରେ ଉଭୟ ନେତାଙ୍କୁ ଶତାଧିକ କର୍ମୀ ଓ ସମର୍ଥକ ସ୍ୱାଗତ ଜଣାଇଥିଲେ। ସେଠାରୁ ଏକ ଖୋଲା ଜିପରେ ଉଭୟେ ରୋଡ ଶୋ'ରେ ବାହାରିଥିଲେ। ଏହି ରୋଡ୍ ଶୋ ଭୂଇଁପୁରଠାରୁ ବାହାରି ମାନପୁର, ସଂସିଦ୍ଧା, ଠାକୁରପାଟଣା, ପେଟପଡା, କୁସୁମୀ, ଏରଡଙ୍ଗ, ନାଟରା,ପାଳିମୀ, ଗଣେଶ୍ୱରପୁର, କୋଠବୃତି, ଦେସାହି, କେତୁଆପାଳ, ପାନପେଣ୍ଠ, ଗୋବିନ୍ଦପୁର, ମାହାରାକୂଳ, ମଧୁବନ, ଡିମିରିପାଳ ପ୍ରଭୃତି ଗ୍ରାମ ପରିକ୍ରମା କରିଥିଲା। ଏହି ରୋଡ ଶୋ ରେ ଭାଜପା ନେତା ଭକ୍ତବନ୍ଧୁ ମିଶ୍ର, ରଶ୍ମିରଞ୍ଜନ ବେହୁରା, କୃଷ୍ଣଚନ୍ଦ୍ର ପଣ୍ଡା, ଅଲେଖ ପରିଡା, ଗୌରାଙ୍ଗ ଗୌରବ, ଆଳି–କନିକାର ସମସ୍ତ ଜୋନର ମଣ୍ଡଳସଭାପତିଙ୍କ ସହିତ ହଜାର ହଜାର କର୍ମୀ ଯୋଗଦେଇଥିଲେ।

## ବୈଜୟନ୍ତଙ୍କୁ କଳାପତାକା ପ୍ରଦର୍ଶନ, କର୍ମୀଙ୍କୁ ମାଡ଼ ଅଭିଯୋଗ

ଶୁକ୍ରବାର ଅପରାହ୍ନରେ ଭାଜପାର କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଆଳି ଧୋୟାଞ୍ଚଳକୁ ପ୍ରଚାର ପାଇଁ ଯିବା ସମୟରେ ମାନପୁର ପୋଲ ନିକଟରେ ଶତାଧିକ ବିଜେଡି କର୍ମୀ ତାଙ୍କୁ କଳା ପତାକା ଦେଖାଇଥିଲେ। ସେହିପରି ରୋଡ ଶୋ ବେଳେ ଭାଜପା କର୍ମୀମାନେ ଆଗୁଆ କୁଆଁଣିଆ ଛକ ପର୍ଯ୍ୟନ୍ତ ଚାଲିଯାଇଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ଥିବା ବିଜେଡି କର୍ମୀମାନେ ଭାଜପାର ଦୁଇଜଣ କର୍ମୀଙ୍କୁ ମାଡ଼ ମାରିବା ସହ ତାଙ୍କ ଇନୋଭା ଗାଡ଼ିକୁ ଭଙ୍ଗାରୁଜା କରିଥିବା ଭାଜପା କର୍ମୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ସେହି ସ୍ଥାନରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡ଼ିଛି।

# ପ୍ରତାପ ଦେବଙ୍କ ମାରାଥନ ପ୍ରଚାର

ରାଜକନିକା, ୧୯।୪ (ଡି.ଏନ୍.ଏ.)

ଆସନ୍ତା ୨୯ ତାରିଖରେ କେନ୍ଦ୍ରାପଡ଼ା ଜିଲାରେ ଭୋଟ ଗ୍ରହଣ ହେବ। ଏଥିପାଇଁ ପ୍ରଚାର କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଶୁକ୍ରବାର ରାଜକନିକାରେ ମାରାଥନ ପ୍ରଚାର କରିଥିଲେ। ପୂର୍ବାହ୍ନରେ ସେ ତରାସ ପଞ୍ଚାୟତର ଗୁଆଳିଗାଁରେ ଘରକୁ ଘର ବୁଲି ବିଜେଡି ଲୋକ ସଭା ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ତ୍ରୈଲୋକ୍ୟପୁର ପଞ୍ଚାୟତର ମେଘପୁରଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଠାରେ ପ୍ରତାପ ଦେବ କର୍ମୀମାନଙ୍କ ସହ ନିର୍ବାଚନୀ ପ୍ରଚାର ସମ୍ପର୍କରେ ଆଲୋଚନା କରିବା ସହ ନିର୍ବାଚନ ପାଇଁ ବିଭିନ୍ନ ରଣନୀତି ପ୍ରସ୍ତୁତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିକାଶ ଦାସ, କପିଳେନ୍ଦ୍ର ମଲିକ, ଜିଲା ପରିଷଦ ସଭ୍ୟ ଜଗନ୍ନାଥ ରାଉତରାୟ, ହରିଶ ମହାପାତ୍ର, ଆର୍ତ୍ତତ୍ରାଣ ରାଉତ, ଦାମୋଦର ସ୍ୱାଇଁ, ଶରତ ମଲିକ, ପ୍ରଭାସ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାଚନ ମଇଦାନରେ ୭ ପ୍ରାର୍ଥୀ, ୩ କୋଟିପତି

ରାଜନଗର, ୧୯।୪(ଡିଏନଏ)

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜନଗର ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ସେତେ ଉଷ୍ମ ହେବାରେ ଲାଗିଛି। ବିଭିନ୍ନ ଦଳର ପ୍ରାର୍ଥୀମାନେ ପ୍ରତିଶ୍ରୁତିର ଦସ୍ତାବିଜ ଧରି ଗାଁ ଗାଁରେ ପ୍ରଚାର ଆରମ୍ଭ କରି ଦେଲେଣି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ଦଳର ପ୍ରାର୍ଥୀ ନିଜ ଦମ୍‌ରେ ଲାଗି ପଡିଛନ୍ତି ।

ଚଳିତ ନିର୍ବାଚନରେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରୁ ବିଜୁ ଜନତା ଦଳରୁ ଧ୍ରୁବ ଚରଣ ସାହୁ, କଂଗ୍ରେସରୁ ବର୍ତ୍ତମାନର ବିଧାୟକ ଅଂଶୁମାନ ମହାନ୍ତି ଓ ଭାଜପାରୁ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ପ୍ରମୁଖ ୩ ଦଳର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ସମୟରେ ଦେଇଥିବା ସତ୍ୟପାଠରେ ସେମାନେ କୋଟିପତି ବୋଲି ଜଣାପଡିଛି। ରାଜନଗର ବିଧାୟକ ଅଂଶୁମାନ ସତ୍ୟପାଠରେ ନିଜର, ନିଜ ପରିବାର ଓ ପତ୍ନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୧ କୋଟି ୩୦ ଲକ୍ଷ ୮୭ହଜାର ୧୨୨ ଟଙ୍କା ବୋଲି ଦର୍ଶାଇଛନ୍ତି । ତାଙ୍କ ପାଖରେ ହାତଜମା ୬୦ ହଜାର ଟଙ୍କା ଥିବା ବେଳେ ତାଙ୍କ ପତ୍ନୀଙ୍କ ପାଖରେ ହାତଜମା ୪୫ ହଜାର ୮ଶହ ରହିଛି। ଅଂଶୁମାନଙ୍କର ବ୍ୟାଙ୍କ ଜମା, ଇନସ୍ୟୁରାନ୍ସ, ମ୍ୟୁଚୁଆଲ ଫଣ୍ଡ, ସେୟାର ବଣ୍ଡ ଓ ସୁନାର ମୂଲ୍ୟ ମିଶି ୨୪ ଲକ୍ଷ ୨୩ ହଜାର ୪୧୪ଟଙ୍କାର ଅସ୍ଥାବର ସମ୍ପତ୍ତି ଥିବା ବେଳେ ପତ୍ନୀଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨୭ ଲକ୍ଷ ୧ ହଜାର ୭୦୬ ଟଙ୍କା। ତାଙ୍କ ପାଖରେ ୨୨୨ ଗ୍ରାମ ସୁନା ଥିବା ବେଳେ ପତ୍ନୀଙ୍କ ପାଖରେ ୪୪୫ ଗ୍ରାମ ସୁନା ରହିଛି। ତାଙ୍କର କିମ୍ବା ତାଙ୍କ ପତ୍ନୀଙ୍କର କୌଣସି ଗାଡି ନ ଥିବା ଜଣାପଡିଛି। ତାଙ୍କ ସ୍ୱର୍ଗତ ପିତା ନଳିନୀ କାନ୍ତ ମହାନ୍ତିଙ୍କ ନାମରେ ପୂର୍ବରୁ କିଣା ଯାଇଥିବା ଗୋଟିଏ ଫିଆଟ କାର ରହିଛି। ଯାହାର ଆନୁମାନିକ ମୂଲ୍ୟ ୯ ହଜାର ଟଙ୍କା ଓ ତାଙ୍କର ସେଥିରୁ ଶେୟାର ୩ ହଜାର ବୋଲି ଦର୍ଶାଇଛନ୍ତି। ସ୍ଥାବର ସମ୍ପତ୍ତି ୭୯ ଲକ୍ଷ ୬୨ ହଜାର ୨ ଟଙ୍କା ଦର୍ଶାଇଛନ୍ତି । ସେ ୨୦୧୭–୧୮ ଆର୍ଥିକ ବର୍ଷରେ ୫ ଲକ୍ଷ ୮୨ ହଜାର ୧୫୦ଟଙ୍କା ରୋଜଗାର କରିଥିବା ବେଳେ ପତ୍ନୀ ୯ ଲକ୍ଷ ୩୫ ହଜାର ୯୦ ଟଙ୍କା ରୋଜଗାର କରିଥିବା ଦର୍ଶାଇଛନ୍ତି । ତାଙ୍କର କୌଣସି ବ୍ୟାଙ୍କରେ ଲୋନ ନ ଥିବା ବେଳେ ବିନା ସୁଧରେ ସେ ସମ୍ପର୍କୀୟ ଓ ବନ୍ଧୁଙ୍କ ଠାରୁ ୯ ଲକ୍ଷ ୮୭ ହଜାର ଟଙ୍କା ଆଣିଛନ୍ତି ।

ସେହିପରି ପୂର୍ବତନ ବିଧାୟକ ତଥା ଭାଜପା ପ୍ରାର୍ଥୀ ଅଲେଖ କୁମାର ଜେନା ଦାଖଲ କରିଥିବା ସତ୍ୟପାଠରେ ନିଜର,

## ରାଜନଗର ନିର୍ବାଚନମଣ୍ଡଳୀ



ଧ୍ରୁବ ସାହୁ



ଅଂଶୁମାନ ମହାନ୍ତି



ଅଲେଖ ଜେନା

ନିଜ ପରିବାର ଓ ପତ୍ନୀଙ୍କ ସମ୍ପତ୍ତିର ମୂଲ୍ୟ ୯୭ ଲକ୍ଷ ୮୮ହଜାର ୫୮୯ ଟଙ୍କା ଦର୍ଶାଇଛନ୍ତି। ଜେନାଙ୍କ ପାଖରେ ହାତଜମା ୫୦ହଜାର ଟଙ୍କା ଥିବା ବେଳେ ପତ୍ନୀଙ୍କ ପାଖରେ ୧୦ହଜାର ଟଙ୍କା ହାତଜମା ରହିଛି। ସେ ୨୦୧୮–୧୯ ଆର୍ଥିକ ବର୍ଷରେ ୧୦୬୮ ଟଙ୍କା ଇନକମ୍ ଟ୍ୟାକ୍ସ ଦେଇଥିବା ବେଳେ ତାଙ୍କ ପତ୍ନୀ ୬,୭୨୧ ଟଙ୍କା ଇନକମ ଟ୍ୟାକ୍ସ ଦେଇଛନ୍ତି। ତାଙ୍କର ବ୍ୟାଙ୍କ ବାଲାନ୍ସ, ଇନସ୍ୟୁରାନ୍ସ, ସୁନା ଆଦି ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୬୧ ଲକ୍ଷ ୩୯ ହଜାର ୧୯୦ ଟଙ୍କା ହୋଇଥିବା ବେଳେ ପତ୍ନୀଙ୍କର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୬ଲକ୍ଷ ୩୬ ହଜାର ୮୨୪ ଟଙ୍କା। ସ୍ଥାବର ସମ୍ପତ୍ତିର ମୂଲ୍ୟ ୧୯ ଲକ୍ଷ ୬୮ ହଜାର ୫୭୫ ଟଙ୍କା ହୋଇଥିବା ବେଳେ ପତ୍ନୀଙ୍କର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧୦ଲକ୍ଷ ୪୪ ହଜାର ଟଙ୍କା। ଜେନାଙ୍କ ପାଖରେ ୧୫ ଗ୍ରାମ ସୁନା ଥିବା ବେଳେ ପତ୍ନୀଙ୍କ ପାଖରେ ୬୦ଗ୍ରାମ ସୁନା ରହିଛି ବୋଲି ଦର୍ଶାଇଛନ୍ତି। ତାଙ୍କ ପାଖରେ ହିରୋହୋଣ୍ଡା ପାସନ ମୋଟର ସାଇକେଲ, ହୋଣ୍ଡା ଆକ୍ଟିଭା ମୋଟରସାଇକେଲ , ଚେଭ୍ରୋଲେଟ ସ୍ପାର୍କ , ମହିନ୍ଦ୍ରା କ୍ୱାଣ୍ଟୋ ୨ଟି ଚାରିଚକିଆ ଗାଡି ରହିଛି ବୋଲି ଦର୍ଶାଇଛନ୍ତି। ତାଙ୍କ ନାଁରେ କୌଣସି ଲୋନ ନ ଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇଥିବା ଧ୍ରୁବ ଚରଣ ସାହୁ ଦାଖଲ କରିଥିବା ସତ୍ୟପାଠରେ ନିଜର , ନିଜ ପରିବାର ଓ ପତ୍ନୀଙ୍କ ସମ୍ପତ୍ତିର ମୂଲ୍ୟ ୧ କୋଟି ୪୪ ଲକ୍ଷ ୨୭ହଜାର ୯୧୯ ଟଙ୍କା ବୋଲି ଦର୍ଶାଇଛନ୍ତି। ତାଙ୍କ ପାଖରେ ହାତଜମା ୫୫ ହଜାର ୫ଶହ ଟଙ୍କା ଥିବା ବେଳେ ପତ୍ନୀଙ୍କ ପାଖରେ ୨୭ ହଜାର ୩ଶହ ଟଙ୍କା ହାତଜମା ରହିଛି। ତାଙ୍କର ବ୍ୟାଙ୍କ ବାଲାନ୍ସ, ଇନସ୍ୟୁରାନ୍ସ, ସୁନା ଓ ଗାଡି ସମେତ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୭ ଲକ୍ଷ ୯୯ ହଜାର ୪୬୩ ଟଙ୍କା ହୋଇଥିବା ବେଳେ ପତ୍ନୀଙ୍କର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨୫ ଲକ୍ଷ ୬୫ ହଜାର ୮୧୯ ଟଙ୍କା ଦର୍ଶାଇଛନ୍ତି। ସ୍ଥାବର ସମ୍ପତ୍ତିର ମୂଲ୍ୟ ୧୩ ଲକ୍ଷ ୫୦ହଜାର ଟଙ୍କା ହୋଇଥିବା ବେଳେ ପତ୍ନୀଙ୍କ ନାଁରେ ୯୨ ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ସାହୁଙ୍କ ପାଖରେ ୫୦ ଗ୍ରାମ ସୁନା ଥିବା ବେଳେ ପତ୍ନୀଙ୍କ ପାଖରେ ୩ଶହ ଗ୍ରାମ ସୁନା ରହିଛି। ସାହୁଙ୍କ ନାଁରେ ହିରୋହୋଣ୍ଡା ସିଡି ଡିଲକ୍ସ ଓ ବଜାଜ ସୁପର ସ୍କୁଟି ଥିବା ବେଳେ ତାଙ୍କ ପତ୍ନୀଙ୍କର ସ୍କର୍ପିଓ ଗାଡି ରହିଛି। ସେ ସ୍କର୍ପିଓ ଗାଡି ଲୋନରେ ଆଣିଥିବା ଦର୍ଶାଇଛନ୍ତି। ସାହୁଙ୍କ ନାଁରେ ୫୩ ଲକ୍ଷ ୩୧ ହଜାର ୯୩୬ ଟଙ୍କା ଋଣ ଥିବା ବେଳେ ପତ୍ନୀଙ୍କ ନାଁରେ ୮ ଲକ୍ଷ ୨୩ ହଜାର ୭୮୪ ଟଙ୍କା ହାଉସ ବିଲ୍ଡିଂ ଲୋନ ରହିଛି। ଉଭୟଙ୍କ ନାଁରେ ଜଏଣ୍ଟ ଭାବେ ହାଉସ ବିଲ୍ଡିଂ ଲୋନ ୫ ଲକ୍ଷ ୩୧ ହଜାର ୫୬୦ ଟଙ୍କା ରହିଛି। ସାହୁ ତାଙ୍କ ଭଉଣୀ ଠାରୁ ୨ ଲକ୍ଷ ୫୦ ହଜାର ଟଙ୍କା ଓ ତାଙ୍କ ଶ୍ୱଶୁରଙ୍କ ଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଋଣ ଆଣିଛନ୍ତି। ତାଙ୍କର ଓ ତାଙ୍କ ପତ୍ନୀଙ୍କ ସମୁଦାୟ ଋଣ ୭୦ ଲକ୍ଷ ୫୭ ହଜାର ୨୮୦ଟଙ୍କା ରହିଛି। ଯାହାକି ତାଙ୍କ ମୋଟ ସମ୍ପତ୍ତିର ଅଧା ବୋଲି ଜଣାପଡିଛି। ସାହୁଙ୍କର ଭୁବନେଶ୍ୱରରେ ଥିବା ଘର ଯେଉଁ ପ୍ଲଟରେ ହୋଇଛି ତାହା ଗିଫ୍ଟ ଆକାରରେ ମିଳିଥିବା ବେଳେ ଘର କରିବା ପାଇଁ ଲୋନ କରିଥିବା ଦର୍ଶାଇଛନ୍ତି। ତାଙ୍କର ସମ୍ପତ୍ତିକୁ ନେଇ ବିରୋଧୀ ଗୋଷ୍ଠୀ ବିଭିନ୍ନ ସମୟରେ ଅପପ୍ରଚାର କରୁଥିବା ବେଳେ ସାହୁ ୨୦୧୪ରେ ପ୍ରାର୍ଥୀ ହେବାବେଳେ ଦାଖଲ କରିଥିବା ସତ୍ୟପାଠ ଓ ବର୍ତ୍ତମାନର ସତ୍ୟପାଠ ପ୍ରାୟ ସମାନ ଥିବା ଜଣାପଡିଛି। ସାହୁ ୨୦୧୭–୧୮ରେ ୩ ଲକ୍ଷ ୯୫ ହଜାର ୪୯ ଟଙ୍କା ରୋଜଗାର କରିଥିବା ଦର୍ଶାଇଥିବା ବେଳେ ତାଙ୍କ ଚାକିରିଆ ପତ୍ନୀ ୨୦୧୭–୧୮ରେ ୪ ଲକ୍ଷ ୫୪ ହଜାର ୭୧୨ ଟଙ୍କା ରୋଜଗାର କରିଥିବା ଦର୍ଶାଇଛନ୍ତି। ସୂଚନାଯୋଗ୍ୟ ଯେ, ରାଜନଗର ନିର୍ବାଚନମଣ୍ଡଳୀରୁ ଉପରୋକ୍ତ ୩ ଜଣଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ଭାବେ ଅଜୟ କୁମାର ବେହେରା, ସାତଭାୟାର ସ୍ୱାଧୀନ ପ୍ରାର୍ଥୀ ସୁନୀତା ପ୍ରଧାନ, ବହୁଜନ ସମାଜ ପାର୍ଟିରୁ ଅନିରୁଦ୍ଧ ସେଠୀ, ସମାଜବାଦୀ ପାର୍ଟିରୁ ସୁଦର୍ଶନ ପ୍ରଧାନ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି ।

# ପୁରୀରେ ମୁଖ୍ୟମନ୍ତ୍ରୀ ରୋଡ୍ ଶୋ କରି ଭୋଟ ମାଗିଲେ



ପୁରୀ ଅଫିସ, ବ୍ରହ୍ମଗିରି, ୧୯।୪(ଡି.ଏନ୍.ଏ.)

ଆସନ୍ତା ୨୩ ତାରିଖରେ ପୁରୀ ଲୋକ ସଭା ଏବଂ ଏହା ଅଧୀନରେ ଥିବା ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ତେଣୁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସବୁ ରାଜନୈତିକ ଦଳ ବଳ, କୌଶଳ ଲଗାଇ ଦେଇଛନ୍ତି। ଭାଜପାର ବହୁ କେନ୍ଦ୍ରୀୟ ନେତା ଆସି ପ୍ରଚାର କରିଥିବାବେଳେ ଗୁରୁବାର କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ପୁରୀ ଆସି ବିଜେଡି ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଏଥିସହ ଭାଜପା ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଭୋଟରଙ୍କୁ ନିବେଦନ କରିଥିଲେ। ଶୁକ୍ରବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପୁରୀ ଗସ୍ତରେ ଆସିଥିଲେ। ବଡ଼ଦାଣ୍ଡରେ ରୋଡ୍ ଶୋ' କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ସାତପଡ଼ାରୁ ସ୍ୱତନ୍ତ୍ର ବସ୍ ଯୋଗେ ରୋଡ୍ ଶୋ'ରେ ଆସି ଅପରାହ୍ନ ପ୍ରାୟ ସାଢେ ୨ଟାରେ ପୁରୀରେ ପହଞ୍ଚିଥିଲେ। ସର୍କିଟ୍ ହାଉସ୍‌ରେ ମଧ୍ୟାହ୍ନ ଭୋଜନ ସାରି ବିଶ୍ରାମ ନେଇଥିଲେ। ସାଢେ ୩ଟାରେ ଶ୍ରୀମନ୍ଦିରକୁ ଅଭିମୁଖେ ବାହାରିଥିଲେ। ଶ୍ରୀମନ୍ଦିର ଭିତରକୁ ନ ଯାଇ ଅରୁଣସ୍ତମ୍ଭ ନିକଟରୁ ପତିତପାବନଙ୍କୁ ଦର୍ଶନ କରିଥିଲେ। ସେଠାରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ପ୍ରଚାରରେ ବାହାରିଥିଲେ। ସ୍ୱତନ୍ତ୍ର ବସ୍‌ରେ ରହି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଭୋଟ ମାଗିଥିଲେ। ଶହ ଶହ କର୍ମୀ ଏହି ରୋଡ୍ ଶୋ'ରେ ସାମିଲ ହୋଇଥିଲେ।

## ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ

ପୁରୀ ଜିଲା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ପ୍ରଥମେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଶୁକ୍ରବାର ରୋଡ ଶୋ' କରିଥିଲେ। ଏହି ରୋଡ ଶୋ'ରେ ମୁଖ୍ୟମନ୍ତ୍ରୀ ଭୋଟରମାନଙ୍କୁ କହିଥିଲେ, ମୁଁ ଆପଣଙ୍କ ଗାଁକୁ ଆସି ଥିବାରୁ ବହୁତ ଖୁସି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ। ପୂର୍ବାହ୍ନ ୧୧ଟା ୪୫ରେ ସାତପଡ଼ାଠାରେ ହେଲିକପ୍ଟରରୁ ଓହ୍ଲାଇ ରୋଡ ଶୋ'ରେ ବାହାରିଥିଲେ। ଏହି ରୋଡ ଶୋ' ବ୍ରହ୍ମଗିରି ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା, ଏମ୍‌ପି ପ୍ରାର୍ଥୀ ପିନାକୀ ମିଶ୍ର ଏବଂ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ। କର୍ମୀମାନେ ବାଇକ ଶୋଭାଯାତ୍ରାରେ ସାତପଡା ଠାରୁ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ବିଭିନ୍ନ ଛକରେ ମୁଖ୍ୟମନ୍ତ୍ରୀ ଭୋଟରମାନଙ୍କୁ ଉଦ୍‌ବୋଧନ ଦେଇ ଭୋଟ ଭିକ୍ଷା କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ବସ୍ ଆଗରେ ଏକ ଖୋଲା ଜିପ୍‌ରେ ପୁରୀ ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ର, ବିଧାୟକ ପ୍ରାର୍ଥୀ ମହେଶ୍ୱର ମହାନ୍ତି ରହିଥିଲେ। ଏଥିସହ ଓଲିଉଡ୍ ଅଭିନେତା ସବ୍ୟସାଚୀ ଓ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଏହି ରୋଡ୍ ଶୋ'ରେ ସାମିଲ ହୋଇଥିଲେ।

## ରୋଡ୍ ଶୋ' ସମୟରେ ଦୁର୍ଘଟଣା, ଜଣେ ମୃତ

ବ୍ରହ୍ମଗିରି, ୧୯।୪(ଡି.ଏନ୍.ଏ.): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ ଶୋ' ସମୟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବ୍ରହ୍ମଗିରି ଥାନା ସାତପଡ଼ା ଫାଣ୍ଡି ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମର କାହ୍ନୁଚରଣ ଜାଲି(୪୧)। ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ'ରେ କାହ୍ନୁ ସାମିଲ ହୋଇ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ତାଙ୍କ ବାଇକ୍ ଚକା ପଙ୍କଚର୍ ହେବାରୁ ସେ ଅଟକି ମରାମତି କରିଥିଲେ। ସେତେବେଳକୁ ରାଲି ଆଗକୁ ବଢ଼ି ଯାଇଥିଲା। ପୁଣି ସେଥିରେ ଯୋଗଦେବା ପାଇଁ କାହ୍ନୁ ଦ୍ରୁତଗତିରେ ଯାଉଥିବାବେଳେ ଗୋରାପୁର ଛକ ନିକଟରେ ଏକ ଗଛରେ ପିଟି ହୋଇ ଗୁରୁତର ହୋଇପଡିଥିଲେ। ହେଲେ ରାସ୍ତା ଜାମ୍ ଥିବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯିବାରେ ବିଳମ୍ବ ହୋଇଥିଲା। କାହ୍ନୁ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପରମ୍ପରା ଭାଙ୍ଗିପାରନ୍ତି ମତଦାତା

ଚିଦାନନ୍ଦ ଜେନା
ଭୁବନେଶ୍ୱର, ୧୯।୪

**ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ**

- ଆଇଏଏସ୍-ଆଇପିଏସ୍ ଅଫିସର ଲଢ଼େଇ
- ୧୯୯୮ରୁ ଜିତି ଆସୁଛି ବିଜେଡି

ଆସନ୍ତା ୨୩ ତାରିଖରେ ଭୁବନେଶ୍ୱର ଲୋକ ସଭା ଆସନରେ ନିର୍ବାଚନ ହେବ। ଏହାକୁ ନେଇ ସାରା ରାଜ୍ୟରେ ଉତ୍କଣ୍ଠା ରହିଛି। ୧୯୯୮ରୁ ବିଜେଡି ଏଠାରୁ ଜିତି ଆସୁଥିଲେ ମଧ୍ୟ ଚଳିତ ନିର୍ବାଚନରେ ବିଜେଡି ସଫଳତାକୁ ନେଇ ଅନେକେ ଦ୍ୱନ୍ଦ୍ୱ ପ୍ରକାଶ କରୁଛନ୍ତି।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ପୂର୍ବତନ କମିଶନର ତଥା ଗଣଶିକ୍ଷା ସଚିବ ଅପରାଜିତା ଷଡଙ୍ଗୀ(ଆଇଏଏସ) ଚାକିରି ଛାଡି ଏହି ଲୋକ ସଭାକ୍ଷେତ୍ରରେ ସାଂଗଠନିକ କାର୍ଯ୍ୟ ଆରମ୍ଭ କରିଥିଲେ। ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଭାଜପା ତାଙ୍କୁ ଏହି ଆସନରୁ ପ୍ରାର୍ଥୀ କରିଛି। ଏହି ଆନୁଷ୍ଠାନିକ ଘୋଷଣା ପୂର୍ବରୁ ଅପରାଜିତା ଭୁବନେଶ୍ୱର ଲୋକ ସଭା ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ବ୍ୟକ୍ତିଗତ ଭାବେ ସଂଗଠନ ପ୍ରସ୍ତୁତ କରିସାରିଥିଲେ। ସବୁ ନିର୍ବାଚନମଣ୍ଡଳୀରେ ସ୍ଥାନୀୟ କାର୍ଯ୍ୟାଳୟ କରି ବିଭିନ୍ନ ବର୍ଗର ଲୋକଙ୍କୁ ଭେଟିଥିଲେ। ବିଜେଡି ପକ୍ଷରୁ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କୁ ବଦଳା ଗଲା। ତାଙ୍କ ସ୍ଥାନରେ ପୂର୍ବତନ ମୁମ୍ବାଇ ପୋଲିସ କମିଶନର ତଥା ଅରୂପ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଗଲା। ଏହି ଘୋଷଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ପ୍ରାର୍ଥୀ ଘୋଷଣା ହେବା ପୂର୍ବରୁ ଅରୂପ ବିଜୁ ଯୁବ ବାହିନୀ ଦାୟିତ୍ୱ ସମ୍ଭାଳି ଆସୁଥିଲେ। ଏହି ସଂଗଠନକୁ ନେଇ ସାରା ରାଜ୍ୟରେ ଏକ ନକାରାତ୍ମକ ଛବି ସୃଷ୍ଟି ହୋଇଛି। ତେଣୁ ଅରୂପଙ୍କ ଗ୍ରହଣୀୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ପୂର୍ବରୁ ପ୍ରଶାସିକା ଥିବା ଅପରାଜିତା ନିଜ କାର୍ଯ୍ୟଦକ୍ଷତା ପାଇଁ ଓଡ଼ିଆ ଲୋକଙ୍କ ମନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଲୋଚନା ହେଉଛି। ହେଲେ ପୂର୍ବତନ ମୁମ୍ବାଇ ପୋଲିସ କମିଶନର ଅରୂପଙ୍କ କ୍ଷେତ୍ରରେ ତାହା ସମ୍ଭବ ହୋଇ ପାରୁନାହିଁ ବୋଲି କୁହାଯାଉଛି। ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ଅରୂପଙ୍କ ସଫଳତା ସମ୍ପୂର୍ଣ୍ଣ ଭାବେ ବିଜେଡି ସଂଗଠନ ଏବଂ ପାରମ୍ପରିକ ଭୋଟ ବ୍ୟାଙ୍କ ଉପରେ ନିର୍ଭର କରୁଛି। ରାଜ୍ୟରେ ବିଧାୟକ ପ୍ରାର୍ଥୀଙ୍କ ଭରସାରେ ଏମ୍‌ପି ପ୍ରାର୍ଥୀ ଜିତୁଥିବା ଗତ ନିର୍ବାଚନଗୁଡ଼ିକରେ ଲକ୍ଷ୍ୟ କରାଯାଇଛି। ହେଲେ ଭୁବନେଶ୍ୱର ଲୋକ ସଭା ଆସନରୁ ଅପରାଜିତା ପ୍ରାର୍ଥୀ ହେବା ପରେ ପରୋକ୍ଷରେ ଏହା ଦଳୀୟ ବିଧାୟକଙ୍କ ପାଇଁ ସହାୟକ ହୋଇଛି। ହେଲେ ବିଜେଡିରେ ସ୍ଥିତି ପୂରା ଓଲଟା। ନିଜ ଭୋଟ ପୁଞ୍ଜିକୁ କୌଣସିମତେ ବଞ୍ଚାଇବା ପାଇଁ ଏମ୍‌ପି ପ୍ରାର୍ଥୀଙ୍କ ସମ୍ପର୍କରେ ବିଜେଡି ବିଧାୟକ ପ୍ରାର୍ଥୀମାନେ ଗୁରୁତ୍ୱ ଦେଇ ପ୍ରଚାର କରୁନାହାନ୍ତି, କେବଳ ଦଳୀୟ ସୌଜନ୍ୟ ରକ୍ଷା କରୁଥିବା କୁହାଯାଉଛି। ତୃଣମୂଳରେ ଦୁଇ ପ୍ରାର୍ଥୀଙ୍କ ପ୍ରଚାରଶୈଳୀକୁ ନେଇ ଧରିତ୍ରୀ ପକ୍ଷରୁ ବିଭିନ୍ନ ଲୋକଙ୍କ ମତାମତ ନିଆଯାଇଥିଲା। ଜଟଣୀର ରଜନୀ ପାଇକରାୟଙ୍କ କହିବାନୁଯାୟୀ ଅପରାଜିତା ସହଜରେ ଲୋକଙ୍କ ସହ ମିଶି


ଜନାର୍ଦ୍ଦନ ପତି


ଅପରାଜିତା ଷଡଙ୍ଗୀ


ଅରୂପ ପଟ୍ଟନାୟକ

ପାରୁଥିବା ଲକ୍ଷ୍ୟ କରିଛୁ। ହେଲେ ଅରୂପ ଲୋକଙ୍କ ସହ ଭାବଗତ ଭାବେ ଯୋଡି ହେଉ ନ ଥିବା କୁହାଯାଉଛି। ତେଣୁ ଏମ୍‌ପି ଭୋଟ ପାଇଁ ଅପରାଜିତା ପ୍ରଥମ ପସନ୍ଦ ହୋଇଛନ୍ତି। ଭୋଟଦାନ ପୂର୍ବରୁ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି ରଜନୀ କହିଛନ୍ତି।

ପୂର୍ବ ନିର୍ବାଚନଗୁଡିକରେ କଂଗ୍ରେସ ମଧ୍ୟ ଭୁବନେଶ୍ୱର ଲୋକ ସଭା ଆସନରେ ପ୍ରାର୍ଥୀ ଦେଇ ଆସୁଥିଲା। ହେଲେ ଚଳିତଥର ଏହି ଆସନ ସହଯୋଗୀ ସିପିଏମ୍‌କୁ ପ୍ରଦାନ କରିଛି। ସିପିଏମ୍ ପକ୍ଷରୁ ଜନାର୍ଦ୍ଦନ ପତିଙ୍କୁ ପ୍ରାର୍ଥୀ କରାଯାଇଛି। ହେଲେ ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ ଏବଂ ବେଗୁନିଆ ଅଞ୍ଚଳରେ ଦଳର ପୂର୍ବ ସଂଗଠନ ନାହିଁ। ତେଣୁ କଂଗ୍ରେସର ପାରମ୍ପରିକ ଭୋଟ ସିପିଏମ୍‌କୁ ଯିବା ସାମ୍ପ୍ରତିକ ସ୍ଥିତିରେ କଷ୍ଟକର ମନେ ହୁଏ। ଗତ ଥର କଂଗ୍ରେସ ପାଇଥିବା ୧,୪୫,୭୮୩ ଭୋଟ ବିଭାଜନ ହେବା ସୁନିଶ୍ଚିତ ବୋଲି ଜନୈକ କଂଗ୍ରେସ ନେତା କହିଛନ୍ତି। ଏହା ଶାସକ ବିରୋଧୀ ଭୋଟ ହୋଇଥିବାରୁ ଏହାର ଏକ ବୃହତ୍ ଅଂଶ ଭାଜପାକୁ ଯିବାର ସମ୍ଭାବନା ରହିଛି। କଂଗ୍ରେସ ବିଧାୟକ ପ୍ରାର୍ଥୀମାନେ ମଧ୍ୟ ସହଯୋଗୀ ଲୋକ ସଭା ପ୍ରାର୍ଥୀଙ୍କ ପାଇଁ ଗୁରୁତ୍ୱ ସହ ପ୍ରଚାର କରୁଥିବା ଲକ୍ଷ୍ୟ କରାଯାଉନାହିଁ। ଗତ ଦୁଇଟି ନିର୍ବାଚନରେ କଂଗ୍ରେସ ବିଧାୟକ ପ୍ରାର୍ଥୀମାନେ ଭୁବନେଶ୍ୱରର ୩ଟି ବିଧାନସଭା ଆସନରେ ତୃତୀୟ ସ୍ଥାନରେ ରହିଥିଲେ। ଚଳିତଥର ଭୁବନେଶ୍ୱର(ଜୟଦେବ) ଆସନରେ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଛି। ଉକ୍ତ ନିର୍ବାଚନମଣ୍ଡଳୀରେ ଏମ୍‌ପି କିମ୍ବା ବିଧାୟକ ଭୋଟରେ କଂଗ୍ରେସର ହାତ ଚିହ୍ନ ଏକପ୍ରକାର ନିଶ୍ଚିହ୍ନ ହୋଇଯାଇଛି। ତେଣୁ ସେଠାରେ ଭାଜପା ପୂର୍ବାପେକ୍ଷା ବହୁତ ଭଲ କରିବା ନେଇ ଆଶାବାଦୀ।

ଭୁବନେଶ୍ୱର(ମଧ୍ୟ)ଆସନରେ ବିଜେଡି-ଭାଜପା ପ୍ରତିଦ୍ୱନ୍ଦ୍ୱିତା ଜୋର ହେଉଛି। ଏହି ବିଧାନସଭା ଆସନରେ ବିଜେଡିର ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା ଏବଂ ଭାଜପାର ଜଗନ୍ନାଥ ପ୍ରଧାନଙ୍କ ମଧ୍ୟରେ ମୁକାବିଲା ହେଉଛି। ସାଂଗଠନିକ ଦକ୍ଷତା ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ସାମାନ୍ୟ ସୁବିଧା ଦେଇପାରେ, ହେଲେ ଏମ୍‌ପି ପାଇଁ ଅଧିକାଂଶ ଭୋଟର ଅପରାଜିତାଙ୍କୁ ହିଁ ପ୍ରଥମ ପସନ୍ଦ କହିଛନ୍ତି। ଅପରପକ୍ଷରେ ଭାଜପା ଭୁବନେଶ୍ୱର ଏକାମ୍ର ଏବଂ ଉତ୍ତର ନିର୍ବାଚନମଣ୍ଡଳୀରେ ଆଶାୟୀଙ୍କୁ ଟିକେଟ୍ ଦେଇ ନ ଥିଲା। ଏହା ଦଳ ପାଇଁ ଅଡୁଆ ସୃଷ୍ଟି କରୁଥିବା ଆଲୋଚନା ହେଉଛି। ସେହିପରି ଜଟଣୀ ବିଧାନସଭା ଆସନ ପାଇଁ ଲଢେଇ କଂଗ୍ରେସ-ବିଜେଡି ମଧ୍ୟରେ ହେଉଥିବା ଚର୍ଚ୍ଚା ହେଉଛି। ଏଠାରେ ୨୦୧୪ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ଯେତିକି ଭୋଟ୍ ପାଇଥିଲେ, ଏମ୍‌ପି ପ୍ରାର୍ଥୀ ତାଙ୍କଠାରୁ ୧୦,୦୦୦ ଅଧିକ ଭୋଟ ପାଇଥିଲେ। ଚଳିତ ଥର ଏହି ବ୍ୟବଧାନରେ ପରିବର୍ତ୍ତନ ହେବ ବୋଲି ସ୍ଥାନୀୟ ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ସେହିପରି ଖୋର୍ଦ୍ଧା ବିଧାନସଭା ଆସନରେ ବିଜେଡି ବିଧାୟକ ପ୍ରାର୍ଥୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ମୁକାବିଲା ଭାଜପାର କାଳୁ ଖଣ୍ଡେଇତରାୟଙ୍କ ସହ ହେଉଛି। କିଛିଦିନ ତଳେ ମଙ୍ଗୁଳି ଜେନା ନାମକ ଭାଜପା ନେତାଙ୍କୁ ହତ୍ୟା କରାଯାଇଛି। ଏହି ଘଟଣା ଶାସକ ଦଳକୁ ଅଡୁଆରେ ପକାଇପାରେ ବୋଲି ଆଲୋଚନା ହେଉଛି। ଅପରାଜିତା ସ୍ୱତନ୍ତ୍ରଭାବେ ସାଂଗଠନିକ କାର୍ଯ୍ୟ ଖୋର୍ଦ୍ଧାରେ କରିଥିବାରୁ ଦଳମତ ନିର୍ବିଶେଷରେ ଏମ୍‌ପି ଭୋଟ ପାଇପାରନ୍ତି ବୋଲି କୁହାଯାଉଛି। ସେହିପରି ବେଗୁନିଆ ବିଧାନସଭା କ୍ଷେତ୍ରରେ ଅପରାଜିତାଙ୍କ ପାଇଁ ସ୍ୱତନ୍ତ୍ର କ୍ରେଜ୍ ରହିଛି। ଏହି ଆସନ ସମେତ ଗ୍ରାମାଞ୍ଚଳର ପ୍ରତି ଜୋନ୍‌ରେ ଟିମ୍ ଅପରାଜିତା କାର୍ଯ୍ୟ କରୁଛି। ତେଣୁ ବେଗୁନିଆରୁ ଅପରାଜିତା ବିଜେଡି ପ୍ରାର୍ଥୀଙ୍କୁ ଚକ୍‌ମା ଦେଇପାରିନ୍ତି ବୋଲି କୁହାଯାଉଛି।

ମୋଟ ଉପରେ କହିବାକୁ ଗଲେ ବେଗୁନିଆ, ଖୋର୍ଦ୍ଧା, ଜଟଣୀ ଏବଂ ଜୟଦେବରୁ ଭାଜପା ପ୍ରାର୍ଥୀ ଅପରାଜିତା ବିଜେଡିଠାରୁ ଅଗ୍ରଣୀ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଭୁବନେଶ୍ୱର ୩ ବିଧାନସଭା ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ମୋଟ ଭୋଟଠାରୁ ଗତଥର ପ୍ରସନ୍ନ ପାଟଶାଣୀ କମ୍ ଭୋଟ ପାଇଥିଲେ। ଏହାର ସିଧା ଫାଇଦା ଭାଜପାକୁ ଯିବ ବୋଲି ଆଲୋଚନା ହେଉଛି। ତେଣୁ ଲଗାତର ଭାବେ ଗୋଟିଏ ଧାରାରେ ଭୋଟ୍ ଦେଇ ଆସୁଥିବା ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀର ମତଦାତା ପରମ୍ପରା ଭାଙ୍ଗିପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ବିଜେଡିରେ ଯୋଗଦେଲେ ରାଇରଙ୍ଗପୁର କଂଗ୍ରେସ ନେତା, କର୍ମୀ

### ଗଣେଶ୍ୱର ପାରାଦୀପ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ମୟୂରଭଞ୍ଜ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଅଭିଷେକ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ଶୁକ୍ରବାର ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

ବିଜେଡିରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ ହେଉଛନ୍ତି-ଦିବ୍ୟକାନ୍ତ ଖୁଣ୍ଟିଆ, ଭରତ ଭୂଷଣ ମହାନ୍ତ, ଗୌରହରି ପରମାଣିକ, ପୀତବାସ ବରଡ଼ା, ଦିଲୀପ ଦାସ, କୁଶାଳ ଧଳ, ଫିରୋଜ ଖାଁ, ନଗର ସଭାପତି ଭଜହରି ମହାନ୍ତ, ସୋନାଲି ଅପରାଜିତା, ବିଜୟ ମହାନ୍ତ, ହେମନ୍ତ ବାରିକ ଓ ସନତ କୁମାର ନନ୍ଦ ପ୍ରମୁଖ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସମ୍ପାଦକ ସୁଶାନ୍ତ ଚୌଧୁରୀ, ରାଇରଙ୍ଗପୁର ନଗର ବିଜେଡି ସଭାପତି ବିଶ୍ୱଜିତ ପଣ୍ଡା, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସାଜିଦ୍ ହୁସେନ୍, ଖୁଦିରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବଡସାହି ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ପାରାଦୀପ ବିଧାନସଭା ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରାଯାଇଛି। ଜଗଦୀଶ ନାୟକଙ୍କୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

### ବିଧାୟକ ପ୍ରାର୍ଥୀ ନୀଳମଣି ବିଶୋଇଙ୍କୁ ଗିରଫ ପ୍ରତିବାଦ

# ନିରପେକ୍ଷ ତଦନ୍ତ ଦାବି କଲା ଭାଜପା

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ନିର୍ଦ୍ଦେଶରେ ଗଞ୍ଜାମ ଜିଲା ପୋଲିସ ଓ ଜିଲାପାଳ ତଦନ୍ତ ନ କରି ସୋରଡା ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଶୋଇଙ୍କୁ ଇଭିଏମ୍ ଭାଙ୍ଗିବା ଅଭିଯୋଗରେ ଗିରଫ କରିଛି। କୌଣସି ତଦନ୍ତ ନ କରି ଗିରଫ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ବୁଥ୍‌ରେ ଦିନସାରା ରିଗିଂ ଚାଲୁଥିଲା ଏବଂ ସେଠି ଭାଜପା ଏଜେଣ୍ଟଙ୍କୁ ପୋଲିଂ କେନ୍ଦ୍ରରୁ ବାହାର କରି ଦିଆଗଲା। ପୋଲିଂ ଅଫିସର ବିଜୁ ଜନତା ଦଳକୁ ସୁହାଇଲା ଭଳି ମନମାନି କଲେ। ଖୋଲାଖୋଲି ଭାବେ ବୁଥ୍ ରିଗିଂ ଚାଲିଥିବା ବେଳେ ବିଜେଡି କର୍ମୀମାନେ ଇଭିଏମ୍ ମେଶିନକୁ ତଳେ ଫୋପାଡି ଦେଇଥିଲେ ଓ ତାହା ଭାଙ୍ଗିଯାଇଥିଲା। ହେଲେ ଏହି ଘଟଣାରେ ବିଜେଡିର ସେହି ନେତାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ବିଶୋଇଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛି।

ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ସହ ସେଠାକାର ସିସିଟିଭି ଯାଞ୍ଚ କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ଏବଂ ଆଇନଜୀବୀ ସତ୍ୟବ୍ରତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ପ୍ରସଙ୍ଗ, ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର

ପୁରୀ ଅଫିସ, ୧୯।୪


ପିନାକୀ ମିଶ୍ର


ସମ୍ବିତ୍ ପାତ୍ର


ସତ୍ୟପ୍ରକାଶ ନାୟକ

**ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ**

| ନିର୍ବାଚନ ମଣ୍ଡଳୀ | ଭୋଟର ସଂଖ୍ୟା |
|---|---|
| ନୟାଗଡ଼ | ୨,୧୮,୮୧୨ |
| ରଣପୁର | ୨,୦୬,୨୪୫ |
| ଚିଲିକା | ୨,୧୯,୩୪୦ |
| ପୁରୀ | ୨,୩୯,୪୩୧ |
| ବ୍ରହ୍ମଗିରି | ୨,୧୪,୩୦୫ |
| ସତ୍ୟବାଦୀ | ୨,୦୪,୦୭୧ |
| ପିପିଲି | ୨,୨୩,୪୯୪ |
| ମୋଟ | ୧୫,୨୫,୬୯୮ |

ଚର୍ଚ୍ଚାରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ। ଶ୍ରୀମନ୍ଦିର, ବେଳାଭୂମି, ରତ୍ନଭଣ୍ଡାର, ମହାପ୍ରଭୁଙ୍କ ଅମୃତ ମଣୋହି ଜମି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାଙ୍ଗକୁ ସିଦ୍ଧମହାବୀର ରେଲୱେ ଓଭରବ୍ରିଜ୍ ନିର୍ମାଣ, ଡ୍ରେନେଜ ଆଦି ନାନା ସମସ୍ୟା ନେଇ ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଛି ଆରୋପ ପ୍ରତ୍ୟାରୋପ। ପ୍ରତିଦିନ ପ୍ରମୁଖ ତିନିଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ପରସ୍ପର ବିରୋଧୀ ବୟାନବାଜି ଚାଲିଛି। ଭାଜପାର ପ୍ରାର୍ଥୀ ସମ୍ବିତ୍ ପାତ୍ର ହୁଅନ୍ତୁ ଅବା ବିଜେଡିର ପିନାକୀ ମିଶ୍ର କିମ୍ବା କଂଗ୍ରେସର ସତ୍ୟପ୍ରକାଶ ନାୟକ ପ୍ରତ୍ୟେକେ ନିଜ ନିଜ ସ୍ତରରେ ବେଶ୍ ପ୍ରତିଷ୍ଠିତ ଚେହେରା। ଆସନ୍ତା ୨୩ରେ ହେବାକୁ ଥିବା ମତଦାନ ପାଇଁ ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଲୋକ ସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାକୁ ପ୍ରସଙ୍ଗ କରି ଭାଜପା ଓ କଂଗ୍ରେସ ଭୋଟରଙ୍କ ପାଖକୁ ଯାଉଥିବାବେଳେ ବିଜେଡି ତା'ର ବିଜୟଧାରାକୁ ବଜାୟ ରଖିବ ବୋଲି ଆତ୍ମବିଶ୍ୱାସ ରଖିଛି। କିନ୍ତୁ ଏଥର ଭୋଟର ବେଶ୍ ସଚେତନ ଥିବା ଜଣାପଡୁଛି। କାହା କଥାରେ ଢଳି ନ ଯାଇ ନିର୍ବାଚନମଣ୍ଡଳୀର ବିକାଶ କ'ଣ ହୋଇଛି, କିଏ କ୍ଷମତାକୁ ଆସିଲେ ବିକାଶ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହେବ ଏବଂ ସେମାନଙ୍କ ସୁଖଦୁଃଖରେ କିଏ ଭାଗୀଦାର ହୋଇପାରିବେ ତାହାକୁ ପରଖି ଭୋଟ ଦେବେ ବୋଲି ମତ ରଖିଛନ୍ତି।

ପୁରୀ ଲୋକ ସଭା ଆସନ ୭ଟି ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ପୁରୀ ଜିଲାର ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି, ନୟାଗଡ଼ ଜିଲାର ରଣପୁର, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଏହାର ସୀମା ନିର୍ଦ୍ଧାରଣ ହୋଇଛି। ଗତ ଦୁଇଟି ନିର୍ବାଚନରେ ଜିତିଥିବା ବିଜେଡିର ପିନାକୀ ମିଶ୍ରଙ୍କ ଉପରେ ଏଥର ବି ଆସ୍ଥା ପ୍ରକଟ କରିଛନ୍ତି ଦଳର ମୁଖିଆ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜେଡିର ବିକାଶମୂଳକ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ପିନାକୀଙ୍କ ପ୍ରଚାରର ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଏଥର ବିଜେଡି ସମସ୍ତ ୭ ନିର୍ବାଚନମଣ୍ଡଳୀରେ ଜିତିବ ଏବଂ ଲୋକ ସଭା ଆସନରେ ତାଙ୍କର ବିଜୟ ସୁନିଶ୍ଚିତ ବୋଲି ପିନାକୀ ଗଣମାଧ୍ୟମକୁ କହିଛନ୍ତି।

ଅନ୍ୟପକ୍ଷରେ ପ୍ରଥମ ଥର ପାଇଁ ପୁରୀ ଲୋକ ସଭା ଆସନ ହାତେଇବାକୁ ଅଣ୍ଟା ଭିଡ଼ିଛି ଭାଜପା। ପୁରୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାର୍ଥୀ ହେଉଥିବା ବେଶ୍ କିଛିଦିନ ଆଞ୍ଚଳିକ ଏବଂ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ସେବେଠାରୁ ପୁରୀ ଆସନ ଭାଜପା ପାଇଁ ଏକ ସମ୍ମାନର ପ୍ରଶ୍ନ ହୋଇଯାଇଛି। ଯଦିଓ ମୋଦି ଏଠାରୁ ପ୍ରାର୍ଥୀ ହୋଇନାହାନ୍ତି କିନ୍ତୁ ଜଣେ ଜାତୀୟସ୍ତରୀୟ ଯୁବ ଚେହେରା ତଥା ଦଳର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ରଙ୍କୁ ମଇଦାନକୁ ଓହ୍ଲାଇଛି ଦଳ। ସମ୍ବିତ୍ ମଧ୍ୟ ସବୁ ପ୍ରକାର ବଳ, କୌଶଳ ବାଜିରେ ଲଗାଇ ଦେଇଛନ୍ତି। ଗାଁ ପରିବେଶରେ ରହି ନିଆରା ଢଙ୍ଗରେ ପ୍ରଚାର କରୁଛନ୍ତି। ତାଙ୍କର ନାରା 'ଜଗନ୍ନାଥ ଡାକିଛନ୍ତି, ମୋଦି ପଠାଇଛନ୍ତି' ଏବେ ସବୁଠି ଚର୍ଚ୍ଚାରେ। ସମ୍ବିତ୍ କହିଛନ୍ତି, ବିକାଶ ବାଟବଣା ହୋଇଛି। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁନାହିଁ। ପୁରୀରେ ଭଲ ମେଡିକାଲଟିଏ ନ ଥିବାବେଳେ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ କରାଯାଉନାହିଁ। ନୟାଗଡ଼ରେ ଚିନିକଳ ଏବଂ ସତ୍ୟବାଦୀରେ ନଡ଼ିଆକତା ଶିଳ୍ପ ବନ୍ଦ ହୋଇପଡ଼ିଛି। ଭାଜପା ଏ ସବୁକୁ ଫୋକସ କରୁଛି ବୋଲି ସେ କହିଛନ୍ତି।

ସେହିପରି ରାଜନୀତିରେ ପୂର୍ବ ଅଭିଜ୍ଞତା ନ ଥିବା ସତ୍ୟପ୍ରକାଶଙ୍କୁ ଏଠାରୁ ପ୍ରାର୍ଥୀ କରିଛି କଂଗ୍ରେସ। ଗଣମାଧ୍ୟମର ଏହି ଚେହେରା ଆରମ୍ଭରୁ ଉଭୟ ବିଜେଡି ଓ ଭାଜପାକୁ ଟାର୍ଗେଟ କରିଛନ୍ତି। ବିଭିନ୍ନ ସାହି, ବସ୍ତିରେ ବୁଲି ପ୍ରଚାର ଚଳାଇଛନ୍ତି। ବିଜେଡି ଓ ଭାଜପା ମେଣ୍ଟ ସରକାରରେ ଥିବା ସମୟରେ ମହାପ୍ରଭୁଙ୍କୁ ଧୋକ୍କା ଦେଇଛନ୍ତି। ମହାପ୍ରଭୁଙ୍କ ଅମୃତ ମଣୋହୀ ଜମିକୁ ଶାଗମାଛ ଦରରେ ବେଦାନ୍ତ ହାତରେ ଟେକି ଦେଇଛନ୍ତି। ପୁରୀବାସୀଙ୍କ ବହୁଦିନର ଦାବି ସିଦ୍ଧମହାବୀର ରେଲୱେ ଓଭରବ୍ରିଜ୍ ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ ବୋଲି ସତ୍ୟପ୍ରକାଶ କହିଛନ୍ତି। ରାଜନୀତିରେ ଅଭିଜ୍ଞତା ନୁହେଁ, ଲୋକଙ୍କ ସେବା କରିବାର ଇଚ୍ଛାଶକ୍ତିକୁ ହିଁ ସଫଳତାର ମାପକାଠି ଭାବେ ସେ ଧରିଛନ୍ତି। ବିକାଶ ମୁହଁରେ ନୁହେଁ, ଲୋକଙ୍କୁ ସେବା ଯୋଗାଇବାରେ ପ୍ରତିଫଳିତ ହୋଇଥାଏ ବୋଲି କହିଛନ୍ତି ସତ୍ୟପ୍ରକାଶ।

ପୁରୀ ଲୋକ ସଭା ଅଧୀନ ୭ଟି ନିର୍ବାଚନମଣ୍ଡଳୀର ରାଜନୈତିକ ସ୍ଥିତି ଠିକ୍ ଭାବେ ଆକଳନ କରିବା କଷ୍ଟକର ମନେ ହେଉଛି। ଗତଥର ବିଜେଡି ୬ଟି ଆସନରେ ଜିତିଥିବାବେଳେ ଚିଲିକା ଆସନ ଭାଜପା ଖାତାକୁ ଯାଇଥିଲା। ଏଥର ସବୁଠି ଚିତ୍ର ଅସ୍ପଷ୍ଟ ରହିଛି। ଏଭଳିସ୍ଥିତିରେ ପୁରୀ ବିଧାନସଭା କ୍ଷେତ୍ରର ଭୋଟର ମହେନ୍ଦ୍ର ବିଶୋଇ କହିଛନ୍ତି, ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ରତା ରହିଛି। ଏଠାକୁ ଦେଶବିଦେଶର ପର୍ଯ୍ୟଟକ ଆସୁଛନ୍ତି। ହେଲେ ଏଠାରେ ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ ହୋଇପାରିଲା ନାହିଁ। ବେଳାଭୂମିର ବିକାଶ ହେଲା ନାହିଁ। ଉଠାଦୋକାନୀଙ୍କ କବ୍‌ଜାରେ ହଜିଯାଉଛି ବେଳାଭୂମିର ସୌନ୍ଦର୍ଯ୍ୟ। ମେଡିକାଲ କଲେଜ ଅଧାପନ୍ତରିଆ ଅବସ୍ଥାରେ ରହିଛି। ତେଣୁ କାହା କଥାରେ କିମ୍ବା ଅର୍ଥ ଲାଳସାରେ ନିଜ ଅଧିକାର ବିକ୍ରି ନ କରି ଭୋଟରମାନେ ଏଥର ସଚେତନ ହୋଇ ଭୋଟ ଦେବେ ବୋଲି ସେ ଆଶା କରୁଛନ୍ତି।

ସତ୍ୟବାଦୀ ନିର୍ବାଚନମଣ୍ଡଳୀର ମତଦାତା ଶ୍ୟାମସୁନ୍ଦର ମହାପାତ୍ର କହିଛନ୍ତି, ପିନାକୀ ମିଶ୍ରଙ୍କ ଉପରେ ଆଶା ରଖି ଭୋଟର ତାଙ୍କୁ ଜିତାଇଥିଲେ। କିନ୍ତୁ ସେ ସତ୍ୟବାଦୀର କୌଣସି ସମସ୍ୟା କିମ୍ବା ଲୋକଙ୍କ ସୁଖଦୁଃଖରେ ସାମିଲ ହେଲେ ନାହିଁ। ପ୍ରଚାରରୁ କଂଗ୍ରେସର ସ୍ଥିତି ଏତେଟା ସୁଦୃଢ ଜଣାପଡୁ ନ ଥିବା ବେଳେ ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ରଙ୍କ ପ୍ରଚାର ଶୈଳୀ ଭୋଟରଙ୍କୁ ବେଶ୍ ଆକୃଷ୍ଟ କରିଛି। ତେଣୁ ଏଥର ଫଳାଫଳ ନିଶ୍ଚିତ ଭିନ୍ନ ହୋଇପାରେ ବୋଲି ଆଶା କରାଯାଉଛି। ବ୍ରହ୍ମଗିରି ଅଞ୍ଚଳର ଭୋଟର ଲିଙ୍ଗରାଜ ବଡ଼ଜେନା କହିଛନ୍ତି, ଯାହା ଜଣାପଡୁଛି ଏଥର ଭାଜପା ଓ ବିଜେଡି ମଧ୍ୟରେ ମୁକାବିଲା ହେବ। ଭାଜପା ଏକ ଜାତୀୟ ଦଳ ହୋଇଥିବାବେଳେ ବିଜେଡି ଏକ ଆଞ୍ଚଳିକ ଦଳ। ବିଜେଡି ପ୍ରାର୍ଥୀ ବିଜୟୀ ହେଲେ କେନ୍ଦ୍ରରେ ସରକାର ଗଠନରେ ସେମାନଙ୍କ ଭୂମିକା କ'ଣ ରହିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ନାହିଁ। ତେଣୁ ଜାତୀୟ ଦଳ ପ୍ରାର୍ଥୀଙ୍କୁ ହିଁ ମୁଁ ପସନ୍ଦ କରିବି। କିନ୍ତୁ ରାଜ୍ୟର ପ୍ରଗତି ନେଇ ପ୍ରତ୍ୟେକ ଭୋଟର ସଚେତନ ହେବା ଦରକାର।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### କୈବର୍ତ୍ତ ସମ୍ପ୍ରଦାୟର ଚଇତି ପର୍ବ



**ବିରିଡ଼ି,୧୯।୪(ଡି.ଏନ.ଏ.):** ଚୈତ୍ର ପୂର୍ଣ୍ଣିମା ଅବସରରେ କୈବର୍ତ୍ତ ସମ୍ପ୍ରଦାୟର ବାଶୁଳି ପୂଜା ବିରିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ବ୍ଲକର ଅଲିପଡ଼ା, କୃତିବାସ ପାଟଣା, ବନ୍ଧକୁଳ ସାହି, କୁଳକଇଜଙ୍ଗା, ଶଙ୍ଖାରିସାହି, ଗରାମ, ଅଢଙ୍ଗ, ବାରହାପୁର, ମଧଶାସନ ଗ୍ରାମରେ ଚଇତି ପର୍ବ ପାଳିତ ହୋଇଥିଲା। ଅଲିପଡ଼ା ବେହେରା ସାହିରେ ବାଶୁଳି ପୂଜା ଦେଖିବା ପାଇଁ ବେଶ ଭିଡ଼ ଜମିଥିଲା। ପ୍ରାତଃରେ ବାଶୁଳି ମନ୍ଦିର ଶୋଧନ ପରେ ମହିଳାମାନେ ଚିତା ପକାଇଥିଲେ। ପରେ ଚିତ୍ରକାରଙ୍କ ଘରୁ ଭକ୍ତମାନେ ବାଶୁଳି ମୁଣ୍ଡ (ଘୋଡା ମୁଣ୍ଡ) ଆଣିଥିଲେ। ଏହି ବାଶୁଳି ମୁଣ୍ଡକୁ ଠାକୁର ଘର ପର୍ଯ୍ୟନ୍ତ ଅଣାଯିବା ବାଟରେ ପଣାଭୋଗ କରିବାର ପରମ୍ପରା ରହିଛି। ଠାକୁର ଘରେ ହୋମ ସହ ପୂଜାର୍ଚ୍ଚନା କରାଯାଇଥାଏ। ସନ୍ଧ୍ୟାରେ ଘୋଡ଼ା ପ୍ରତିମୂର୍ତ୍ତି ଆଗରେ ବସିଥିବା ସଜ ପାଖରେ ପୋଡ଼ା ମାଛ ବଳି ଦିଆଯିବା ସହ ଦିନବେଳା ପିଠା ଖିରି ଭୋଗ କରାଯାଇଥିଲା। ପରେ ଗାଁ ବୁଲି ଘୋଡ଼ାନାଚ ଓ ଗୀତ ପରିବେଷଣ କରାଯାଇଥିଲା। ଲକ୍ଷ୍ମୀଧର ଦାସ, ମୀନକେତନ ଦାସ, ବିଷ୍ଣୁ ଚରଣ ଦାସ, କୃଷ୍ଣଚନ୍ଦ୍ର ଦାସ, ଦୁର୍ଯ୍ୟୋଧନ ଦାସ ଓ ବଳରାମ ଦାସ ପ୍ରମୁଖ ପୂଜାର୍ଚ୍ଚନା କରି ଘୋଡ଼ା ନାଚ କରିଥିଲେ।

### କାମେଶ୍ୱର ପୀଠରେ ଶିବ ପୁରାଣ ପାଠ

**ବାଲିକୁଦା,୧୯।୪(ସ୍ୱ.ପ୍ର.):** ମୂଲୁଗାଁ ପଞ୍ଚାୟତ ଦଦରା ହାଟସ୍ଥିତ କାମେଶ୍ୱର ମହାଦେବଙ୍କ ପୀଠରେ ଶିବ ପୁରାଣ ପାଠ ଯଥାବିଧି ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ଗତ ଏକାଦଶୀ ଅଶ୍ଳେଷା ନକ୍ଷତ୍ରଠାରୁ ଆରମ୍ଭ ହୋଇ ୫ ଦିନ ଧରି ଚାଲିଥିବାବେଳେ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରାରମ୍ଭ ତିଥିରେ ଘଟସ୍ଥାପନ, ସୂର୍ଯ୍ୟପୂଜା ହୋଇଥିଲା। ମୁଖ୍ୟ ପୂଜକ ଦୁର୍ଗାଚରଣ ପଣ୍ଡାଙ୍କ ସମେତ ଗନ୍ଧର୍ବ ସାହୁ, ଦିଲୀପ ରାଉତ, ଚନ୍ଦନ ଓଝା, ହରେକୃଷ୍ଣ ମଲ୍ଲ ପ୍ରମୁଖ ପ୍ରତ୍ୟେହ ସନ୍ଧ୍ୟାରେ ଶିବ ପୁରାଣ ପାଠ କରିଥିଷଲ। ଉଦ୍‌ଯାପନ ଦିବସରେ ଯଜ୍ଞ ପୂର୍ଣ୍ଣାହୂତି ଦିଆଯାଇଥିଲା। ନରେନ୍ଦ୍ରନାଥ ମହାନ୍ତି, ଶିବ ପ୍ରସାଦ ମଲ୍ଲ, ବିଭୂତି ଭୂଷଣ ମିଶ୍ର, ଶଶିଭୂଷଣ ରାଉତ, ଜିତୁ ବରାଳ, ଜଟାଧାରୀ ଦାସ, ତୋଫାନ ପଣ୍ଡା, ସନ୍ଦୀପ ପୋଥାଳ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ମହାବୀର ମନ୍ଦିର ବାର୍ଷିକୋତ୍ସବ

**ତିର୍ତ୍ତୋଲ,୧୯।୪(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କନକପୁର ପଞ୍ଚାୟତ କନକପୁର ହାଟଠାରେ ଥିବା ମହାବୀର ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ହନୁମାନ ଚାଳିଶା, ନାମ ସଂକୀର୍ତ୍ତନ, ନଗରପରିକ୍ରମା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଦିଲ୍ଲୀ ଦୂରଦର୍ଶନର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ନିତ୍ୟାନନ୍ଦ ଜେନା, ଧ୍ରୁବ ଚରଣ ଖଟୁଆ, ବେଲବିହାରୀ ମହାରଣା, ପତିତପାବନ ଦାସ, ଖୋକା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମହାବୀର ହନୁମାନଙ୍କ ମହିମା ସମ୍ପର୍କରେ କହିଥିଲେ।

### ତାରିଣୀଙ୍କ ନିକଟରେ ଜନକଲ୍ୟାଣ ମହାଯଜ୍ଞ



**ବିରିଡି,୧୯।୪(ଡି.ଏନ.ଏ):** ଶନିବାର ଚୈତ୍ର ପୂର୍ଣ୍ଣିମା ଅବସରରେ ବିରିଡି ବ୍ଲକ ୨୨ ମୌଜା ଅଲ୍ଲିପଡା ଗ୍ରାମବାସୀଙ୍କ ପକ୍ଷରୁ ମା' ତାରିଣୀଙ୍କ ନିକଟରେ ଦ୍ୱାଦଶ ବାର୍ଷିକ ଏକ ଦିବସୀୟ ଜନ କଲ୍ୟାଣ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଦିବସ ସାରା ଘୃତାହୂତି ପ୍ରଦାନ କରାଯାଇ ମା'ଙ୍କୁ ଆରାଧନା କରଯାଇଥିଲା। ବହୁ ଶ୍ରଦ୍ଧାଳୁ ଓ ଆଧ୍ୟାତ୍ମିକ ବାଦୀ ମା'ଙ୍କ ନିକଟରେ ପହଞ୍ଚି ନିଜ ପରିବାର ସହିତ ଦେଶର ମଙ୍ଗଳ ପାଇଁ କୃପା ଲାଭ କରିଥିଲେ।

## ■ ପ୍ରାର୍ଥୀଙ୍କ ପରିବାର ସମ୍ପତ୍ତିକୁ ନେଇ ଚର୍ଚ୍ଚା

# ଚିରଞ୍ଜୀବ ୩୪ କୋଟି, ରଘୁନନ୍ଦନ ୬୬ ଲକ୍ଷ

■ବିଷ୍ଣୁ ୩ କୋଟି, ଦାମୋଦର ୨ କୋଟି
■ସତ୍ୟବ୍ରତ ୧.୮୬ କୋଟି, ପ୍ରଶାନ୍ତ ୮୧ ଲକ୍ଷ
■ନିର୍ବାଚନରେ ଅର୍ଥ ଖର୍ଚ୍ଚକୁ ନେଇ ଚର୍ଚ୍ଚା

(ପ୍ରମୋଦ କୁମାର ନାୟକ)
ଜଗତ୍‌ସିଂହପୁର ଅଫିସ,୧୯।୪

୪ର୍ଥ ପର୍ଯ୍ୟାୟରେ ଜଗତ୍‌ସିଂହପୁର ଏମ୍‌ପି ସିଟ୍ ସହ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଏନେଇ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ସରିଛି। ତେବେ ପ୍ରାର୍ଥିପତ୍ର ଦାଖଲ ସମୟରେ ନେତାମାନେ ସେମାନଙ୍କ ସତ୍ୟପାଠରେ ଯେଉଁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ତଥ୍ୟ ଦେଇଛନ୍ତି, ତାହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ଏହି ସତ୍ୟପାଠ ଅନୁଯାୟୀ ଜିଲାର ସବୁଠାରୁ ଧନୀ ପ୍ରାର୍ଥୀ ହେଉଛନ୍ତି ଜଗତ୍‌ସିଂହପୁର ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଚିରଞ୍ଜୀବ ବିଶ୍ୱାଳ। ତାଙ୍କ ପରିବାରର ସମ୍ପତ୍ତିର ମୂଲ୍ୟ ୩୩,୮୯,୫୯,୪୬୫ ଟଙ୍କା ଦର୍ଶାଯାଇଛି। ସେହିପରି ଜିଲାର ଅନ୍ୟତମ ଚର୍ଚ୍ଚିତ ପ୍ରାର୍ଥୀ ବାଲିକୁଦା-ଏରସମା ବିଧାନସଭା ଆସନ ଭାଜପା ପ୍ରାର୍ଥୀ ଦାମୋଦର ରାଉତଙ୍କ ସମ୍ପତ୍ତିର ମୂଲ୍ୟ ରହିଛି ୧,୯୨,୧୭,୫୧୯ ଟଙ୍କା। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ତିର୍ତ୍ତୋଲ ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ ଓ ଜଗତ୍‌ସିଂହପୁର ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ ପରିବାରର ସମ୍ପତ୍ତିର ମୂଲ୍ୟ ରହିଛି ଯଥାକ୍ରମେ ୨,୮୧,୪୮,୩୦୧ ଓ ୮୦,୯୦,୦୮୯ ଟଙ୍କା। ଜଗତ୍‌ସିଂହପୁର ବିଧାନସଭା ଆସନ ଭାଜପା ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ରଙ୍କ ସମ୍ପତ୍ତିର ମୂଲ୍ୟ ୧,୮୬,୩୮,୯୯୨ ଟଙ୍କା ଥିବା ଦର୍ଶାଯାଇଛି। ହେଲେ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ରଘୁନନ୍ଦନ ଦାସଙ୍କ ସମ୍ପତ୍ତି ଏହି ଆଗଧାଡିଆ ନେତାଙ୍କ ତୁଳନାରେ କମ ରହିଛି। ତାଙ୍କ ପରିବାରର ସମ୍ପତ୍ତିର ମୂଲ୍ୟ ୬୬,୨୦,୭୭୮ ଟଙ୍କା ଥିବା ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଏଥିସହ ପ୍ରମୁଖ ଦଳଗୁଡିକର ଅନ୍ୟ ପ୍ରାର୍ଥୀଙ୍କ ସତ୍ୟପାଠକୁ ନେଇ ଚର୍ଚ୍ଚା ଜୋର ଧରିଛି। ବାସ୍ତବରେ ସେମାନେ ଯେଉଁ ସମ୍ପତ୍ତି ତାଲିକା ଦେଇଛନ୍ତି ତାହା କେତେଦୂର ଠିକ ତା ଉପରେ ତର୍ଜମା ଆରମ୍ଭ ହୋଇଯାଇଛି।

ଚିରଞ୍ଜୀବ ଦେଇଥିବା ସତ୍ୟପାଠରେ ଉଲ୍ଲେଖ ଅଛି ତାଙ୍କ ପରିବାରର ସ୍ଥାବର, ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଯଥାକ୍ରମେ ୪,୪୬,୨୦,୭୧୨ ଓ ୨୯,୪୩,୩୮,୭୫୩ ଟଙ୍କା। ଏହି ସମ୍ପତ୍ତି ଭିତରେ ରହିଛି ଫିକ୍ସଡ୍ ଡିପୋଜିଟ୍ ୮,୩୨,୦୧୧, ସେଭିଙ୍ଗ ବ୍ୟାଙ୍କ ଆକାଉଣ୍ଟ ୩୫,୫୧,୨୬୪, ପ୍ରାଇଭେଟ୍ କମ୍ପାନୀ ଲିମିଟେଡ୍‌ରେ ସେୟାର ୭୧,୬୪,୦୦୦, ବୀମା ପଲିସିରେ ବିନିଯୋଗ୧୦,୮୪,୪୧୩, ବ୍ୟକ୍ତିଗତ ଋଣ/ଅଗ୍ରୀମ ଆକାରରେ ୩୫,୦୦,୦୦୦ ଓ ସୁନା ବାବଦରେ ୭,୨୦,୫୦୦ ଟଙ୍କା। ତାଙ୍କ ସ୍ତ୍ରୀ ବ୍ୟକ୍ତିଗତ ଋଣ/ଅଗ୍ରୀମ ଆକାରରେ ଦେଇଛନ୍ତି ୪୦,୭୮,୫୫୮ ଟଙ୍କା। ସେହିପରି ବୀମା ୧୪,୯୭,୫୦୫ ଓ ସୁନା ଗହଣା ବାବଦ ୫୭,୭୨,୧୦୨ ଟଙ୍କା ଥିବା ଦର୍ଶାଯାଇଛି। ରହିବା ଘର ୧୨,୨୫,୮୯,୨୩୮, ବ୍ୟବସାୟିକ ବିଲ୍ଡିଂ ୩,୭୫,୦୦,୦୦୦, ଚାଷ ଜମି ୪,୧୩,୬୦, ୪୫୬ ଓ ଚାଷ ହେଉ ନ ଥିବା ଜମିର ମୂଲ୍ୟ ରହିଛି ୩,୬୨,୭୭,୨୦୦ ଟଙ୍କା। ସେହିପରି ଭାଜପା ନେତା ସତ୍ୟବ୍ରତଙ୍କ ପରିବାରର ସ୍ଥାବର, ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଯଥାକ୍ରମେ ୧,୦୬,୩୩,୯୯୨ ଓ ୮୦,୦୦,୦୦୦ ଟଙ୍କା। ବିଜେଡି ନେତା ପ୍ରଶାନ୍ତଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ୪୯,୯୦,୦୮୯ ଓ ଅସ୍ଥାବର ୩୧,୦୦,୦୦୦ ଟଙ୍କା। ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡିପ୍ରାର୍ଥୀ ସମ୍ବିତ ରାଉତରାୟଙ୍କ ପରିବାରର ସମ୍ପତ୍ତିର ମୂଲ୍ୟ ରହିଛି ୨,୫୪,୦୫,୩୭୮ ଟଙ୍କା। ସେଥିମଧ୍ୟରୁ ସ୍ଥାବର ୧,୮୪,୦୫,୩୭୮ ଓ ଅସ୍ଥାବର ୭୦,୦୦,୦୦୦ ଟଙ୍କା। ଏହି ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କ ପରିବାରର ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି ୨,୩୮,୧୫,୬୬୯ ଟଙ୍କା। ସେଥିମଧ୍ୟରୁ ସ୍ଥାବର ୧,୪୯,୦୫,୯୮୦ ଓ ଅସ୍ଥାବର ୮୯,୦୯,୬୮୯ ଟଙ୍କା। କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲଙ୍କ ପରିବାରର ସମ୍ପତ୍ତି ମୂଲ୍ୟ ୮,୨୭,୪୬,୯୬୮ ଥିବାବେଳେ ସ୍ଥାବର ୯୯,୪୬,୯୬୮ ଓ ଅସ୍ଥାବର ୭,୨୮,୦୦,୦୦୦ ଟଙ୍କା। ତିର୍ତ୍ତୋଲ ବିଜେଡି ପ୍ରାର୍ଥୀ ଦାସଙ୍କ ପରିବାରର ସମ୍ପତ୍ତିର ମୂଲ୍ୟ ହେଉଛି ୨,୮୧,୪୮,୩୦୧ ଟଙ୍କା। ସେଥିମଧ୍ୟରୁ ସ୍ଥାବର ୧,୫୮,୦୮,୩୦୧ ଓ ଅସ୍ଥାବର ୧,୨୩,୪୦,୦୦୦ ଟଙ୍କା। ଏହି ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇଙ୍କ ସ୍ଥାବର, ଅସ୍ଥାବର ସମ୍ପତ୍ତିର ମୂଲ୍ୟ ରହିଛି ୨୬,୯୬,୯୮୧ ଟଙ୍କା। ତା ଭିତରୁ ସ୍ଥାବର ୧୫,୬୦,୪୧୦ ଓ ଅସ୍ଥାବର ୧୧,୩୬,୫୭୧ ଟଙ୍କା। ଏହି ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ଦେବୀ ମଲ୍ଲିକଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି ୧,୮୮,୪୦,୬୩୧ ଟଙ୍କା। ସେଥିମଧ୍ୟରୁ ସ୍ଥାବର ୮୭,୪୦,୬୩୧ ଓ ଅସ୍ଥାବର ୧,୦୧,୦୦,୦୦୦ ଟଙ୍କା। ବାଲିକୁଦା-ଏରସମା ବିଜେଡି ପ୍ରାର୍ଥୀ ରଘୁନନ୍ଦନ ଦାସଙ୍କ ସ୍ଥାବର ୨୪,୨୦,୭୭୮ ଓ ଅସ୍ଥାବର ୪୨,୦୦,୦୦୦, ଏହିପରି ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି ୬୬,୨୦,୭୭୮ ଟଙ୍କା। କଂଗ୍ରେସ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ରଙ୍କ ପରିବାରର ସମ୍ପତ୍ତିର ମୂଲ୍ୟ ୧,୫୫,୨୦,୯୮୩ ଥିବାବେଳେ ସେଥିମଧ୍ୟରୁ ସ୍ଥାବର ୨୩,୭୩,୬୬୯ ଓ ଅସ୍ଥାବର ୧,୩୧,୪୭,୩୧୪ ଟଙ୍କା। ବାଲିକୁଦା-ଏରସମା ଭାଜପା ପ୍ରାର୍ଥୀ ରାଉତଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ୮୨,୧୭,୫୧୯ ଓ ଅସ୍ଥାବର ୧,୧୦,୦୦,୦୦୦, ଏହିପରି ମୋଟ ସମ୍ପତ୍ତିର ମୂଲ୍ୟ ରହିଛି ୧,୯୨,୧୭,୫୧୯ ଟଙ୍କା। ପ୍ରାର୍ଥୀମାନଙ୍କ ସତ୍ୟପାଠରେ ଏହା ଉଲ୍ଲେଖ କରାଯାଇଥିଲେ ସୁଦ୍ଧା ବାସ୍ତବ ଚିତ୍ର କଣ ତାକୁ ନେଇ ତର୍ଜମା ଆରମ୍ଭ ହୋଇଯାଇଛି। କୁହାଯାଉଛି ନିର୍ବାଚନରେ ପ୍ରମୁଖ ଦଳଗୁଡିକର ପ୍ରାର୍ଥୀମାନେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଜଣକା କୋଟିଏ ଟଙ୍କା ତଳକୁ ଖର୍ଚ୍ଚ କରୁନାହାନ୍ତି। ଏପରି କି ସ୍ଥଳବିଶେଷରେ ୮/୧୦ କୋଟି ଟଙ୍କା ଖର୍ଚ୍ଚ କରୁଥିବା କୁହାଯାଉଛି। ଚଳିତ ନିର୍ବାଚନରେ ଜଗତ୍‌ସିଂହପୁର ଜିଲାରେ ଅନୁରୂପ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିବା ଆଲୋଚନା ହେଉଛି। ତେଣୁ ପ୍ରାର୍ଥୀମାନେ ଦେଇଥିବା ସତ୍ୟପାଠକୁ ଅନୁଧ୍ୟାନ କଲେ ଜଣାଯାଏ ସେମାନେ ଏତେଟଙ୍କା କେଉଁଠୁ ଆଣିବେ।

### କଂଗ୍ରେସକୁ ସମର୍ଥନ ଜଣାଇଲା ସିପିଆଇଏମ୍

**ବାଲିଆ,୧୯।୪**

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ଦେବୀ ପ୍ରସାଦ ମଲ୍ଲିକ ଓ ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥୀ ପ୍ରତିମା ମଲ୍ଲିକଙ୍କୁ ଚଳିତ ନିର୍ବାଚନରେ ସିପିଆଇଏମ୍ ପୂର୍ଣ୍ଣ ସହଯୋଗ କରିବ ବୋଲି ଘୋଷଣା କରିଛି। ସିପିଆଇଏମ୍ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ଜଗତସଂହପୁର ଜିଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିରିଡ଼ିସ୍ଥିତ ଦଳୀୟ କାର୍ଯ୍ୟାଳୟରେ କଂଗ୍ରେସ ଓ ସିପିଆଇଏମ୍‌ର ଏକ ମିଳିତ ବୈଠକରେ ଏହି ସୂଚନା ଦିଆଯାଇଛି। ବିଧାୟକ ପ୍ରାର୍ଥୀ ମଲ୍ଲିକ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଆଇନଜୀବୀ ଦୀପକ ପଶାୟତ, ସାମାଜିକ କର୍ମୀ ଜୀବନ ସ୍ୱାଇଁଙ୍କ ସମେତ ସିପିଆଇଏମ୍‌ର ଜିଲା କମିଟି ସଭ୍ୟ ଗଣେଶ ଚନ୍ଦ୍ର ମାଣିଆ, ବେଣୁଧର ବାରିକ, ନଟବର ପଲେଇ, ଯୁଧିଷ୍ଠିର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଯଶୋବନ୍ତ ହିନ୍ଦୋଳ ସହପର୍ଯ୍ୟବେକ୍ଷକ

**ତିର୍ତ୍ତୋଲ,୧୯।୪(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ ବେଗୁନିଆ ଗ୍ରାମର ଯୁବ ବିଜେଡି ନେତା ଯଶୋବନ୍ତ ରାଉତଙ୍କୁ ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ସହପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ସେ କନ୍ଧମାଳ ଜିଲା ତୁମୁଡି ବନ୍ଧ ବ୍ଲକର ବିଜେଡି ପର୍ଯ୍ୟବେକ୍ଷକ ଭାବରେ ସଫଳତାର ସହିତ ଦାୟିତ୍ୱ ସମ୍ପାଦନ କରିଥିବାରୁ ତାଙ୍କୁ ଏହି ନୂତନ ଦାୟିତ୍ୱ ମିଳିଛି।

## ବିଭିନ୍ନ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ

**ବାଲିକୁଦା,୧୯।୪(ସ୍ୱ.ପ୍ର.)**

**ସାମିଲ ହେଲେ ଭାଜପା ଓ କଂଗ୍ରେସ କର୍ମୀ**

ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଥାଇଲୋ ପଞ୍ଚାୟତର ଚାଟଖାଇ ଠାକୁରାଣୀଙ୍କ ପୀଠରେ ସରପଞ୍ଚ ଯତୀନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ପୂର୍ବତନ ଉପାଧ୍ୟକ୍ଷ ଶମ୍ଭୁ ପ୍ରସନ୍ନ ମହାନ୍ତି, ପୂର୍ବତନ ଉପାଧ୍ୟକ୍ଷା ସରୋଜିନୀ ଦାସ, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ସମିତିସଭ୍ୟ ପ୍ରଫୁଲ୍ଲ ବାହାଲିଆ, ବ୍ଲକ ଛାତ୍ର ବିଜେଡି ସଭାପତି କମଲ କିରଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେମାନେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ବୈମାତୃକ ମନୋଭାବକୁ ତୀବ୍ର ସମାଲୋଚନା କରିଥିଲେ। ଏଥିସହ ଚଳିତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ଜିତାଇ ପ୍ରଗତିଶୀଳ ଓଡ଼ିଶା ଗଠନରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଭାଜପା ଓ କଂଗ୍ରେସର ୧୩ ପରିବାର ଦଳ ଛାଡି ବିଜେଡିରେ ସାମିଲ ହୋଇଥିବା ସୂଚନା ଦିଆଯାଇଛି। ଭାଜପା ନେତା ନଟବର ମୁଦୁଲି, କ୍ଷୀରୋଦ ପଣ୍ଡା, ପିୟରଞ୍ଜନ ସ୍ୱାଇଁ, ପ୍ରମୋଦ ବଳ, ଉମାକାନ୍ତ ମଲ୍ଲିକ, ଦୋଳଗୋବିନ୍ଦ ଜେନା, ବିଭୂତି ଭୂଷଣ ରାଉତ, ଅମିନ ବେହେରା, ବାବାଜି ସାହୁ, ବସନ୍ତ ମଲ୍ଲିକ, ଶରତ ମଲ୍ଲିକ, ନିତ୍ୟାନନ୍ଦ ମାନିକ, ଅକ୍ଷୟ ମଳିକ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ଅନୁରୂପ ଭାବେ ଇଛାପୁର ଓ ବାହାରଣା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି।

### ବୃନ୍ଦାବନ ଚନ୍ଦ୍ର ଆଦର୍ଶ ଶିଶୁ ମନ୍ଦିର ବାର୍ଷିକୋତ୍ସବ

**ରଘୁନାଥପୁର, ୧୯।୪ ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଙ୍ଗୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ଆଦର୍ଶ ଶିଶୁ ମନ୍ଦିରର ୫ମ ବାର୍ଷିକୋତ୍ସବ ବୃନ୍ଦାବନ ଚନ୍ଦ୍ର ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିକ୍ରମ କେଶରୀ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରମେଶ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ପ୍ରସନ୍ନ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଯୋଗେନ୍ଦ୍ର ନାଥ ବସ୍ତିଆ, ସୁରେଶ ଚନ୍ଦ୍ର ପଣ୍ଡା, ଶରତ ନାୟକ ଓ ଅମିତା ବେହେରା ପ୍ରମୁଖ ଉପସ୍ଥିତ ହୋଇ ପିଲାମାନଙ୍କୁ ବହୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ମେନକା ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ପରେ ସଭା ଆରମ୍ଭ ହୋଇଥିଲା। ବିଦ୍ୟାମନ୍ଦିର ପକ୍ଷରୁ ସାଇ ଶୁଭଙ୍କର ସ୍ୱାଇଁଙ୍କୁ ସାହସିକତା ପୁରସ୍କାର, ସ୍କଲାରସିପ ହାସଲ କରିଥିବା ଶୁଭସ୍ମିତା ଦାସଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଅନ୍ୟ ଛାତ୍ରୀଛାତ୍ରଙ୍କୁ ଉତ୍ସବରେ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ




ମାତୃ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବିରଡ଼ି/ବାଲିଆ,୧୯।୪(ଡି.ଏନ.ଏ.)**

ଗୁରୁବାର ମଙ୍ଗୁଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ସ୍ୱପ୍ନବିକା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କଣ୍ଟାପଡ଼ା ବ୍ଲକ ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ ମୁଖ୍ୟଅତିଥି, ଓଡ଼ିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ ମୁଖ୍ୟବକ୍ତା, ଡା. କବି ଶୁଭ କୁମାର ଦାଶ, ଅତୁଲ୍ୟ ମହାନ୍ତି, କବି ଜୟନାରାୟଣ ଦାସ, ଜ୍ଞାନରଞ୍ଜନ ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁ ମନ୍ଦିରର ସମ୍ପାଦକ ଗୟାଧର ମହାନ୍ତି ସ୍ୱାଗତ ଭାଷଣ ଓ ପ୍ରଧାନ ଆଚାର୍ଯ୍ୟା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ପ୍ରତୀକ ସାହୁଙ୍କୁ ମାଧବଚନ୍ଦ୍ର ଦାସ ସ୍ମୃତି ସମ୍ମାନ, ପ୍ରୀତିଚିତନୟା ମହାପାତ୍ରଙ୍କୁ ପ୍ରସନ୍ନ ରାୟ ସ୍ମୃତି ସମ୍ମାନ, ଲୋପାମୁଦ୍ରା ବସ୍ତିଆଙ୍କୁ ଶହୀଦ ଲଲାଟ ମହାନ୍ତି ସ୍ମୃତି ସମ୍ମାନ, ସ୍ୱାଗତିକା ସାହୁଙ୍କୁ ଅରୁଣ କୁମାର ପାତ୍ର ସ୍ମୃତି ସମ୍ମାନ, ସ୍ୱାଗତିକା ମହାପାତ୍ରଙ୍କୁ ଜଗନ୍ନାଥ ପାଢୀ ସ୍ମୃତି ସମ୍ମାନ, ଶୁଭଶ୍ରୀ ଜେନାଙ୍କୁ ଚିତ୍ତରଞ୍ଜନ ଦାସ ସ୍ମୃତି ସମ୍ମାନ, ଅଲିସା ପ୍ରିୟଦର୍ଶିନୀଙ୍କୁ ଗିରିଧାରୀ ମହାନ୍ତି ସ୍ମୃତି ସମ୍ମାନ, ରଶ୍ମିତା ଭୋଳ ଓ ଶର୍ମିଷ୍ଠା ମହାରଣାଙ୍କୁ କଳ୍ପତରୁ ଦାସ ସ୍ମୃତି ସମ୍ମାନ, ବର୍ଷା ପ୍ରିୟଦର୍ଶିନୀ ଜେନାଙ୍କୁ ସୋମନାଥ ଦାଶ ସ୍ମୃତି ସମ୍ମାନ, ପ୍ରୀତିପ୍ରଜ୍ଞା ନାଥଙ୍କୁ ଗୌରାଙ୍ଗ ଚରଣ ଦାସ ସ୍ମୃତି ସମ୍ମାନ, ସାଇ ପ୍ରସାଦ ଜେନାଙ୍କୁ ଗୌରୀ ଦେବୀ ସ୍ମୃତି ସମ୍ମାନ, ୫ମ ବୃତ୍ତି ପାଇଥିବା ଛାତ୍ରୀ ଟିଙ୍କିଲି କାଣ୍ଡିଙ୍କୁ ଅଶୋକ ରାଉତରାୟ ସ୍ମୃତି ସମ୍ମାନ ଓ ପ୍ରତ୍ୟୁଷା ପରିଡ଼ାଙ୍କୁ ବିଦ୍ୟୁତ୍ ପ୍ରଭା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମାଜିକ ନାଟକ 'ଦିଅଁ ପୂଜିବାକୁ ଦେଉଳ ମନା' ନାଟକ ପରିବେଷିତ ହୋଇଥିଲା। ଏହାର ନିର୍ଦ୍ଦେଶନା ଦେଇଥିଲେ ବିଜୟ କୁମାର ପୃଷ୍ଟି। ଶେଷରେ ଜ୍ଞାନରଞ୍ଜନ ପାଢୀ ଧନ୍ୟବାଦ ଦେଇଥିଲେ।

# ପ୍ରଚାର ସହ ବଢୁଛି ରାଜନୈତିକ ଉଷ୍ମତା



ପାରାଦୀପ ଷଣ୍ଢକୁଦ ବସ୍ତିରେ କଂଗ୍ରେସର ମିଶ୍ରଣ ପର୍ବ।



ବିଜେଡି ପ୍ରାର୍ଥୀ ସମ୍ବିତ ପ୍ରଚାର କରୁଛନ୍ତି।



ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କ ଶୋଭାଯାତ୍ରା।

**ପାରାଦୀପ, ୧୯।୪ (ସ୍ୱ.ପ୍ର.)**

ନିର୍ବାଚନ ଆଉ ୯ ଦିନ ଥିବାବେଳେ ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ସେହିପରି କର୍ମୀ ଓ ନେତାଙ୍କ ମଧ୍ୟରେ ଦଳ ପରିବର୍ତ୍ତନ ମଧ୍ୟ ଜାରି ରହିଛି। ଏହାକୁ ନେଇ ରାଜନୈତିକ ଉଷ୍ମତା ପ୍ରକାଶ ପାଇଥିବାବେଳେ କେତେକ ସ୍ଥାନରେ ଉତ୍ତେଜନା ପରିସ୍ଥିତି ମଧ୍ୟ ସୃଷ୍ଟି ହେଲାଣି। ଶୁକ୍ରବାର ସନ୍ଧ୍ୟାରେ ପାରାଦୀପ ପୌରାଞ୍ଚଳର ସବୁଠାରୁ ବଡ଼ ବସ୍ତି ଷଣ୍ଢକୁଦରେ କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ହଜାରରୁ ଉର୍ଦ୍ଧ୍ୱ ତେଲୁଗୁ ସମ୍ପ୍ରଦାୟର ମତ୍ସ୍ୟଜୀବୀ ପରିବାର ବିଜେଡି ଓ ଭାଜପା ଛାଡ଼ି କଂଗ୍ରେସରେ ସାମିଲ ହୋଇଥିବା ସୂଚନା ଦିଆଯାଇଛି। ଷଣ୍ଢକୁଦ ଅଟୋଷ୍ଟାଣ୍ଡ ପାଖରେ ଆୟୋଜିତ ଏକ ପଥପ୍ରାନ୍ତ ସଭାରେ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ (ବାପି)ଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ହୋଇଥିଲା। ତେଲୁଗୁ ସମ୍ପ୍ରଦାୟର ମୁରବୀ କେ.ସୁବାରାଓଙ୍କୁ ସର୍ଖେଲ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସୁବାରାଓ ମୂଳତଃ କଂଗ୍ରେସରେ ଥିଲେ। ୨୦୦୯ ନିର୍ବାଚନରେ ଦଳ ରମେଶ ଚନ୍ଦ୍ର ସାମନ୍ତରାୟଙ୍କୁ ଟିକେଟ ଦେଇ ଫେରାଇ ନେବା ଘଟଣାରେ ସେ କ୍ଷୁବ୍ଧ ହୋଇ ବିଜେଡିରେ ମିଶିଥିଲେ। ଗତ ୧୦ ବର୍ଷ ହେଲା ସେ ଷଣ୍ଢକୁଦର ୩ ୱାର୍ଡରେ ବିଜେଡିର ଦାୟିତ୍ୱ ନେଇଥିଲେ ଓ ଏହି ୩ ୱାର୍ଡରେ ବିଜେଡି କାଉନ୍‌ସିଲର ବିଜୟୀ ହୋଇଛନ୍ତି। ଏମିତିକୁ ସୁବାରାଓଙ୍କ ସାନଭାଇ ଜଗନ୍ନାଥ ରାଓ ଏବେ ୧୮ନଂ. ୱାର୍ଡର କାଉନ୍‌ସିଲର ଅଛନ୍ତି। ସୁବାରାଓଙ୍କ ବ୍ୟତୀତ ଅନ୍ୟତମ ମୁରବୀ ଶ୍ରେଣୀୟ ବ୍ୟକ୍ତି ଅର୍ଜିଲା ଆପାରାଓ, ଭାଜପାର ମଣ୍ଡଳ ଉପସଭାପତି ସଞ୍ଜୟ ରେଡ୍ଡି କଂଗ୍ରେସରେ ମିଶିଛନ୍ତି। ଏହି ଅବସରରେ ସର୍ଖେଲ କହିଛନ୍ତି ଯେ, ଏବେ ପରିବବର୍ତ୍ତନର ସ୍ୱର ସମୁଦ୍ର କୂଳରୁ ଆରମ୍ଭ ହୋଇଛି। ଲୋକେ ସୁସ୍ଥ ମସ୍ତିଷ୍କରେ ବିଚାର କରନ୍ତୁ ଯେ କେଉଁ ପ୍ରାର୍ଥୀ ବସ୍ତିର ସମସ୍ୟାକୁ ଦୂର କରିପାରିବେ। କାର୍ଯ୍ୟକ୍ରମରେ କଂଗ୍ରେସର ଅନୁପ ସାହାଣୀ, କେଦାର ଜେନା, ସମୀର ବିଶ୍ୱାଳ, ପପି ରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସିପିଆଇର ସୁବାଷ ଚନ୍ଦ୍ର ମହାପାତ୍ର ମଧ୍ୟ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

### ବିଜେଡିର ନବୀନ, ଭାଜପାର ମୋଦି, କଂଗ୍ରେସର ପ୍ରାର୍ଥୀ

ପାରାଦୀପ ନିର୍ବାଚନମଣ୍ଡଳୀରେ ୯ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ଅସଲ ପ୍ରତିଯୋଗିତା ଚାଲିଛି ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ। ପ୍ରଚାର ଓ ଶୋଭାଯାତ୍ରାରେ ବିଜେଡି ପ୍ରାର୍ଥୀଙ୍କ ମୁଖ୍ୟ ସ୍ଲୋଗାନ ହେଉଛି ଶଙ୍ଖ ଚିହ୍ନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏମିତିକି ଅସନ୍ତୁଷ୍ଟ କର୍ମୀମାନେ ମଧ୍ୟ କହୁଛନ୍ତି ଯେ, ଆମର ଦଳ ବିଜେଡି, ନେତା ନବୀନ ଓ ଚିହ୍ନ ଶଙ୍ଖ। ସେହିପରି ଭାଜପା ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ପ୍ରଚାର ଚଳାଇଛି। ମୋଦିଙ୍କ ଦୃଢ଼ ଶାସନ ଉପରେ ଆସ୍ଥା ରଖି ସଶକ୍ତ ଭାରତ ଗଠନରେ ସହାୟକ ହେବାକୁ ଭାଜପା କର୍ମୀ ଆହ୍ୱାନ ଦେଉଛନ୍ତି। ଏ କ୍ଷେତ୍ରରେ କଂଗ୍ରେସରେ ଭିନ୍ନତା ଦେଖିବାକୁ ମିଳୁଛି। ଦଳୀୟ କର୍ମୀମାନେ କଂଗ୍ରେସର ଉଚ୍ଚସ୍ତରୀୟ ନେତାଙ୍କ ଛାଡି ପ୍ରାର୍ଥୀଙ୍କୁ ନେଇ ପ୍ରଚାର କରୁଛନ୍ତି ଓ ଭୋଟ୍ ଦେବାକୁ ଅନୁରୋଧ କରୁଛନ୍ତି।

### ଭାଜପାର ବାଇକ ଶୋଭାଯାତ୍ରା

ପାରାଦୀପର ଭାଜପା ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଶୁକ୍ରବାର ଅପରାହ୍ନରେ ଏକ ବିଶାଳ ବାଇକ ଶୋଭାଯାତ୍ରା କରିଛନ୍ତି। ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନିର୍ବାଚନମଣ୍ଡଳୀର ୪ ନଂ. ଜୋନରେ ଏହି ଶୋଭାଯାତ୍ରା ହୋଇଥିଲା। ହଜାରରୁ ଉର୍ଦ୍ଧ୍ୱ ବାଇକରେ କର୍ମୀମାନେ ନୂଆଗଡ଼ ପଞ୍ଚାୟତର ହଣ୍ଡିଆଗ୍ରାମରୁ ଆରମ୍ଭ କରି ବାଲିଡିଆ, ଚଉମୁହାଣି, ଚକ୍ରଧରପୁର, ପିପଳ, ଜଗତି, ବିଶ୍ୱାଳି, ନରେନ୍ଦ୍ରପୁର, ପୀତାମ୍ବରପୁର, ଗଡ଼, ବୃନ୍ଦ, କଟୁକୁଲା, ନିମିତି, ନୁଣୁକୁଆ, ବଗଡିଆ, ନୂଆଡିଆ, ସିକୁ, ରଇତସାହି, ଝିମାଣି, ଡାଳିମପୁର ଆଦି ଗ୍ରାମରେ ଶୋଭାଯାତ୍ରା କରିଥିଲେ। ସୂଚନାଯୋଗ୍ୟ, ଏହି ୪ ନମ୍ବର ଜୋନରେ ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଜିଲାପରିଷଦ ପ୍ରାର୍ଥୀ ବିଜୟୀ ହୋଇଥିଲେ। ମଣ୍ଡଳ ସଭାପତି ରଶ୍ମିରଞ୍ଜନ ସାମନ୍ତରାୟଙ୍କ ସମେତ ବ୍ରଜ କିଶୋର ସ୍ୱାଇଁ, ଦେବଜ୍ୟୋତି ପଲେଇ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।

### ମିଶ୍ରଣ ସଭା ପାଖରେ ବିଜେଡି ଶୋଭାଯାତ୍ରାକୁ ନେଇ ଉତ୍ତେଜନା

ସନ୍ଧ୍ୟାରେ କଂଗ୍ରେସର ମିଶ୍ରଣ ପର୍ବ ଚାଲିଥିବାବେଳେ ସେହି ଅଟୋଷ୍ଟାଣ୍ଡ ଛକ ପାଖରେ ବିଜେଡିର ଶୋଭାଯାତ୍ରା ଯାଇଥିଲା। ଏପଟେ ମିଶ୍ରଣ ପର୍ବ ଓ ସେପଟେ ଶୋଭାଯାତ୍ରା ଯୋଗୁ ଦୁଇ ଦଳର କର୍ମୀ ନିଜ ନିଜ ନେତାଙ୍କ ନାମରେ ଜିନ୍ଦାବାଦ କରିଥିଲେ। ହଠାତ୍ ଦୁଇ ଦଳର କର୍ମୀ ମୁହାଁମୁହିଁ ହେବା ଫଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଜଟାଧାର ମୁହାଣ ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ବିଜେଡି ଶୋଭାଯାତ୍ରାକୁ ଅନ୍ୟ ରାସ୍ତାରେ ନେଇଥିଲା।



କଂଗ୍ରେସର ସମାବେଶ ନିକଟରେ ବିଜେଡିର ପ୍ରଚାର ଗାଡି।

## ସଂକ୍ଷେପରେ

### ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାର କରିବାକୁ ଆସିବେ ରାହୁଲ



**ଭୁବନେଶ୍ୱର, ୧୯।୪(ବ୍ୟୁରୋ):** ୨୦୧୯ ସାଧାରଣ ନିର୍ବାଚନ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି। ଏଥିରୁ ଦୁଇଟି ପର୍ଯ୍ୟାୟ ପାଇଁ ନିର୍ବାଚନ ଶେଷ ହୋଇସାରିଛି। ଆସନ୍ତା ୨୩ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ମାତ୍ର ପ୍ରଥମ ପର୍ଯ୍ୟାୟ ପରଠାରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆଉ ପ୍ରଚାର ପାଇଁ ଆସି ନାହାନ୍ତି। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ବାରମ୍ବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ହେଲେ ଏହି ଦୌଡ଼ରେ ପଛରେ ପଡିଯାଇଛି କଂଗ୍ରେସ। ନିର୍ବାଚନର କିଛିଦିନ ପୂର୍ବରୁ ରାହୁଲ ଗାନ୍ଧୀ ଯେପରି ଓଡ଼ିଶା ଆସି ଦଳକୁ ଆଗକୁ ନେବାକୁ ପ୍ରୟାସ କରୁଥିଲେ ଆଉ ସେଭଳି ଦେଖିବାକୁ ମିଳୁନାହିଁ। ଏଭଳି ସ୍ଥିତିରେ କିଛିଦିନର ବ୍ୟବଧାନ ପରେ ରାଜ୍ୟରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ରାହୁଲ ଗାନ୍ଧୀଙ୍କୁ ଓଡ଼ିଶା ଆସିବା ପାଇଁ ଅନୁରୋଧ କରାଯାଇଛି। ଆସନ୍ତା ୨୪ ଓ ୨୭ ମଧ୍ୟରୁ ଗୋଟିଏ ଦିନ ରାହୁଲ ଓଡ଼ିଶା ଆସବେ ବୋଲି ସୂଚନା ମିଳିଛି। ରାହୁଲ ଓଡିଶା ଆସି ଦୁଇଟି ସଭାରେ ଯୋଗଦେବେ ବୋଲି ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ ସୂଚନା ଦେଇଛନ୍ତି।

### କର୍ତ୍ତବ୍ୟପରାୟଣ ପୋଲିଂ ପାର୍ଟି

# ଜଙ୍ଗଲ ରାସ୍ତାରେ ୧୬ ଘଣ୍ଟା ଚାଲିଲେ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୧୯।୪**

ଦ୍ୱିତୀୟ ପର୍ଯ୍ୟାୟ ମତଦାନର ଦିନକ ପୂର୍ବରୁ ବୁଧବାର କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବାରାହାଲାରେ ମାଓବାଦୀମାନେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିବା ସହ ପୋଲିଂ ଚେକିଂ ପାର୍ଟିର ମେସେଞ୍ଜର ସଂଯୁକ୍ତା ଦିଗାଲଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଥିଲା। ମାଓବାଦୀ ଅଧ୍ୟୁଷିତ ଉକ୍ତ ଅଞ୍ଚଳରେ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପରିଚାଳନା ଜିଲା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ତେବେ ଗୁରୁବାର ସେଠାରେ ସୁରୁଖୁରୁରେ ନିର୍ବାଚନ ସରିଥିଲା। ଜୀବନକୁ ବାଜି ଲଗାଇ ପୋଲିଂ ପାର୍ଟି ନିଜ କର୍ତ୍ତବ୍ୟ କରିଥିଲେ। ହେଲେ ସେମାନେ ଅକଥନୀୟ ଯନ୍ତ୍ରଣା ସହିଛନ୍ତି। ମତଦାନ ସମ୍ପର୍କିତ ନଥିପତ୍ର, ଇଭିଏମ୍ ସହ ସୁରକ୍ଷିତ ଭାବେ ଫେରିବା ପାଇଁ ସେମାନଙ୍କୁ ରାତିରେ ଘଞ୍ଚ ଜଙ୍ଗଲରେ ୧୬ ଘଣ୍ଟା ଚାଲିବାକୁ ପଡ଼ିଛି। ବର୍ଷାରେ ଭିଜି ଭିଜି ଶୁକ୍ରବାର ସକାଳେ ଫୁଲବାଣୀରେ ଆସି ପହଞ୍ଚିଛନ୍ତି।

ଫିରିଙ୍ଗିଆ ବ୍ଲକର ଶେଷ ସୀମାରେ ଥିବା କୋଏରମାଣ୍ଡୁ ପଞ୍ଚାୟତର ବାରାହାଲାକୁ ଭଲ ରାସ୍ତା ନାହିଁ। ମତଦାନ ପାଇଁ ସେଠାରେ ଗୋଟିଏ ବୁଥ୍ (ନଂ.୧୨) ହୋଇଥିଲା। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ୧୭ ତାରିଖ ସକାଳେ ପୋଲିଂ ଟିମ୍ ଯାଇ ସେଠାରେ ପହଞ୍ଚିଥିଲା। ସେଠାକୁ ପୋଲିଂ ପାର୍ଟି ଚେକିଂ ପାଇଁ ଏକ ଗାଡ଼ିରେ ଯାଉଥିଲେ। ଉକ୍ତ ଗାଡ଼ିରେ ଲୁଇସିଂ



ଜଙ୍ଗଲ ରାସ୍ତାରେ ଚାଲି ଚାଲି ଆସିଥିବା ପୋଲିଂ ପାର୍ଟି।

ପଞ୍ଚାୟତ ଜିଆରଏସ୍ ସଂଯୁକ୍ତା ଦିଗାଲ ଏବଂ ଅନ୍ୟମାନେ ଥିଲେ। ତେବେ ବାଲନ୍ଦାପଡାଠାରୁ ପ୍ରାୟ ୧୨ କିମି ଦୂର ବାରାହାଲାଠାରେ ମାଓବାଦୀ ପ୍ରଥମେ ଲ୍ୟାଣ୍ଡ ମାଇନ ବିସ୍ଫୋରଣ ପରେ ଗୁଳିମାଡ଼ କରିବାରୁ ସଂଯୁକ୍ତାଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଥମେ ବାରାହାଲା ପୋଲିଂ ପାର୍ଟି ପାଖରେ ଅପରାହ୍ନ ସାଢ଼େ ୨ଟାରେ ପହଞ୍ଚିବାରୁ ସେମାନେ ଭୟଭୀତ ହୋଇପଡିଥିଲେ। ବୁଥ୍ ନିକଟରେ ଏସ୍ଓଜି ଯବାନ ମୁତୟନ ହୋଇଥିବା କାରଣରୁ ନିଜକୁ ସମ୍ଭାଳି ଗୁରୁବାର ସକାଳୁ ମତଦାନ କାର୍ଯ୍ୟରେ ଲାଗି ପଡ଼ିଥିଲେ। ମଧ୍ୟାହ୍ନରେ ସୁରକ୍ଷା କର୍ମୀ ପୋଲିଂ ପାର୍ଟିକୁ ଅପରାହ୍ନ ୪ଟାରୁ ବାହାରିବା ପାଇଁ କହିଥିଲେ। କାରଣ ସେତେବେଳକୁ ମୁଖ୍ୟ ରାସ୍ତାରେ ମାଓବାଦୀମାନେ ୮ରୁ ୯ଟି ଗଛ କାଟି ପକାଇ ସାରିଥିଲେ। ଏସ୍ଓଜି ଯବାନ ୪ଟାରେ ବାହାରିବାକୁ ପଡିବ ବୋଲି କହିଥିଲେ ମଧ୍ୟ କିପରି ଯିବାକୁ ହେବ କହି ନ ଥିଲେ। ଅପରାହ୍ନ ୨ଟାରେ ମତଦାନ ସରିବା ପରେ ଆନୁଷଙ୍ଗିକ କାର୍ଯ୍ୟ ସାରି ସମସ୍ତେ ଆସିବା ପାଇଁ ପ୍ରସ୍ତୁତ ହେବା ପରେ ଚାଲି ଚାଲି ଯିବାକୁ ପଡ଼ିବ ବୋଲି ସୁରକ୍ଷା କର୍ମୀ କହିଥିଲେ। ଅପରାହ୍ନ ୪ଟାରୁ ପୋଲିଂ ପାର୍ଟି ଚାଲିବା ଆରମ୍ଭ କରିଥିଲେ। ଜଙ୍ଗଲରେ ୧୦/୧୨ଟି ପାହାଡ ଡେଇଁ ୧୫ କି.ମି. ଚାଲିଥିଲେ। ରାତି ୧୦ଟାରେ ଏକ ପାହାଡରେ ସମସ୍ତେ ରହିଥିଲେ। ସେତେବେଳକୁ ପ୍ରବଳ ବର୍ଷା ଆରମ୍ଭ ହେଲା। ଏସ୍ଓଜି ଯବାନ ଏକ ପାଲ ଦେବାରୁ ପୋଲିଂ ପାର୍ଟି କିଛି ସମୟ ସେଠାରେ ମୁଣ୍ଡ ଗୁଞ୍ଜି ପୁଣି ଚାଲିବା ଆରମ୍ଭ କରିଥିଲେ। ପ୍ରାୟ ସମସ୍ତେ ଖଣ୍ଡିଆଖାବରା ହୋଇଥିଲେ। ଶୁକ୍ରବାର ସକାଳ ପ୍ରାୟ ୮ଟାରେ ସମସ୍ତେ ବାଲନ୍ଦାପଡା ସିଆରପିଏଫ୍ କ୍ୟାମ୍ପରେ ପହଞ୍ଚିଥିଲେ। ସେଠାରୁ ଗାଡିରେ ଫୁଲବାଣୀ ଆସିଲୁ ବୋଲି ପ୍ରିଜାଇଡିଂ ଅଫିସର ସୁଧାଂଶୁ ଶେଖର ମେହେର, ପୋଲିଂ ଅଫିସର ଏସ୍. ଯୋଗେନ୍ଦ୍ର ଦୋରା ଓ ସଞ୍ଜୟ କୁମାର ବେହେରା ପ୍ରକାଶ କରିଛନ୍ତି।

### କେରଳରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଅର୍ଥାଭାବରୁ ଗାଁକୁ ଆସିପାରିଲାନି ମୃତଦେହ

**ଜୁନାଗଡ,୧୯।୪(ଡି.ଏନ.ଏ.)**

- କେରଳରେ ହେଲା ମୃତଦେହ ସତ୍କାର
- ନିରାଶ ହୋଇ ଘରକୁ ଫେରୁଛନ୍ତି ପୁଅ, କକା

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଟିଗାଁର ସୁଧାଂଶୁ ସୁନାନୀ (୪୨) ନାମକ ଜଣେ ଦାଦନ ଶ୍ରମିକଙ୍କ କେରଳରେ ଗତ ରବିବାର ରାତିରେ ମୃତ୍ୟୁ ଘଟିଥିଲା। ତେବେ ଅର୍ଥାଭାବରୁ ଗାଁକୁ ମୃତଦେହ ଆସିପାରି ନ ଥିଲା। ଗୁରୁବାର ଅପରାହ୍ନରେ କେରଳରେ ତାଙ୍କର ମୃତଦେହ ସତ୍କାର କରାଯାଇଛି। ଗତ ସୋମବାର ସୁଧାଂଶୁଙ୍କ ମୃତଦେହ ଆଣିବା ପାଇଁ ବଡପୁଅ ଉପେନ୍ଦ୍ର ଓ କକା ସଦାନନ୍ଦ ସେଠାକୁ ଯାଇଥିଲେ। ମୃତଦେହ ଗାଁକୁ ଆଣି ନ ପାରି ଏବେ ସେମାନେ ନିରାଶ ହୋଇ ଘରକୁ ଫେରୁଛନ୍ତି। ଏପରିକି ସୁଧାଂଶୁ କାମ କରୁଥିବା ମାଲିକଙ୍କ ପକ୍ଷରୁ ମଧ୍ୟ କୌଣସି ସହାୟତା ପ୍ରଦାନ କରାଯାଇ ନ ଥିବା ଜଣାପଡିଛି।

ଜୁନାଗଡ ବ୍ଲକ ମାଟିଗାଁର ସୁଧାଂଶୁ ଗତ ବର୍ଷକ ତଳେ ଗ୍ରାମର କେତେକ ସମ୍ପର୍କୀୟଙ୍କ ସହ କେରଳକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ଏକ କୋଠା ନିର୍ମାଣ କାମରେ ଦିନମଜୁରିଆ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରବିବାର ରାତିରେ ଭଡାଘରେ ଖାଇସାରି ଶୋଇବା ପରେ ସେ ସକାଳେ ଆଉ ଉଠି ନ ଥିଲେ। ସୋମବାର ସକାଳୁ ସ୍ଥାନୀୟ ଲୋକେ ଦୀର୍ଘସମୟ ଧରି ପଛପଟୁ କବାଟ ବନ୍ଦ ଥିବା ଦେଖି ସନ୍ଦେହ କରି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଘରର କବାଟକୁ ଭାଙ୍ଗି ଭିତରକୁ ପଶିଥିଲା। ଘରେ ସୁଧାଂଶୁଙ୍କ ମୃତଦେହ ବିଛଣାରେ ପଡିଥିବା ସେମାନେ ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହକୁ ଉଦ୍ଧାର କରି ଅପରାହ୍ନରେ ସୁଧାଂଶୁଙ୍କ ପରିବାରକୁ ଘଟଣା ସମ୍ପର୍କରେ ଫୋନ କରି ଜଣାଇଥିଲେ। ସୁଧାଂଶୁଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ଶିବରାତ୍ରୀ, ପୁଅ ଉପେନ୍ଦ୍ର ଓ ଭୂପେନ୍ଦ୍ର ଦୁଃଖରେ ଭାଙ୍ଗିପଡିଥିଲେ। ଶୀଘ୍ର ଏହି ଅସହାୟ ପରିବାରକୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅଟୋ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ

**ସଇଁତଲା, ୧୯।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଳ ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହେବାଯୋଗୁ ପ୍ରମୋଦ ଚାନ୍ଦ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ପ୍ରମୋଦ ଗୋଳାବାରୁଦ କାରଖାନା ପାଇଁ ଉଦ୍ଦିଷ୍ଟ ମିଲିଟାରୀ ଇଞ୍ଜିନିୟରିଂ ସର୍ଭିସରେ କାର୍ଯ୍ୟରତ ଥିଲେ। ସେ ଟିଟିଲାଗଡ଼ରୁ ଶୁକ୍ରବାର ଅପରାହ୍ନ ୫ଟାରେ ଅଟୋରିକ୍ସା (ନଂ. ଓଡ଼ି-୦୩-ଏଲ-୬୪୬୮)ରେ ଆସୁଥିବାବେଳେ ବଡ଼ମାଳ ନିକଟରେ ଗାଡି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପ୍ରମୋଦଙ୍କ ମୃତ୍ୟୁ ହୋଇଥିବାବେଳେ ଅଟୋ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

REQUIRED
FOR HOTEL RECEPTION MANAGER AT 148, HOTEL TAJ PALACE, BAPUJI NAGAR, BBSR
CONTACT- 9776967006 9438143208

ଆବଶ୍ୟକ
ଇତିହାସ ବା ଭୂଗୋଳରେ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷାଗତ ଯୋଗ୍ୟତା ଥିବା B.Ed. ଶିକ୍ଷକ ଆବଶ୍ୟକ।
Contact: 8763123782, 9937619497
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାଣ୍ଡରା, ଭୁବନେଶ୍ୱର

CALL CENTER
Videocon D2H & Airtel D2H
Salary : Rs 6,000/- to Rs 15,000/-
Qualification : 10th / +2 / Any Graduation
9040066658

WANTED
BOSCH Kitchen Appliances Require A Person For Sales& Marketing All Odisha. With Full Experience In This Trade. He Will Be In Company Payroll.
Candidates Send CV
E-Mail:- rajmohanrohit@Gmail.Com
Contact Mob- 8249250386 (11AM TO 2PM)

REQUIRED
1. AN ACCOUNTANT FOR CONCURRENT AUDIT OF BANK IN BARGARH AND ANGUL AREA
2. ଘରୋଇ କାମ ସହ ପିଅନ ଆବଶ୍ୟକ। ରହିବା, ଖାଇବା, ମାଗଣା। ରବି ଟକିଜ ଏରିଆ, ଭୁବନେଶ୍ୱର
CONTACT NO: 9438674500
MAIL ID: rkjena@hotmail.com. fca.ranjan1970@gmail.com

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା–27,000/-, ଶିକ୍ଷାଗତ ଯୋଗ୍ୟତା–8th to 10th & above.
Contact: 8339922964

REQUIRED
Required one Lady Receptionist-cum-Accountant (Computer known), One Lady Supervisor for housekeeping & One Cook specially for Tandoor, for a reputed Hotel at Puri.
Apply with Bio-data, Passport size Photo & Contact No. to M/S DEEP RESORTS PVT. LTD., SEA BEACH ROAD, PURI-752001 within 10 days.

REQUIRED
Audit Assistant-cum-Accountant with minimum B.Com qualification having good knowledge in Accountancy
Contact:- R.C. LAL & Co. Chartered Accountants, 41, Ashok Nagar (East), Bhubaneswar-751009

Contact: 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

REQUIRED
A leading Distributor of Electrical Test & Measurement Instruments and Engineering design Software requires.
a) Sales Engineer for Bhubaneswar office. Job involves travelling. B.Tech ECE/EE with experience in Industrial Sales preferred. E-mail resume to.-
elmaxsolutionscal@gmail.com

URGENTLY REQUIRED
AUTOCAD Operator- Diploma in Civil Engg. with 1 year Exp in Autocad 2D/3D & A car driver with Minimum 3 years Exp in driving (Bachelor)
U.C.E. BBSR
Contact No- 9776273661 0674-2507670

WANTED
1. MARKETING EXECUTIVE, Graduate or above
2. TRAINEE ENGINEER, Diploma, ITI or B-tech
3. QUALITY ENGINEER, BSC Graduate
4. WORKER
Cont.- 7978787142 7077700103

REQUIREMENT
In immediate requirement of Computer Designer, having knowledge on Autocad, Photoshop, Coreldraw & others basic computing fields.
Contact No: 9338467646 9861334152
IDOL Copier, Plot-5, Janpath, BBSR.

DIRECT JOINING
Customer Service (A-D2H), Data Entry, Back Office, Receptionist (ଓଡ଼ିଆ)
Salary : Rs.8000 To Rs.15000
9090658710

CHILD HELP FOUNDATION
REQUIRES:
Telecampaigners.
Freshers / Experienced Both can apply.
Fluency in English & Hindi is must
Salary + Attractive Incentives + T.A
Contact - 7504029820 / 9776825919
Email : pradeep@childhelpfoundationindia.org
Walk in interview : Timing 10 am to 6 pm
Add: Room No - 409, 4th Floor, Janpath Tower, Ashok Nagar, Bhubaneshwar - 751009

URGENTLY REQUIRED
1. MANAGER-2 NO. (EXPERIENCE IN SKILL WITH COMPUTER)
2. D.G.M-1 NO. (EXPERIENCE IN NGO SECTOR), 3. PEON-02 NO.
4. ADMIN.-1 NO. (RETD.) 5. CO-ORDINATOR-2 NO. (MBA / MCA)
6. MANAGER-02 NO. (EXPERIENCE IN SOFTWARE MARKETING OR DATA PROCESSING WORK)
PERLCT B-11, CIE, Patia, BBSR., Near KIIMS, Mob. 8260222053, 8093502498
STP-DDUGKY, PMKVY, ESDM, NULM, OULM, RPL, SC

OrissaPOST English daily
WANTED
Anchors
• Candidates having Bachelors Degree in Journalism, Broadcasting or Communications and strong communication skills in English required.
• Responsibilities include scripting, anchoring, research and reporting, strong idea on use of digital and social media will be preferred.
Bulletin Producers
• Experienced producers to coordinate newscasts, editorial packages & bulletins for digital platform.
Translators
• Should be well versed in English and Odia. (Full Time)
Visual Graphic Designers
• Candidate should be able to create visual packages & create attractive news / stories for digital audiences.
• Develop graphics and visuals for product illustrations.
• Responsible for creating on screen text, video graphics, developing company creatives, assist with custom graphics & packages and building marketing material.
Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

REQUIRED
ଭୁବନେଶ୍ୱରସ୍ଥିତ Plot Selling ପାଇଁ Experienced Marketing Person (Male/ Female) & Tele Calling ପାଇଁ Smart Girl Required.
Contact: 9438119623

FOR DOMESTIC PROCESS
FUSION
NASSCOM® MEMBER
CAREER FAIR AT BHUBANESWAR
WALK IN WITH YOUR RESUME
20TH April 2019 (Saturday) 9:30 am - 5:00 pm
ADDRESS
SR CORPORATE GUEST HOUSE-2
PLOT NO: 17, AMRAPALI, AHALYA NAGAR, OPPOSITE KOEL CAMPUS, NEAR SAI TEMPLE, PATIA, Bhubaneswar, Odisha 751024
CALL US FOR TELEPHONIC INTERVIEW
9874178232 / 6290829832 / 7003064969 / 9875323773
8617773228 / 7980533049 / 6290829833 / 8336900210

INTERNATIONAL POTATO CENTRE (CIP),
ICAR-CTCRI CAMPUS, DUMDUMA HOUSING BOARD, BHUBANESWAR-751019(ODISHA)
WALK-IN-INTERVIEW
A Walk-in-Interview will be conducted by INTERNATIONAL POTATO CENTRE (CIP) at ICAR-CTCRI campus , DUMDUMA H.B., Bhubaneswar 751019, on date 23rd & 24th April 2019, for selection of the following temporary positions under RKVY sponsored GAINS- Phase II Project.
1. Field Extension Assistant:- 6 (Six) positions. Essential Qualification: Technical Degree/ Graduate-Natural Science/Diploma in Agriculture/ Horticulture with 1-year experience in field activity/ in any organization, Computer knowledge, knowing English & fluency in Odia is a must. The selected candidates will be posted in four districts of Odisha (Angul, Kheonjhar, Gajapati and Rayagada). Salary: Rs. 17,000.00 (consolidated). Interview Date: 23rd April (for Gajapati and Keonjhar Districts) and 24th April (for Rayagada and Angul Districts).
2. Field Assistant:- 2 (Two) positions. Essential Qualification: 10th Pass, Desirable: Diploma holder in Agriculture/ Horticulture, Fluency in Odia is a must. Salary: Rs. 8000.00 (consolidated). Interview Date: 23rd April.
3. Project Assistant:- 1 (One) Position. Essential Qualification: Technical degree or Graduate in B.com or BBA, Fluency in Oriya is a must and intermediate knowledge in English is desired, minimum 2 years' experience in administrative supportand logistic support, knowledge in computer applications. Salary: Rs.25,000.00 (consolidated). Interview Date: 24th April.
Sd./-(Project Coordinator, CIP, Odisha)
Contact No: 8249677904 (Mobile)

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25000/-.
Contact Immediately
Mob: 8763257042

WALK IN-INTERVIEW
We are All India Project Base, Real Estate & Construction Company, Odisha @ India. Now we required following Man Power in Bhubaneswar, Puri, Cuttack, Jajpur, Bhadrak, Sambalpur, Paradeep, Balasore, Berhampur Etc.
• ASST. GENERAL MANAGER(AGM) - 03Nos. Experience having Car/Bike
• BRANCH MANAGER(B.M) - 08Nos. Experience for Team
• UNIT MANAGER(U.M) - 10Nos. Experience for Team
• REGIONAL MANAGER(R.M) - 10Nos. Experience/Fresher
• MARKETING MANAGER(MM) - 12Nos. Experience/Fresher
• SALES MANAGER(S.M) (M/F) - 45Nos. Bike/Mobile must
• CUSTOMER CARE CUM TELECALLERS (Female) - 06Nos. Smart & Good looking
• OFFICE BOY & DRIVER - 04Nos.
Salary, Incentive, Tour, Travels & Extra Benefits are Negotiable by Company
JSMIL constructing future
JAI SANTOSHI MAA INFRASTRUCTURE (P) LTD.
Plot No.: 3911, Jagannath Nagar, Road No.: 14
P.O.: GGP, P.S.: Mancheswar, Khordha-751025
Call: 0674-2371183, Mob.: 9348830896, 9040033905
Website: www.santoshigroup.in
E-mail: jaisantoshimaainfra@rediffmail.com

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ଆବଶ୍ୟକ
ଆମେ ମଇଶୂରପାକ/ବିସ୍କୁଟ୍/ ପାଉରୁଟି ତିଆରି କରୁ। ଯେ କୌଣସି ବ୍ୟକ୍ତି ତିଆରି କିମ୍ବା ମାର୍କେଟିଂ କାମ ପାଇଁ ଯୋଗାଯୋଗ କରିପାରନ୍ତି। କୌଣସି ଶିକ୍ଷାଗତ ଯୋଗ୍ୟତା/ ଅଭିଜ୍ଞତା ଆବଶ୍ୟକ ନାହିଁ। ଦୟାକରି ଫୋନ୍ ନକରି ହ୍ୱାଟସ୍ ଆପ୍ କରନ୍ତୁ:–
8908834912

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See CAREER APPOINTMENT on every Wednesday & Saturday

## ସଂକ୍ଷେପରେ

“ଗ୍ରାହକଙ୍କ ଚାହିଦା ପୂରଣକୁ ପ୍ରାଥମିକତା ଦେବା ସହ ଡାଇରେକ୍ଟ କୁଲ୍ ରେଫ୍ରିଜରେଟର ବର୍ଗରେ ଏକ ପ୍ରମୁଖ ବ୍ରାଣ୍ଡ ହୋଇ ପାରିଛୁ।

–କମଲ ନନ୍ଦୀ, ବାଣିଜ୍ୟ ମୁଖ୍ୟ, ଗୋଦରେଜ ଆପ୍ଲାଏନ୍ସେସ





“ବିଗତ କିଛି ବର୍ଷରେ ଉନ୍ନତ ଅଭିବୃଦ୍ଧି ଧାରା ରୋମାଞ୍ଚକର ରହିଛି। ଉନ୍ନତ ଟ୍ରାକ ରେକର୍ଡ, ବିପଦ ପରିଚାଳନା, ଗ୍ରାହକ କୈନ୍ଦ୍ରିକ ମନୋଭାବ ସହ ନୂଆ ଫୋକସଡ୍ ଫଣ୍ଡ ଆଣିବା ନେଇ ନିଷ୍ପତ୍ତି ହୋଇଛି।

–ସ୍ୱରୂପ ମହାନ୍ତି, ସିଇଓ, ମିରାଏ ଆସେଟ ଗ୍ଲୋବାଲ

### ଆଇଏଲ୍ ଆଣ୍ଡ ଏଫ୍ଏସ୍‌ର ପୂର୍ବତନ ସିଇଓ ବାୱା ହାଜତକୁ ଗଲେ



ନୂଆଦିଲ୍ଲୀ,୧୯-୪
ମୁମ୍ବାଇର ମାଜିଷ୍ଟ୍ରେଟ କୋର୍ଟ ଆଇଏଲ୍ଆଣ୍ଡ ଏଫ୍ଏସ୍‌ର ପୂର୍ବତନ ଏମ୍‌ଡି ତଥା ସିଇଓ ରାକେଶ ବାୱାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ବେଆଇନ ଭାବେ ଅର୍ଥ ହେରଫେର ମାମଲାରେ ଗତ ସପ୍ତାହରେ ବାୱା ଗିରଫ ହୋଇଥିଲେ। ଜଘନ୍ୟ ଅପରାଧ ତଦନ୍ତକାରୀ କାର୍ଯ୍ୟାଳୟ (ଏସ୍ଏଫ୍ଆଇଓ) ବାୱାଙ୍କୁ ଗିରଫ କରିଥିବା ବେଳେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ୪ ଦିନ ହାଜତରେ ରହିବା ପରେ ତାଙ୍କୁ ବାନ୍ଦ୍ରା ମାଜିଷ୍ଟ୍ରେଟ କୋର୍ଟରେ ହାଜର କରାଯାଇଥିଲା। ଏହି ମାମଲାରେ ତଦନ୍ତ ଜାରି ରହିଥିବା ବେଳେ ସେ ବିଚାର ବିଭାଗୀୟ ହାଜତରେ ରହିବେ। ତାଙ୍କୁ ପଚରା ଉଚୁରା ଲାଗି ସୁବିଧା ହେଉ ନ ଥିବାରୁ ରିମାଣ୍ଡରେ ନେବା ଲାଗି ଏସ୍ଏଫ୍ଆଇଓ ଚାହୁଁଥିବା ଏହାର ସ୍ୱତନ୍ତ୍ର ଓକିଲ ଏଚ୍.ଏସ୍.ଭେନେଗାଓଁଙ୍କର କହିଛନ୍ତି।

### ଏସ୍‌ବିଆଇ ବିରୋଧରେ ଅଭିଯୋଗ ଆଣିଲେ ମାଲ୍ୟା

ଲଣ୍ଡନ,୧୯-୪
ପଳାତକ ଘୋଷିତ ବିଜୟ ମାଲ୍ୟା ରାଷ୍ଟ୍ରାୟତ୍ତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ବିରୋଧରେ ଅଭିଯୋଗ ଆଣିଛନ୍ତି। ସୋସିଆଲ ମିଡିଆରେ ଏସ୍‌ବିଆଇକୁ ଟାର୍ଗେଟ କରି ମାଲ୍ୟା କହିଛନ୍ତି, ଏହା ଦେଶର ଟିକସଦାତାଙ୍କ ଟଙ୍କାକୁ ଇଂଲଣ୍ଡରେ ଆଇନଗତ ମାମଲା ଲଢ଼ିବାରେ ଖର୍ଚ୍ଚ କରୁଛି। ଏସ୍‌ବିଆଇ ନେତୃତ୍ୱାଧିନ ବ୍ୟାଙ୍କ ଗୋଷ୍ଠୀ ତାଙ୍କ ପଛରେ ଭୂଲରେ ପଡିଥିବା ମାଲ୍ୟା ଟୁଇଟରେ କହିଛନ୍ତି। ଏହାକୁ ନେଇ ଏସ୍‌ବିଆଇ ଲୋକଙ୍କ ନିକଟରେ ଉତ୍ତରଦାୟୀ ରହିବା ଆବଶ୍ୟକ ବୋଲି ସେ ଅଭିଯୋଗରେ କହିଛନ୍ତି। ଏହାକୁ ନେଇ ଦେଶର ଗଣମାଧମ ମଧ ଏସବିଆଇକୁ ପ୍ରଶ୍ନ କରୁ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ସୂଚନାଯୋଗ୍ୟ, ଲଣ୍ଡନ ବ୍ୟାଙ୍କରେ ଜମା ଥିବା ଅର୍ଥ ସମ୍ପର୍କିତ ଆଦେଶକୁ ବାତିଲ ପାଇଁ ମାଲ୍ୟାଙ୍କ ପକ୍ଷରୁ ଆଗତ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଅଦାଲତଙ୍କ ଏହି ନିଷ୍ପତ୍ତି ପରେ ଭାରତୀୟ ବ୍ୟାଙ୍କ କନସୋର୍ଟିୟମ ଲଣ୍ଡନ ବ୍ୟାଙ୍କରେ ଜମା ଥିବା ମାଲ୍ୟାଙ୍କ ୨ଲକ୍ଷ ୬୦ ହଜାର ପାଉଣ୍ଡ ରାଶିକୁ ଅସୁଲ କରିପାରିବେ।

### ଆମୱ୍ୱେର ସ୍ୱାସ୍ଥ୍ୟ ସୁରକ୍ଷା ଆଲୋଚନା ଚକ୍ର

ଭୁବନେଶ୍ୱର,୧୯-୪
ଆମୱ୍ୱେ ପକ୍ଷରୁ ସ୍ୱାସ୍ଥ୍ୟ ସୁରକ୍ଷା ସଂକ୍ରାନ୍ତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତର ପାରମ୍ପରିକ ଜଡିବୁଟି ଏବଂ ଆଧୁନିକ ଗବେଷଣା ମାଧମରେ ଲୋକଙ୍କ ମଧରେ ସଚେତନତା ବଢ଼ାଇବା ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଛି। ଦେଶର ୧୩ଟି ପ୍ରମୁଖ ବଜାରରେ ଏଭଳି ଆଲୋଚନା ଚକ୍ର ଆୟୋଜନ ହୋଇଥିବା ବିଶିଷ୍ଟ କନସଲଣ୍ଟାଣ୍ଟଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସେମିନାରରେ ଆୟୁର୍ବେଦିକ ବିଶେଷଜ୍ଞମାନେ ଭାରତୀୟ ପାରମ୍ପରିକ ଜଡିବୁଟିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମିନାର ଅବସରରେ ବିଶିଷ୍ଟ ଆୟୁର୍ବେଦିକ ବିଶେଷଜ୍ଞ ଡକ୍ଟର ଗୌହର ବାତ୍ସାୟନଙ୍କୁ ଆମନ୍ତ୍ରଣ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

### ଆଇସିଆଇସିଆଇର ତତ୍କାଳ ଅଟୋ ଲୋନ

ଭୁବନେଶ୍ୱର,୧୯-୪
ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୨ ନୂଆ ସେବା ଶୁଭାରମ୍ଭ ହୋଇଛି। ସମ୍ପୂର୍ଣ୍ଣ ଡିଜିଟାଲ ବ୍ୟବସ୍ଥା ମାଧମରେ କାର ଏବଂ ଦୁଇଚକିଆ ଯାନର ଚୂଡାନ୍ତ ମଞ୍ଜୁରୀ ପତ୍ର ତତ୍କାଳ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ପ୍ରଥମ ସେବାର ନାମ ଇନଷ୍ଟା ଅଟୋ ଲୋନ ହୋଇଥିବା ବେଳେ ୭ ବର୍ଷ ବିଶିଷ୍ଟ ୨୦ ଲକ୍ଷ ଟଙ୍କାର କାର ରଣ ଗ୍ରାହକ ତତ୍କାଳ ପାଇ ପାରିବେ। ଦ୍ୱିତୀୟ ସେବାଟି ହେଉଛି ଇନଷ୍ଟା ଟୁହ୍ୱିଲର୍ସ ଲୋନ। ଏହା ଦ୍ୱାରା ୩ ବର୍ଷ ଅବଧିରେ ଗ୍ରାହକମାନେ ୨ ଲକ୍ଷ ଟଙ୍କାର ରଣ ପାଇ ପାରିବେ। ସର୍ବଦା ଗ୍ରାହକଙ୍କୁ ନୂଆ ସେବା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ବ୍ୟାଙ୍କର ସିକ୍ୟୁରର୍ଡ ଆସେଟ ମୁଖ୍ୟ ରବି ନାରାୟଣନ କହିଛନ୍ତି।

## ■ଜେଟ୍ ସଙ୍କଟରୁ ପ୍ରଭାବିତ ଅନ୍ୟ ଶିଳ୍ପ

# କ୍ଷତିରେ ହୋଟେଲ ଚେନ୍,କ୍ୟାଟରର୍ସ, ରପ୍ତାନିକାରୀ

ନୂଆଦିଲ୍ଲୀ,୧୯-୪

ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ ସାମୟିକ ବନ୍ଦ ହୋଇଯିବା ପରେ ଏହାର ୨୨ ହଜାର କର୍ମଚାରୀ କେବଳ ଯେ ପ୍ରଭାବିତ ହୋଇଛନ୍ତି ତାହା ନୁହେଁ ଏଥିଯୋଗୁ ବଡ଼ ବଡ଼ ହୋଟେଲ ଚେନ୍, ଇନ୍‌ଫ୍ଲାଇଟ କ୍ୟାଟରିଂ ଯୋଗାଉଥିବା କମ୍ପାନୀ, ବିଦେଶକୁ ସଜ ଫଳ, ପନିପରିବା ପଠାଉଥିବା ରପ୍ତାନିକାରୀ ପ୍ରଭାବିତ ହୋଇଛନ୍ତି। ଜେଟ୍ ଉପରେ ସେମାନଙ୍କର ବହୁ କୋଟି ଟଙ୍କା ବକେୟା ରହିଥିବାରୁ ଏବେ ସେମାନଙ୍କୁ ବ୍ୟାପକ ହାରରେ କ୍ଷତି ସହିବାକୁ ପଡ଼ିବ। ଏନେଇ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ଦେଶର ସର୍ବବୃହତ ମାଲ ପରିବହନକାରୀ ବିମାନ କମ୍ପାନୀ ବନ୍ଦ ହୋଇଯିବା ପରେ ଏବେ ଫଳ ଓ ପନିପରିବା ରପ୍ତାନି ହ୍ରାସ ପାଇବା ଆରମ୍ଭ କରିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଏବେ ଜେଟ୍ ଏୟାରୱେଜ ଉପରେ ମାରିୟଟ, ହୋଟେଲ ତାଜ୍, ହିଲ୍ଟନ ଏବଂ ହୟାତ ଭଳି ଭେଣ୍ଡରଙ୍କ ବହୁ କୋଟି ଟଙ୍କା ବକେୟା ରହିଛି। ଜେଟ୍ ନିଜର କ୍ରୁ ସଦସ୍ୟଙ୍କୁ ଏହି ହୋଟେଲରେ ରଖିଥାଏ। ଏଥିଲାଗି କମ୍ପାନୀ ପକ୍ଷରୁ ବହୁ ମାସ ଆଗରୁ ଆଡଭାନ୍ସ ବୁକିଂ କରାଯାଇଥାଏ। ସେହିପରି ବଡ଼ ଭେଣ୍ଡରଙ୍କ ମଧ୍ୟରେ ଇଣ୍ଡିଆନ ହୋଟେଲ୍ସ କମ୍ପାନୀ(ଆଇଏଚ୍‌ସିଏଲ୍)ର ସହଯୋଗୀ କମ୍ପାନୀ ତାଜସେଟ୍ସ ଏୟାର କ୍ୟାଟରିଂ ଏବଂ ଆବ୍‌ସେଣ୍ଡରର ସ୍କାଇ ସେଫ୍ ଆଦି ଜେଟ୍‌ର ଫ୍ଲାଇଟରେ କ୍ୟାଟରିଂ ସୁବିଧା ଯୋଗାଇ ଆସୁଥିଲେ। ଆଇଏଚ୍‌ସିଏଲ୍, ମାରିୟଟ ଏବଂ ହାୟାତ ଏହି ମାମଲାରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଅନୁରୂପ ଭାବେ ମିଡ୍ ମାର୍କେଟ ଚେନ୍ ଲେମନ ଟ୍ରି ହୋଟେଲ୍ସ ଅଧ୍ୟକ୍ଷ ପାଟୁ କେସ୍ୱାନୀ କହିଛନ୍ତି ଯେ, ଜେଟ୍ ଉପରେ କମ୍ପାନୀର ବକେୟା ରହିଛି। କମ୍ପାନୀ ପୂର୍ବରୁ ସତର୍କ ରହି ଏୟାରଲାଇନ୍ସ ଉପରେ ଦୀର୍ଘ ଦିନ ପାଇଁ ବକେୟା ରଖେ ନାହିଁ କି କ୍ରୁ ସଦସ୍ୟଙ୍କୁ ରହିବାକୁ ଅନୁମତି ଦିଏ ନାହିଁ। ଏଣୁ କମ୍ପାନୀ ଉପରେ ସେତେଟା ପ୍ରଭାବ ପଡି ନାହିଁ। ତେବେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।



### ମୋଦିଙ୍କୁ ବ୍ୟାଙ୍କ ସଂଘର ଚିଠି

ଜେଟ୍ ଏୟାରୱେଜ ବନ୍ଦ ହୋଇଯିବା ପରେ ଶୁକ୍ରବାର ବ୍ୟାଙ୍କ ସଂଘଗୁଡ଼ିକ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଜେଟ୍‌ର ୨୨ ହଜାର କର୍ମଚାରୀଙ୍କ ଭବିଷ୍ୟତର ସୁରକ୍ଷା ଲାଗି କେନ୍ଦ୍ର ସରକାର ଜେଟ୍ ଏୟାରୱେଜକୁ ହାତକୁ ନିଅନ୍ତୁ ବୋଲି ସେମାନେ ନିବେଦନ କରିଛନ୍ତି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ ପକ୍ଷରୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ଜେଟ୍‌କୁ ଋଣ ଦେବା ଲାଗି ବ୍ୟାଙ୍କଗୁଡ଼ିକ ଉପରେ ଚାପ ପକା ନ ଯାଉ। ଜେଟ୍‌କୁ ହସ୍ତାନ୍ତର ପାଇଁ ବ୍ୟାଙ୍କଗୁଡ଼ିକ ପକ୍ଷରୁ ବିଡ୍ ଆହ୍ୱାନ କରାଯାଇଛି। ଏହା ସଫଳ ନ ହେଲେ ସରକାର କମ୍ପାନୀକୁ ନିଜ ହାତକୁ ନେଇ ଯାଆନ୍ତୁ। ସେହିପରି ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ ପାଇଁ ବାଧ କରାଯାଉଥିବାରୁ ସେମାନେ ଏହାକୁ ବିରୋଧ କରିଛନ୍ତି। ପତ୍ରରେ କୁହାଯାଇଛି ଯେ, ନରେଶ ଗୋୟଲ ଏବେ ମଧ ୫୧ ପ୍ରତିଶତ ଅଂଶଧନ ସହ ପ୍ରମୋଟର ରହିଛନ୍ତି। ଏହା ତାଙ୍କର ମୁଣ୍ଡବ୍ୟଥା ହେବା କଥା। ସେ କମ୍ପାନୀ ଚଳାଇବେ କି ଏହାକୁ ବିକି ଦେବେ ସେ ହିଁ ଠିକ୍ କରିବା ଉଚିତ୍ ବୋଲି ସଂଘ ଦର୍ଶାଇଛି।

### ୧୫ ବିମାନ ବ୍ୟବହାର ଲାଗି ବ୍ୟାଙ୍କଗୁଡିକର ଉଦ୍ୟମ

ଜେଟ୍‌ର ୧୫ ବିମାନକୁ ବ୍ୟବହାର କରିବା ଲାଗି ବ୍ୟାଙ୍କଗୁଡିକ ପକ୍ଷରୁ ଉଦ୍ୟମ କରାଯାଉଛି। ଏହି ବିମାନଗୁଡିକ ମାଲିକାନା ଜେଟ ନିକଟରେ ରହିଛି। ସଂସ୍ଥାର ମୂଲ୍ୟବାନ ସମ୍ପତ୍ତି ସହ ବିମାନ ବନ୍ଦର ସ୍ଲଟକୁ ଅଚଳ ନ କରି ଏହା ବଦଳରେ କିଭଳି ଏହା କାର୍ଯ୍ୟରେ ଆସିବ ସେ ଉପରେ ବ୍ୟାଙ୍କଗୁଡିକ ସୁଚିନ୍ତିତ ଯୋଜନା କରୁଛନ୍ତି।

### ଅନ୍ତଃରାଷ୍ଟ୍ରୀୟ ରୁଟ୍ ଲାଗି ଏୟାର ଇଣ୍ଡିଆର ଅଫର

ଜେଟ୍ ଏୟାରୱେଜର ଉଡ଼ାଣ ବନ୍ଦ ହେବା ପରେ ବିଦେଶରେ ଫଶି ରହିଥିବା ଯାତ୍ରୀଙ୍କୁ ଫେରାଇ ଆଣିବା ଲାଗି ଏୟାର ଇଣ୍ଡିଆ ପକ୍ଷରୁ ସ୍ପେଶାଲ ଭଡା ଅଫର ଦିଆଯାଇଛି। କମ୍ପାନୀ ମୋଟ ୧୯ ଅନ୍ତଃରାଷ୍ଟ୍ରୀୟ ରୁଟ୍ ଲାଗି ସ୍ପେଶାଲ ଭଡ଼ା ଅଫର ଦେଉଛି। ଏହା ଆସନ୍ତା ୨୮ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅଫର ଅନୁଯାୟୀ, ଜେଟ୍‌ର ଟିକେଟ ବୁକ୍ କରିଥିବା ଯାତ୍ରୀଙ୍କୁ ଶସ୍ତାରେ ଏୟାର ଇଣ୍ଡିଆ ଟିକେଟ ପ୍ରଦାନ କରାଯିବ। ଯେଉଁମାନେ ଏହି ଅଫର ସୁବିଧା ନେବାକୁ ଚାହାନ୍ତି, ସେମାନଙ୍କୁ ମୋହର ବାଜି ଥିବା ଜେଟ୍‌ର କନଫର୍ମ ଟିକେଟ ଦେଖାଇବାକୁ ହେବ। ସ୍ପେଶାଲ ଭଡ଼ା ସ୍କିମ୍ କେବଳ ସିଧା ରୁଟ୍‌ର ଉଡ଼ାଣ ପାଇଁ ଲାଗୁ ହେବ। ଭଡ଼ା ବୃଦ୍ଧି ରୋକିବାକୁ ଏୟାର ଇଣ୍ଡିଆ ନୂଆ ବିମାନ ଯୋଡିବାକୁ ପ୍ରୟାସ କରୁଛି।

### ଏସ୍‌ବିଆଇ ମୁଖ୍ୟଙ୍କୁ ଭେଟିବେ ଲୋହାନୀ

ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜର ୫ ବଡ଼ ବିମାନକୁ ଲିଜ୍‌ରେ ନେବାକୁ ଏୟାର ଇଣ୍ଡିଆ ଆଗ୍ରହ ପ୍ରକାଶ କରିଛି। ଏଥିଲାଗି ରାଷ୍ଟ୍ରାୟତ୍ତ କମ୍ପାନୀ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ପ୍ରମୁଖଙ୍କୁ ପତ୍ର ଲେଖିଥିଲେ। ବର୍ତ୍ତମାନ ଜେଟ୍ ନିକଟରେ ୧୬ ବିମାନ ରହିଛି। ଏଥିରୁ ୧୦ଟି ବି୭୭୭-୩୦୦ଇଆର ଏବଂ ୬ଟି ଏୟାରବସ୍ ଏ୩୩୦ ଏସ୍ ବିମାନ ରହିଛି। ଜେଟ୍‌ର ବିମାନ ଲିଜ୍ ନେବା ପାଇଁ ଲୋହାନୀ ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାରଙ୍କୁ ଭେଟିବେ ବୋଲି ଜଣାପଡିଛି।

### ସିବିଆଇ ତଦନ୍ତ ଦାବି କଲା ଜେଟ୍ ୟୁନିୟନ

ଅଲ୍‌ଇଣ୍ଡିଆ ଜେଟ୍‌ଏୟାରୱେଜ ଅଫିସର୍ସ ଏବଂ ଷ୍ଟାଫ୍ ଆସୋସିଏଶନ ସଭାପତି ତଥା ଏନ୍‌ସିପି ନେତା କିରଣ ପାୱସ୍କର ଜେଟ୍ ସଙ୍କଟର ସିବିଆଇ ତଦନ୍ତ ଦାବି କରିଛନ୍ତି। ନରେଶ ଗୋୟଲଙ୍କୁ କମ୍ପାନୀରୁ ବିଦା କରିବା ପଛରେ ରହିଥିବା ଷଡ଼ଯନ୍ତ୍ରର ତଦନ୍ତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଦୀର୍ଘ ୨୫ ବର୍ଷ ଧରି ଗୋୟଲ ଯଦି କମ୍ପାନୀ ଚଳାଇପାରିଲେ, ତେବେ ତାଙ୍କୁ ବିଦା କାହିଁକି କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

### ଜେଟ୍ ଭଳି ବନ୍ଦ ହୋଇପାରେ ଏୟାର ଇଣ୍ଡିଆ

ଜେଟ୍ ଏୟାରୱେଜ ଭଳି ରାଷ୍ଟ୍ରାୟତ୍ତ ଏୟାରଲାଇନ କମ୍ପାନୀ ଏୟାର ଇଣ୍ଡିଆ ମଧ ବନ୍ଦ ହୋଇପାରେ। କମ୍ପାନୀ ଉପରେ ବର୍ତ୍ତମାନ ୯ ହଜାର କୋଟି ଟଙ୍କାର ଋଣ ରହିଛି। ଏଭଳି ସ୍ଥିତିରେ ସରକାର ସହାୟତାର ହାତ ନ ବଢ଼ାଇଲେ ଜେଟ୍ ଭଳି ଏୟାର ଇଣ୍ଡିଆ ମଧ ବନ୍ଦ ହୋଇଯିବ। ନୂଆ ସରକାର କେନ୍ଦ୍ରରେ ଆସିବା ପରେ ହିଁ ଏୟାର ଇଣ୍ଡିଆ ସମ୍ପର୍କରେ ନିଷ୍ପତ୍ତି ନିଆଯିବାକୁ ଥିବାରୁ ସେହି ସମୟ ଭିତରେ ଏହି ରାଷ୍ଟ୍ରାୟତ୍ତ କମ୍ପାନୀକୁ ସହାୟତା ନ ମିଳିଲେ ଏହା ବନ୍ଦ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏୟାର ଇଣ୍ଡିଆ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟକୁ ସୂଚନା ପ୍ରଦାନ କରାଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଚଳିତ ବର୍ଷ କେତେକ ବ୍ୟାଙ୍କ ବକେୟା ଋଣ ବାବଦରେ କିସ୍ତି ଆକାରରେ ଏୟାର ଇଣ୍ଡିଆଠାରୁ ଟଙ୍କା ପାଇବା କଥା। ତେବେ ଏହା ନିକଟରେ ଅର୍ଥ ନାହିଁ। ଏଭଳି ସ୍ଥିତିରେ ଋଣ ବାବଦରେ ଇଏମ୍ଆଇ ପରିଶୋଧ ହୋଇ ନ ପାରିଲେ ଏୟାର ଇଣ୍ଡିଆ ଇଏମ୍ଆଇ ଡିଫଲ୍ଟର ଭାବେ ଘୋଷିତ ହେବ।

# ଆସିଲା ନୂଆ ହ୍ୟୁଣ୍ଡାଇ ‘ଭେନ୍ୟୁ’

ଭୁବନେଶ୍ୱର,୧୯-୪

ପ୍ରମୁଖ କାର ମାନୁଫାକ୍ଚରର ହ୍ୟୁଣ୍ଡାଇ ପକ୍ଷରୁ ଦେଶର ପ୍ରଥମ କନେକ୍ଟେଡ ଏସ୍‌ୟୁଭି ‘ହ୍ୟୁଣ୍ଡାଇ ଭେନ୍ୟୁ’ର ବଜାର ପ୍ରବେଶ କରାଯାଇଛି। ଏହାକୁ ପୂର୍ବରୁ ୨୦୧୯ ନ୍ୟୁୟର୍କ ଅଟୋ ଶୋ’ରେ ସାମିଲ କରାଯାଇଥିଲା। ଏହି ଷ୍ଟାଇଲିସ ଏସ୍‌ୟୁଭିକୁ ଆରବ ସାଗରର ଏକ କ୍ରୁଜ ଲାଇନରରେ ଉନ୍ମୋଚନ କରାଯାଇଛି। କମ୍ପାନୀର ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ ଏହାର ବଜାର ପ୍ରବେଶ କରାଇଛନ୍ତି। ଭାରତ ବଜାରରେ ବିଶ୍ୱ ସ୍ତରୀୟ ପ୍ରଡକ୍ଟ ଯୋଗାଣ ଲାଗି ସର୍ବଦା ପ୍ରତିବଦ୍ଧତା ଦେଖାଇ ଆସିଛୁ ବୋଲି ସିଇଓ କିମ୍ କହିଛନ୍ତି। ଦେଶର ପ୍ରଥମ କନେକ୍ଟେଡ ଯାନ ହୋଇଥିବାରୁ ଏହା ଗ୍ରାହକଙ୍କ ଦ୍ୱାରା ଆଦୃତି ଲାଭ କରିବ। ଏକ ଉନ୍ନତ ଓନରଶିପ ଅଭିଜ୍ଞତା ସହ ସୁରକ୍ଷା ଏବଂ ସଶକ୍ତ ଦିଗରେ ଏହା କାର୍ଯ୍ୟ କରିବ। ହ୍ୟୁଣ୍ଡାଇ ବ୍ଲୁ ଲିଙ୍କ ଟେକ୍ନୋଲୋଜିକୁ ଏଥିରେ ସାମିଲ କରାଯାଇଥିବା କିମ୍ କହିଛନ୍ତି। ୩୩ କନେକଟେଡ ଫିଚର ମଧ୍ୟରୁ ୧୦ କେବଳ ଭାରତ ବଜାରକୁ ରଖି ପ୍ରସ୍ତୁତ କରାଯାଇଛି। କାପା ୧.୦ ଟି-ଜିଡିଆଇ ପେଟ୍ରୋଲ,୧.୨ ଲିଟର ପେଟ୍ରୋଲ,୧.୪ ଲିଟର ଡିଜେଲ, ୭ ସ୍ପିଡ ଡୁଆଲ କ୍ଲଚ ଟ୍ରାନ୍ସମିଶନ ଏବଂ ବୋଲ୍ଡ ଡିଜାଇନକୁ କମ୍ପାନୀ ଏଥିରେ ଗୁରୁତ୍ୱ ଦେଇଛି।




### ନିର୍ବାଚନ ଲାଗି ରାପିଡୋର ମାଗଣା ଯାତ୍ରା ସୁବିଧା

ଭୁବନେଶ୍ୱର,୧୯-୪

ପ୍ରମୁଖ ବାଇକ ଟାକ୍ସି ସେବା ଯୋଗାଣକାରୀ କମ୍ପାନୀ ରାପିଡୋ ନିର୍ବାଚନ ସମୟରେ ଲୋକଙ୍କୁ ମାଗଣା ଯାତ୍ରା ସୁବିଧା ପ୍ରଦାନ ସମ୍ପର୍କରେ ଘୋଷଣା କରିଛି। ଏହି ଅଫର ଭୁବନେଶ୍ୱର ଏବଂ କଟକ ସହରରେ ଉପଲବ୍ଧ ରହିବ। ଏଥି ପାଇଁ ଗ୍ରାହକ ରାପିଡୋ ଆପ୍‌କୁ ଯାଇ ରାପିଡୋ ବାଇକ୍ ବୁକ୍ କରି ପାରିବେ। ସାଧାରଣ ଭାବେ ଲୋକମାନେ ରାପିଡୋ ବାଇକ ଟାକ୍ସି ବୁକ କରିବାକୁ ଚାହୁଁଥିଲେ ୩ କିମି ପିଛା ୧୦ ଟଙ୍କା ଚାର୍ଜ ଲାଗିବ। ନିର୍ଦ୍ଧାରିତ ସହରଗୁଡିକରେ ମତଦାନ ସମୟରେ ଲୋକଙ୍କୁ ଏହି ସୁବିଧା କରାଯାଇଥିବା ରାପିଡୋ ବାଇକ ଟାକ୍ସିର ସିଟି ହେଡ ଶିବାଶିଷ ରଥ ସୂଚନା ଦେଇଛନ୍ତି।

### ହୋଣ୍ଡା ପକ୍ଷରୁ ମତଦାନ ସଚେତନତା

ଭୁବନେଶ୍ୱର,୧୯-୪

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ଏହାର ଆକ୍ଟିଭ ଇଣ୍ଡିଆ ଅଭିଯାନ ମାଧ୍ୟମରେ ଭୁବନେଶ୍ୱରର ବସ୍ତି ବାସିନ୍ଦାଙ୍କ ମଧ୍ୟରେ ମତଦାନକୁ ନେଇ ସଚେତନତା ସୃଷ୍ଟି କରୁଛି। କମ୍ପାନୀ ସର୍ବଭାରତୀୟ ସ୍ତରରେ ଏହି ଅଭିଯାନ ଆରମ୍ଭ କରିଥିବା ବେଳେ ଲୋକମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନ କରାଉଛି। ଚଳିତ ମାସ ୨୩ରେ ହେବାକୁ ଥିବା ଭୋଟରେ ମତଦାନ କେନ୍ଦ୍ରରେ ପହଞ୍ଚି ଭୋଟ ଦେବାକୁ ହୋଣ୍ଡା ପକ୍ଷରୁ ଲୋକଙ୍କୁ ଆହ୍ୱାନ କରାଯାଇଛି। ଏହି ସମୟରେ ଯେଭଳି ଭାବେ କୌଣସି ବି ସିଟ୍ ଖାଲି ନ ଯାଏ ତାହା ନିଶ୍ଚିତ କରିବାକୁ ଭୋଟର ମାନଙ୍କୁ ଉତ୍ସାହିତ କରାଯାଉଛି। ଭୋଟ ଦେଇ ଯିବା ବେଳେ ପଛ ସିଟ୍‌ରେ ନିଜର ପଡୋଶୀ, ବନ୍ଧୁ,ପରିଜନଙ୍କୁ ବସାଇ ନେବାକୁ କମ୍ପାନୀ ଏହାର ଗ୍ରାହକଙ୍କୁ କହିଛି। ଏକ ସକାରାତ୍ମକ ପରିବର୍ତ୍ତନ ସହ ଭାରତକୁ ଏକ ଆକ୍ଟିଭ ଇଣ୍ଡିଆ ଭାବେ ଗଢି ତୋଳିବା ଲାଗି କମ୍ପାନୀ ପଦକ୍ଷେପ ନେଇଥିବା ଏହାର ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

# କେନ୍‌ଷ୍ଟାର ଆଣିଲା ନୂଆ କୁଲର

ଭୁବନେଶ୍ୱର,୧୯-୪ (ବ୍ୟୁରୋ)

ଆପ୍ଲାଏନ୍ସ, ହୋମ,କିଚେନ ଆପ୍ଲାଏନ୍ସ,କୁଲର ନିର୍ମାଣ କ୍ଷେତ୍ରରେ ପ୍ରମୁଖ କମ୍ପାନୀ କେନ୍‌ଷ୍ଟାର ପକ୍ଷରୁ ନୂଆ ‘କୁଲବ୍ଲାଷ୍ଟର’ କୁଲର ବଜାରକୁ ଆସିଛି। ଏଥିରେ ୨ଟି ମଡେଲ ସାମିଲ ରହିଛି। ଏହା ରିମୋଟ ଏବଂ ଅଣରିମୋଟରେ ପରିଚାଳିତ ହୋଇ ପାରୁଛି। ନୂଆ ପ୍ରଡକ୍ଟକୁ ଗ୍ରାହକଙ୍କ ପକ୍ଷରୁ ଭଲ ରେସପନ୍ସ ମିଳୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ୬୦ ଲିଟର ବିଶିଷ୍ଟ ଟାଙ୍କି ରହିଥିବା ବେଳେ ଉନ୍ନତ ଏୟାରଥ୍ରୋ ଏବଂ ସାଇଲେଣ୍ଟ ଭଳି ପ୍ରମୁଖ ବୈଶିଷ୍ଟ୍ୟ ସହ ଆସୁଛି। ଏହା ସାରା ରାଜ୍ୟରେ ଉପଲବ୍ଧ ହେଉଛି। ଏହା ବାଦ କମ୍ପାନୀ ଟର୍ବୋ କୁଲ ଏବଂ ଡବଲ କୁଲ ଭଳି କୁଲର ବଜାରରେ ଉପଲବ୍ଧ କରାଉଛି। ସେହିଭଳି ଗ୍ରାଇଣ୍ଡର, ଆଇରନ, ହ୍ୟାଣ୍ଡ ବ୍ଲେଣ୍ଡର, ଇଣ୍ଡକ୍ସନ କୁକର, ମିକ୍ସର ଭଳି ଅନ୍ୟାନ୍ୟ ବର୍ଗରେ ଏହା ପ୍ରଡକ୍ଟ ଯୋଗାଉଛି। ସର୍ଭିସ ଲାଗି କେନ୍‌ଷ୍ଟାର ୧୭ ଫ୍ରାଞ୍ଚାଇଜି ପାର୍ଟନରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଛି। ରାଜ୍ୟର ୩୫୦ ଆଉଟ୍‌ଲେଟରେ କମ୍ପାନୀର ପ୍ରଡକ୍ଟଗୁଡିକ ଉପଲବ୍ଧ। ଗ୍ରାହକଙ୍କୁ ଫାଇନାନ୍ସ ସୁବିଧା ପ୍ରଦାନ କରିବା ଲାଗି ଏହା ବଜାଜ ଫାଇନାନ୍ସ ସହ ଚୁକ୍ତି କରିଛି।

# ଏଲ୍‌ଆଇସି କଟକ ମଣ୍ଡଳର ସଫଳତା

ଭୁବନେଶ୍ୱର,୧୯-୪

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର କଟକ ମଣ୍ଡଳ ବିଭିନ୍ନ ବର୍ଗରେ ବ୍ୟବସାୟ ସଫଳତା ହାସଲ କରିଛି। ଏହି ସମୟରେ ନୂତନ ବୀମା ପଲିସି ବିକ୍ରିରେ ମଣ୍ଡଳ ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। କଟକ ମଣ୍ଡଳ ୫.୧୦ ଲକ୍ଷ ପଲିସି ବିକ୍ରି କରିବା ସହ ୬୪୫ କୋଟି ଟଙ୍କାର ପ୍ରିମିୟମ ହାସଲ କରିଛି। ୫ ଲକ୍ଷରୁ ଉର୍ଦ୍ଧ୍ୱ ପଲିସି ବିକ୍ରି କରିବାରେ କଟକ ଏକ ମାତ୍ର ମଣ୍ଡଳ ବୋଲି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟ ସୂଚନା ଦେଇଛନ୍ତି। ପାରମ୍ପରିକ ବୀମା ପ୍ରିମିୟମ କ୍ଷେତ୍ରରେ ୩୫୨ କୋଟି ଟଙ୍କାରୁ ଅଧିକ ପ୍ରିମିୟମ ସଂଗ୍ରହ କରି ଏହା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ପଲିସି ବିକ୍ରି କ୍ଷେତ୍ରରେ କଟକ ମଣ୍ଡଳର ୫ଟି ଶାଖା ଉନ୍ନତ ସ୍ଥାନରେ ରହିଛନ୍ତି। ଭଦ୍ରକ, ଯାଜପୁର, ବାଲେଶ୍ୱର, କଟକ ଡିବି ଏବଂ କେନ୍ଦ୍ରାପଡା ଯଥାକ୍ରମେ ୩ୟ,୫ମ, ୬ଷ୍ଠ ଏବଂ ୨୫ତମ ସ୍ଥାନରେ ରହିଛନ୍ତି। କଟକ ମଣ୍ଡଳର ସିଏଲ୍‌ଆଇଏ ଚ୍ୟାନେଲ ୧.୩୮ ଲକ୍ଷ ପଲିସି ଦ୍ୱାରା ୧୫୪ କୋଟି ଟଙ୍କାର କାରବାର କରିଛି।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ପ୍ରେମ ନାରାୟଣ ଫାର୍ମା, ସ୍ୱତ୍ୱାଧିକାରୀ: କେ. ଗିରିଜା ଶଙ୍କର ସୁବୁଦ୍ଧି,** ପିତା: କେ. ନାରାୟଣ ସୁବୁଦ୍ଧି / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ କେ. ପ୍ରେମ କୁମାରୀ,** ସ୍ୱାମୀ: କେ. ନାରାୟଣ ସୁବୁଦ୍ଧି, ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୦୭, ଏ, ବି, ତଳ ମହଲା ଏବଂ ୧ମ ମହଲା, ମୟୁରୀ ମାଜେଷ୍ଟିକ୍, ସୋମନାଥ ନଗର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୨ | **କେ. ପ୍ରେମ କୁମାରୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ପ୍ରେମ ନଗରର ନର୍ଦ୍ଦଣ୍ଡ ରୋ, ୭ମ ଲାଇନ୍, ୱାର୍ଡ ନଂ.: ୧୧, ଆସିଷ୍ଟ ନଂ.: ୯୦୧୦, ମୌଜା: ଓଲ୍ଡ ବ୍ରହ୍ମପୁର, ତହସିଲ: ବ୍ରହ୍ମପୁରରେ ଅବସ୍ଥିତ ଯାହାର ଖାତା ନଂ.: ୬୨୪/୩୩୮, ପ୍ଲଟ୍ ନଂ.: ୮୭୧/୩୭୯୧, କ୍ଷେତ୍ର: ଏକର୦.୦୦୩ଡିସିମିଲି, ପ୍ଲଟ୍ ନଂ.: ୮୭୪/୩୭୯୨, କ୍ଷେତ୍ର: ଏକର୦.୦୧୦ଡିସିମିଲି ଏବଂ ପ୍ଲଟ୍ ନଂ.: ୮୭୩, କ୍ଷେତ୍ର: ଏକର୦.୦୬୩ଡିସିମିଲି, **ମୋଟ୍ କ୍ଷେତ୍ର: ଏକର୦.୦୭୬ଡିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ୩୦ ଫୁଟିଆ ଚଉଡା ରାସ୍ତା | ୦୨.୦୨.୨୦୧୯ ସୁଦ୍ଧା **ଟ.୨୯,୩୯,୬୮୭/-** + ପରବର୍ତ୍ତୀ ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୨.୨୦୧୯ / ୧୭.୦୪.୨୦୧୯ |
| **ଋଣଗ୍ରହୀତା: ମେସର୍ସ ବିନାୟକ ଷ୍ଟୋନ୍ କ୍ରସର, ସ୍ୱତ୍ୱାଧିକାରୀ: ଶ୍ରୀ ବିନାୟକ ଜେନା,** ପିତା: ଶ୍ରୀ ବଳଭଦ୍ର ଜେନା / **ଗ୍ୟାରେଣ୍ଟିଦାତା: ଶ୍ରୀ ନିତ୍ୟାନନ୍ଦ ସାହୁ,** ପିତା: ୰ ଯୋଗୀ ସାହୁ, ଉଭୟଙ୍କ ଠିକଣା- ବାଦଭୂଇଁ, ଅରଖପଲ୍ଲୀ, ପୋ.: ନିମାଣି, ଥାନା: ଫତେଗଡ, ଜିଲ୍ଲା: ନୟାଗଡ, ଓଡ଼ିଶା-୭୫୨୦୬୩ | **ଶ୍ରୀ ନିତ୍ୟାନନ୍ଦ ସାହୁ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅରଖପଲ୍ଲୀ, ତହସିଲ: ଖଣ୍ଡପଡା, ଥାନା: ଫତେଗଡ, ଜିଲ୍ଲା: ନୟାଗଡ, ଓଡ଼ିଶା, ଖାତା ନଂ.: ୧୫୬, ୧) ପ୍ଲଟ୍ ନଂ.: ୯୩୪, କ୍ଷେତ୍ର: ଏକର୦.୧୦ଡିସିମିଲି, ୨) ପ୍ଲଟ୍ ନଂ.: ୯୩୫, କ୍ଷେତ୍ର: ଏକର୦.୩୭ଡିସିମିଲି, ୩) ପ୍ଲଟ୍ ନଂ.: ୯୩୯, କ୍ଷେତ୍ର: ଏକର୦.୦୩ଡିସିମିଲି, କିସମ: ସାରଦ-୨, ୪) ପ୍ଲଟ୍ ନଂ.: ୯୩୯/୧୯୦୨, କ୍ଷେତ୍ର: ଏକର୦.୧୦ଡିସିମିଲି, କିସମ: ଘରବାରୀ, **ପ୍ଲଟ୍ ନଂ.: ୯୩୯ ଏବଂ ୯୩୯/୧୯୦୨ର ଚାରିପାର୍ଶ୍ୱରେ** ଉତ୍ତର: ବାଲୁକେଶ୍ୱର ସାହୁ, ଦକ୍ଷିଣ: ନିଜ, **ପ୍ଲଟ୍ ନଂ.: ୯୩୪ର ଚାରିପାର୍ଶ୍ୱରେ** ଉତ୍ତର: ନିଜ, ଦକ୍ଷିଣ: କାଶିଆ ମୌଜାର ସରହଦ, **ପ୍ଲଟ୍ ନଂ.: ୯୩୫ର ଚାରିପାର୍ଶ୍ୱରେ** ଉତ୍ତର: ନିଜ, ଦକ୍ଷିଣ: କାଶିଆ ମୌଜାର ସରହଦ | ୦୮.୧୧.୨୦୧୮ ସୁଦ୍ଧା **ଟ.୫୭,୭୭,୩୯୦/-** + ପରବର୍ତ୍ତୀ ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୮.୧୧.୨୦୧୮ / ୧୬.୦୪.୨୦୧୯ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୮.୦୪.୨୦୧୯**
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

" ଚଳିତ ଆଇପିଏଲରେ ଆଗକୁ ବଢ଼ିବାକୁ ହେଲେ ଆମ ଦଳର ମିଡଲ ଅର୍ଡର ବ୍ୟାଟିଂରେ ଉନ୍ନତି ଆବଶ୍ୟକ ।

–ପ୍ରବୀଣ ଆମ୍ରେ, ଦିଲ୍ଲୀ କ୍ୟାପିଟାଲ୍ସ ସ୍କାଉଟିଂ ମୁଖ୍ୟ



" ଶନିବାର କିଙ୍ଗ୍ସ ଇଲେଭେନ ପଞ୍ଜାବ–ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚରେ ସ୍ପିନରମାନଙ୍କ ବିଶେଷ ଭୂମିକା ରହିବ ।

–ସାମୁଏଲ ବଦ୍ରି, ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ କୋଚ୍



## ସଂକ୍ଷେପରେ

### ରାଜ୍ୟସ୍ତରୀୟ ସୋତୋକାନ କରାଟେ ୨୦ରୁ

କଟକ ଅଫିସ, ୧୯।୪- ଚଳିତମାସ ଏପ୍ରିଲ ୨୦ ଓ ୨୧ ତାରିଖ ଦୁଇ ଦିନ ଧରି ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନରେ ସୋତୋକାନ କରାଟେ ସେଣ୍ଟର ଅଫ ଓଡ଼ିଶା ପକ୍ଷରୁ ରାଜ୍ୟ ସ୍ତରୀୟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଉଭୟ କାଟା ଓ କୁମିତେ ବିଭାଗରେ ପ୍ରତିଯୋଗିତା ହେବା ବେଳେ ରାଜ୍ୟରୁ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ । ରବିବାର ସନ୍ଧ୍ୟାରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ ବୋଲି ସେଣ୍ଟରର ସମ୍ପାଦକ ନର୍ମଦା ଗୁଇଁ ସୂଚନା ଦେଇଛନ୍ତି ।

### ପ୍ରି-କ୍ୱାର୍ଟରରେ ୨ ଭାରତୀୟ ବକ୍ସର



ବ୍ୟାଙ୍କକ୍, ୧୯।୪(ପି.ଟି.)- ଏସିଆନ ଚାମ୍ପିୟନଶିପ୍‌ରେ ଦୁଇ ଭାରତୀୟ ବକ୍ସର ଦୀପକ ଓ ରୋହିତ୍ ଟୋକସ ଭଲ ଆରମ୍ଭ କରି ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଓପନିଂ ସେସନରେ ଜାତୀୟ ଚାମ୍ପିୟନ ଦୀପକ ୪୯ କିଗ୍ରା ବର୍ଗରେ ଏବଂ ରୋହିତ୍ ୬୪ କିଗ୍ରାରେ ଅନ୍ତିମ-୧୬ରେ ପହଞ୍ଚିଛନ୍ତି। ଦୀପକ ଭିଏତ୍‌ନାମର ଲୋଇ ଭୁଇ କଙ୍ଗ୍ ଡାନ୍‌ଙ୍କୁ ଏବଂ ରୋହିତ୍ ଅନ୍ୟ ଏକ ମୁକାବିଲାରେ ତାଇୱାନର ଚୁ-ୟେନ ଲାଇଙ୍କୁ ହରାଇଥିଲେ।

### ଗୋଆକୁ ୧୦ କୋଟି ଟଙ୍କା ଜରିମାନା

ନୂଆଦିଲ୍ଲୀ, ୧୯।୪(ପି.ଟି.)- ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଗୋଆକୁ ୧୦ କୋଟି ଟଙ୍କା ଜରିମାନା ଦେବାକୁ କହିଛି। ୩୬ତମ ଜାତୀୟ ଗେମ୍ସ ଆୟୋଜନକୁ ବାରମ୍ବାର ଘୁଞ୍ଚାଇବା ଫଳରେ ଆଇଓଏ ଅସନ୍ତୋଷ ଜାହିର କରିବା ସହ ଏହି ନିର୍ଦ୍ଦେଶ ଦେଇଛି। ଖୁବ୍ ଶୀଘ୍ର ଆଇଓଏର ଏକ ପ୍ରତିନିଧି ଦଳ ଗୋଆ ଯାଇ କ୍ରୀଡ଼ାର ତାରିଖ ନେଇ ଅନ୍ତିମ ନିଷ୍ପତ୍ତି ନେବ। ତେବେ ୩ଥର ତାରିଖ ଘୁଞ୍ଚାଇଥିବାରୁ ଗୋଆକୁ ୧୦ କୋଟି ଟଙ୍କା ଜରିମାନ ଆକାରରେ ଦେବାକୁ ହେବ ବୋଲି ଆଇଓଏ ତରଫରୁ ସ୍ପଷ୍ଟ କରାଯାଇଛି। ଯଦି ଗୋଆ ଜରିମାନା ନ ଦିଏ ଓ ୨୦୧୯ରେ ଏହି କ୍ରୀଡ଼ା ଆୟୋଜନ ନ କରେ ତାହେଲେ ଏହାକୁ ବାତିଲ କରାଯିବ ବୋଲି ଆଇଓଏର ଗେମ୍ସ ଟେକନିକାଲ କଣ୍ଡକ୍ଟ କମିଟି ଅଧକ୍ଷ ମୁକେଶ କୁମାର କହିଛନ୍ତି। ଉଲ୍ଲେଖଥାଉ କି, ଗୋଆ ଚଳିତ ବର୍ଷ ମାର୍ଚ୍ଚ- ଏପ୍ରିଲ୍‌ରେ ଦେଶରେ ଚାଲିଥିବା ସାଧାରଣ ନିର୍ବାଚନ କାରଣରୁ ଏହି ଇଭେଣ୍ଟ ଆୟୋଜନ କରିବାକୁ ଅକ୍ଷମତା ପ୍ରକାଶ କରିଥିଲା। ଜାତୀୟ କ୍ରୀଡ଼ାର ଏହି ସଂସ୍କରଣ ପ୍ରଥମେ ୨୦୧୬ରେ ଆୟୋଜନ ହେବାର ଥିଲା। ତେବେ ଏହାକୁ ଏକାଧିକବାର ବିଭିନ୍ନ କାରଣରୁ ଘୁଞ୍ଚାଇ ଦିଆଯାଇଛି। ଶେଷଥର ପାଇଁ ଏହା ମାର୍ଚ୍ଚ ୩୦ରୁ ଏପ୍ରିଲ ୧୪ ମଧରେ ଆୟୋଜନ ହେବାର ଥିଲା। ପୂର୍ବରୁ ଏହି କ୍ରୀଡ଼ାକୁ ଗୋଆରୁ ସ୍ଥାନାନ୍ତର କରିବାକୁ ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା କହିଥିଲେ। ଏହି କ୍ରୀଡ଼ାର ୩୬ତମ ସଂସ୍କରଣ ଗୋଆ ଆୟୋଜନ କରିବା ପରେ ପରବର୍ତ୍ତୀ ସଂସ୍କରଣଗୁଡିକ ୨୦୧୯ରେ ଛତିଶଗଡ଼ ଓ ୨୦୨୦ରେ ଉତ୍ତରାଖଣ୍ଡ ଓ ୨୦୨୨ରେ ମେଘାଳୟରେ ଆୟୋଜନ କରିବାକୁ ଆଇଓଏ ନିଷ୍ପତ୍ତି ନେଇଥିଲା।

# ୧୯୭୫: ପ୍ରୁଡେନସିଆଲ୍ କପ୍




କ୍ରିକେଟ ବିଶ୍ୱକପର ପ୍ରଥମ ସଂସ୍କରଣ ୧୯୭୫ରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଆନୁଷ୍ଠାନିକ ଭାବେ ପ୍ରୁଡେନ୍‌ସିଆଲ୍ କପ୍ କୁହାଯାଉଥିଲା। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍(ଆଇସିସି) ଆନୁକୂଲ୍ୟରେ ଏହାଥିଲା ପ୍ରଥମ ସର୍ବବୃହତ୍ ସୀମିତ ଓଭର କ୍ରିକେଟ ଟୁର୍ନାମେଣ୍ଟ। ଜୁନ ୭ରେ ଏହା ଆରମ୍ଭ ହୋଇ ୨୧ ତାରିଖରେ ଶେଷ ହୋଇଥିଲା।

ପ୍ରୁଡେନସିଆଲ ଆସ୍ୟୁରାନ୍ସ କମ୍ପାନୀ ଏହି ପ୍ରତିଯୋଗିତାର ପ୍ରାୟୋଜକ ଥିଲା। ପ୍ରଥମ ସଂସ୍କରଣରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ସାମିଲ ଥିଲେ ୬ଟି ଟେଷ୍ଟ ଖେଳୁଥିବା ଦେଶ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ ଅଗ୍ରଣୀ ସହଯୋଗୀ ଦେଶ ଶ୍ରୀଲଙ୍କା ଏବଂ ଇଷ୍ଟ ଆଫ୍ରିକା। ଇଷ୍ଟ ଆଫ୍ରିକା ଥରେ ମାତ୍ର ଏହି ସଂସ୍କରଣରେ ବିଶ୍ୱକପରେ ଖେଳିଥିଲା। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଥିଲା। ପ୍ରତି ଗ୍ରୁପରେ ୪ଟି ଲେଖାଏ ଦଳ ରହିଥିଲେ। ଏହି କ୍ରମରେ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିଲେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଭାରତ ଓ ଇଷ୍ଟ ଆଫ୍ରିକା। ଗ୍ରୁପ୍ 'ବି'ରେ ରହିଥିଲେ ଅଷ୍ଟ୍ରେଲିଆ, ପାକିସ୍ତାନ, ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା। ଗ୍ରୁପରେ ସ୍ଥାନ ପାଇଥିବା ଦଳ ଗୁଡ଼ିକ ପରସ୍ପର ସହିତ ମ୍ୟାଚ ଖେଳିବାପରେ ପ୍ରତି ଗ୍ରୁପର ୨ଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲରେ ପ୍ରବେଶ କରିବା ନିୟମ ଥିଲା। ମ୍ୟାଚଗୁଡ଼ିକ ୬୦ ଓଭର ବିଶିଷ୍ଟ ଥିଲା। ଖେଳାଳିମାନେ ପାରମ୍ପରିକଭାବେ ଧଳା କପଡ଼ାରେ ନିର୍ମିତ ପୋଷାକ ପରିଧାନ କରିଥିଲେ ଏବଂ ଲାଲ୍ ବଲ୍‌ରେ ମ୍ୟାଚ ଖେଳା ଯାଇଥିଲା।



ୱେଷ୍ଟଇଣ୍ଡିଜ ଅଧିନାୟକ କ୍ଲାଇବ୍ ଲୟଡଙ୍କ ହାତରେ ବିଶ୍ୱକପ୍ ଟ୍ରଫି।

ଦିନିକିଆ କ୍ରିକେଟର ପରିକଳ୍ପନା ସେତେବେଳେ ପ୍ରାରମ୍ଭିକ ଅବସ୍ଥାରେ ଥିଲା। ୧୯୭୧ରୁ ୧୯୭୫ ମଧ୍ୟରେ ଏପରି ମାତ୍ର ୧୮ଟି ମ୍ୟାଚ ଖେଳା ଯାଇଥିଲା। ଟେଷ୍ଟ ପ୍ଲେଇଂ ଦେଶ ମଧ୍ୟରେ ଏହି ମ୍ୟାଚ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ଏହି ବିଶ୍ୱକପରେ ୱେଷ୍ଟଇଣ୍ଡିଜକୁ ଫେଭରାଇଟ ଦଳ ବିବେଚନା କରାଯାଉଥିଲା। ଲିଗ୍ ପର୍ଯ୍ୟାୟର ପ୍ରଦର୍ଶନ ଭିତ୍ତିରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ ଓ ଅଷ୍ଟ୍ରେଲିଆ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଭାରତୀୟ ଉପମହାଦେଶର କୌଣସି ଦେଶ ଲିଗ୍ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିଲେ। ସେମିଫାଇନାଲରେ ଇଂଲଣ୍ଡକୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ୱେଷ୍ଟଇଣ୍ଡିଜ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବାନୁମାନ ଅନୁସାରେ ଲର୍ଡ୍ସରେ ଅନୁଷ୍ଠିତ ଫାଇନାଲରେ ଅଷ୍ଟ୍ରେଲିଆକୁ ୧୭ ରନରେ ହରାଇ ୱେଷ୍ଟଇଣ୍ଡିଜ ବିଶ୍ୱବିଜେତା ହୋଇଥିଲା।

ପ୍ରତିଯୋଗିତାର ପ୍ରଥମ ମ୍ୟାଚ ଅନେକ କାରଣରୁ ଚର୍ଚ୍ଚିତ ଥିଲା। ଭାରତର ସୁନୀଲ ଗାଭାସ୍କର ଏକ ଅଲୋଡ଼ା ରେକର୍ଡ ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଥିଲେ। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଡେନିସ ଆମିସ(୧୩୭ ରନ)ଙ୍କ ଶତକ ସହାୟତାରେ ୪ ଉଇକେଟ ହରାଇ ୩୩୪ ରନ କରିଥିଲା। ଜବାବରେ ଭାରତ ପୂରା ୬୦ ଓଭର ଖେଳିଥିଲେ ହେଁ ୩ ଉଇକେଟ ହରାଇ ୧୩୨ ରନ କରିପାରି ଥିଲା। ସୁନୀଲ ଗାଭାସ୍କର ୬୦ ଓଭରଯାକ କ୍ରିଜ୍‌ରେ ରହି ୧୭୪ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ହେଁ ମାତ୍ର ୩୬ ରନରେ ଅପରାଜିତ ରହିଥିଲେ। ଏହାକୁ ନେଇ ସେତେବେଳେ ବହୁ ସମାଲୋଚନା କରାଯାଇଥିଲା।




ଟୁର୍ନାମେଣ୍ଟରେ ମୋଟ ୧୫ଟି ମ୍ୟାଚ ଖେଳାଯାଇଥିଲା। ମ୍ୟାଚ ଗୁଡ଼ିକ ଲଣ୍ଡନର ଲର୍ଡ୍ସ(ଦର୍ଶକ କ୍ଷମତା ୩୦,୦୦୦), ଓଭାଲ(୨୩,୫୦୦), ବର୍ମିଂହାମର ଏଜବାଷ୍ଟନ କ୍ରିକେଟ ଗ୍ରାଉଣ୍ଡ(୨୧,୦୦୦), ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡ(୧୯,୦୦୦), ନଟିଂହାମ୍‌ର ଟ୍ରେଣ୍ଟ ବ୍ରିଜ୍(୧୫,୩୫୦) ଓ ଲିଡ୍ସର ହେଡିଂଲେ କ୍ରିକେଟ ଗ୍ରାଉଣ୍ଡ(୧୪,୦୦୦)ରେ ଅନୁଷ୍ଠିତ ହୋଇଥିଲା।

ନ୍ୟୁଜିଲାଣ୍ଡ ସେମିଫାଇନାଲରେ ବିଦାୟ ନେଇଥିଲେ ହେଁ ଗ୍ଲେନ୍ ଟର୍ନର ଟପ୍ ସ୍କୋରର ହୋଇଥିଲେ। ସେ ୪ ମ୍ୟାଚରେ ୧୬୬.୫୦ ଆଭରେଜରେ ୩୩୩ ରନ କରିଥିଲେ। ଏହା ମଧ୍ୟରେ ସେ ୨ଟି ଶତକ ହାସଲ କରିଥିଲେ ଏବଂ ତାଙ୍କର ସର୍ବୋଚ୍ଚ ସ୍କୋର ଥିଲା ୧୭୧*। ପ୍ରଥମ ମ୍ୟାଚରେ ୧୩୭ ରନ କରିଥିବା ଡେନିସ ଆମିସ ୨୪୩ ରନ ସହ ଦ୍ୱିତୀୟ, ପାକିସ୍ତାନର ମାଜିଦ ଖାଁ(୨୦୯) ତୃତୀୟ, ଇଂଲଣ୍ଡର କିଥ୍ ଫ୍ଲେଚର(୨୦୭) ୪ର୍ଥ ଏବଂ ଅଷ୍ଟ୍ରେଲିଆର ଆଲାନ ଟର୍ନର(୨୦୧) ୫ମ ସ୍ଥାନରେ ରହିଥିଲେ। ସେହିପରି ସର୍ବାଧିକ ଉଇକେଟ ହାସଲକାରୀ ହୋଇଥିଲେ ଅଷ୍ଟ୍ରେଲିଆର ଗ୍ୟାରୀ ଗିଲମୋର। ସେ ମାତ୍ର ୨ଟି ମ୍ୟାଚ ଖେଳି ୧୧ଟି ଉଇକେଟ ନେଇଥିଲେ। ୬/୧୪ ତାଙ୍କର ଶ୍ରେଷ୍ଠ ବୋଲିଂ ଥିଲା। ୱେଷ୍ଟଇଣ୍ଡିଜର ବିମର୍ଡ ଜୁଲିଏନ ୫ ମ୍ୟାଚରୁ ୧୧ ଉଇକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟତମ ୱେଷ୍ଟଇଣ୍ଡିଜ ବୋଲର କିଥ୍ ବୟେସ ୧୦ ଏବଂ ନ୍ୟୁଜିଲାଣ୍ଡର ଡେଲ୍ ହାଡ୍‌ଲି ଓ ୱେଷ୍ଟଇଣ୍ଡିଜର ଆଣ୍ଡି ରବର୍ଟ୍ସ ୮ଟି ଲେଖାଏ ଉଇକେଟ ନେଇ ପରବର୍ତ୍ତୀ ୩ ସ୍ଥାନରେ ରହିଥିଲେ।

## ଚର୍ଚ୍ଚାରେ ପ୍ରଜ୍ଞାନ ଓଝାଙ୍କ ଟୁଇଟ୍

ହାଇଦ୍ରାବାଦ, ୧୯।୪

ଇଂଲଣ୍ଡରେ ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଆଇସିସି ବିଶ୍ୱକପ୍ ଲାଗି ନିକଟରେ ବିରାଟ କୋହଲିଙ୍କ ନେତୃତ୍ୱରେ ୧୫ଜଣିଆ ଭାରତୀୟ ଦଳ ଘୋଷଣା ହୋଇଥିଲା। ଅଭିଜ୍ଞ ହାଇଦ୍ରାବାଦୀ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁଙ୍କୁ ଏହି ଦଳରେ ସ୍ଥାନ ମିଳି ନ ଥିଲା। ରାୟୁଡୁଙ୍କୁ ବିଶ୍ୱକପ୍ ଦଳରେ ଅଣଦେଖା ନେଇ ବହୁ ପୂର୍ବତନ କ୍ରିକେଟର ନିରାଶାବ୍ୟକ୍ତ କରିବା ସହ ଚୟନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଥିଲେ। ଏହାକୁ ନେଇ ବର୍ତ୍ତମାନ ଆଲୋଚନା ଥମି ନ ଥିବାବେଳେ ଭାରତୀୟ କ୍ରିକେଟର ତଥା ବାମହାତୀ ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝାଙ୍କ ଏକ ଟୁଇଟ୍ ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ଟୁଇଟ୍ ଭବିଷ୍ୟତରେ ଓଝାଙ୍କୁ ଅଡୁଆରେ ପକାଇବାର ସମ୍ଭାବନା ମଧ ରହିଛି। ରାୟୁଡୁ ଚୟନ ନ ହେବା ପଛରେ ହାଇଦ୍ରାବାଦ ଖେଳାଳିଙ୍କ ବିରୋଧରେ ଷଡ଼ଯନ୍ତ୍ର ହେଉଛି ଏବଂ ସେ ମଧ ସମାନ ପରିସ୍ଥିତିର ସାମ୍ନା କରିଥିଲେ ବୋଲି ଟୁଇଟ୍‌ରେ ଓଝା କହିଛନ୍ତି। ଓଝାଙ୍କ ଏହି ଟୁଇଟ୍ ଏବେ ଚୟନ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହାଇଦ୍ରାବାଦ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ୩୨ ବର୍ଷୀୟ ଓଝା କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବାବେଳେ ଜାତୀୟ ଦଳରୁ ବାଦ୍ ପଡ଼ିଥିଲେ। ମୁମ୍ବାଇରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ସଚିନ ତେନ୍ଦୁଲକରଙ୍କ ବିଦାୟୀ ଟେଷ୍ଟ ମ୍ୟାଚ୍‌ରେ ସେ ୧୦ ଉଇକେଟ୍ ଅକ୍ତିଆର କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୪ ଟେଷ୍ଟ ମ୍ୟାଚ୍‌ରୁ ଓଝା ୧୧୩ ଉଇକେଟ୍ ନେଇଥିବାବେଳେ ୧୮ ଦିନିକିଆ ଓ ୬ ଟି୨୦ ମ୍ୟାଚ୍ ଖେଳିଛନ୍ତି। ୨୦୦୩ ବିଶ୍ୱକପ୍ ସମୟରେ ହାଇଦ୍ରାବାଦର ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ମଧ ଶ୍ରେଷ୍ଠ ଫର୍ମରେ ଥାଇ ବି ଦଳରେ ସ୍ଥାନ ପାଇ ନ ଥିଲେ।



## ଗୁରୁକୁଳ ଟେନିସ ଏକାଡେମୀରେ ପ୍ରତିଭା ଅନ୍ୱେଷଣ ଶିବିର

ଭୁବନେଶ୍ୱର, ୧୯।୪(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ଏକାଡେମୀରେ ପାଞ୍ଚ ଦିନିଆ ଅଲ୍ ଓଡ଼ିଶା ପ୍ରତିଭା ଅନ୍ୱେଷଣ ଶିବିର ଅନୁଷ୍ଠିତ ହେବ। ଏହା ୨୧ ତାରିଖରୁ ଆରମ୍ଭ ହେବ। ୫ରୁ ୧୮ ବର୍ଷର ଖେଳାଳିମାନେ ଏହି ଶିବିରରେ ଯୋଗ ଦେଇପାରିବେ। ଏଥିରୁ ୪ (୨ ବାଳିକା, ୨ ବାଳକ) ପ୍ରତିଭା ଚୟନ କରାଯାଇ ଏକାଡେମୀରେ ବର୍ଷସାରା ମାଗଣାରେ ଟ୍ରେନିଂ ଦେବା ବ୍ୟବସ୍ଥା କରାଯିବ। ସେମାନଙ୍କୁ ଏକାଡେମୀ ପକ୍ଷରୁ ର୍‍ୟାକେଟ, ବଲ୍ ଓ ଜୋତା ଯୋଗାଇ ଦିଆଯିବ। ଉଭୟ ବିଗ୍‌ନର(ଟେନିସ ଆରମ୍ଭ କରୁଥିବା) ଏବଂ ଆଡ୍‌ଭାନ୍ସ ଲେଭଲରେ ଥିବା ପିଲାମାନେ ଏଥିରେ ଭାଗ ନେଇପାରିବେ। ଆଗ୍ରହୀ ଖେଳାଳିମାନେ ଗୁରୁକୁଳ ଟେନିସ ଏକାଡେମୀର ନିର୍ଦ୍ଦେଶକ ସନ୍ତୋଷ କୁମାର ମଳିକଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

## ଅଲ୍ ଇଣ୍ଡିଆ ଓପନ ଚେସ୍: ଶୀର୍ଷରେ ଗୁସେନ

କଟକ ଅଫିସ,୧୯।୪

ଟ୍ରିପଲ ସି' ଚେସ୍ କ୍ଲବ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪ର୍ଥ ଅଲ ଇଣ୍ଡିଆ ଓପନ ଚେସ୍ ଚାମ୍ପିୟନଶିପରେ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ହୋଇଛି । ୬ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ) ଗୁସେନ ହିମାଲ ୫.୫ ପଏଣ୍ଟ ପାଇ ଶୀର୍ଷରେ ରହିଛନ୍ତି। ସମାନ ପଏଣ୍ଟ ପାଇ ଗୁସେନଙ୍କ ପଛକୁ ରହିଛନ୍ତି ପ୍ରତିଯୋଗିତାର ଟପ୍‌ସିଡ ଖେଳାଳି ତଥା ଗ୍ରାଣ୍ଡମାଷ୍ଟର ଆର୍.ଆର. ଲକ୍ଷ୍ମଣ । ୪ର୍ଥ ରାଉଣ୍ଡ ଶେଷ ସୁଦ୍ଧା ଅଗ୍ରଣୀ ରହିଥିବା ଓଡ଼ିଶାର ଆଇଏମ୍ ରାକେଶ କୁମାର ଜେନା ୫.୫ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛନ୍ତି । ୫ମ ରାଉଣ୍ଡରେ ରାକେଶ ପଶ୍ଚିମବଙ୍ଗର ଆୟୁଷ ଖାଙ୍କୁ ହରାଇଥିଲେ ।୬ଷ୍ଠ ରାଉଣ୍ଡରେ ରାକେଶଙ୍କର ମୁକାବିଲା ହୋଇଥିଲା ଗ୍ରାଣ୍ଡମାଷ୍ଟର ଲକ୍ଷ୍ମଣଙ୍କ ସହ । ଏହି ମ୍ୟାଚ୍‌ଟି ଅମୀମାଂଶିତ ରହିଥିବା ବେଳେ ଉଭୟ ୦.୫ ପଏଣ୍ଟ ଲେଖାଏ ବାଣ୍ଟି ନେଇଥିଲେ। ଆନ୍ଧ୍ରପ୍ରଦେଶର ଭି. ତୋଶାଳୀ ମଧ ୫.୫ ପଏଣ୍ଟ ସହ ୪ର୍ଥ ସ୍ଥାନରେ ଅଛନ୍ତି । ୫ ପଏଣ୍ଟ ହାସଲ କରି୧୫ ଜଣ ପ୍ରତିଯୋଗୀ ୫ମରୁ ୧୯ତମ ସ୍ଥାନ ମଧ୍ୟରେ ଅଛନ୍ତି । ଓଡ଼ିଶାର ଅନ୍ୟତମ ଆଇଏମ୍ ଅନ୍ୱେଷ ଉପାଧ୍ୟାୟ ୪ ପଏଣ୍ଟ ପାଇବା ସହ ୩୨ତମ ସ୍ଥାନକୁ ଖସିଛନ୍ତି । ୪ ରାଉଣ୍ଡ ଶେଷ ସୁଦ୍ଧା ସେ ୩.୫ ପଏଣ୍ଟ ପାଇ ୧୦ତମ ସ୍ଥାନରେ ଥିଲେ । ୫ମ ରାଉଣ୍ଡରେ ପଶ୍ଚିମବଙ୍ଗର ରୂପମ ମୁଖାର୍ଜୀଙ୍କ ସହ ମୁକାବିଲା ହୋଇଥିଲା । ମ୍ୟାଚ୍‌ଟି ଅମୀମାଂଶିତ ରହିଥିବା ବେଳେ ୦.୫ ପଏଣ୍ଟ ହାସଲ କରିଥିଲେ ଅନ୍ୱେଶ । ଷଷ୍ଠ ରାଉଣ୍ଡରେ ଆନ୍ଧ୍ରପ୍ରଦେଶର ଭି. ତୋଷାଳୀଙ୍କଠାରୁ ଅନ୍ୱେଶ ପରାସ୍ତ ହୋଇଥିଲେ ।




ଚେସ୍ ଖେଳରେ ନିମଗ୍ନ ପ୍ରତିଯୋଗୀ।

## ଗ୍ରୀଷ୍ମକାଳୀନ ମହିଳା ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର ଆରମ୍ଭ

ଭୁବନେଶ୍ୱର, ୧୯।୪(ସ୍ପୋର୍ଟ୍ସ ବ୍ୟୁରୋ)

ଉର୍ମିଳା ମହିଳା ଫୁଟ୍‌ବଲ କ୍ଲବ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଏକ ମହିଳା ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର ଆନୁଷ୍ଠାନିକ ଭାବେ ସ୍ଥାନୀୟ ୟୁନିଟ୍-୯ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ପ୍ରତ୍ୟହ ସକାଳ ୬ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ। ଏଥିରେ ବିଭିନ୍ନ ସ୍କୁଲ ଓ କଲେଜରୁ ୧୧୦ଜଣ ବାଳିକା ଅଂଶଗ୍ରହଣ କରିଛନ୍ତି। ପ୍ରାକ୍ତନ ଖେଳାଳି ବରୁଣ ମାଝି ଏହି ଶିବିରରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ ତୁଲାଇବେ। କୃଷ୍ଣଚନ୍ଦ୍ର ରଣା, ସକିନା ନେଶା, ଟୁନା ଖାଁ, ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ପ୍ରଶିକ୍ଷଣରେ ବରୁଣଙ୍କୁ ସହାୟତା କରିବେ। ଉଦ୍‌ଘାଟନୀ ଉତ୍ସବରେ ଆୟକର ବିଭାଗର ଡେପୁଟି କମିଶନର ପ୍ରଣତି ମିଶ୍ର, ୟୁନିଟ୍-୯ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମହାପାତ୍ର, ୟୁନିଟ୍-୯ ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଦିଲୀପ କୁମାର ଦାସ, ଉପସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, କ୍ଲବ-୭୩ର ସର୍ବେଶ୍ୱର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ମହିଳା ଫୁଟ୍‌ବଲର ବିକାଶ ହେଉଥିବାବେଳେ ଖେଳାଳିମାନଙ୍କୁ ଫୁଟ୍‌ବଲ ପ୍ରତି ଆକୃଷ୍ଟ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ବିଜୟ ଲକ୍ଷ୍ମୀ ସାହୁ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।



ୟୁନିଟ୍-୯ ହାଇସ୍କୁଲ ଗ୍ରାଉଣ୍ଡରେ ଶୁକ୍ରବାର ଆରମ୍ଭ ହୋଇଥିବା ଉର୍ମିଳା ଏକାଡେମୀର ଗ୍ରୀଷ୍ମକାଳୀନ ମହିଳା ଫୁଟବଲ ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀମାନେ କର୍ମକର୍ତ୍ତାଙ୍କ ସହ।

## କାଉଣ୍ଟି ଖେଳିବେ ୭ ଭାରତୀୟ

ନୂଆଦିଲ୍ଲୀ, ୧୯।୪ (ପି.ଟି.)

ଉଦ୍‌ଘାଟନୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସିରିଜ ଜୁଲାଇ ଓ ଅଗଷ୍ଟରେ ଖେଳାଯିବ। ଏଥିଲାଗି ପ୍ରସ୍ତୁତି ପାଇଁ ଭାରତର ୭ ଟେଷ୍ଟ ସ୍ପେଶାଲିଷ୍ଟ ବିଭିନ୍ନ ଇଂଲିଶ କାଉଣ୍ଟି ଦଳ ସହିତ କେତୋଟି ଗେମ୍ ଖେଳିପାରନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନଜରରେ ଥିବା ଏହି ଖେଳାଳିମାନେ ହେଲେ ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ପୃଥ୍ୱୀ ଶ', ହନୁମା ବିହାରୀ, ମୟଙ୍କ ଅଗ୍ରୱାଲ, ରବିଚନ୍ଦ୍ରନ ଅଶ୍ୱିନ ଏବଂ ଈଶାନ୍ତ ଶର୍ମା। ବିସିସିଆଇର ଜଣେ ସିନିୟର ଅଫିସିଆଲଙ୍କ କହିବା ଅନୁସାରେ ପୂଜାରାଙ୍କ ୟର୍କଶାୟାର ଦଳ ସହିତ ୩ବର୍ଷିଆ ଚୁକ୍ତି ହୋଇ ସାରିଛି। ତେଣୁ ସେ ୟର୍କଶାୟାର ଦଳରୁ ଖେଳିବେ। ରାହାନେ ଆସନ୍ତା ସପ୍ତାହରେ ହାମ୍ପଶାୟାର ସହିତ ଚୁକ୍ତି କରିପାରନ୍ତି। ତେବେ ପ୍ରଶାସକ କମିଟି (ସିଓଏ) ର ୩ ସଦସ୍ୟଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। ସିଓଏ ମୁଖ୍ୟ ବିନୋଦ ରାୟ ଇତିମଧରେ ତାଙ୍କର ସହମତି ପ୍ରଦାନ କରିସାରିଛନ୍ତି। କିନ୍ତୁ ଡାଏନା ଏଡୁଲ୍‌ଜି ଏବଂ ଲ୍ୟୁଟନାଣ୍ଟ ଜେନେରାଲ ରବି ଥୋଡାଗେଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। ବିଶ୍ୱକପ୍ ପରେ ୧୫ ଦିନ ବ୍ୟବଧାନରେ ଭାରତ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି। ଭାରତର ଟେଷ୍ଟ ସ୍ପେଶାଲିଷ୍ଟମାନଙ୍କୁ ଜୁନରୁ ଜୁଲାଇ ମଧ୍ୟଭାଗ ପର୍ଯ୍ୟନ୍ତ ରେଡ୍ ବଲ୍ କ୍ରିକେଟ ଖେଳାଇବା ଲାଗି ବିସିସିଆଇର ପ୍ରସ୍ତାବ ରହିଛି। ଲିସେଷ୍ଟରଶାୟାର, ଏସେକ୍ସ, ନଟିଙ୍ଗହାମଶାୟାର ସମେତ କେତୋଟି କାଉଣ୍ଟି ଦଳ ସହିତ ବିସିସିଆଇ କଥାବାର୍ତ୍ତା ଚଳାଇଛି। ଆମର ଟପ୍ ଟେଷ୍ଟ ଖେଳାଳିମାନେ ଯେପରି ଗ୍ରୀଷ୍ମଋତୁରେ ଇଂଲଣ୍ଡ ବିପକ୍ଷ ଗତ ଟେଷ୍ଟ ସିରିଜ ବେଳେ ବିସିସିଆଇ କର୍ମକର୍ତ୍ତାମାନେ ପ୍ରମୁଖ କାଉଣ୍ଟି ଦଳଗୁଡ଼ିକର ସିଇଓମାନଙ୍କ ସହିତ ଆଲୋଚନା କରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପୂର୍ବରୁ ଖେଳାଳିମାନେ ଯେପରି ୩ରୁ ୪ ପ୍ରଥମଶ୍ରେଣୀ ମ୍ୟାଚ ଖେଳିପାରିବେ ବିସିସିଆଇ ସେଥିପାଇଁ ଚେଷ୍ଟା ଚଳାଇଛି। ସେଠାରେ ଖେଳାଳିମାନେ ଡ୍ୟୁକ୍ ବଲ୍‌ରେ ଖେଳିବାର ସୁଯୋଗ ପାଇବେ। ୱେଷ୍ଟଇଣ୍ଡିଜରେ ଏହି ବଲ୍ ବ୍ୟବହାର କରାଯିବ। ଆମର ସମସ୍ତ ୭ଟେଷ୍ଟ ଖେଳାଳି ଇଂଲିଶ କାଉଣ୍ଟିରେ ଡିଭିଜନ-୧ କିମ୍ବା ଡିଭିଜନ-୨ରେ ଖେଳିବା ସୁଯୋଗ ପାଇବେ ଆମର ଆଶା ବୋଲି ସେ କହିଛନ୍ତି। ଭାରତ ଅଧିନାୟକ ବିରାଟ କୋହଲି ଗତବର୍ଷ ସରେ ତରଫରୁ ଖେଳିଥାନ୍ତେ। କିନ୍ତୁ ଇଞ୍ଜୁରି ଯୋଗୁ ତାହା ସମ୍ଭବ ହୋଇ ନ ଥିଲା।

❝ ମୁଁ ଯେଉଁ ଷ୍ଟାଇଲରେ ହେଲିକପ୍ଟର ଶଟ୍ ଖେଳୁଛି ଏଥିରେ ପାରଙ୍ଗମ ମହେନ୍ଦ୍ର ସିଂ ଧୋନୀ ତାହାକୁ ପସନ୍ଦ କରିଛନ୍ତି ।
–ହାର୍ଦ୍ଦିକ ପାଣ୍ଡ୍ୟା, ମୁମ୍ବାଇ ଇଣ୍ଡିଆନ୍ସ ଅଲରାଉଣ୍ଡର



❝ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ମନୋନୟନ ଶେଷ ହୋଇଥିବାରୁ ଏଣିକି ଆଇପିଏଲ୍ ପ୍ରତି ଧ୍ୟାନ ଫେରିବ ।
–ଦୀନେଶ କାର୍ତ୍ତିକ, କୋଲକାତା ନାଇଟ ରାଇଡର୍ସ ଅଧିନାୟକ



## ଆଜିର ମ୍ୟାଚ



ମୁମ୍ବାଇ ଇଣ୍ଡିଆନ୍ସ **ବନାମ** ରାଜସ୍ଥାନ ରୟାଲ୍ସ
ସ୍ଥାନ : ଜୟପୁର
ସମୟ : ଅପରାହ୍ନ ୪ଟା

କିଙ୍ଗ୍ସ ଇଲେଭେନ ପଞ୍ଜାବ **ବନାମ** ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ : ଦିଲ୍ଲୀ
ସମୟ : ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ମୁମ୍ବାଇ ୪୦ ରନରେ ବିଜୟୀ

ନୂଆଦିଲ୍ଲୀ,୧୯।୪(ପି.ଟି)

ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୪ତମ ମ୍ୟାଚ୍‌ରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ୪୦ ରନରେ ପରାସ୍ତ କରିଛି । ସ୍ଥାନୀୟ ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା । ଜବାବରେ ଦିଲ୍ଲୀ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୨୦ ଓଭରରେ ୯ ଉଇକେଟ ହରାଇ ୧୨୮ ରନରେ ସୀମିତ ରହି ଆତ୍ମସମର୍ପଣ କରିଥିଲା । ଦ୍ରୁତ ୩୨ ରନ କରିବା ସହ ୧୭ ରନ ବ୍ୟୟ କରି ଗୋଟିଏ ଉଇକେଟ ଅକ୍ତିଆର କରିଥିବା ମୁମ୍ବାଇ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହି ବିଜୟ ସହ ମୁମ୍ବାଇ ଦିଲ୍ଲୀକୁ ହଟାଇ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ମୁମ୍ବାଇ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୬ ବିଜୟ ଓ ୩ ପରାଜୟ ସହ ୧୨ ପଏଣ୍ଟ ହାସଲ କରିଛି । ଅନ୍ୟପଟେ ଦିଲ୍ଲୀ ୯ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୪ ପରାଜୟ ସହ ୧୦ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନକୁ ଖସିଛି ।

୧୬୯ ରନ ଆଭରେଜ୍ ଟାର୍ଗେଟର ପିଛା କରି ଦିଲ୍ଲୀ ଭଲ ଆରମ୍ଭ କରିଥିଲେ ମଧ୍ୟ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଓପନିଂ ଯୋଡିରେ ପୃଥ୍ୱୀ ଶ ଓ ଅଭିଜ୍ଞ ଶିଖର ଧାୱନ୍ ୩୯ ବଲରୁ ୪୯ ରନ ସଂଗ୍ରହ କରିଥିଲେ । ୨୨ଟି ବଲ୍ ଖେଳି ୫ ଚୌକା ଓ ୧ ଛକା ସହ ୩୫ ରନ କରି ଧାୱନ ଆଉଟ ହେବା ପରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ହୋଇଥିଲା । ୪ଜଣ ବ୍ୟାଟ୍ସମ୍ୟାନଙ୍କୁ ବାଦ୍ ଦେଲେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁପାରି ନ ଥିଲେ । ପୃଥ୍ୱୀ ୨୦, ଅକ୍ଷର ପଟେଲ ୨୬, କ୍ରିସ୍ ମୋରିସ ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ । କଲିନ୍ ମୁନରୋ ୩, ଅଧିନାୟକ ଶ୍ରେୟାସ ଆୟର ୩, ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୭, କାଗିସୋ ରାବାଡ଼ା ୯ ରନ କରି ଆଉଟ ହୋଇଥିବା ବେଳେ କିମୋ ପଲ ଖାତା ଖୋଲିବା ପୂର୍ବରୁ ରନ୍ ଆଉଟ୍ ହୋଇଥିଲେ । ଅମିତ୍ ମିଶ୍ରା ୬ ରନ କରି ଅପରାଜିତ ରହିଥିଲେ । ବୋଲିଂରେ ମୁମ୍ବାଇ ତରଫରୁ ରାହୁଲ ଚହର ୩, ଯଶପ୍ରୀତ ବୁମ୍‌ରା ୨, ହାର୍ଦ୍ଦିକ, ଲସିଥ ମାଲିଙ୍ଗା, କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।

ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ମୁମ୍ବାଇ ଜବରଦସ୍ତ ଆରମ୍ଭ କରିଥିଲା । ଅଧିନାୟକ ରୋହିତ ଶର୍ମା ଓ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ଓପନିଂ ଯୋଡିରେ ୩୭ ବଲରୁ ୫୭ ରନ ସଂଗ୍ରହ କରିଥିଲେ । ତେବେ ଏହାପରେ ସ୍ୱଳ୍ପ ରନ୍ ମଧ୍ୟରେ ୩ଟି ଉଇକେଟର ପତନ ହେବାରୁ ରନ୍ ସଂଗ୍ରହ ହାର କମିଥିଲା । ରୋହିତ୍ ୩୦ ରନ (୨୨ବଲ, ୩ ଚୌକା, ୧ ଛକା), ବେନ୍ କଟିଂ ୨ ରନ କରି ଯଥାକ୍ରମେ ଅମିତ୍ ମିଶ୍ରା, ଅକ୍ଷର ପଟେଲଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । ଡିକକ୍ ୨୭ ବଲରୁ ୨ ଚୌକା ଓ ୨ ଛକା ସହାୟତାରେ ୩୫ ରନକରି ଜମିଆସୁଥିବା ବେଳେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ । ନିର୍ଭରଯୋଗ୍ୟ ସୂର୍ଯ୍ୟକୁମାର ଯାଦବ ୨୭ ବଲରୁ ୨୬ ରନ କରି କାଗିସୋ ରାବାଡ଼ାଙ୍କ ଶିକାର ହୋଇଥିଲେ । ପଞ୍ଚମ ଉଇକେଟ ଯୋଡିରେ ଦୁଇ ଭାଇ ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା ମାତ୍ର ୨୬ଟି ବଲରୁ ଦ୍ରୁତ ୫୪ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ । ୧୫ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୩ ଛକା ସହ ୩୨ ରନ କରି ହାର୍ଦ୍ଦିକ ଉଇକେଟକିପର ପନ୍ତଙ୍କୁ କ୍ୟାଚ୍ ଦେଇ ରାବାଡ଼ାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ୨୬ ବଲରୁ ୫ ଚୌକା ସହ ୩୭ ରନ କରି କ୍ରୁନାଲ ଅପରାଜିତ ରହିଥିଲେ । ବୋଲିଂରେ ରାବାଡ଼ା ୨, ମିଶ୍ରା ଓ ଅକ୍ଷର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।



ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇବା ପରେ ଖୁସି ମୁହୂର୍ତ୍ତରେ ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳିମାନେ ।

### ସଂକ୍ଷିପ୍ତ ସ୍କୋର

- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୮/୫ (କ୍ରୁନାଲ- ୩୭*, ଡିକକ୍- ୩୫, ହାର୍ଦ୍ଦିକ- ୩୨, ରୋହିତ- ୩୦, ସୂର୍ଯ୍ୟକୁମାର- ୨୬, ରାବାଡ଼ା- ୨/୩୮, ମିଶ୍ରା-୧/୧୮, ଅକ୍ଷର- ୧/୧୭)।
- ଦିଲ୍ଲୀ କ୍ୟାପିଟାଲ ୨୦ ଓଭରରେ ୧୨୮/୯ (ଧାୱନ- ୩୫, ଅକ୍ଷର- ୨୬, ପୃଥ୍ୱୀ- ୨୦, ମୋରିସ- ୧୧, ଚହର- ୩/୧୯, ବୁମ୍‌ରା- ୨/୧୮)

### ଆଇପିଏଲ୍ ପଏଣ୍ଟ ଟେବୁଲ

| – ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୯ | ୭ | ୨ | ୧୪ | ୦.୧୦୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୬ | ୩ | ୧୨ | ୦.୪୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୫ | ୪ | ୧୦ | ୦.୧୪୬ |
| କିଙ୍ଗ୍ସ ଇଲେଭେନ | ୯ | ୫ | ୪ | ୧୦ | –୦.୦୧୫ |
| ସନ୍‌ରାଇଜର୍ସ | ୮ | ୪ | ୪ | ୮ | ୦.୫୪୯ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | ୦.୩୫ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | –୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୧ | ୭ | ୨ | –୧.୧୧୪ |

## ବିକାଶଙ୍କ ଦ୍ୱିତୀୟ ପ୍ରଫେଶନାଲ ବାଉଟ୍

ନ୍ୟୁୟର୍କ, ୧୯।୪ (ପି.ଟି.)-ଭାରତୀୟ ବକ୍ସର ବିକାଶ କ୍ରିଷନ ତାଙ୍କ ଦ୍ୱିତୀୟ ପ୍ରଫେଶନାଲ ବାଉଟ୍‌ରେ ଆମେରିକାର ନୋଆ କିଡ୍‌ଙ୍କୁ ଭେଟିବେ । ଏହି ମୁକାବିଲା ଶନିବାର ସ୍ଥାନୀୟ ଆଇକନିକ ମାଡିସନ ସ୍କୋୟାର ଗାର୍ଡେନରେ ହେବ । ଭିୱାନୀର ଏହି ୨୭ ବର୍ଷୀୟ ବକ୍ସର କିମ୍ବଦନ୍ତୀ ପ୍ରମୋଟର ବବ୍ ଅରୁମ୍‌ଙ୍କ ଟପ୍ ର୍ୟାଙ୍କ ପ୍ରମୋଶନ୍ସ ସହିତ ସମ୍ପୃକ୍ତ ଅଛନ୍ତି । ଜାନୁୟାରୀରେ ସେ ତାଙ୍କର ପଦାର୍ପଣ ପ୍ରଫେଶନାଲ ବାଉଟ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟିଭେନ ଆଣ୍ଡ୍ରାଡେଙ୍କୁ ଦ୍ୱିତୀୟ ରାଉଣ୍ଡରେ ନକ୍‌ଆଉଟ୍ କରିଦେଇଥିଲେ । ମାଡିସନ ସ୍କୋୟାର ହେଉଛି ବିଶ୍ୱର ଅନ୍ୟତମ ବୃହତ୍ ତଥା ପ୍ରସିଦ୍ଧ ଆରେନା । ଏଠାରେ ଫାଇଟ୍ ପାଇଁ ମୋର ଖୁବ୍ ଉତ୍କଣ୍ଠା ରହିଛି । ପଦାର୍ପଣ ବର୍ଷରେ ୫ଟି ବାଉଟ୍ ପାଇଁ ବିକାଶ ଚୁକ୍ତିବଦ୍ଧ ହୋଇଛନ୍ତି । ବିକାଶ ବର୍ତ୍ତମାନ ନ୍ୟୁଜର୍ସି ଅନ୍ତର୍ଗତ ନେୱାର୍କ ସହରରେ ଭେଟେରାନ ବକ୍ସିଂ କୋଚ୍ ୱାଲି ମୋସେସଙ୍କ ଅଧୀନରେ ଟ୍ରେନିଂ ନେଉଛନ୍ତି । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୨୩ ବର୍ଷୀୟ କିଡ୍ ହେଉଛନ୍ତି ମିସୋରି ବାସିନ୍ଦା । ସେ ୨୦୧୬ରେ ପ୍ରଫେଶନାଲ ବକ୍ସିଂରେ ପଦାର୍ପଣ କରିଥିଲେ । ତାଙ୍କର ଦୁଇଟି ନକ୍‌ଆଉଟ୍ ସହ ୩-୧-୧ ରେକର୍ଡ ରହିଛି । ବିକାଶଙ୍କୁ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ୨୦୧୪ରୁ ସହାୟତା କରି ଆସୁଛି । ସେ ଏସିଆନ ଗେମ୍ସ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ । ସେ ଆହୁରି ମଧ୍ୟ ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ।

# ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ ମହିଳା କ୍ରିକେଟରଙ୍କ ସମଲିଙ୍ଗୀ ବିବାହ

ମେଲବୋର୍ନ, ୧୯।୪

ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଦୁଇଜଣ ମହିଳା କ୍ରିକେଟର । ଏହି କ୍ରିକେଟର ହେଲେ ନ୍ୟୁଜିଲାଣ୍ଡ ଜାତୀୟ ମହିଳା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ହେଲୀ ଜେନସେନ ଓ ଅଷ୍ଟ୍ରେଲିଆର ନିକୋଲାସ ହାନକକ୍ । ନିକୋଲାସ ଅଷ୍ଟ୍ରେଲିଆ ପକ୍ଷରୁ ଖେଳୁ ନ ଥିଲେ ମଧ୍ୟ ଘରୋଇ ପ୍ରତିଯୋଗିତା ମହିଳା ବିଗ୍ ବାସ୍ ଲିଗ୍‌ରେ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି । ଉଭୟ ଗତ ସପ୍ତାହରେ ବିବାହ କରିଥିଲେ ମଧ୍ୟ ଗୁରୁବାର ପ୍ରଥମେ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ଏନେଇ ସୋସିଆଲ ମିଡିଆରେ ଘୋଷଣା କରାଯାଇଥିଲା । ଷ୍ଟାର୍ସ ଦଳ ପକ୍ଷରୁ ଏହି ନବଦମ୍ପତିଙ୍କ ଫଟୋକୁ ଶେୟାର କରାଯିବା ସହ ଶୁଭେଚ୍ଛା ଜଣାଯାଇଛି । ହେଲୀ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ପକ୍ଷରୁ ୮ ଦିନିକିଆ ଓ ୨୦ ଟି୨୦ ମ୍ୟାଚ୍ ଖେଳିଛନ୍ତି । ସେ ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ବିଗ୍ ବାସ୍ ଲିଗ୍‌ର ପ୍ରଥମ ୨ଟି ସଂସ୍କରଣରେ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ଖେଳିଥିଲେ । ତେବେ ୩ୟ ସଂସ୍କରଣରୁ ସେ ମେଲବୋର୍ନ ରେନଗାଡେସରେ ଯୋଗ ଦେଇଥିଲେ । ଅପରପକ୍ଷରେ ହାନକକ୍ ବିଗ୍ ବାସ୍ ଲିଗ୍‌ରେ ମେଲବୋର୍ନ ଷ୍ଟାର୍ସ ପକ୍ଷରୁ ଖେଳିଆସୁଛନ୍ତି ।

ନ୍ୟୁଜିଲାଣ୍ଡରେ ୧୯ ଅଗଷ୍ଟ ୨୦୧୩ ପରଠାରୁ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ପ୍ରଦାନ କରାଯାଇଛି । ଗତବର୍ଷ ମଧ୍ୟ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଅଧିନାୟିକା ଡାନ୍ ଭାନ ନିଏକେର୍କ ତାଙ୍କ ଦଳର ସାଥୀ ଖେଳାଳି ମାରିଜନେ କାପ୍ପଙ୍କୁ ବିବାହ କରିଥିଲେ । ଦୁଇଜଣ ଅନ୍ତର୍ଜାତୀୟ ମହିଳା କ୍ରିକେଟର ସମଲିଙ୍ଗୀ ବିବାହ କରିବାରେ ସେମାନେ ବିଶ୍ୱରେ ୨ୟ ଯୋଡ଼ି ହୋଇଥିଲେ । ଡାନ୍-ମାରିଜନେ ଯୋଡ଼ି ପୂର୍ବରୁ ନ୍ୟୁଜିଲାଣ୍ଡର ଆମି ସାଟରୱେଟ୍ ଓ ଲି ତୁହୁହୁ ପରସ୍ପର ଜୀବନ ସାଥୀ ହୋଇଥିଲେ ।



ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ହେଲି ଜେନସେନ ଓ ଅଷ୍ଟ୍ରେଲିଆର ନିକୋଲାସ ହାନକକ୍ ।

## ସ୍କଟ୍‌ଲାଣ୍ଡ୍ କ୍ରିକେଟରଙ୍କ ବିୟୋଗ

ଏଡିନବର୍ଗ, ୧୯।୪

ସ୍କଟ୍‌ଲାଣ୍ଡ କ୍ରିକେଟ ଦଳର ଅଲ୍‌ରାଉଣ୍ଡର କନ୍ ଡେ ଲାଙ୍ଗ୍‌ଙ୍କ ଗୁରୁବାର ଅକାଳ ବିୟୋଗ ଘଟିଛି । ତାଙ୍କୁ ୩୮ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଏକବର୍ଷ ହେବ ବ୍ରେନ ଟ୍ୟୁମରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି । ଜଣେ ବାମହାତୀ ସ୍ପିନର ଓ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନଭାବେ ପରିଚିତ ଲାଙ୍ଗ୍ ଦକ୍ଷିଣ ଆଫ୍ରିକାରେ ଜନ୍ମ ହୋଇଥିଲେ ମଧ୍ୟ ସ୍କଟଲାଣ୍ଡ ପକ୍ଷରୁ ୧୩ ଦିନିକିଆ ଓ ୮ ଟି୨୦ ମ୍ୟାଚ୍ ଖେଳିଛନ୍ତି । ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ ସେ ସ୍କଟ୍‌ଲାଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ସେହିଭଳି କାଉଣ୍ଟି କ୍ଲବ ନର୍ଥହାମ୍ପଶାୟର ପକ୍ଷରୁ ମଧ୍ୟ ସେ ୨୦୧୨ ଓ ୨୦୧୩ରେ ଲଗାତର ୨ଟି ସିଜନ ଧରି ଖେଳିଥିଲେ । ୨୦୧୭ରେ ସ୍କଟ୍‌ଲାଣ୍ଡ ଜିମ୍ବାୱେକୁ ପରାସ୍ତ କରିଥିଲା । ପ୍ରଥମଥର ଲାଗି ଆଇସିସିର ପୂର୍ଣ୍ଣ ସଦସ୍ୟତା ରାଷ୍ଟ୍ର ମାନ୍ୟତା ପାଇଥିବା ଗୋଟିଏ ଦେଶକୁ ହରାଇଥିବା ସ୍କଟ୍‌ଲାଣ୍ଡ ଦଳର ସେ ସଦସ୍ୟ ରହିଥିଲେ । ୨୦୧୭ ଶେଷ ଭାଗରେ ତାଙ୍କ ଦେହ ଅସୁସ୍ଥ ହୋଇପଡ଼ିଲା ଏବଂ ସେ ମାରାତ୍ମକ ବ୍ରେନ ଟ୍ୟୁମରରେ ପୀଡ଼ିତ ଥିବା ଜଣାପଡ଼ିଥିଲା । ଦୀର୍ଘ ଦେଢ଼ବର୍ଷ ହେବ ସେ ଚିକିତ୍ସିତ ହୋଇଆସୁଥିଲେ । 'ଲାଙ୍ଗ୍‌ଙ୍କ ଅକାଳ ବିୟୋଗ ଘଟିଛି । ସେ ସ୍କଟ୍‌ଲାଣ୍ଡ କ୍ରିକେଟର ଜଣେ ମହାନ୍ ସେବକ ଥିଲେ । କେବଳ ଜାତୀୟ ଦଳ ପକ୍ଷରୁ ନୁହେଁ ସେ ଆଞ୍ଚଳିକ ଓ କ୍ଲବସ୍ତରର କ୍ରିକେଟରେ ମଧ୍ୟ ସକ୍ରିୟ ଥିଲେ' ବୋଲି ସ୍କଟ୍‌ଲାଣ୍ଡ କ୍ରିକେଟ୍‌ର ମୁଖ୍ୟ ଟୋନୀ ବ୍ରେନ ଶୋକବାର୍ତ୍ତାରେ କହିଛନ୍ତି ।



କନ୍ ଡେ ଲାଙ୍ଗ

## ସନ୍ତୋଷ ଟ୍ରଫି: ପଞ୍ଜାବ-ସର୍ଭିସେସ୍ ଫାଇନାଲ

ଲୁଧିଆନା, ୧୯।୪(ପି.ଟି.)

ଭାରତୀୟ ଘରୋଇ ଫୁଟ୍‌ବଲର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ସନ୍ତୋଷ ଟ୍ରଫିର ଫାଇନାଲ ରବିବାର ପଞ୍ଜାବ ଓ ସର୍ଭିସେସ୍ ମଧ୍ୟରେ ହେବ । ଶୁକ୍ରବାର ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଘରୋଇ ପଞ୍ଜାବ ୨-୧ ଗୋଲରେ ଗୋଆକୁ ପରାସ୍ତ କରିଛି । ମ୍ୟାଚ୍‌ର ଦ୍ୱାଦଶ ମିନିଟ୍‌ରେ ପଞ୍ଜାବ ପକ୍ଷରୁ ଯଶପ୍ରୀତ୍ ସିଂ ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ରେ ଅଗ୍ରଣୀ କରାଇଥିଲେ । ଦ୍ୱିତୀୟାର୍ଦ୍ଧରେ ଗୋଆ ଗୋଲକୁ ଶୁଝାଇବା ପାଇଁ ଜୋର୍‌ଦାର ପ୍ରୟାସ କରିଥିଲା । ତେବେ ମ୍ୟାଚ୍ ଶେଷ ଭାଗରେ ଗୋଆ ଅଧିନାୟକ ସତବୀର ସିଂଙ୍କଠାରୁ ବଲ୍ ପାସ୍ ପାଇ ବଦଳ ଖେଳାଳି ରୋନାଲ୍ଡୋ ଓଲିଭେରିଆ ବଲ୍‌କୁ ନେଟ୍ ମଧ୍ୟକୁ ପଠାଇଦେବାରେ କୌଣସି ତ୍ରୁଟି କରି ନ ଥିଲେ । ଫଳରେ ମ୍ୟାଚ୍ ୧-୧ ସ୍ଥିତିକୁ ଚାଲିଆସିଥିଲା । ଗୋଆର ଏହି ଖୁସି କିନ୍ତୁ ବେଶି ସମୟ ରହି ନ ଥିଲା । ଏହାର କିଛି ସମୟ ପରେ ହରଜିନ୍ଦରଙ୍କ ଗୋଲବଳରେ ପଞ୍ଜାବ ୨-୧ ଗୋଲରେ ବିଜୟୀ ହୋଇଥିଲା । ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ସର୍ଭିସେସ୍ ପେନାଲଟି ଶୁଟ୍‌ଆଉଟରେ କର୍ଣ୍ଣାଟକକୁ ପରାସ୍ତ କରିଥିଲା । ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ଅମୀମାଂସିତ ରହିଥିଲା । ଶୁଟ୍ ଆଉଟରେ ସର୍ଭିସେସ୍ ସମସ୍ତ ୪ଟି ପେନାଲ୍ଟିକୁ ଗୋଲରେ ପରିଣତ କରିବାରେ ସମର୍ଥ ହୋଇଥିବା ବେଳେ କର୍ଣ୍ଣାଟକ ଦୁଇଟି କିକ୍ ମିସ୍ କରିଥିଲା ।

## ଜୋକୋଭିଚ୍‌ଙ୍କୁ ହରାଇଲେ ଡାନିଲ

ମଣ୍ଟେ କାର୍ଲୋ, ୧୯।୪

ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ମଣ୍ଟେ କାର୍ଲୋ ମାଷ୍ଟର୍ସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି । ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଡାନିଲ ମେଡଭେଡେଭ ୬-୩, ୪-୬, ୬-୨ ସେଟ୍‌ରେ ଜୋଭୋଭିଚ୍‌ଙ୍କୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଏହି ମ୍ୟାଚ୍ ଜିତିବାକୁ ରୁଷିଆର ଡାନିଲଙ୍କୁ ୨ ଘଣ୍ଟା ୨୦ ମିନିଟ୍ ସମୟ ଲାଗିଥିଲା । ଏହି ବିଜୟ ସହ ଡାନିଲ ଜୋକୋଭିଚ୍‌ଙ୍କ ବିପକ୍ଷରେ ଗତ ଅଷ୍ଟ୍ରେଲିଆନ ଓପନ୍ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି । ଜୋକୋଭିଚ୍‌ଙ୍କ ବିପକ୍ଷରେ ୪ଟି ମ୍ୟାଚ୍‌ରୁ ଏହା ତାଙ୍କ ପ୍ରଥମ ବିଜୟ ଥିଲା । ଇଣ୍ଡିଆନ୍ ୱେଲ୍ସ, ମିଆମି ଓପନ୍ ପରି ଜୋକୋଭିଚ୍ ପୁଣିଥରେ ପ୍ରଭାବୀ ପ୍ରଦର୍ଶନ କରିବାରେ ଫେଲ୍ ମାରିଛନ୍ତି ।

### ମଣ୍ଟେ କାର୍ଲୋ ମାଷ୍ଟର୍ସ



ବିଜୟ ହାସଲ ପରେ ଡାନିଲ ମେଡଭେଡେଭ

# ରାଜସ୍ଥାନ-ମୁମ୍ବାଇ ମୁକାବିଲା ଆଜି

ଜୟପୁର,୧୯।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୬ତମ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ଘରୋଇ ରାଜସ୍ଥାନ ରୟାଲ୍ସ ଶନିବାର ମୁହାଁମୁହିଁ ହେବେ । ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ରାଜସ୍ଥାନ ପାଇଁ ଅପେକ୍ଷାକୃତ ଅଧିକ ଗୁରୁତ୍ୱ ବହନ କରୁଛି । ଏପର୍ଯ୍ୟନ୍ତ ରାଜସ୍ଥାନ ଲିଗ୍‌ରେ ୮ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ୬ଟି ପରାଜୟ ସହ ୪ ପଏଣ୍ଟ ସହ ତାଲିକାର ସପ୍ତମ ଅର୍ଥାତ ଶେଷଆଡୁ ଦ୍ୱିତୀୟ ସ୍ଥାନରେ ରହିଛି । ଅନ୍ୟପଟେ ମୁମ୍ବାଇ ୯ଟି ମ୍ୟାଚ ଖେଳି ୬ଟି ବିଜୟ ଓ ୩ଟି ପରାଜୟ ସହ ୧୨ ପଏଣ୍ଟ ପାଇ ଚେନ୍ନାଇ ସୁପର କିଙ୍ଗ୍ସ ତଳକୁ ରହି ଦ୍ୱିତୀୟ ସ୍ଥାନରେ ରହିଛି । ପ୍ଲେ- ଅଫ୍ ଦୌଡରେ ସ୍ଥିତି ବଜାୟ ରଖିବାକୁ ହେଲେ ରାଜସ୍ଥାନକୁ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ । ଗତ ଶନିବାର ରାଜସ୍ଥାନ ମୁମ୍ବାଇକୁ ତା'ର ଘରୋଇ ପରିବେଶରେ ୪ ଉଇକେଟରେ ପରାସ୍ତ କରିଥିଲା । ଏବେ ଏହି ମ୍ୟାଚ୍‌ରେ ବିଜୟୀ ହୋଇ ରାଜସ୍ଥାନ ମୁମ୍ବାଇ ବିପକ୍ଷରେ ଦ୍ୱିତୀୟ ଥର ପାଇଁ ବାଜି ମାରିବା ଲକ୍ଷ୍ୟରେ ରହିଛି । ତେବେ ଘରୋଇ ପରିବେଶରେ ରାଜସ୍ଥାନ ଏଥର ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ । ୪ ଟି ମ୍ୟାଚ୍ ଖେଳି ରାଜସ୍ଥାନ ଏଠାରେ ୩ଟିରେ ପରାଜୟ ବରଣ କରିଥିବା ବେଳେ ଗୋଟିଏରେ ବିଜୟୀ ହୋଇଛି । ଘରୋଇ ଗ୍ରାଉଣ୍ଡରେ ରାଜସ୍ଥାନ କେବଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ହରାଇଛି । ଇଂଲଣ୍ଡର ଜୋସ ବଟଲର ରାଜସ୍ଥାନ ପାଇଁ ଅଧିକ ରନ୍ ସଂଗ୍ରହ କରିଛନ୍ତି । ୪୩ ବଲରୁ ୮୯ ରନ କରି ସେ ଦଳକୁ ମୁମ୍ବାଇ ବିପକ୍ଷରେ ୪ ଉଇକେଟରେ ବିଜୟୀ କରାଇଥିଲେ । ତେବେ ଦଳର ବାକି ବ୍ୟାଟ୍ସମ୍ୟାନ ସ୍ଥିର ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି ଓ ସଂଘର୍ଷ କରୁଛନ୍ତି । ଚଳିତ ଆଇପିଏଲ୍‌ର ପ୍ରଥମ ଶତକ ହାସଲ କରିଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ପରେ କିନ୍ତୁ ଏହି ପ୍ରଦର୍ଶନକୁ ବଜାୟ ରଖିବାରେ ବିଫଳ ହୋଇଛନ୍ତି । ଅଧିନାୟକ ଅଜିଙ୍କ୍ୟ ରହାନେ ଭଲ ଆରମ୍ଭ କରୁଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ପରିଣତ କରିବାରେ ସଫଳ ହୋଇନାହାନ୍ତି । ଗତ ମ୍ୟାଚ୍‌ରେ ବ୍ୟାଟିଂ କ୍ରମରେ ନିମ୍ନରେ ଆସିଥିଲେ ମଧ୍ୟ ତାହା କାମ ଦେଇ ନ ଥିଲା । ମୋହାଲିରେ ଅନୁଷ୍ଠିତ ଗତ ମ୍ୟାଚ୍‌ରେ କିଙ୍ଗ୍ସ ଇଲେଭେନ ଧାର୍ଯ୍ୟ କରିଥିବା ୧୮୨ ରନର ଟାର୍ଗେଟକୁ ପିଛା କରିବାରେ ବିଫଳ ହୋଇଥିଲା । ଏପରିକି ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ଓ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ସଂଘର୍ଷ କରୁଛନ୍ତି । ପେସ୍- ସ୍ପିନ୍ ଯୋଡି ଜୋଫ୍ରା ଆର୍ଚର ଓ ଶ୍ରେୟାସ ଆୟର ଭଲ ପ୍ରଦର୍ଶନ କରିଛନ୍ତି । ତେବେ ଡେଥ୍ ଓଭରରେ ଅତ୍ୟଧିକ ରନ୍ ବ୍ୟୟ କରୁଛନ୍ତି । ଗତ ମ୍ୟାଚ୍‌ରେ ରାହାନେ ଷ୍ଟୁଆର୍ଟ ବିନ୍ନୀ ଓ ଅଷ୍ଟନ ଟର୍ନରଙ୍କୁ ଦଳରେ ନେଇଥିଲେ ମଧ୍ୟ ଏହା କାମ ଦେଇ ନ ଥିଲା । ରାହୁଲ ତ୍ରିପାଠୀ ୪୫ ବଲରୁ ୫୦ ରନ ସଂଗ୍ରହ କରିଥିଲେ । ଅର୍ଦ୍ଧଶତକ ହାସଲ କରିବା ପରେ ସେ ନିଜ ଉଇକେଟ ଫୋପାଡି ଦେଇଥିଲେ ।

ଅପରପକ୍ଷରେ ମୁମ୍ବାଇ ଚଳିତ ସେସନରେ ଦମ୍‌ଦାର ପ୍ରଦର୍ଶନ କରିଛି । କ୍ୱାଲିଟି ସ୍ପିନରଙ୍କ ସମେତ କେତେଜଣ ପାୱାର ହିଟର ଓ ପ୍ରତିଭା ସମ୍ପନ୍ନ ଅଲରାଉଣ୍ଡର ଦଳରେ ରହିଛନ୍ତି । ପୂର୍ବରୁ ୩ଥର ଟାଇଟଲ ଜିତିଥିବା ମୁମ୍ବାଇ ଗତ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୪୦ ରନରେ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସଠାରୁ ମୁମ୍ବାଇ ପ୍ରତିଶୋଧ ନେଇ ପ୍ଲେ-ଅଫ୍‌ର ନିକଟତର ହେବା ଲକ୍ଷ୍ୟରେ ରହିଛି । ଅଧିନାୟକ ରୋହିତ ଶର୍ମା ଟି୨୦ରେ ୮,୦୦୦ ରନ ପୂରଣ କରିଛନ୍ତି । କ୍ୱିଣ୍ଟନ ଡିକକ୍ ଓ ପାଣ୍ଡ୍ୟା ବ୍ରଦର୍ସ ଦଳକୁ ଜିତାଇଥିଲେ । ଦୁଇଜଣ ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରା ଓ ଲସିଥ ମାଲିଙ୍ଗା ଏପର୍ଯ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି । ବୁମ୍‌ରା ଏପର୍ଯ୍ୟନ୍ତ ୧୦ ଉଇକେଟ ହାସଲ କରିଛନ୍ତି । ଯୁବ ଲେଗ୍ ସ୍ପିନର ରାହୁଲ ଚହର ଦିଲ୍ଲୀ ବିପକ୍ଷରେ ୩ ଉଇକେଟ ନେଇଥିଲେ । କ୍ରୁନାଲ ପାଣ୍ଡ୍ୟା ମଧ୍ୟ ବେଶ୍ ଭଲ ବୋଲିଂ କରିଥିଲେ । ଆଇପିଏଲ୍ ଇତିହାସରେ ଏପର୍ଯ୍ୟନ୍ତ ଦୁଇ ଦଳ ପରସ୍ପରକୁ ୨୨ଥର ଭେଟିଛନ୍ତି । ମୁମ୍ବାଇ ୧୧ଥର ବିଜୟୀ ହୋଇଥିବା ବେଳେ ରାଜସ୍ଥାନ ୧୦ଥର ବାଜି ମାରିଛି । ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ୨୦୦୯ରେ ବାତିଲ ହୋଇଥିଲା ।



ଅଭ୍ୟାସ ସେସନ ଅବସରରେ ରାଜସ୍ଥାନ ରୟାଲ୍ସର ଷ୍ଟିଭ ସ୍ମିଥ ।




■ କଂଗ୍ରେସ ଅଭିଯୋଗର ଜବାବ ରଖିଲା ବିଜେଡି

# ପରାଜୟ ଭୟରେ ମିଥ୍ୟାରୋପ କରୁଛି କଂଗ୍ରେସ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତା।

**ନାଉଗାଁ,୧୯।୪(ସ୍ୱ.ପ୍ର.)**

ନାଉଗାଁ ବ୍ଲକ କଂଗ୍ରେସ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଯେଉଁସବୁ ଅଭିଯୋଗ କରାଯାଇଥିଲା ତାହାର ଜବାବ ରଖିଛି ବିଜେଡି। ଶୁକ୍ରବାର ବ୍ଲକ ବିଜେଡି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ କଂଗ୍ରେସର ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ। ପରାଜୟ ଭୟରେ କଂଗ୍ରେସ ଏପରି ମିଥ୍ୟାରୋପ କରୁଛି। ସାରା ରାଜ୍ୟରେ ବିଜେଡିର ସ୍ଥିତି ଦୃଢ ରହିଛି ଓ ଜଗତସିଂହପୁର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ବହୁ ଆଗରେ ଅଛନ୍ତି। ଏହାକୁ ଦେଖି କଂଗ୍ରେସ ଭୟଭୀତ ହୋଇପଡିଛି ବୋଲି ବ୍ଲକ ବିଜେଡି ସଭାପତି ସୁଜିତ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ବ୍ଲକ ନିର୍ବାଚନ କମିଟି ସଦସ୍ୟ ନଟବର ପ୍ରଧାନ, ବିଜୁ କୃଷକ ଜନତା ଦଳ ଜିଲା ସଭାପତି ତଥା ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ପ୍ରକାଶ ଚନ୍ଦ୍ର ବସ୍ତିଆ, ଯୁବ ସଭାପତି ପ୍ରତ୍ୟୁଷ ପରିଡ଼ା, ବରିଷ୍ଠ ଯୁବନେତା ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ କହିଛନ୍ତି। ସେମାନେ କହିଛନ୍ତି ଯେ, ବିଜେଡି ସରକାରୀ କଳର କୌଣସି ପ୍ରକାର ଦୁରୁପଯୋଗ କରୁନାହିଁ। ପୂର୍ବତନ ଜିଲା ପରିଷଦ ସଭ୍ୟା ଏଲିନା ଦାସଙ୍କ ସମୟରେ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ଗ୍ରାମରେ ମହିଳା ସଙ୍ଗଠନ କରାଯାଇଥିଲା। ସେହି ବିଜେଡି ମହିଳା ସଙ୍ଗଠନଗୁଡିକୁ ଏକତ୍ରିତ କରାଯାଇ ସଭା କରାଯାଉଛି। ଏଥିରେ ସରକାରୀ କଳର କୌଣସି ଭୂମିକା ନାହିଁ। ସେହିପରି ଜଗତସିଂହପୁର ଏସ୍‌ଭିଏମ୍ କଲେଜରେ ରଞ୍ଜିତ ଦାସ ଜଣେ କର୍ମଚାରୀ। ସେ କଲେଜ କ୍ୟାମ୍ପସରେ ଥିବାବେଳେ ଅନ୍ୟ ପିଲା ରହିଥିଲେ। ପୋଲିସ ଅନ୍ୟ ପିଲାଙ୍କଠାରୁ ବନ୍ଧୁକ ଜବତ କରିଥିବାବେଳେ ରଞ୍ଜିତଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିଛି ବୋଲି ବିଜେଡି ଅଭିଯୋଗ କରିଛି। ଏହାର ଉପଯୁକ୍ତ ତଦନ୍ତ କରାଗଲେ ସତ୍ୟ ସାମ୍ନାକୁ ଆସିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦଳରେ କୌଣସି ପ୍ରକାର ଗୁଣ୍ଡାରାଜକୁ ପ୍ରଶୟ ଦିଆଯାଉନାହିଁ। ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ଶେଷ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କୁହାଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନିଆରା ପରମ୍ପରା: ମହିଷାଶୁଣୀ ପୀଠରେ ହାଣ୍ଡିଭଙ୍ଗା ଉତ୍ସବ

**ଖଣ୍ଡପଡା,୧୯।୪(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ପଞ୍ଚାୟତର ମହୁଲପଡ଼ା ଗ୍ରାମରେ ବିରାଜିତା ମା'ମହିଷାଶୁଣୀ ଇଷ୍ଟ ଠାକୁରାଣୀ ଭାବେ ପରିଚିତ । ଏହି ପୀଠରେ ପାଳିତ ହେଉଥିବା ମାନସିକ ପର୍ବ ତଥା ହାଣ୍ଡିଭଙ୍ଗା ଉତ୍ସବ ଏକ ନିଆରା ପରମ୍ପରା। ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳର ଅଭାବ ଯୋଗୁ ଲୋକେ ନଳକୂପର ଫ୍ଲୋରାଇଡ ଯୁକ୍ତ ପାଣି ବ୍ୟବହାର କରି ନାନା ରୋଗରେ ପୀଡିତ ହେଉଥିବା ଅଭିଯୋଗ କରିଛନ୍ତି।

ମହୁଲପଡା ଓ ଏହାର ଆଖପାଖ ଅଞ୍ଚଳରେ ଲୋକେ ଚୈତ୍ର ପୂର୍ଣ୍ଣମୀକୁ ହାଣ୍ଡିଭଙ୍ଗା ପୂର୍ଣ୍ଣମୀ ଭାବେ ପାଳନ କରିଥାନ୍ତି । ଏହି ପର୍ବ ବା ଉତ୍ସବ ଶୁକ୍ରବାର ଚୈତ୍ର ପୂର୍ଣ୍ଣମୀ ଠାରୁ ଆରମ୍ଭ ହୋଇ ରବିବାର ୩ଦିନ ଯାଏ ପାଳିତ ହେଉଛି। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସଂସାରର ମଙ୍ଗଳ କାମନା କରାଯାଇ ମା'ମହିଷାଶୁଣୀ ପୀଠରେ ଅହୋରାତ୍ର ନାମ ସଂକୀର୍ତ୍ତନ କରାଯାଇଥାଏ । ମହୁଲପଡା ଗ୍ରାମର ଗୃହିଣୀମାନେ ଚୈତ୍ର ପୂର୍ଣ୍ଣମୀ ସକାଳୁ ସ୍ନାନ କରି ଶୁଦ୍ଧପୂତ ଭାବେ ଘରୁ ରୋଷେଇ ସାମଗ୍ରୀମାନ ନେଇ ମା'ମହିଷାଶୁଣୀଙ୍କ ପାଖରେ ମାନସିକ ରଖି ପୂଜାର୍ଚ୍ଚନା କରିଥାନ୍ତି । ପରେ ଗ୍ରାମ ଦେବତୀ ମା'ମହିଷାଷୁଣୀ ମନ୍ଦିର ବେଢାରେ ଚୁଲି ଖୋଳି ମାଟିହାଣ୍ଡିରେ ଅନ୍ନ ଭୋଗ ରୋଷେଇ କରିଥାନ୍ତି । ଏହି କାର୍ଯ୍ୟକ୍ରମରେ ମହୁଲପଡା, ଦରଦା, ଜଗନ୍ନାଥ ପ୍ରସାଦ ଏବଂ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଯୋଗ ଦେଇଥିଲେ। ଏତେ ସଂଖ୍ୟକ ମହିଳାମାନଙ୍କ ରୋଷେଇ ପ୍ରସ୍ତୁତିରେ ମନ୍ଦିର ବେଢ଼ା ମଧ୍ୟରେ ସ୍ଥାନାଭାବ ଯୋଗୁ ନିକଟସ୍ଥ ଜମିରେ ମହିଳାମାନେ ଚୁଲି ଖୋଳି ମାଟି ହାଣ୍ଡିରେ ଅନ୍ନ ପ୍ରସାଦ ପ୍ରସ୍ତୁତ କରିଥିଲେ। ମନ୍ଦିରର ପୂଜକ ମା'ଙ୍କ ପୂଜା ସାରି ପ୍ରଥା ଅନୁସାରେ ପ୍ରତ୍ୟେକଙ୍କ ମାଟି ହାଣ୍ଡିରୁ ପ୍ରସ୍ତୁତ ଅନ୍ନ ଭୋଗକୁ ମା'ଙ୍କ ଉଦ୍ଦେଶ୍ୟରେ ଲାଗି କରିଥିଲେ । ପରେ ପୂଜାରୀ ଓ ମହିଳାମାନେ ଘରୁ ଆଣିଥିବା ଧାତୁ ପାତ୍ରରେ ଅନ୍ନ ପ୍ରସାଦ କାଢ଼ି ଦେଇଥିଲେ। ସମସ୍ତଙ୍କ ଅନ୍ନ ଭୋଗ ମାଟି ହାଣ୍ଡିରୁ ଖାଲି ହେବା ପରେ ମହିଳାମାନେ ରୋଷେଇ ହୋଇଥିବା ଖାଲି ମାଟି ହାଣ୍ଡିକୁ ପୁଷ୍କରିଣୀ କୂଳକୁ ନେଇ କାଠଫାଳିଆରେ ବାଡେଇ ଭାଙ୍ଗିଥିଲେ। ପରେ ପୁଷ୍କରିଣୀରେ ବୁଡି ସ୍ନାନ କରିଥିଲେ । ଏହା ହାଣ୍ଡିଭଙ୍ଗା ଉତ୍ସବ ଭାବେ ଖ୍ୟାତ । ଏହି ପର୍ବକୁ ମହିଳାମାନେ ସେମାନଙ୍କ ସନ୍ତାନ ସନ୍ତତି ତଥା ପରିବାରର ମଙ୍ଗଳ କାମନାକରି ପାଳନ କରିଥାନ୍ତି । ଚୈତ୍ର ପୂର୍ଣ୍ଣମୀରେ ଏହି ହାଣ୍ଡିଭଙ୍ଗା ଉତ୍ସବରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ । ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଠାକୁରାଣୀଙ୍କ ପାଖକୁ ଆସି ପୂଜାର୍ଚ୍ଚନା କରିଥିଲେ। ଏହି ପୂର୍ଣ୍ଣମୀ ଅବସରରେ ଗ୍ରାମବାସୀ ଭଜନ କୀର୍ତ୍ତନ କରି ମନ୍ଦିର ନିକଟ ଜଳାଶୟରୁ କୁମ୍ଭ ବୁଡାଇ ଏକ କଳସ ଶୋଭାଯାତ୍ରାରେ ଆସି ଗ୍ରାମର ଶ୍ରୀମଦ୍ ଭଗବତ୍ ଚୈତନ୍ୟ ଠାକୁରଙ୍କୁ ନିମନ୍ତ୍ରଣ କରି ମା'ମହିଷାଶୁଣୀ ପୀଠରେ ସ୍ଥାପନ କରିଥିଲେ । ପରେ ସେଠାରେ ଯଜ୍ଞର ଆୟୋଜନ ହୋଇଥିଲା । ଶନିବାର ଦିନସାରା ସଂକୀର୍ତ୍ତନ ଓ ନାଟକ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ବୋଲଗଡ଼ ବ୍ଲକ: ଅଧିକ ସଂଖ୍ୟାରେ ଶୃଙ୍ଖଳିତ ମତଦାନ ପାଇଁ ପ୍ରସ୍ତୁତି

**ବୋଲଗଡ଼,୧୯।୪(ଡି.ଏନ.ଏ.)**

ଚଳିତ ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ସଂଖ୍ୟାରେ ମତଦାତା ଯେପରି ଶାନ୍ତିପୂର୍ଣ୍ଣ ଭାବେ ଅବାଧ ଓ ନିରପେକ୍ଷ ଭୋଟ ଦେଇପାରିବେ ସେଥିନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ବୋଲଗଡ଼ ବ୍ଲକ ଅଞ୍ଚଳରେ ୧୨୧ଟି ବୁଥ୍‌ରେ ମତଦାନ କରାଯିବ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବ୍ଲକ ଅଞ୍ଚଳରେ ଥିବା ୧୭ଟି ବୁଥ୍ ସମ୍ବେଦନଶୀଳ ଭାବେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ଏଥିରୁ ୧୦ଟି ବୁଥ୍‌ରେ ମାଇକ୍ରୋ ଅବ୍‌ଜର୍‌ଭର ନିଯୁକ୍ତି ହେବେ । ସେହିପରି ଅନ୍ୟ କେତେକ ବୁଥ୍‌ରେ ଲାଇଭ୍ କ୍ୟାମେରା ବ୍ୟବସ୍ଥା କରାଯିବ। ଅତି ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ ସ୍ଥାନରେ କେନ୍ଦ୍ରୀୟ ଶସ୍ତ୍ରବଳ ମୁତୟନ ହେବ । ଭୌଗୋଳିକ ଅବସ୍ଥିତି ଓ ରାସ୍ତା ଯୋଗାଯୋଗ ଆଧାରରେ ବ୍ଲକ ଅଞ୍ଚଳର ସମସ୍ତ ବୁଥ୍‌କୁ ନିର୍ବାଚନ ପାଇଁ ୧୦ଟି ସେକ୍ଟରରେ ବିଭକ୍ତ କରାଯାଇଛି । ଏଥିପାଇଁ ୧୦ଜଣ ସେକ୍ଟର ଅଫିସର୍ ନିଯୁକ୍ତ ହୋଇଛନ୍ତି। ୩ ଜଣ ସେକ୍ଟର ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଛନ୍ତି। ବୋଲଗଡ଼ ବିଡିଓ ଓ ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ନିର୍ବାଚନକୁ ପ୍ରତ୍ୟକ୍ଷ ଭାବେ ପରିଚାଳନା କରିବେ। ପ୍ରତି ବୁଥ୍‌ରେ ଜଣେ ଲେଖାଏ ପ୍ରିଜାଇଡିଂ ଅଫିସର ଏବଂ ୫ଜଣ ଲେଖାଏ ପୋଲିଂ ଅଫିସର ନିଯୁକ୍ତ ହେବେ । ଏଥିସହିତ ପ୍ରତି ବୁଥ୍‌ରେ ଜଣେ ଲେଖାଏ ପୋଲିସ କର୍ମଚାରୀ ମଧ୍ୟ ରହିବେ । ସମସ୍ତ ବୁଥ୍ ପାଇଁ ୧୨୧ଜଣ ପ୍ରିଜାଇଡିଂ ଅଫିସର, ୬୦୫ ଜଣ ପୁଲିଂ ଅଫିସର ନିଯୁକ୍ତ ହେବେ ବୋଲି ସୂଚନା ମିଳିଛି। ନିର୍ବାଚନ ପ୍ରକ୍ରିୟାକୁ ଠିକ୍ ଭାବେ ପରିଚାଳନା କରିବାକୁ ପୋଲିଂପାର୍ଟିମାନଙ୍କୁ ତାଲିମ ଦିଆଯାଇଛି। ପୋଲିଂପାର୍ଟିଙ୍କୁ ଦିବ୍ୟାଙ୍ଗଙ୍କ ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ସ୍ୱତନ୍ତ୍ର ପରିବହନ ବ୍ୟବସ୍ଥା ସହ ବୁଥ୍ ଅଞ୍ଚଳରେ ର୍‌ୟାମ୍ପ, ହୁଇଲ୍‌ଚେୟାର ବ୍ୟବସ୍ଥା କରାଯିବ । ଏଥିସହିତ ଦୃଷ୍ଟିବାଧିତଙ୍କ ପାଇଁ ଡେମୋ ବ୍ରେଲି ବାଲାଟ ପେପର୍ ବ୍ୟବସ୍ଥା ମଧ୍ୟ ରହିଛି । ନିର୍ବାଚନରେ ଅଧିକରୁ ଅଧିକ ସଂଖ୍ୟାରେ ଭୋଟର୍ ଯେପରି ମତଦାନରେ ସାମିଲ ହୋଇପାରିବେ ସେଥିପାଇଁ ୨ଟି ସ୍ଥାନରେ ମଡେଲ୍ ବୁଥ୍‌ର ବ୍ୟବସ୍ଥା କରାଯିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବୁଥ୍ ଅଞ୍ଚଳରେ ଅସ୍ଥାୟୀ ଛାମୁଡିଆ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯିବ । ଦୃଷ୍ଟିହୀନଙ୍କ ପାଇଁ ଶାନ୍ତିଶୃଙ୍ଖଳା, ନିରପେକ୍ଷ ଓ ଅବାଧ ମତଦାନ ଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ବୋଲଗଡ ବିଡିଓ ମଧୁସୂଦନ ବେହେରା ସୂଚନା ଦେଇଛନ୍ତି। ବୋଲଗଡ଼ ବ୍ଲକ ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ । ଭୁବନେଶ୍ୱର ଲୋକ ସଭା ସଦସ୍ୟ ପାଇଁ ୧୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପଦବୀ ପାଇଁ ମୋଟ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୂଚନା ମିଳିଛି ।

### ମା' ହିଙ୍ଗୁଳା ଠାକୁରାଣୀଙ୍କ ଜନ୍ମୋତ୍ସବ

**ଖଣ୍ଡପଡା,୧୯।୪(ସ୍ୱ.ପ୍ର.)**

କଣ୍ଟିଲୋ ହାଟମୁଣ୍ଡପାଟଣାସ୍ଥିତ ମା' ହିଙ୍ଗୁଳା ଦେବୀଙ୍କର ଜନ୍ମୋତ୍ସବ ଶୁକ୍ରବାର ଚୈତ୍ର ପୂର୍ଣ୍ଣମୀରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୋମଯଜ୍ଞ କରାଯାଇଥିବା ବେଳେ ସନ୍ଧ୍ୟାରେ ଗଣିଆ, କେନ୍ଦୁପଲ୍ଲୀ ଓ ନୂଖାପଡା ମହିଳା ଭାଗବତ ମଣ୍ଡଳୀ ପକ୍ଷରୁ ବାଦୀ ଭାଗବତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

■ ଟ୍ରକ୍ ଚାପାରେ ଆହତଙ୍କ ମୃତ୍ୟୁ

# ୨୦ ଲକ୍ଷ କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ଟାୟାର ଜାଳି ରାସ୍ତାରୋକା କରାଯାଉଛି ।

**ନୟାଗଡ଼ ଅଫିସ,୧୯।୪**

ଗତ ୬ ତାରିଖରେ ଇଟାମାଟି ଥାନା ଘଡୁଆଳସ୍ଥିତ ପେଟ୍ରୋଲ ଟାଙ୍କି ନିକଟରେ ଟ୍ରକ୍ ଚାପାରେ ଝିଅର ମୃତ୍ୟୁ ହୋଇଥିବା ବେଳେ ବାପ ଓ ପୁଅ ଗୁରୁତର ହୋଇଥିଲେ। ୧୨ଦିନ ଚିକିତ୍ସିତ ହେବା ପରେ ଶୁକ୍ରବାର ଆଖି ବୁଜିଛନ୍ତି ବାପା ସାଗର ମହାରଣା। ପରିବାର ଲୋକେ କ୍ଷତିପୂରଣ ଦାବିରେ ଅପରାହ୍ନ ୫ଟାରୁ ୫୭ନଂ. ଜାତୀୟ ରାଜପଥର ମଞ୍ଜୁରିଆପଲ୍ଲୀ ଛକଠାରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ସାଗରଙ୍କ ଭାଇ ପତିଆ ଓ ସ୍ତ୍ରୀ ରଞ୍ଜିତା ଦାବି କରିଛନ୍ତି। ପ୍ରକାଶ ଯେ ଏପ୍ରିଲ ୬ ତାରିଖରେ ନୟାଗଡ଼ ବ୍ଲକ ଲାଠିପଡ଼ା ଗ୍ରାମ କାଦୁଆସାହିର ସାଗର ମହାରଣା (୩୫)ଙ୍କ ବଡ଼ପୁଅ ଚିନ୍ମୟ(୧୦) ନୟାଗଡ଼ ଜବାହର ନବୋଦୟ ବିଦ୍ୟାଳୟରେ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ଦେବାକୁ ଆସିଥିଲେ। ସାଗର ନିଜ ବାଇକ୍‌ରେ ପୁଅ ଚିନ୍ମୟଙ୍କ ସହ ସ୍ତ୍ରୀ ରଞ୍ଜିତା ଓ ସାନଝିଅ ଲକ୍ଷ୍ମୀ (୭)କୁ ଧରି ଜବାହର ନବୋଦୟ ବିଦ୍ୟାଳୟକୁ ଆସିଥିଲେ। ସମସ୍ତେ ଘରକୁ ଫେରିବା ବେଳେ ପେଟ୍ରୋଲ ଟାଙ୍କିରୁ ତେଲ ପକାଇ ବାହାରୁଥିବା ସମୟରେ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ପଛ ପଟେ ବସିଥିବା ରଞ୍ଜିତା ଡ଼େଇଁ ପଡ଼ିଥିବା ବେଳେ ଅନ୍ୟମାନେ ଟ୍ରକ୍ ଚକା ତଳେ ରହି ଯାଇଥିଲେ। ଘଟଣାସ୍ଥଳରେ ଦ୍ୱିତୀୟ ଶ୍ରେଣୀ ପରୀକ୍ଷା ଦେଇଥିବା ଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଥିଲା। ପରେ ଗୁରୁତର ସାଗର ଓ ଚିନ୍ମୟଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସେମାନଙ୍କୁ କଟକ ବଡ଼ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସାଗରଙ୍କ ମୃତ୍ୟୁ ଘଟିଛି। ଚିନ୍ମୟଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିବାରୁ ସେ ଘରେ ବସି ରହୁଛନ୍ତି। ରାସ୍ତାରୋକୋ ଖବର ପାଇ ଇଟାମାଟି ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ରାତି ୯ଟା ସୁଦ୍ଧା ରିପୋର୍ଟ ଲେଖା ହେଲାବେଳକୁ ରାସ୍ତାରୋକୋ ଜାରି ରହିଛି।

## ସୀତାଙ୍କୁ ହରଣ କଲେ ରାବଣ

**ପୁରୀ ଅଫିସ, ୧୯।୪**

ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ସାହିଯାତର ଶୁକ୍ରବାର ଥିଲା ୫ମ ସନ୍ଧ୍ୟା। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ମାୟାମୃଗ ଓ ସୀତା ହରଣ ପ୍ରସ୍ତାବ ଆଗତ ହୋଇଥିଲା। ପିତୃ ସତ୍ୟ ରକ୍ଷା କରି ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ ଏବଂ ପତ୍ନୀ ସୀତାଙ୍କ ସହ ୧୪ବର୍ଷ ବନବାସରେ ଯାଇ ପଞ୍ଚବଟୀ ବନରେ କୁଡିଆ କରି ଅବସ୍ଥାନ କରୁଥିଲେ। ରାବଣର ନିର୍ଦ୍ଦେଶ କ୍ରମେ ମାୟାବୀ ମାରିଚ ଏକ ସୁନା ହରିଣର ରୂପ ଧରି ପଞ୍ଚବଟୀରେ ପହଞ୍ଚିଥିଲେ। ତାର ରୂପ ଦେଖି ଜାନକୀ ମୋହିତ ହୋଇ ତାକୁ ଧରି ଆଣିବା ଲାଗି ଶ୍ରୀରାମଙ୍କୁ ଅନୁରୋଧ କରିବାରୁ ଲକ୍ଷ୍ମଣଙ୍କୁ ସୀତାଙ୍କ ସୁରକ୍ଷା ଦାୟିତ୍ୱ ଦେଇ ଶ୍ରୀରାମ ତାକୁ ଆଣିବାକୁ ବାହାରିଥିଲେ। ମାୟାମୃଗ ଶ୍ରୀରାମଙ୍କୁ ପଞ୍ଚବଟୀ ଠାରୁ ବହୁ ଦୁରକୁ ନେଇଯିବାରୁ ଫେରିବା ବିଳମ୍ବ ଦେଖି ଜାନକୀ ବ୍ୟତୀବ୍ୟସ୍ତ ହୋଇପଡନ୍ତି। ଏହି ସମୟରେ ଶ୍ରୀରାମଙ୍କ ଅସ୍ତ୍ରରେ ହରିଣ ଆହତ ହୋଇ ନିଜ ରୂପକୁ ଫେରି ବଞ୍ଚାଅ ଲକ୍ଷ୍ମଣ ଓ ସୀତେ ବୋଲି ପାଟି କରନ୍ତି। ଭାତ୍ରାଙ୍କୁ ସହଯୋଗ ଲାଗି ଯିବା ଲାଗି ଜାନକୀ ଲକ୍ଷ୍ମଣଙ୍କୁ ବାଧ କରନ୍ତି। ଶେଷରେ ଲକ୍ଷ୍ମଣ ମାତାଙ୍କ କୁଡିଆ ଘର ଚାରିପଟେ ଏକ ରେଖା ଟାଣି ଚାଲିଯାଆନ୍ତି। ଲକ୍ଷ୍ମଣ ଚାଲିଯିବାରେ ଲଙ୍କାପତି ରାବଣ ଏକ ସାଧୁ(ଛଦ୍ମବେଶ)ବେଶରେ ପଞ୍ଚବଟୀ କୁଡିଆ ଘରକୁପ୍ରବେଶ କରିବା ଲାଗିଉଦ୍ୟମ କରି ବିଫଳ ହୁଅନ୍ତି। କୁଡିଆ ଆଗରେ ଠିଆ ହୋଇ ଭିକ୍ଷା ମାଗନ୍ତି। ଲକ୍ଷ୍ମଣଙ୍କ ନିର୍ଦ୍ଦେଶ କ୍ରମେ ଜାନକୀ ଟଣାଯାଇଥିବା ରେଖା ବଳୟକୁ ପାର ନ କରି ଭିକ୍ଷା ଦିଅନ୍ତି। ତେବେ ଛଦ୍ମବେଶୀ ରାବଣଙ୍କ ବାରମ୍ବାର ଅନୁରୋଧ ପରେ ସୀତା ରେଖା ବାହାରକୁ ବାହାରି ଭିକ୍ଷା ଦେବା ବେଳେ ରାବଣ ସୀତାଙ୍କୁ ହରଣ କରି ନିଅନ୍ତି।

ଶ୍ରୀରାମ ନବମୀ ଠାରୁ ଆରମ୍ଭ ହୋଇଥିବା ସାହିଯାତକୁ ନେଇ ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇ ଉଠିଛି। ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀରେ ରାମଲୀଳାର ମାୟା ମୃଗ ଓ ସୀତା ହରଣ ନୀତି ସମ୍ପର୍ଣ୍ଣ ହୋଇଛି। ୨୨ଟି ଜାଗା ଆଖଡାକୁ ନେଇ ଗଠିତ କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ଏହି ନୀତି ସମ୍ପାଦନ କରାଯାଇଛି।

■ ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

# ଗ୍ରାମବାସୀ ସେସୁ କର୍ମଚାରୀଙ୍କୁ ଘେରିଲେ

**ନିରାକାରପୁର,୧୯।୪(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ବିଦ୍ୟୁତ୍ ବିଭାଗ ଅଧୀନ ଲେଣ୍ଡୋ ପଞ୍ଚାୟତ ଭଗବତୀପଡ଼ାଠାରେ ଖୁଣ୍ଟରେ କାମ କରୁଥିବାବେଳେ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସୌଭାଗ୍ୟ ଯୋଜନାରେ କାମ କରୁଥିବା ବେଳେ ୧୧କେ.ଭି. ତାର ସଂସ୍ପର୍ଶରେ ଆସିବାରୁ ଏହି ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି କେନ୍ଦୁଝରର ଅଞ୍ଚଳର ଦିଲୀପ ମୁଣ୍ଡା(୨୭) । ସେ ଜଣେ ଠିକାଦାରଙ୍କ ପାଖରେ କାମ କରୁଥିଲେ। ଉକ୍ତ ଘଟଣା ନେଇ ନିରାକାରପୁର କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ମଣ୍ଡଳ ପୁରୀ ଜିଲା ଗଡ଼ିଶାଗଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ କର୍ମଚାରୀ ଖାମଖିଆଲ ଭାବେ ବିଦ୍ୟୁତ୍ ସଂଯୋଗ ନ କାଟି ଦିଲୀପଙ୍କୁ ଖୁଣ୍ଟରେ ଚଢ଼ାଇବାରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଉତ୍ତେଜିତ ଗ୍ରାମବାସୀ ସେସୁ କର୍ମଚାରୀଙ୍କୁ ଘେରାଉ କରିଥିଲେ। ଉଲ୍ଲେଖଯୋଗ୍ୟ, ବିଦ୍ୟୁତ୍ ସଂଯୋଗ ବ୍ୟାହତ କରାଗଲା କି ନାହିଁ ତାହା ତଦାରଖ କରି କର୍ମଚାରୀଙ୍କୁ ଖୁଣ୍ଟରେ ଚଢ଼ାଇବା ଆବଶ୍ୟକ। କିନ୍ତୁ ଏଥିରେ ବ୍ୟତିକ୍ରମ ହେବାରୁ ଜଣେ ଶ୍ରମିକଙ୍କ ଅକାଳରେ ଜୀବନ ଚାଲିଯାଇଥିବା ବିଭିନ୍ନ ମହଲରେ କୁହାଯାଇଛି। ଦିଲୀପଙ୍କୁ ବିଦ୍ୟୁତ୍ ଆଘାତ ଲାଗିବା ପରେ ଉପସ୍ଥିତ କର୍ମଚାରୀଙ୍କ ମଧ୍ୟରୁ ଜଣେ ଦୌଡ଼ି ଯାଇ ବାଉଁଶ ବାଡ଼ିରେ ତାରକୁ ପିଟି ଜୀବନରକ୍ଷା କରିବାକୁ ଚାହିଁଥିଲେ ବୋଲି ଭଗବତୀପଡ଼ା ଗ୍ରାମର କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏ ନେଇ ବିଦ୍ୟୁତ୍ ସଂଯୋଗ କାଟିବା ଦାୟିତ୍ୱରେ ଥିବା ନିରାକାରପୁର ସେସୁ କର୍ମଚାରୀ ଉମ୍ବରଧର ମହାପାତ୍ର କହିଛନ୍ତି, ଆମେ ଟ୍ରାନ୍ସଫର୍ମର ପାଖରୁ ବିଦ୍ୟୁତ୍ କାଟି ହ୍ୟାଣ୍ଡେଲରେ ଚାବି ପକାଇଥିଲୁ, ତେବେ କରେଣ୍ଟ କେମିତି



କର୍ମଚାରୀଙ୍କୁ ଗ୍ରାମବାସୀ ଘେରାଉ କରିଛନ୍ତି।

ଆସିଲା ଜାଣିହେଉନି। ସେଠାରେ ଉପସ୍ଥିତ ଅନ୍ୟ ଜଣେ କର୍ମଚାରୀ ବିପିନ ବିହାରୀ ରାଉତ କହିଥିଲେ, ଆମେ ହାଣ୍ଡେଲରେ ଚାବି ପକାଇଛୁ, ତା, ଛଡ଼ା ଏଠାକୁ ବାଉଁଶ କେଉଁଠୁ ଆଣିବୁ । ଲୋକେ ମିଛ କହୁଛନ୍ତି ବୋଲି ରାଉତ କହିଥିଲେ । ଠିକାଦାରଙ୍କ ପାଖରେ ଉପସ୍ଥିତ ଜଣେ ଶ୍ରମିକ କାଳୁ ନାୟକ କହିଥିଲେ, ଡିସ୍‌ଚାର୍ଜ ରଡ୍ ପକାଇ ଆମେ ବିଦ୍ୟୁତ୍ ବିଷୟରେ ଚେକ୍ କରିବା କଥା । ତାହା ଚେକ୍ କରିନୁ କି ଡିପାର୍ଟମେଣ୍ଟ କର୍ମଚାରୀ ଚେକ୍ କରିନାହାନ୍ତି । ଫଳରେ ଏଭଳି ଅଘଟଣ ଘଟିଥିବା ସେ ପ୍ରକାଶ କରିଛନ୍ତି । ନିରାକାରପୁର ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ମଣ୍ଡଳ ଏ ଘଟଣା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ଏଚ୍ ଟି ରଥ ଏଣ୍ଟରପ୍ରାଇଜର୍ ଏହି କାର୍ଯ୍ୟ ନେଇଛି। ଉକ୍ତ କାର୍ଯ୍ୟର ଠିକାଦାର ଏସ୍ କେ ରଥ ବୋଲି ସେ ସୂଚନା ଦେଇଛନ୍ତି ।

■ ଓଡ଼ଗାଁରେ ଶ୍ରୀରାମ ନବମୀ ଯାତ୍ରାର ଷଷ୍ଠ ସନ୍ଧ୍ୟା

# ଶ୍ରୀରାମ ବନବାସ ନିମନ୍ତେ ଦକ୍ଷିଣାଭିମୁଖୀ

**ଓଡ଼ଗାଁ,୧୯।୪(ସ୍ୱ.ପ୍ର.)**

ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ନବଦିନ ବ୍ୟାପୀ ଶ୍ରୀରାମ ନବମୀ ଯାତ୍ରାର ବୁଧବାର ପଞ୍ଚମ ସନ୍ଧ୍ୟାରେ ପ୍ରଭୁଙ୍କ ବିବାହ ଉତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀରାମ ବିରାଟ ଶୋଭାଯାତ୍ରାରେ ବାହାରି ଜନକ ନନ୍ଦିନୀ ଜାନକୀଙ୍କ ବରଣମାଳା ସ୍ୱୀକାର କରିବା ସହିତ ବିବାହ ସମ୍ପନ୍ନ କରିଥିଲେ। ଶୁକ୍ରବାର ସନ୍ଧ୍ୟା ବେଶ ଦର୍ଶନରେ ପ୍ରଭୁ ସପତ୍ନୀକ ଅନୁଜ ଲକ୍ଷ୍ମଣଙ୍କ ସହିତ ବନ ଗମନ ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା । ଦଶରଥଙ୍କ ଆଜ୍ଞାନୁସାରେ ରାଜାଭିଷେକର ଅବ୍ୟବହିତ ପୂର୍ବରୁ ପ୍ରଭୁଙ୍କୁ ପିତୃସତ୍ୟ ପାଳନ ଉଦ୍ଦେଶ୍ୟରେ ୧୪ବର୍ଷ ବନବାସ ଯିବାକୁ ପଡିଛି। ମାତା ଜାନକୀ ଓ ଅନୁଜ ଲକ୍ଷ୍ମଣ ଶ୍ରୀରାମଙ୍କ ଅନୁଗାମୀ ହୋଇଛନ୍ତି । ଏଥି ନିମନ୍ତେ ସମସ୍ତ ରାଜକୀୟ ପରିପାଟୀ ପରିତ୍ୟାଗ କରି ବନବାସୀ ବେଶରେ ପ୍ରଭୁ ଦକ୍ଷିଣାଭିମୁଖୀ ହୋଇ ବନ ଗମନ କରୁଥିବା ଦୃଶ୍ୟ ଭକ୍ତଙ୍କ ଚକ୍ଷୁରେ ଅଶ୍ରୁପ୍ଲାବିତ କରିଛି । ବର୍ଷର ଗୋଟିଏ ଦିନ ଅର୍ଥାତ୍ ବନଗମନ ସମୟରେ ହିଁ ଶ୍ରୀଜୀଉ ଦକ୍ଷିଣାଭିମୁଖୀ ହୋଇ ଉତ୍ତରରେ ଥିବା ଅଯୋଧ୍ୟାରୁ ଦକ୍ଷିଣରେ ଥିବା ଦଣ୍ଡକାରଣ୍ୟ ଅଭିମୁଖେ ଯାତ୍ରାରମ୍ଭ କରିଥାନ୍ତି । ଶ୍ରୀଜୀଉଙ୍କ ବନବାସ କାଳରେ ଅର୍ଥାତ୍ ଯାତ୍ରା ସପ୍ତମ ସନ୍ଧ୍ୟାରେ ପ୍ରଭୁ ଚିତ୍ରକୂଟ ପର୍ବତରେ ମାତା ଜାନକୀଙ୍କୁ କୋଳାଗ୍ରତ କରି ବିଶ୍ରାମ କରୁଥିବା ଦୃଶ୍ୟରେ ଦର୍ଶନ ଦେବେ। ଏହା ସହିତ ପ୍ରତ୍ୟହ ମନ୍ଦିର ପ୍ରାଙ୍ଗଣରେ ଥିବା ନାଟ୍ୟ ମଣ୍ଡପରେ ମାନସିକଧାରୀ ରାମାୟଣ, ପାଲା ଓ ଭଜନ ଆଦି ପରିବେଷଣ କରି ଭକ୍ତଙ୍କ ମନୋରଞ୍ଜନ କରୁଛନ୍ତି।

■ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୫ମ ଦିବସ

# ପୁଷ୍ପକ ବିମାନରେ ସୀତା ହରଣ



ପୁଷ୍ପକ ବିମାନରେ ସୀତାଙ୍କୁ ରାବଣ ହରଣ କରୁଛନ୍ତି।

**ଦଶପଲ୍ଲା,୧୯।୪(ଡି.ଏନ.ଏ.)**

ମହାବୀର କ୍ଷେତ୍ର ଦଶପଲ୍ଲାରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରାର ଶୁକ୍ରବାର ୫ମ ଦିବସରେ ସୀତା ହରଣ ଉତ୍ସବ ଶାସ୍ତ୍ରମତେ ପାଳିତ ହୋଇଯାଇଛି। ପୁଷ୍ପକ ବିମାନରେ ସୀତା ହରଣ ଥିଲା ଯାତ୍ରାର ମୁଖ୍ୟ ଆକର୍ଷଣ। ରାମଲୀଳା ରଙ୍ଗମଞ୍ଚରେ ରାମ, ଲକ୍ଷ୍ମଣ, ସୀତା ପଞ୍ଚବଟୀରେ ରହୁଥିବା ଦେଖିବାକୁ ମିଳିଥିଲା। ରାବଣ ଭଉଣୀ ସୂର୍ପଣଖା ରାମଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତାଙ୍କୁ ବିବାହ କରିବାକୁ ଇଚ୍ଛା କରିଥିଲେ। ସୂର୍ପଣଖା ଏହି ପ୍ରସ୍ତାବ ଦେବା ପରେ ରାମ ସୀତାଙ୍କୁ ବିବାହ କରିଥିବା କହି ଫେରାଇ ଦେଇଥିଲେ। ସୂର୍ପଣଖା ସମାନ କଥା ଦୋହରାଇବାରୁ ରାମ ତାଙ୍କୁ ଲକ୍ଷ୍ମଣଙ୍କ ନିକଟକୁ ପଠାଇ ଦେଇଥିଲେ। କାରଣ ଜାଣିପାରି ଲକ୍ଷ୍ମଣ ସୂର୍ପଣଖାଙ୍କ ନାସା ଓ କର୍ଣ୍ଣ ଛେଦନ କରିଥିଲେ। ସୂର୍ପଣଖା ଏଥିରେ ରାଗିଯାଇ ପଞ୍ଚବଟୀରେ ରହୁଥିବା ତାଙ୍କ ୩ ଭାଇଙ୍କୁ ଋଷିପୁତ୍ର ରାମ ଓ ଲକ୍ଷ୍ମଣ ତାଙ୍କର ଏପରି ଦଶା କରିଥିବା କହିଥିଲେ। ୩ ଭାଇ ରାମ ଓ ଲକ୍ଷ୍ମଣଙ୍କ ଦ୍ୱାରା ପରାସ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସୂର୍ପଣଖା ଏ ସମ୍ପର୍କରେ ରାବଣଙ୍କୁ ସୂଚନା ଦେଇ ସମୁଦ୍ରରେ ଝାସ ଦେଇଥିଲେ। ଲଙ୍କା ରାଜା ରାବଣ ମାରିଚ ଅସୁରକୁ ମାୟାରେ ସୁବର୍ଣ୍ଣ ମୃଗ ରୂପେ ପଠାଇ ପୁଷ୍ପକ ବିମାନରେ ସୀତାଙ୍କୁ ହରଣ କରିଥିଲେ। ବାଟରେ ଜଟାୟୁ ରାସ୍ତା ଅବରୋଧ କରିଥିଲେ ମଧ୍ୟ ସେ ତାଙ୍କୁ ହତ୍ୟାକରି ସୀତାଙ୍କୁ ଅପହରଣ କରିନେଇଥିଲେ।

# ସଂସ୍କୃତିକୁ ପରିପୁଷ୍ଟ କରେ ଚଇତି ଘୋଡ଼ାନାଚ

**ଖଣ୍ଡପଡା,୧୯।୪**
**(ଅଜୟ କୁମାର ମହାରଣା)**

ବୃତ୍ତି ସହ ପର୍ବର ସମ୍ପର୍କ ଭିତରେ ଉଜ୍ଜୀବିତ ଆମର ପରମ୍ପରା । କୈବର୍ତ୍ତ ସମ୍ପ୍ରଦାୟର ଲୋକଙ୍କ ଆରାଧ୍ୟ ହେଉଛନ୍ତି ମା'ବାଶୁଳୀ । ଘୋଡ଼ାନାଚ ବାଶୁଳୀ ପୂଜାର ଅଂଶବିଶେଷ । ଆମ କଳା ସଂସ୍କୃତିକୁ ପରିପୁଷ୍ଟ କରିବା ଦିଗରେ ଘୋଡ଼ାନାଚର ବହୁ ଅବଦାନ ରହିଛି । ଚୈତ୍ର ଆସିଲେ ଏହି ଲୋକନାଟରେ ମୁଖରିତ ହୋଇଉଠେ ଓଡ଼ିଶାର ପୁରପଲ୍ଲୀ । କଣ୍ଟିଲୋ ଅଞ୍ଚଳରେ କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ଏହି ପର୍ବକୁ ଆଡମ୍ବର ସହକାରେ ପାଳନ କରିଥାନ୍ତି। ବାଶୁଳୀ ଅର୍ଥାତ୍ ଘୋଡ଼ାକୁ ଲୋକେ ପୂଜା କରିବା ପରେ ପାରମ୍ପରିକ ଘୋଡ଼ାନାଚ ମାଧ୍ୟମରେ ଏହି ପର୍ବର ମାହାତ୍ମ୍ୟ ପ୍ରଚାର କରିଥାନ୍ତି । ପ୍ରାଚୀନ କଳା ସଂସ୍କୃତିର ଏହି ଘୋଡ଼ାନାଚ ସମୟ ପରିବର୍ତ୍ତନ ଧାରାରେ ଏବେ ଅବକ୍ଷୟମୁଖୀ ।

ଶୁକ୍ରବାର ଚୈତ୍ର ପୂର୍ଣ୍ଣମୀ ତିଥିରେ କଣ୍ଟିଲୋ ଫକୀରଅତବୁଦ୍ଧିପାଟଣା ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ଗାଁ ମଧ୍ୟରେ ଥିବା ବରୁଣଦେବ ମନ୍ଦିରକୁ ଯାଇ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ । ସେହିପରି ସିଧାମୂଳା ତଳ କେଉଟସାହି ଓ କଣ୍ଟିଲୋ କଂସାରୀସାହି ପାଟଣା ଗ୍ରାମର କୈବର୍ତ୍ତମାନେ ଦାଣ୍ଡ ଦୁଆରେ ଏକ ଘୋଡ଼ା ମୁଣ୍ଡକୁ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । ଶକ୍ତି ରୂପିଣୀ ବାଶୁଳୀଙ୍କ ପୂଜା ସହ ପାଳିତ ହୋଇଥାଏ ଏହି ସମ୍ପ୍ରଦାୟର କୌଳିକ ପର୍ବ ଚଇତି । ସବୁ ଲୋକନାଟକ ପରି ଘୋଡ଼ାନାଚ ତିନୋଟି ଭାବଧାରା ସହ ସଂଯୁକ୍ତ । ବିଶ୍ୱାସ, ଆନୁଷ୍ଠାନିକ ପୂଜା ପାର୍ବଣ ଓ ମନୋରଞ୍ଜନ । ଘୋଡାନାଚ ଏକ ସାମ୍ପ୍ରଦାୟିକ ଲୋକନାଚ ଦୃଷ୍ଟିରୁ ଏହାର ଆଧାତ୍ମିକ ଭିତ୍ତି ସେହି ସମ୍ପ୍ରଦାୟ ମଧ୍ୟରେ ସୀମିତ । କିନ୍ତୁ ମନୋରଞ୍ଜନ ଦିଗଟି ସର୍ବ ଲୋକାଦୃତ । କଘୋଡ଼ାନାଚର ଅନ୍ତରାଳରେ ମୂର୍ତ୍ତିମନ୍ତ ହୋଇ ଉଠେ କୈବର୍ତ୍ତ ସମ୍ପ୍ରଦାୟର ଗୌରବମୟ ଅତୀତ ସ୍ମୃତିପଟ । ଗୋଟିଏ ଗୀତରୁ ଏ ଜାତିର ପୌରାଣିକ ଓ ଐତିହାସିକ ପ୍ରସିଦ୍ଧି ସମ୍ପର୍କରେ ଜାଣିହୁଏ । "ବଟ ବୃକ୍ଷ ମୂଳେ ଜନମ ହୋଇଲି ସିଂହଳ ଦ୍ୱୀପରେ ଘର,ସିଦ୍ଧ ବାଶୁଳୀକୁ କାନ୍ଧରେ ବୋହିଛି, ସିପାହିରେ କୈବର୍ତ୍ତ ନାମଟି ମୋର ।"କୈବର୍ତ୍ତମାନେ ଏକାଠି ହୋଇ ବାଶୁଳୀଙ୍କ ପ୍ରତୀକ ଅଶ୍ୱ ମୁଖାକୁ ସଜାଇ ଏକ ବେଦୀ ଉପରେ ରଖି ପୂଜା କରିବା ସମୟରେ ମା'ବାଶୁଳୀକୁ ଭୋଗ ମଧ୍ୟରେ ଫଳମୂଳ ସହିତ ଅଣ୍ଡା, ମାଛ ଓ କୁକୁଡାକୁ ବଳି ଦେଇଥିଲେ ।



ବାଶୁଳୀଙ୍କ ପୂଜା କରାଯାଉଛି।

■ପାରମ୍ପରିକ ରୀତିରେ ହୁଏ ବାଶୁଳୀ ପୂଜା
■ଫଳମୂଳ ସହିତ ଅଣ୍ଡା, ମାଛ ହୁଏ ଭୋଗ

ଅପରାହ୍ନ ପ୍ରାୟ ୨ଟାରେ ଢୋଲବାଦ୍ୟ ତାଳେ ତାଳେ ବାଶୁଳୀ(କାଷ୍ଠ ନିର୍ମିତ ଅଶ୍ୱ ମୁଣ୍ଡ)ଠାକୁରାଣୀଙ୍କୁ ଫୁଲମାଳରେ ସଜ୍ଜିତ କରି ବାଉଁଶରେ ନିର୍ମିତ ଘୋଡ଼ାକୁ ବେଶ କରି ଗ୍ରାମ ମଧ୍ୟରେ ପୂଜା ଓ ବନ୍ଦାଣ ପାଇଁ ବିଜେ କରା ଯାଇଥିଲା । ଏହି ପର୍ବ ଚୈତ୍ର ପୂର୍ଣ୍ଣମୀଠାରୁ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବାର ପରମ୍ପରା ଥିଲେ ମଧ୍ୟ ଏଠାରେ ମାତ୍ର ୩ ଦିନ କାର୍ଯ୍ୟକ୍ରମ ପାଳନ କରାଯାଇଥାଏ । ଶୁକ୍ରବାର ଥିଲା ଚଇତି ପର୍ବର ପ୍ରଥମ ଦିବସ । ଏହି ଅବସରରେ ମା'ବାଶୁଳୀଙ୍କୁ ଏକ ପାଟ ପଟୁଆରରେ ଗ୍ରାମ ପରିକ୍ରମା କରି ପ୍ରଥମେ ବାସୁଳୀ ରହୁଥିବା ମାନସ ଖଟୁଆଙ୍କ ଦୁଆରେ ପୂଜାର୍ଚ୍ଚନା କରାଯାଇ ଚାଟେରୀ ଭୋଗ ଖାଇଥିଲେ । ପରେ ବାଶୁଳୀଙ୍କୁ ଗାଁ କୋଠ ଘରକୁ ବିଜେ କରା ଯାଇଥିଲା । ସନ୍ଧ୍ୟାରେ ବାଶୁଳୀଙ୍କୁ ନୀଳମାଧବ ମନ୍ଦିର ସିଂହଦ୍ୱାରକୁ ବିଜେ କରାଯାଇ ପୂଜା କରାଯାଇଥିଲା । ସେହିପରି କଂସାରୀ ସାହି ପାଟଣା ନିଆଳି କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ପାଟ ପଟୁଆରରେ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରାଯିବା ପରେ ମା'ବାଶୁଳୀଙ୍କ ନିଜ କୋଠିକୁ ଆଣି ସ୍ଥାପନା କରାଯାଇଥିଲା । ସୂଚନାଯୋଗ୍ୟ ଯେ,ଏହି ପର୍ବରେ ଅଶ୍ୱ ସୁସଜ୍ଜିତ ହୋଇ ଦ୍ୱାର ଦ୍ୱାର ବୁଲି ଭୋଗ ଖାଇଥାନ୍ତି । ଘୋଡା ସବାର ହୋଇଥିବା ବ୍ୟକ୍ତିଙ୍କୁ ରାଉତ କୁହାଯାଏ । ରାଉତଙ୍କ ୨ ସହଧର୍ମିଣୀ ଘୋଡାନାଚ ଢୋଲବାଦ୍ୟ ତାଳେ ତାଳେ ବାଶୁଳୀ ଠାକୁରାଣୀଙ୍କ ମହିମା ସମ୍ପର୍କରେ ରାଉତଙ୍କ ପ୍ରଶ୍ନର ଉତ୍ତର ପାରମ୍ପରିକ ଗୀତ ମାଧ୍ୟମରେ ବର୍ଣ୍ଣନା କରିଥାନ୍ତି । ସୂଚନା ଯୋଗ୍ୟ ଯେ,ପୌରାଣିକ ଯୁଗରୁ ଏହି କୈବର୍ତ୍ତ ସମ୍ପ୍ରଦାୟ ବିଭିନ୍ନ ବୃତ୍ତି ଭିତ୍ତିରେ ନିଆଳି କୈବର୍ତ୍ତ,ଶିଉଳି କୈବର୍ତ୍ତ,ଜାଲିଆ କେଉଟ, ନାଉରୀ କେଉଟ, ଗୁଡାକୁଟା କେଉଟ ଆଦି ଭାବରେ ଆପଣା ବୃତ୍ତିରେ ଲିପ୍ତ । ଓଡ଼ିଶାର ଲୋକନାଟ୍ୟ ପରମ୍ପରାରେ ଚଇତି ଘୋଡ଼ାନାଚ ଅନ୍ୟତମ । ଏହା ଦ୍ୱାରା ଆଧାତ୍ମିକତା, ଧର୍ମ, ଦର୍ଶନ, ଇତିହାସ ସର୍ବୋପରି ଗୋଟିଏ ଜାତିର ଜୀବନ ଗାଥା ପରିପ୍ରକାଶ ପାଇଥାଏ । ଘୋଡାନାଚ ସମ୍ପର୍କରେ କଂସାରୀ ସାହିପାଟଣା ଗ୍ରାମର କଳାକାର ଭୀମସେନ ମହାପାତ୍ର, ସନ୍ତୋଷ କୁମାର ବେହେରା, ଫକୀର ଅତବୁଦ୍ଧିପାଟଣା ଗ୍ରାମ ସଭାପତି ହରିହର ଦଳାଇ, ପୂର୍ବତନ ସଭାପତି ଦୟାନିଧି ବେହେରା, ସଭ୍ୟ ହରିହର ନାୟକ ଓ ସୁରେଶ ଚନ୍ଦ୍ର ଦଳେଇ କୁହନ୍ତି ମନୋରଞ୍ଜନ ପାଇଁ ଦୂରଦର୍ଶନର ବିଭିନ୍ନ ଚ୍ୟାନେଲ, ସିନେମା, ଯାତ୍ରା ଦଳ ରହିଥିବାରୁ ଘୋଡାନାଚ ତା'ର ପ୍ରଭୁତ୍ୱ ବିସ୍ତାର କରିପାରୁନାହିଁ । ଏଥିପାଇଁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ ଏହାର ପ୍ରଚାର ପ୍ରସାର ହୋଇ ପାରୁନାହିଁ । ଏହାଛଡା ବାଶୁଳୀଙ୍କ ମହିମା ବର୍ଣ୍ଣନା କରି ଗ୍ରାମବାସୀ କୁହନ୍ତି ବାଶୁଳୀ ଆମମାନଙ୍କର ପ୍ରତ୍ୟକ୍ଷ ଠାକୁର ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୦ ଏପ୍ରିଲ, ୨୦୧୯



ଯିଏ ମତେ ସର୍ବଦା ଚାହାନ୍ତି ଏବଂ ଶ୍ରଦ୍ଧା ପୂର୍ବକ ମୋର ପୂଜା କରନ୍ତି, ମୁଁ ତାଙ୍କୁ ସେହି ବିବେକ ବୁଦ୍ଧି ପ୍ରଦାନ କରେ। ଯଦ୍ୱାରା ସେ ମୋତେ ସମ୍ପୂର୍ଣ୍ଣ ରୂପେ ପ୍ରାପ୍ତ ହୁଅନ୍ତି।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଶ୍ରୀନୀଳମାଧବ ଜୀଉଙ୍କ ପୀଠରେ ଦୟଣାଚୋରି ନୀତି ସମ୍ପନ୍ନ

**ଖଣ୍ଡପଡା,୧୯।୪(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠରେ ଶ୍ରୀଜୀଉଙ୍କ ଦୟଣାଚୋରି ନୀତି ଗୁରୁବାର ରାତିରେ ସମ୍ପନ୍ନ ହୋଇଯାଇଛି । ଶ୍ରୀଜୀଉଙ୍କ ପାରମ୍ପରିକ ସନ୍ଧ୍ୟାନୀତି ଓ ଦକ୍ଷିଣ ଘର ଭୋଗ ପରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳଲାଗି କରାଯିବା ପରେ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ବିଜେ କରାଯାଇ ପାଟପଟୁଆରରେ ସିଂହଦ୍ୱାର ନିକଟସ୍ଥ ଦୟଣାଚୋରି ବଗିଚାକୁ ବିଜେ କରାଯାଇଥିଲା। ବଗିଚା ପରିସରରେ ଶ୍ରୀ ଜୀଉଙ୍କୁ ବିଜେ କରାଯାଇ ପୁରୋଧା ରାଣେଶ୍ୱର ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ସହିତ ହୋମଯଜ୍ଞ କରାଯାଇଥିଲା। ପ୍ରସାଦ ଲାଗି କରାଯାଇ ବନ୍ଦାପନା ଓ ଆଲଟ ଚାମର କରାଯାଇଥିଲା। ଠାକୁରଙ୍କ ଶ୍ରୀହସ୍ତରେ ଦୟଣା ଗଛ ରଖାଯାଇ ଯଥାବିଧି ନୀତି ସମ୍ପନ୍ନ ହୋଇଥିଲା । ମଦନମୋହନ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲାପରେ ରାତ୍ର ଧୂପ ଓ ବଡ ସିଂହାର ପରେ ଦେବଦେବୀଙ୍କ ଶ୍ରୀ ଅଙ୍ଗରେ ଦୟଣା ଲାଗି କରାଯାଇ ଶୀତଳ ଭୋଗ ଅର୍ପଣ କରାଯାଇଥିଲା ।

### ନିର୍ବାଚନରେ ମିଶନ ଶକ୍ତିର ସହାୟତା ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା),୧୯।୪(ଡି.ଏନ.ଏ.):** ଚଳିତ ନିର୍ବାଚନ ପ୍ରଚାରବେଳେ ନିଜ ଭୋଟ ସଂଗ୍ରହ କରିବା ଲକ୍ଷ୍ୟରେ ମିଶନ ଶକ୍ତିର ସହାୟତା ନେବା ପାଇଁ ବିଜେଡି ଦଳ ତରଫରୁ ଉଦ୍ୟମ ହୋଇଥିବା କୁହାଯାଇଛି। ଶୁକ୍ରବାର ସରକାରୀ ଛୁଟି ସତ୍ତ୍ୱେ ରାମଚନ୍ଦ୍ରପୁର ପଞ୍ଚାୟତରେ ମିଶନ ଶକ୍ତିର ଏକ ବୈଠକ ଡକାଯାଇଥିଲା । ତେବେ ସେଠାରେ ସରପଞ୍ଚ ବିରୋଧୀ ଦଳର ସମର୍ଥକ ହୋଇଥିବା ଯୋଗୁ ବୈଠକକୁ ଭଣ୍ଡୁର କରି ଦିଆଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବଡପାରୀ ପଞ୍ଚାୟତରେ ମଧ ମିଶନ ଶକ୍ତିର ଏକ ବୈଠକ ମା’ ଭଗବତୀଙ୍କ ପୀଠରେ ଆହ୍ୱାନ କରାଯାଇଥିଲା। ତେବେ ସେଠାରେ ବିଜେଡିର କୌଣସି ନେତା ପହଞ୍ଚି ନ ଥିବାରୁ ମହିଳାମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା।

### ବିଜେଡିର ବାଇକ୍ ଶୋଭାଯାତ୍ରା

**ଟାଙ୍ଗୀ(ଖୋର୍ଦ୍ଧା),୧୯।୪(ଡି.ଏନ.ଏ.):** ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଜିତୁ ମିତ୍ରଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ଶୁକ୍ରବାର ଟାଙ୍ଗୀ ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଛି। ଖୋର୍ଦ୍ଧା ଜିଲା ପରିଷଦ ୧୧ ନଂ ଜୋନ୍ ଟାଙ୍ଗୀ, ମଙ୍ଗଳାଯୋଡି, ସୁନ୍ଦରପୁର, ଉଜ୍ଜଳା ଗୋପୀନାଥପୁର, କନ୍ତଲବାଇ, ବାଲିପାଟପୁର ଓ ୧୨ ନଂ ଜୋନ୍‌ର ଭୂଷଣ୍ଡପୁର ପଞ୍ଚାୟତ ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରା ୧୦ ନଂ ଜୋନ୍‌ର ବଡପାରି, ରାମଚନ୍ଦ୍ରପୁର, ପରିଓରଡ, କୁଞ୍ଜୁରୀ, କୁହୁଡି, ରତନପୁର ଇତ୍ୟାଦି ପଞ୍ଚାୟତ ପରିକ୍ରମା କରି ବିଜେଡି ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ଦଳ ପକ୍ଷରୁ ନିବେଦନ କରାଯାଇଥିଲା। ଶୋଭାଯାତ୍ରରେ ବିଧାୟକ ପ୍ରାର୍ଥୀ ମିତ୍ରଙ୍କ ସମେତ ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ପରିଷଦ ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧକ୍ଷ ବିଜୟ କୁମାର ଜେନା, ଜିଲା ପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ ପ୍ରମୁଖ ସାମିଲ ଥିଲେ ।

### ଗ୍ରାମରକ୍ଷୀଙ୍କୁ ମାଡ ମାରି ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୯।୪:** କାର୍ଯ୍ୟରତ ଗ୍ରାମରକ୍ଷୀଙ୍କୁ ମାଡ ମାରିବା ଓ ଅଶ୍ଲିଳ ଭାଷାରେ ଗାଳି ଗୁଲଜ କରିବା ଅଭିଯୋଗରେ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ପୋଲିସ ବିରେନ୍ଦ୍ର କୁମାର ଜୟସିଂଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ, ଗତ ୧୭ ତାରିଖ ରାତିରେ ଦିନିଆରୀ ପଣାଯାତ୍ରାରେ ରହିମ ଖାଁ ନାମକ ଜଣେ ଗ୍ରାମରକ୍ଷୀ ଡ୍ୟୁଟି କରୁଥିଲେ। ମଦ ଧରାକୁ ଆୟୁଧ କରି ଯାତ୍ରାରେ ଭୋଗଡା ଗାଁର ମଦ ବ୍ୟବସାୟୀ ବିରେନ୍ଦ୍ର ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରି କି ତଣ୍ଟିଚିପି ମାରି ଦେବାକୁ ଉଦ୍ୟମ କରିଥିଲେ। ପାଟି ଖୋଲିଲେ ତୁଳସୀପୁର ଗୁଣ୍ଡା ଲଗାଇ ମାରି ଦେବାର ଧମକ ଦେଇଥିଲେ। ଏହି ମଦ ଧରା ଘଟଣାରେ ଅନ୍ୟ ଜଣେ ଗ୍ରାମରକ୍ଷୀ ମଦ ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ଅଭିଯୋଗ ରହିମ ଆଣିଥିଲେ। ସମ୍ପୃକ୍ତ ଗ୍ରାମରକ୍ଷୀ ପୋଲିସର ମଦ ଧରା ଅଭିଯାନର ଗୁପ୍ତ କଥା କହି ତାଙ୍କୁ ମରଣମୁହଁକୁ ଠେଲି ଦେଇଥିବା ରହିମ ଅଭିଯୋଗ କରିଥିଲେ।

## ରଣପୁରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

# କାଳିଆ ଯୋଜନା ବନ୍ଦ ପାଇଁ ଭାଜପା ଚକ୍ରାନ୍ତ କରୁଛି

**ନୟାଗଡ଼ ଅଫିସ/ ରଣପୁର(ସ୍ୱ.ପ୍ର.),୧୯।୪**

ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀରେ ତୃତୀୟ ପର୍ଯ୍ୟାୟ ଏପ୍ରିଲ ୨୩ ତାରିଖରେ ନିର୍ବାଚନ ହେବ। ଏହି ଅବସରରେ ପ୍ରଚାରକୁ ଜୋର୍‌ଦାର କରିବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରଣପୁରଠାରେ ପହଞ୍ଚିଥିଲେ। ରଣପୁର ପଞ୍ଚୁଦୋଳ ପଡ଼ିଆରେ ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ତାଙ୍କ ୪ ମିନିଟ ଅଭିଭାଷଣରେ କେନ୍ଦ୍ର ସରକାରଙ୍କ ଅବହେଳା କଥା ଉଠାଇ ବର୍ଷିଥିଲେ। ଆରମ୍ଭରୁ କାଳିଆ ଯୋଜନାର ସଫଳ ଗାଥା ଗାଇଥିଲେ। କାଳିଆ ଯୋଜନାରେ ବର୍ତ୍ତମାନ ୪୦ ଲକ୍ଷ ଚାଷୀ ଉପକୃତ ହୋଇସାରିଲେଣି। କିନ୍ତୁ କେନ୍ଦ୍ରର ଭାଜପା ସରକାର ଏହି ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଥିବା ସେ ପ୍ରକାଶ କରିଥିଲେ। ମୁଁ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ। ବିଜୁ ଜନତା ଦଳ ସରକାର ଆସିବାର ପ୍ରଥମ ଦିନରୁ ହିଁ ସମସ୍ତ ଚାଷୀଙ୍କୁ ୨ଟି କିସ୍ତି ପାଇଁ ୧୦ ହଜାର ଟଙ୍କା ମିଳିବ ବୋଲି କହିଥିଲେ। କେହି ଜଣେ ବି ଚାଷୀ ଏଥିରୁ ବଞ୍ଚିତ ହେବେ ନାହିଁ। ବିଜୁ ଜନତା ଦଳ ମହିଳାମାନଙ୍କୁ ସେମାନଙ୍କ ହକ୍ ଦେଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପୁରୁଷମାନଙ୍କ ପାଇଁ ୫ ଲକ୍ଷ ଟଙ୍କା ଥିବାବେଳେ ମହିଳାମାନଙ୍କ ପାଇଁ ଏହା ଦୁଇଗୁଣା କରାଯାଇଛି। ଜଣେ ମହିଳା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପାଇପାରିବେ। ମିଶନ ଶକ୍ତି ମା’ମାନଙ୍କ ପାଇଁ ୫ ହଜାର କୋଟିର ବିଜ୍‌ନେସ୍ ଦେବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହିଳାଙ୍କ ବିକାଶ ହେଉଛି ବିକାଶର ପ୍ରକୃତ ଡବଲ ଇଞ୍ଜିନ। ଫାଇଲିନ୍, ହୁଡ୍‌ହୁଡ୍ ଓ ତିତ୍‌ଲି ସମୟରେ ଓଡିଶାକୁ କେହି ଆସିଲେ ନାହିଁ। ମହାନଦୀ ପାଣି ବନ୍ଦ କଲେ। ବର୍ତ୍ତମାନ ନିର୍ବାଚନ ପାଇଁ ଭାଜପା ନେତାମାନେ ଓଡ଼ିଶାକୁ ଆସୁଛନ୍ତି, ଭୋଟ ମାଗୁଛନ୍ତି, ଓଡ଼ିଶା ଲାଗି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମିଛ ଭାଜପାର ବଡ ପୁଞ୍ଜି ବୋଲି ସେ କହିଥିଲେ। ହେଲେ ମୁଁ ସବୁବେଳେ ଆପଣମାନଙ୍କ ସାଥିରେ ଅଛି, ଆଉ ରହିବି। ମୋର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଆପଣମାନଙ୍କର ସେବା କରୁଥିବି। ଶଙ୍ଖ ଚିହ୍ନରେ ଭୋଟଦେବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ରଣପୁର ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ନିଜ ସପକ୍ଷରେ ଭୋଟ ମାଗିଥିଲେ। ନିର୍ବାଚନରେ ବିଜୟ ଲାଭ କଲେ ସେ ପ୍ରତିକ୍ଷଣ ରଣପୁର ନିର୍ବାଚନମଣ୍ଡଳୀର ଲୋକଙ୍କ ସେବା କରିବେ ବୋଲି ପ୍ରକାଶ କରିଥିଲେ। ପୁରୀ ଏମ୍‌ପି ପ୍ରାର୍ଥୀ ପିନାକୀ ମିଶ୍ର ଦିଲ୍ଲୀରେ ଦଳର ହାତମୁଠା ଟାଣ କରିବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ମଧ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ବ୍ଲକ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ରଣପୁର ଏନ୍‌ଏସି ନଗରପାଳିକା ସବିତା ଦାଶ, ପ୍ରଭାତ କୁମାର ଦଳହେବେରା, ବ୍ଲକ ସଭାପତି ପାଣ୍ଡବ ସେଠୀଙ୍କ ସମେତ ବହୁ କର୍ମୀ ଓ ନେତା ଯୋଗ ଦେଇଥିଲେ। ଏହି ଅବସରରେ ଭାଜପା ଓ କଂଗ୍ରେସର ନେତା, କର୍ମୀମାନେ ବିଜେଡ଼ିରେ ସାମିଲ ହୋଇଥିଲେ। ହେଲିକପ୍ଟର ବାଘସାମନ୍ତ ପଡ଼ିଆଠାରେ ଅବତରଣ କରିବା ପରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ଆସୁଥିବା ସମୟରେ ରଣପୁର ରାଜବାଟୀ ଆଗରେ ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ତାଙ୍କ ଗାଡ଼ି ଆଗରେ ଶୋଇରହିଥିଲେ। କିଛି ସମୟ ପରେ ପୋଲିସ ସେମାନଙ୍କୁ ଉଠାଇ ଆଣିଥିଲା।

### ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା



ମଞ୍ଚରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବାବେଳେ ଏମ୍.ପି. ପ୍ରାର୍ଥୀ ପିନାକୀ ମିଶ୍ର ନିଜର ଅଭିଭାଷଣ ରଖୁଛନ୍ତି।

### ଭାଜପାର ବିଜୟ ସଂକଳ୍ପ ସମାବେଶ

**ଟାଙ୍ଗୀ(ଖୋର୍ଦ୍ଧା), ୧୯।୪(ଡି.ଏନ.ଏ.)**

ଖୋର୍ଦ୍ଧା ଭାଜପା ପ୍ରାର୍ଥୀ କାଳୁଚରଣ ଖଣ୍ଡେଇତରାୟଙ୍କ ବିଜୟ ସଂକଳ୍ପ ନେଇ ବାଇକ୍ ଶୋଭାଯାତ୍ରା ଶୁକ୍ରବାର ମଧାହ୍ନରୁ ଆରମ୍ଭ ହୋଇଛି। ଏହା ଟାଙ୍ଗୀ ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଥିଲା। ମଙ୍ଗଳାଯୋଡି ପଞ୍ଚାୟତ ଭଜାଗଡ ଗ୍ରାମର ମା’ ବୁଢୀ ଠାକୁରାଣୀଙ୍କ ପୀଠରୁ ଶୋଭାଯାତ୍ରା ଆରମ୍ଭ ହୋଇ ସୁନ୍ଦରପୁର, ଉଜ୍ଜଳା ଗୋପୀନାଥପୁର, କନ୍ତଲବାଇ, ବାଲିପାଟପୁର ଓ ଭୂଷଣ୍ଡପୁର ଆଦି ପଞ୍ଚାୟତ ପରିକ୍ରମା କରି ମା’ ଉଗ୍ରତାରା ଠାକୁରାଣୀଙ୍କ ପୀଠରେ ସମାବେଶ ହୋଇଥିଲା। କାର୍ଯ୍ୟକ୍ରମରେ ଭାଜପା ପ୍ରାର୍ଥୀ ଖଣ୍ଡେଇତରାୟ, ଡିଆ ସମିତି ସଭ୍ୟା ପୁଷ୍ପଲତା ବେହେରା(ଲିଲି), ବରିଷ୍ଠ ନେତା ରାଜା ମିଶ୍ର ପ୍ରମୁଖ ନେତୃତ୍ୱ ନେଇ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯାତନା, ଟଙ୍କିଆ ଚାଉଳ ନେଇ ମିଛ କହିବା ଆଦି ପ୍ରସଙ୍ଗ ଉପରେ ସମାଲୋଚନା କରିଥିଲେ। ନବୀନ ସରକାରକୁ ହଟାଇ ଭାଜପାକୁ ଭୋଟ ଦେବାକୁ କହିଥିଲେ। ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଓ ଜନ ସାଧାରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ନିର୍ବାଚନୀ ସଭାର ଏପାଖ ସେପାଖ

**ରଣପୁର,୧୯।୪(ସ୍ୱ.ପ୍ର.)**

ରଣପୁର ସହର ପଞ୍ଚୁଦୋଳ ପଡିଆରେ ଶୁକ୍ରବାର ପୂର୍ବାହ୍ନ ୧୦ ଟାରେ ବିଜେଡି ପକ୍ଷରୁ ଏକ ନିର୍ବାଚନୀସଭା ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ଉକ୍ତ ସଭାରେ ରଣପୁର ବିଧାୟକ ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ଓ ପୁରୀ ଏମ୍.ପି. ପ୍ରାର୍ଥୀ ପିନାକୀ ମିଶ୍ର ଯୋଗ ଦେଇ ଭୋଟ ଭିକ୍ଷା କରିଥିଲେ । ଚାନ୍ଦପୁର ଓ ପୁରୁଣାବସନ୍ତର ୫୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ ।

### ବିଧାୟକଙ୍କ ପ୍ରଚାରରେ କର୍ମୀ ଆଚମ୍ବିତ

ରଣପୁର ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର ପାଇଁ ସଭାସମିତି, ବାଇକ ରାଲି ଦଳ ତରଫରୁ କରାଯାଉଥିଲା ବେଳେ ଏପର୍ଯ୍ୟନ୍ତ କେଉଁଠାରେ ହେଲେ ସ୍ଥାନୀୟ ବିଧାୟକଙ୍କୁ ଦେଖିବାକୁ ମିଳି ନ ଥିଲା । ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ସଭାରେ ମଞ୍ଚ ଉପରେ ମାଇକ୍ ଧରି ବିଧାୟକ ନବୀନ ପଟ୍ଟନାୟକ ଜିନ୍ଦାବାଦ୍ କହୁଥିବା ଦେଖି କର୍ମୀ ଓ ନେତାମାନେ ଆଚମ୍ବିତ ହୋଇଯାଇଥିଲେ ।

### ଟ୍ରାଫିକ୍ ସମସ୍ୟା



ରଣପୁର ଥାନା ଆଗରେ ବିଜେଡିର ନିର୍ବାଚନୀ ସଭା ହେଉଥିଲା ବେଳେ ବିଭିନ୍ନ ଗହଳି ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରା ନ ଯାଇଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଯାଇଥିଲା । ଫଳରେ ଯାନବାହନଗୁଡିକ ଘଣ୍ଟା ଘଣ୍ଟା ଧରି ଗହଳି ଓ ଜାମ ଭିତରେ ଫସି ରହିଥିଲା।

### ନାବାଳକ ପିନ୍ଧିଲେ ନବୀନ ମୁଖା

ମୁଖ୍ୟମନ୍ତ୍ରୀଙ୍କ ସଭାରେ ମହିଳା ପୁରୁଷ କର୍ମୀମାନଙ୍କ ଭିଡ ପରିଲକ୍ଷିତ ହେଉଥିଲା ବେଳେ କେତେକ ନାବାଳକ ମୁହଁରେ ନବୀନ ପଟ୍ଟନାୟକଙ୍କ ମୁଖା ପିନ୍ଧି ଦଳୀୟ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଥିଲା । ଏହାକୁ ସାଧାରଣରେ ନାପସନ୍ଦ କରାଯାଇଥିଲା ।

### ମାତ୍ର ୩ ମିନିଟ୍‌ର ଭାଷଣ

ରଣପୁର ଠାରେ ନିର୍ବାଚନୀ ସଭା ୪୦ ମିନିଟ୍ ପାଇଁ ହୋଇଥିଲା ବେଳେ ମୁଖ୍ୟମନ୍ତ୍ରୀ ୩ ମିନିଟ୍‌ରେ ଭାଷଣ ଶେଷ କରି ମଞ୍ଚ ଛାଡି ଚାଲିଯାଇଥିଲେ । ସଭାରେ ଯୋଗଦେଇଥିବା ମହିଳା ଓ ପୁରୁଷମାନେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଅଧିକ ଭାଷଣ ଶୁଣିବା ପାଇଁ ଆଶା ରଖିଥିଲା ବେଳେ ଖୁବ କମ୍ ସମୟରେ ଭାଷଣ ଶେଷ ହୋଇଥିବାରୁ ନିରାଶ ହୋଇ ଫେରିଥିଲେ।

### ମନ୍ଦିର ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥନା

ସକାଳ ୧୦ ଟା ୧୫ ମିନିଟ୍‌ରେ ହେଲିକପ୍ଟର ଯୋଗେ ରଣପୁର ବାଘସାମନ୍ତ ପଡିଆରେ ମୁଖ୍ୟମନ୍ତ୍ରୀ ଓହ୍ଲାଇଲା ପରେ କାରରେ ବସିଥିଲେ। ଦଳୀୟ ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରି ବାଇକ ଶୋଭାଯାତ୍ରାରେ ଆଣିଥିଲେ । ବାଟରେ ବଡ ବଜାର ଠାରେ ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଯାଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ମନ୍ଦିର ଭିତରକୁ ଯାଇ ନ ଥିଲେ ମଧ୍ୟ କାରରୁ ଓହ୍ଲାଇ ଠାକୁରଙ୍କୁ ପ୍ରଣାମ ଜଣାଇ ପ୍ରାର୍ଥନା କରିଥିଲେ ।

### ଗଛରେ ଚଢି ସଭା ଦେଖିଲେ କର୍ମୀ

ନିର୍ବାଚନୀ ସଭା ଚାଲିଥିଲା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା । ତେବେ କେତେକ ବିଜେଡି କର୍ମୀ ସଭା ମଞ୍ଚ ନିକଟରେ ଥିବା ଏକ ବରଗଛ ଉପରେ ବିପଦ ସଙ୍କୁଳ ଅବସ୍ଥାରେ ଚଢି ମୁଖ୍ୟମନ୍ତ୍ରୀଙ୍କୁ ଦେଖିଥିଲେ । ତେବେ ପୋଲିସ ସେମାନଙ୍କୁ ବାରଣ କରି ନ ଥିଲା।



ଗଛରେ ଲୋକମାନେ ସଭା ଦେଖୁଛନ୍ତି।

### ଖଣ୍ଡପଡା ମା’ ଡୁମାଲୁଣୀଙ୍କ ଉଭାଯାତ୍ରା



**ଖଣ୍ଡପଡା,୧୯।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରାଞ୍ଚଳର ୧୦ନଂ ୱାର୍ଡ ବ୍ରାହ୍ମଣସାହିର ଅଧିଷ୍ଠାତ୍ରୀ ଦେବୀ ମା’ଡୁମାଲୁଣୀଙ୍କର ଉଭାଯାତ୍ରା ପର୍ବ ମହାସମାରୋହରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡାଗଡର ଅନ୍ୟତମ ଶକ୍ତିପୀଠ ଭାବେ ମା’ଙ୍କ ପୀଠ ବେଶ୍ ଜଣାଶୁଣା । ଗୁରୁବାର ପ୍ରାତଃରେ ମନ୍ଦିର ପରିସରକୁ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ପାରମ୍ପରିକ ରୀତିନୀତି ଅନୁଯାୟୀ ଗୁରୁବାର ପ୍ରତ୍ୟେକ ବର୍ଷ ଭଳି ମା’ ଡୁମାଲୁଣୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ମା’ଙ୍କ ଉଭାପର୍ବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଧୂପ, ଦୀପ, ନୈବେଦ୍ୟ ଓ ହୋମଯଜ୍ଞ ଇତ୍ୟାଦି କାର୍ଯ୍ୟ ମା’ଙ୍କ ନିକଟରେ ସମାପନ ପରେ ଦେହୁରୀ ପୂଜକ ମା’ଙ୍କ ଆଶୀର୍ବାଦରେ ଉଭାହୋଇଥିଲେ। ପରେ ମନ୍ଦିର ପରିସରରୁ ଏକ ଆଜ୍ଞାମାଳ ନେଇ ଦେହୁରୀ ପୂଜକ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ଉଭା ଯାତ୍ରା ପର୍ବ ଉପଭୋଗ କରିବା ତଥା ମା’ଙ୍କ ସୁବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ୧୦ନଂ ୱାର୍ଡର ସ୍ୱେଚ୍ଛାସେବୀଙ୍କ ସମେତ ମା’ ଡୁମାଲୁଣୀ କ୍ଲବ୍‌ର ସଭ୍ୟାସଭ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନିର୍ବାଚନ କାର୍ଯ୍ୟରେ ଅବହେଳା: ୭ କର୍ମଚାରୀ ନିଲମ୍ବିତ

**ନୟାଗଡ଼ ଅଫିସ,୧୯।୪**

### ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ମତଦାନ ୬୮.୬୦%

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୬୮.୫୯ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନମଣ୍ଡଳୀରେ ମୋଟ ୧,୮୯,୬୩୦ ଭୋଟର ଥିବାବେଳେ ସେଥିମଧ୍ୟରୁ ୧,୩୦,୦୬୦ ଜଣ ମତଦାନ କରିଛନ୍ତି। ଗତ ୨୦୧୪ ନିର୍ବାଚନରେ ଏଠାରେ ୬୮.୬୭ ପ୍ରତିଶତ ମତଦାନ ହୋଇଥିଲା। ଅନ୍ୟପଟେ ନିର୍ବାଚନ କାର୍ଯ୍ୟରେ ଅବହେଳା କାରଣରୁ ୭ଜଣ କର୍ମଚାରୀଙ୍କୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ନିଲମ୍ବିତ କରିଛନ୍ତି। ଗୁରୁବାର ନିର୍ବାଚନ ସମୟରେ ନୂଆଗାଁ ବ୍ଲକର ୨୧୦ ଓ ୨୨୨ନଂ. ବୁଥ୍‌ରେ ଯାନ୍ତ୍ରିକ ନୁହେଁ ମନୁଷ୍ୟକୃତ ତ୍ରୁଟି ଯୋଗୁ ୨ ପ୍ରିଜାଇଡ଼ିଂ ଅଫିସର ଓ ୨ ସେକ୍ଟର ଅଫିସରଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ବାହାଡ଼ାଖୋଲା-କ ୨୧୦ ନମ୍ବର ବୁଥ୍‌ର ପ୍ରିଜାଇଡ଼ିଂ ଅଫିସର ପ୍ରକାଶ କୁମାର ପଟ୍ଟନାୟକ ଓ ସେକ୍ଟର ଅଫିସର ସୁକାନ୍ତ କୁମାର ପଟ୍ଟନାୟକ। ପ୍ରକାଶ ଇଟାମାଟି ନାରାୟଣୀ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଥିବାବେଳେ ସୁକାନ୍ତ ନୂଆଗାଁ ବ୍ଲକର ପିଇଓ। ସେହିପରି ବେତନଟୀ ୨୨୨ ନମ୍ବର ବୁଥ୍‌ର ପ୍ରିଜାଇଡ଼ିଂ ଅଫିସର ଲକ୍ଷ୍ମୀଧର ସୁବୁଦ୍ଧି ଓ ସେକ୍ଟର ଅଫିସର ନେତ୍ରରଞ୍ଜନ ମିଶ୍ର ନିଲମ୍ବିତ ହୋଇଛନ୍ତି। ଲକ୍ଷ୍ମୀଧର ଭାପୁର ବ୍ଲକ ବାଘୁଆପଲ୍ଲୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଥିବାବେଳେ ନେତ୍ର ରଞ୍ଜନ ନୂଆଗାଁ ବ୍ଲକର ଜିପିଟିଏ। ନିର୍ବାଚନ କାର୍ଯ୍ୟରେ ଯୋଗଦାନ ନ କରିବା ଯୋଗୁ ୩ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ନୟାଗଡ଼ ବ୍ଲକ ସଜନାପଡ଼ା କେ.ଏନ. ଜନତା ଉଚ୍ଚ ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ମହମ୍ମଦ ଜୁବେର, ନୂଆଗାଁ ବ୍ଲକ ମାଳିସାହି ଜେ.ଏନ. ବାଳିକା ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭ୍ରମରବର ପ୍ରଧାନ ଓ ରଣପୁର ଡିଗ୍ରୀ ମହାବିଦ୍ୟାଳୟର ଅଧାପକ ବିଜ୍ଞାନ ମାଣିଆ।

## ପୁରୀ ଗଲା ରଥ କାଠ

**ଦଶପଲ୍ଲା,୧୯।୪ (ଡି.ଏନ.ଏ.)**

ଦଶପଲ୍ଲା ବନାଞ୍ଚଳ ଅଧୀନ ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ଅଷ୍ଟମ ପର୍ଯ୍ୟାୟ ରଥକାଠ ପୁରୀ ପଠାଯାଇଛି। ପୋଖରୀଗୋଛା ସେକ୍ସନ ବନପାଳ ରାକେଶ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୨ ଓ ୨୦ ଫୁଟିଆ ୪୧ ଖଣ୍ଡ ଧଉରା କାଠ ଦୁଇଟି ଟ୍ରକ ଯୋଗେ ଦଶପଲ୍ଲାରୁ ବାହାରିଛି। ୧୨ ଫୁଟିଆ ୨୫ ଖଣ୍ଡ ଧଉରା କାଠ କଟକସ୍ଥିତ ଖପୁରିଆ ସ’ମିଲ୍ ଓ ୨୦ ଫୁଟିଆ ୧୬ ଖଣ୍ଡ ଧଉରା କାଠ ପୁରୀ ରଥଖଳାକୁ ପଠାଯାଇଛି। ଏହାସହ ଗଣିଆ ବନାଞ୍ଚଳରୁ ୨ ଖଣ୍ଡ ଫାଶି କାଠ ମଧ୍ୟ ପଠାଯାଇଛି।



### ଦେଶୀ ମଦ ଜବତ, ଜଣେ ଗିରଫ

**ଦଶପଲ୍ଲା,୧୯।୪ (ଡି.ଏନ.ଏ.)**

ଦଶପଲ୍ଲା ଅବକାରୀ ବିଭାଗ ଶୁକ୍ରବାର ଚଢାଉ କରି ୬ ଲିଟର ଦେଶୀମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଦଶପଲ୍ଲା ପଥୁରିଆ ଗ୍ରାମର ବୈକୁଣ୍ଠ ବେହେରା(୫୫)। ଅବକାରୀ ଥାନା ଅଧିକାରୀ ସତ୍ୟନାରାୟଣ ଦାଶଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା। ବୈକୁଣ୍ଠ ଏକ ବ୍ୟାଗରେ ଦେଶୀ ମଦ ଧରି ଯାଉଥିବା ସମୟରେ ପଥୁରିଆ ରାସ୍ତାର ଏକ ନାଳ ନିକଟରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ନୟାଗଡ଼ରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ

# ପୁରୀକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ବିକଶିତ କରାଯିବ

**ନୟାଗଡ଼ ଅଫିସ,୧୯।୪**

ଶୁକ୍ରବାର ଅପରାହ୍ନରେ ନୟାଗଡ଼ ଷ୍ଟାଡ଼ିୟମଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସନ୍ନ୍ୟାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂହ ଯୋଗଦେଇ ନୟାଗଡ଼ ନିର୍ବାଚନମଣ୍ଡଳୀର ଲୋକ ସଭା କ୍ଷେତ୍ର ପୁରୀ ସହରର ବିକାଶ ଉପରେ ମତ ରଖିଥିଲେ। ଭାଷଣ ପ୍ରସଙ୍ଗରେ ସେ କହିଥିଲେ, ଜଗନ୍ନାଥ ଧାମ ପୁରୀ କେବଳ ଭାରତ ନୁହେଁ, ସାରା ବିଶ୍ୱର ଆକର୍ଷଣର କେନ୍ଦ୍ର ପାଲଟିଛି। ପର୍ଯ୍ୟଟନର ଉନ୍ନତି ଲାଗି ପୁରୀରେ ବହୁତ ସୁଯୋଗ ରହିଛି। ସେଥିପାଇଁ ଏହି ସହରକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ବିକାଶ କରାଯିବ। ଭାଜପା କ୍ଷମତାକୁ ଆସିଲେ ନୟାଗଡ଼ ଜିଲାରେ ବନ୍ଦ ହୋଇ ପଡ଼ିଥିବା ଏକମାତ୍ର ଚିନିକଲକୁ ଖୋଲାଯିବ, ନ ହେଲେ ଆଉ ଏକ ନୂତନ ଚିନିକଳ ଖୋଲିବ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାରେ ୧୯ବର୍ଷ ହେଲା ସ୍ଥାୟୀ ସରକାର ରହିଆସିଛି। କେନ୍ଦ୍ରରେ କଂଗ୍ରେସ ସରକାର ଥିବାବେଳେ ତ୍ରୟୋଦଶ ଅର୍ଥ କମିଶନରେ ଓଡ଼ିଶାକୁ ୭୯ ହଜାର କୋଟି ଟଙ୍କା ମିଳୁଥିଲା। ବର୍ତ୍ତମାନ ଭାଜପା ସରକାର ସମୟରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ଅନୁଦାନ ପ୍ରଦାନ କରାଯାଉଛି। ତଥାପି ଓଡ଼ିଶାର ଅନେକ ସ୍ଥାନରେ ଲୋକମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଜମିକୁ ଜଳସେଚନ ବ୍ୟବସ୍ଥା ନାହିଁ, ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ତଥାପି ରାଜ୍ୟ ସରକାର କହୁଛନ୍ତି ଉନ୍ନତି କରିଛନ୍ତି। ତେଣୁ ରାଜ୍ୟ ସରକାର ବଦଳିବା ଦରକାର ବୋଲି ସେ ପ୍ରକାଶ କରିଥିଲେ। ଫୁଲୱାମା ଆକ୍ରମଣରେ ଆତଙ୍କବାଦୀଙ୍କୁ ମୁହଁତୋଡ଼ ଜବାବ୍ ଦିଆଯାଇଥିବା ସେ କହିଥିଲେ। ୧୯୭୧ରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପାକିସ୍ତାନକୁ ଉଚିତ ଜବାବ୍ ଦେଇଥିଲେ। ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରିଥିଲେ। ଏଥିପାଇଁ ଇନ୍ଦିରା ଗାନ୍ଧୀଙ୍କୁ ସମଗ୍ର ଦେଶ ପ୍ରଶଂସା କରିଥିଲା। ଏପରି କି ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ମଧ ଇନ୍ଦିରାଙ୍କୁ ପ୍ରଶଂସା କରିଥିଲେ। ବାଲାକୋଟ ଷ୍ଟ୍ରାଇକ୍ ପାଇଁ ନରେନ୍ଦ୍ର ମୋଦିଙ୍କୁ କାହିଁକି ପ୍ରଶଂସା କରାଯିବନି ବୋଲି ସେ ପ୍ରଶ୍ନ କରିଥିଲେ। ଚୌକିଦାର ଚୋର ନୁହେଁ, ଚୌକିଦାର ପିୟୋର (ଶୁଦ୍ଧ) ବୋଲି ସେ କହିଥିଲେ। ପୁରୀ ଏମ୍‌ପି ପ୍ରାର୍ଥୀ ଡା. ସମ୍ବିତ ପାତ୍ର ତାଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନୟାଗଡ଼ବାସୀଙ୍କୁ ନ୍ୟାୟ ମାଗିବାକୁ ଆସିଥିବା କହିଥିଲେ। ତାଙ୍କୁ ଓ ତାଙ୍କ ସ୍ୱାମୀ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ଉଚିତ ଜବାବ ଦେବା ପାଇଁ ସେ ନୟାଗଡ଼ବାସୀଙ୍କୁ ଅନୁରୋଧ କରିଥିଲେ। ନୟାଗଡ଼ ବିଧାୟକ ପ୍ରାର୍ଥୀ ଇରାନୀ ରାୟ ଏହା ମୋ ଲଢ଼େଇ ନୁହେଁ, ନୟାଗଡ଼ର ସ୍ୱାଭିମାନର ଲଢ଼େଇ। ତେଣୁ ଭାଜପାକୁ ଭୋଟ ଦେଇ ଜିତାଇବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧରେ ଭାଜପା ନେତା କାଶୀନାଥ ମଲ୍ଲିକ, ଲାଲା ମନୋଜ ରାୟଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୁରୀ ଲୋକ ସଭା ପାଇଁ ଏକ ଘୋଷଣାପତ୍ର ରାଜନାଥ ଉନ୍ମୋଚନ କରିଥିଲେ।



ସମାବେଶରେ ଯୋଗ ଦେଇଥିବା ମହିଳା ପୁରୁଷ।

### ଭାଜପା ସରକାରକୁ ଆସିଲେ ଚିନିକଳ ଖୋଲାଯିବ